


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-67 ◆SUNDAY ◆31 AUGUST 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୬୭ ◆ରବିବାର ◆୩୧ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ଖସିଲା ବିଦେଶୀ ମୁଦ୍ରା ଭଣ୍ଡାର



■ ମୁମ୍ବଇ, ୩୦।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚଢ଼ା ଶୁଳ୍କର ପ୍ରଭାବ ଭାରତର ବିଦେଶୀ ମୁଦ୍ରା ଭଣ୍ଡାର ଉପରେ ପଡ଼ିଛି । ଗତ ୨୨ ତାରିଖରେ ଶେଷ ହୋଇଥିବା ସପ୍ତାହରେ ମୁଦ୍ରା ଭଣ୍ଡାରରେ ୪.୩୮୬ ବିଲିୟନ ଡଲାର ହ୍ରାସ ପାଇଛି । କେବଳ ସେତିକି ନୁହେଁ, ଏଫସିଏ, ସ୍ୱର୍ଣ୍ଣ ଭଣ୍ଡାର ଏବଂ ଏସ୍‌ଡିଆର ସମେତ ସବୁ ପଣ୍ୟ କାରବାର ମଧ୍ୟ ହ୍ରାସ ଘଟିଥିବା ଜଣାପଡ଼ିଛି । ଏଥିଯୋଗୁଁ ମୁଦ୍ରା ଭଣ୍ଡାର ହ୍ରାସ ପାଇ ୬୯୦. ୭୨୦ ବିଲିୟନ ଡଲାରକୁ ଖସି ଆସିଛି । ଏହାର ପୂର୍ବ ସପ୍ତାହରେ ମୁଦ୍ରା ଭଣ୍ଡାରରେ ୧.୪ ବିଲିୟନ ଡଲାର ବୃଦ୍ଧି ଦେଖାଦେଇଥିଲା । ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ଶୁକ୍ରବାର ଏହି ସୂଚନା ଦିଆଯାଇଛି । ରିପୋର୍ଟ ଅନୁଯାୟ, ସମୀକ୍ଷାଧୀନ ସପ୍ତାହରେ ଫରେନ କରେନ୍ସି ଆସେଟ (ଏଫସିଏ) ମଧ୍ୟ ୩.୬୫୨ ବିଲିୟନ ଡଲାର ହ୍ରାସ ପାଇଥିଲା । ଏବେ ଏହି ଭଣ୍ଡାର ୫୮୨. ୨୫୧ ବିଲିୟନ ଡଲାରକୁ ଖସି ଯାଇଛି । ସେହିପରି ଭାରତର ସ୍ୱର୍ଣ୍ଣ ଭଣ୍ଡାର ୪୬୪ ନିୟୁତ ଡଲାର ହ୍ରାସ ପାଇ ୮୫.୦୦୩ ବିଲିୟନ ଡଲାର ରହିଛି ।

## ରାଜସ୍ଥାନ ରୟାଲ୍ସ ଛାଡ଼ିଲେ ଦ୍ରାବିଡ୍

■ ଜୟପୁର, ୩୦।୮ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୨୦୨୬ ସିଜନ ପୂର୍ବରୁ ରାଜସ୍ଥାନ ରୟାଲ୍ସ ଦଳକୁ ବଡ଼ ଝଟ୍‌କା ଲାଗିଛି । ଦଳର ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ୍ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି । ଦ୍ରାବିଡ୍ ଇସ୍ତଫା ଦେଇଥିବା ନେଇ ଶନିବାର ରାଜସ୍ଥାନ ଫ୍ରାଞ୍ଚାଇଜ ପକ୍ଷରୁ ଏକ ବିବୃତି ଜାରି କରି ସୂଚନା ଦିଆଯାଇଛି । ଫ୍ରାଞ୍ଚାଇଜ ପକ୍ଷରୁ ତାଙ୍କୁ ବଡ଼ ପଦବୀ ଲାଗି ଅଫର୍ ଦିଆଯାଇଥିଲା । କିନ୍ତୁ ସେ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ । ଗତ ବର୍ଷ ସେପ୍ଟେମ୍ବରରେ ଦ୍ରାବିଡ୍ ରାଜସ୍ଥାନ ରୟାଲ୍ସର ମୁଖ୍ୟ ପ୍ରଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ । ତାଙ୍କ ତତ୍ତ୍ୱାବଧାନରେ ରାଜସ୍ଥାନ ଆଇପିଏଲ୍‌ର ଗତ ୧୮ ତମ ସଂସ୍କରଣରେ ୧୪ ମ୍ୟାଚ୍ ଖେଳି ମାତ୍ର ୪ଟି ବିଜୟ ହାସଲ କରିପାରିଥିଲା ।


**ମୁଖ୍ୟ ପ୍ରଶିକ୍ଷକ ପଦରୁ ଇସ୍ତଫା**



▶ବିବରଣୀ ପୃଷ୍ଠା-୧୨

## ବିଶ୍ୱର ସବୁଠୁ ଧନୀ ଗାଁ ମାଧାପାର

**ଏଫ୍‌ଡିରେ ୫ ହଜାର କୋଟିର ନିବେଶ**



■ ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ଭାରତରେ ବିଶ୍ୱର ସବୁଠୁ ଧନୀ ଗାଁ ରହିଛି । ଗୁଜରାଟର କଚ୍ଛ ଜିଲ୍ଲାରେ ଥିବା ଏହି ଗାଁର ନାଁ ମାଧାପାର । ୧୨ଶ ଶତାବ୍ଦୀରେ ପ୍ରତିଷ୍ଠା ହୋଇଥିବା ଏହି ଗାଁ ମିସ୍ତ୍ରୀ ସମୁଦାୟ ପାଇଁ ପ୍ରସିଦ୍ଧି ଅର୍ଜନ କରିଥିଲା । ଏମାନେ ଅନେକ ମନ୍ଦିର ଏବଂ ଐତିହାସିକ କୋଠା ନିର୍ମାଣ କରିଥିଲେ । କିନ୍ତୁ ଏବେ ଏହି ମାଧାପାର ଗାଁ ପ୍ରବାସୀ ଭାରତୀୟ ବା ଏନ୍‌ଆର୍‌ଆଇଙ୍କ ପାଇଁ ସଫଳତାର ଶିଖର ଛୁଇଁଛି । ବିଶ୍ୱର ସବୁଠୁ ଧନୀ ଗାଁର ମାନ୍ୟତା ପାଇଛି । ଏହି ଗାଁରେ ଥିବା ବ୍ୟାଙ୍କ ଶାଖାଗୁଡିକରେ ପ୍ରାୟ ୫ ହଜାର କୋଟି ଟଙ୍କାର ଫିକ୍ସଡ ଡିପୋଜିଟ (ଏଫଡି) ବା ସ୍ଥାୟୀ ଜମା ରହିଛି । ଗାଁରେ ମୋଟ ୯୨ ହଜାର ଲୋକ ରହୁଛନ୍ତି । ଏଠାରେ ପ୍ରାୟ ୭,୬୦୦ ଘର ରହିଛି । କିନ୍ତୁ ଏନ୍‌ଆରଆଇ ଏହି ଗାଁ ପାଇଁ ଆଶୀର୍ବାଦ ପାଲଟିଛନ୍ତି । ଆଜି ବିଶ୍ୱର ଅନେକ ରାଷ୍ଟ୍ରରେ ଏହି ଗାଁର ଲୋକେ ରହିଛନ୍ତି । ପ୍ରାୟ ୬୫ ପ୍ରତିଶତ ଲୋକ ଏନ୍‌ଆର୍‌ଆଇ ଥିବା ଜଣାପଡ଼ିଛି । ▶ପୃଷ୍ଠା-୭

### ଟ୍ରମ୍ପଙ୍କୁ ଫେଡେରାଲ୍ କୋର୍ଟରୁ ବଡ଼ ଝଟ୍‌କା

# ଚଢ଼ା ଶୁଳ୍କ ବେଆଇନ

**ଶୁଳ୍କ ଲଗାଇବାର କ୍ଷମତା ରାଷ୍ଟ୍ରପତିଙ୍କୁ ମିଳିନି**



**ଶୁଳ୍କ ଉପରେ ରୋକ୍ ଲଗାଇଲେନି କୋର୍ଟ**

**ଅକ୍ଟୋବର ୧୪ ଯାଏ ଦେଲେ ମହଲତ**

■ ୱାସିଂଟନ, ୩୦।୮ (ଏଜେନ୍ସି): ଚଢ଼ା ଶୁଳ୍କ ଲଗାଇ ସାରା ବିଶ୍ୱରେ ଆର୍ଥିକ ଯୁଦ୍ଧ ଆରମ୍ଭ କରିଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଶନିବାର କୋର୍ଟ ଝଟ୍‌କା ଲାଗିଛି । ସେ ଲଗାଇଥିବା ଅଧିକାଂଶ ଶୁଳ୍କ ବେଆଇନ ବୋଲି ଆମେରିକାର ଏକ ଅପିଲ କୋର୍ଟ ରାୟ ଦେଇଛନ୍ତି । ଏଭଳି ଶୁଳ୍କ ଲଗାଇ ଟ୍ରମ୍ପ ନିଜ ଅଧିକାର କ୍ଷେତ୍ରର ଉଲ୍ଲଙ୍ଘନ କରିଛନ୍ତି । ଏହି ଶୁଳ୍କ କାର୍ଯ୍ୟକାରୀ କରିବା ପାଇଁ ଟ୍ରମ୍ପ ଯେଉଁ ଆଇନ ବ୍ୟବହାର କରିଥିଲେ ତାହା ତାଙ୍କୁ ଏଭଳି ଅଧିକାର ପ୍ରଦାନ କରୁନାହିଁ । ୱାସିଂଟନ ସ୍ଥିତ 'ୟୁଏସ୍ କୋର୍ଟ ଅଫ୍ ଅପିଲ୍ସ ଫର ଦ ଫେଡେରାଲ ସର୍କିଟ' ପକ୍ଷରୁ ଦିଆଯାଇଥିବା ଏହି ରାୟ ଟ୍ରମ୍ପଙ୍କ ଆର୍ଥିକ ରଣନୀତି ପାଇଁ ଶକ୍ତ ଚାପୁଡ଼ା ସାବ୍ୟସ୍ତ ହୋଇଛି । ତେଣୁ ସେ ରାୟକୁ ତୀବ୍ର ସମାଲୋଚନା କରିଛନ୍ତି । ଶୁଳ୍କ ହଟିଲେ ଦେଶ ବର୍‌ବାଦ ହୋଇଯିବ ବୋଲି କହିଛନ୍ତି । ରାୟ ବିରୋଧରେ ସୁପ୍ରିମକୋର୍ଟ ଯିବେ ବୋଲି କହିଛନ୍ତି ।

ଶୁଣାଣି ସମୟରେ କୋର୍ଟ କହିଥିଲେ ଯେ ସବୁ ଆମଦାନୀ ଉପରେ ଶୁଳ୍କ ଲଗାଇବା ପାଇଁ ଟ୍ରମ୍ପଙ୍କୁ ଅସୀମିତ କ୍ଷମତା ମିଳିନାହିଁ । ତେବେ ଏହି ଶୁଳ୍କ ଉପରେ କୋର୍ଟ କୌଣସି କଟକଣା ଲଗାଇ ନାହାନ୍ତି । ଏହି ରାୟ ଅକ୍ଟୋବର ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବନାହିଁ । ସୁପ୍ରିମକୋର୍ଟରେ ଆବେଦନ ପାଇଁ ରାଷ୍ଟ୍ରପତିଙ୍କୁ ଏହି ସମୟ ଦିଆଯାଇଛି । କୋର୍ଟରେ ▶ପୃଷ୍ଠା-୭



**ଶୁଳ୍କ ହଟିଲେ ଦେଶ ବର୍‌ବାଦ ହୋଇଯିବ । ରାୟ ବିରୁଦ୍ଧରେ ସୁପ୍ରିମ୍‌କୋର୍ଟ ଯିବି**



**X ରେ ଭାଇରାଲ୍ 'ଟ୍ରମ୍ପ ମୃତ'**

*ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ମୃତ୍ୟୁ' ଖବର ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଟ୍ରେଣ୍ଡ କରୁଛି । 'ଟ୍ରମ୍ପ ଇଜ୍ ଡେଡ୍' ଅର୍ଥାତ ଟ୍ରମ୍ପଙ୍କ ମୃତ୍ୟୁ ହୋଇଛି ବୋଲି ଲେଖାଯାଇଛି । ଶନିବାର ଟ୍ରମ୍ପଙ୍କ ମୃତ୍ୟୁଖବର ଖବର ସହିତ ଜଡିତ ୬୦ ହଜାର ପୋଷ୍ଟ ସେୟାର କରାଯାଇଛି ।*

➡ ପୃଷ୍ଠା-୨

# ୭ ବର୍ଷ ପରେ ଚୀନ୍‌ରେ ମୋଦୀ

■ ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ଜାପାନ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଚୀନରେ ଯାଇ ପହଞ୍ଚିଛନ୍ତି । ୭ ବର୍ଷ ପରେ ଏହା ହେବ ତାଙ୍କର ପ୍ରଥମ ଚୀନ ଗସ୍ତ । ଭାରତ ଓ ଆମେରିକା ମଧ୍ୟରେ ଶୁଳ୍କକୁ ନେଇ ସଂପର୍କ ତିକ୍ତ ହୋଇଥିବା ବେଳେ ମୋଦୀଙ୍କ ଚୀନ ଗସ୍ତ ବେଶ ଗୁରୁତ୍ୱ ବହନ କରୁଛି । ସଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ଶୀର୍ଷ ବୈଠକରେ ଯୋଗ ଦେବାପାଇଁ ଚୀନ ଯାଇଥିବା ମୋଦୀ ଚୀନ ଓ ରୁଷ ରାଷ୍ଟ୍ରପତିଙ୍କ ସହ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀ ଚୀନର ତିଆନଜିନ୍ ସହରରେ ପହଞ୍ଚିବା କ୍ଷଣି ସେଠାରେ ତାଙ୍କୁ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ଆସନ୍ତାକାଲି ଅଗଷ୍ଟ ୩୧ ଏବଂ ସେପଟେମ୍ବର ୧ ତାରିଖରେ ଦୁଇ ଦିନ ଧରି ତିଆନଜିନରେ ସଂଘାଇ ଶୀର୍ଷ ବୈଠକ ହେବ । ଏହି ଅବସରରେ ଚୀନ ରାଷ୍ଟ୍ରପତି ଜି ଜିଙ୍ଗପିଙ୍ଗ ଓ ପ୍ରଧାନମନ୍ତ୍ରୀ ମୋଦୀଙ୍କ ମଧ୍ୟରେ ଦ୍ୱିପାକ୍ଷିକ କଥାବାର୍ତ୍ତା ହେବ । ଏହି ବହୁପ୍ରତୀକ୍ଷିତ କଥାବାର୍ତ୍ତା ଉପରେ ସମସ୍ତଙ୍କର ନଜର ରହିଛି । ଭାରତ ଉପରେ ଆମେରିକାର ୫୦ ପ୍ରତିଶତ ଶୁଳ୍କ ଘୋଷଣା ପରେ ପ୍ରଥମ ଥର ଲାଗି ଦୁଇ ନେତାଙ୍କ ମଧ୍ୟରେ ହେଉଥିବା ଏହି ବୈଠକରେ ଭାରତ-ଚୀନ ଅର୍ଥନୈତିକ ସଂପର୍କକୁ ସୁଦୃଢ଼ କରିବା ଉପରେ ଆଲୋଚନା ହେବ । ଏହାସହିତ ଲଦାଖ ସୀମା ଉତ୍ତେଜନା ପରେ ତିକ୍ତ ହୋଇପଡ଼ିଥିବା ଦ୍ୱିପାକ୍ଷିକ ସଂପର୍କକୁ କେମିତି ସ୍ୱାଭାବିକ କରାଯାଇପାରିବ, ତାହା ଉପରେ ଦୁଇ ନେତା ▶ପୃଷ୍ଠା-୭



**ସବୁଦିନ ପାଇଁ କେହି ଶତ୍ରୁ କି ମିତ୍ର ନୁହନ୍ତି**

**ଜିନ୍‌ପିଙ୍ଗ ଓ ପୁତିନଙ୍କ ସହ ହେବ ଆଲୋଚନା**



## ଓଡ଼ିଶା ଆସିବେ ରାହୁଲ




■ ଭୁବନେଶ୍ୱର, ୩୦।୮ (ସମିସ): ଜାତୀୟ କଂଗ୍ରେସ ଫୋକସ୍‌ରେ ଓଡ଼ିଶା ରହିଥିବା ବେଳେ ଆଗାମୀ ଦିନରେ କେନ୍ଦ୍ରୀୟ ନେତୃତ୍ୱ ଓଡ଼ିଶାକୁ ଏକାଧିକ ଗସ୍ତ କରିବେ । ଏହି କ୍ରମରେ ଆସନ୍ତା ନଭେମ୍ବର, ଡିସେମ୍ବର ମଧ୍ୟରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଓଡ଼ିଶା ଗସ୍ତରେ ଆସିବେ ବୋଲି ପିସିସି ସଭାପତି ଭକ୍ତଚରଣ ଦାସ ସୂଚନା ଦେଇଛନ୍ତି । ଭୋଟ ଚୋରି, ଗରିବୀ, ନାରୀ ସୁରକ୍ଷା ପ୍ରସଙ୍ଗରେ କାର୍ଯ୍ୟକ୍ରମ କରାଯିବ ବୋଲି ସେ କହିଛନ୍ତି ।

# ରାଜ୍ୟରେ ସାର ସଙ୍କଟ

## କେନ୍ଦ୍ରମନ୍ତ୍ରୀଙ୍କୁ ଚିଠି ଲେଖିଲେ ନବୀନ

■ ଭୁବନେଶ୍ୱର, ୩୦।୮ (ସମିସ): ରାଜ୍ୟବ୍ୟାପୀ ସାର ସଂକଟ, ଯୋଗାଣ ଅଭାବ ଏବଂ ବ୍ୟାପକ ଅବ୍ୟବସ୍ଥା କାରଣରୁ ଚାଷୀକୁଳ ହନ୍ତସନ୍ତ ହେଉଛନ୍ତି । ବାରମ୍ବାର ଦାବି ସତ୍ତ୍ୱେ ସରକାର ସାର ଯୋଗାଇ ପାରୁନାହାନ୍ତି । ତେଣୁ, ଚାଷୀ ରାଜରାସ୍ତାକୁ ଓହ୍ଲାଇ ।ଲେଣି । ଗୋଟିଏପଟେ ସାର ଅଭାବ ସାଙ୍ଗକୁ ଅନ୍ୟପଟେ କଳାବଜାର, ଅପମିଶ୍ରଣ ଚାଷୀଙ୍କ ଚିନ୍ତାକୁ ଦ୍ୱିଗୁଣିତ କରିଛି । ଚାଷୀକୁଳର ଏପରି ସଙ୍କଟଜନକ ସ୍ଥିତିକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଶନିବାର କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଜେ.ପି ନଡ୍ଡାଙ୍କୁ ଚିଠି ଲେଖି ନବୀନ ରାଜ୍ୟରେ ସାର ଯୋଗାଣରେ ଅବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇବା ସହ ଚାଷୀକୁଳର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ ଆବଶ୍ୟକ ୟୁରିଆ ଯୋଗାଣ ସୁନିଶ୍ଚିତ କରିବାକୁ ଦାବି କରିଛନ୍ତି ।

ନିଜ ଚିଠିରେ ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରିଛନ୍ତି ଯେ କୃଷି ଓଡ଼ିଶା ଅର୍ଥନୀତିର ମୁଖ୍ୟ ଆଧାର । ରାଜ୍ୟର ୭୦ ଭାଗରୁ ଅଧିକ ଲୋକଙ୍କୁ କୃଷି ହିଁ ଜୀବିକା ଯୋଗାଇଥାଏ । ଗତ ଦୁଇ ଦଶନ୍ଧିରେ ଓଡ଼ିଶା କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିଲା । ୨୦୦୦ ମସିହାରେ ଚାଉଳ ପାଇଁ ଅନ୍ୟ ଉପରେ ନିର୍ଭର କରୁଥିବା ଓଡ଼ିଶା ଆଜି ଦେଶର ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଚାଉଳ ଯୋଗାଣରେ ▶ପୃଷ୍ଠା-୭



- ସାର ଅଭାବ ଯୋଗୁଁ କୃଷିକାର୍ଯ୍ୟ ବାଧାପ୍ରାପ୍ତ, ସଙ୍କଟରେ ଚାଷୀ
- ତୁରନ୍ତ ଆବଶ୍ୟକ ୟୁରିଆ ଯୋଗାଣ ସୁନିଶ୍ଚିତ ଦାବି
- ୭.୯୪ ଲକ୍ଷ ଟନ ସାର ମହଜୁଦ ଥିବା ନେଇ ଦାବି କରୁଛନ୍ତି ରାଜ୍ୟ ସରକାର; ଚାଷୀଙ୍କୁ ମିଳୁନି
- ଚାଷୀଙ୍କ ବଦଳରେ ଘରୋଇ ଡିଲରଙ୍କୁ ସାର ବିକୁଛି ମାର୍କଫେଡ
- ୭ ବର୍ଷ ବିତିଲା; କାର୍ଯ୍ୟକ୍ଷମ ହୋଇନି ତାଳଚେର ସାର କାରଖାନା

## ଆହୁରି ୪ ଦିନ ବର୍ଷା



■ ଭୁବନେଶ୍ୱର, ୩୦।୮ (ସମିସ): ରାଜ୍ୟରେ ଆହୁରି ୪ ଦିନ ବର୍ଷା ଲାଗି ରହିବ । କିଛି କିଛି ସ୍ଥାନରେ ଝିପିଝିପି ବର୍ଷା ସହ ବିଜୁଳି ଘଡଘଡି ହେବାର ସମ୍ଭାବନା ବି ରହିଛି । ଆସନ୍ତା ୨୪ ଘଣ୍ଟାରେ ରାଜ୍ୟର ୨୦ ଜିଲ୍ଲାରେ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କତା ଜାରି କରାଯାଇଛି । ବର୍ଷା ସମୟରେ ପବନର ବେଗ ୩୦ରୁ ୪୦ କିମି ରହିବ । କିଛି ସ୍ଥାନରେ ସାମାନ୍ୟ ଓ କିଛି ସ୍ଥାନରେ ଅଧିକ ବର୍ଷା ହେବା ସହ ଘଡ଼ଘଡ଼ି ଓ ପବନର ▶ପୃଷ୍ଠା-୭

**୩ରେ ପୁଣି ଏକ ଲଘୁଚାପ**

# ଜିଏସ୍‌ଟି ସଂଶୋଧନରେ ରାଜସ୍ୱ କ୍ଷତି ଆଶଙ୍କା

## ୨ ଲକ୍ଷ କୋଟି ଦାବିକଲେ ୮ ବିରୋଧୀ ଶାସିତ ରାଜ୍ୟ

■ ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍ୱାଧୀନତା ଦିବସରେ ଲାଲକିଲ୍ଲାରୁ ଜନତାଙ୍କ ପାଇଁ ବଡ଼ ଘୋଷଣା କରିଥିଲେ । ଦ୍ରବ୍ୟ ଏବଂ ସେବା କର (ଜିଏସ୍‌ଟି)ର ସ୍ଲାବକୁ ହ୍ରାସ କରି ଦୀପାବଳି ଭେଟି ଦିଆଯିବ ବୋଲି କହିଥିଲେ । ମାତ୍ର ଏହା ଏବେ କେବଳ ଘୋଷଣା ହୋଇ ରହିଛି । ଆସନ୍ତା ତିନି ଏବଂ ଚାରି ତାରିଖରେ ନୂଆଦିଲ୍ଲୀରେ ହେବାକୁ ଥିବା ଜିଏସ୍‌ଟି ପରିଷଦ ବୈଠକରେ ଏହା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ । ଏଥିରେ ଜିଏସ୍‌ଟି ସ୍ଲାବକୁ ୪ରୁ ହ୍ରାସ କରି ଦୁଇ କରିବାକୁ ନିଷ୍ପତ୍ତି ନିଆଯାଇପାରେ । ତେବେ ବିରୋଧୀ ଦଳଙ୍କ ଶାସିତ ୮ ରାଜ୍ୟ ଏଥିରେ କେଁ ପୂରାଇଛନ୍ତି । ଜିଏସ୍‌ଟି ପରିଷଦ ବୈଠକରେ ନୂଆ ଦାବି ରଖିବାକୁ ଏହି ରାଜ୍ୟମାନେ ନିଷ୍ପତ୍ତି ନେଇଥିବା ସୂଚନା ମିଳିଛି । ଜିଏସ୍‌ଟିରେ ସୁଧାର ପାଇଁ କେନ୍ଦ୍ର ଦେଇଥିବା ପ୍ରସ୍ତାବ ଦ୍ୱାରା ହିମାଚଳ ପ୍ରଦେଶ, ଝାଡ଼ଖଣ୍ଡ, କର୍ଣ୍ଣାଟକ, କେରଳ, ପଞ୍ଜାବ, ତାମିଲନାଡୁ, ତେଲଙ୍ଗାନା ଏବଂ ପଶ୍ଚିମବଙ୍ଗର ୧.୫ ଲକ୍ଷ କୋଟିରୁ ୨ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ରାଜସ୍ୱ କ୍ଷତି ହେବ । ତେଣୁ ଏହାର ଭରଣା କରିବାକୁ ୫ ବର୍ଷ ପର୍ଯ୍ୟନ୍ତ କ୍ଷତିପୂରଣ ଦେବା ନିମନ୍ତେ ଦାବି କରିଛନ୍ତି । ଏହି ସବୁ ରାଜ୍ୟର ଅର୍ଥମନ୍ତ୍ରୀଙ୍କ ମଧ୍ୟରେ ଶୁକ୍ରବାର ନୂଆଦିଲ୍ଲୀରେ ଏକ ▶ପୃଷ୍ଠା-୭




## ଚଳନ୍ତା ଭ୍ୟାନ୍‌ରେ ଯୁବତୀଙ୍କୁ ଗଣଦୁଷ୍କର୍ମ


■ ବାରିପଦା, ୩୦।୮ (ସମିସ): ଚାକିରି କରାଇ ଦେବାର ପ୍ରଲୋଭନ ଦେଖାଇ ଜଣେ ଯୁବତୀଙ୍କୁ ଚଳନ୍ତା ଭ୍ୟାନ୍‌ରେ ଗଣଦୁଷ୍କର୍ମ କରାଯିବା ଭଳି ଘଟଣା ଆଜି ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅଞ୍ଚଳରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି । ଅଭିଯୁକ୍ତମାନେ ଏକ ଓମିନି ଭ୍ୟାନ୍‌ରେ ଯୁବତୀଙ୍କୁ ବାଙ୍ଗିରିପୋଷିରୁ ଉଦଳାକୁ ନେବା ସମୟରେ ରାସ୍ତାପାର୍ଶ୍ୱରେ ଗଣଦୁଷ୍କର୍ମ କରିଛନ୍ତି । ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏହି ଘଟଣାରେ ପୁଲିସ ୨ଜଣଙ୍କୁ ଅଟକ ରଖି ପଚରାଉଚରା ଜାରି ରଖିଛି । ଏହାସହ ପୁଲିସ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଇବା ସହ ବୟାନ ରେକର୍ଡ ପରେ ତାଙ୍କ ମା'ଙ୍କ ସହିତ ସୁଧାର ଗୃହରେ ଛାଡ଼ିଛି । ସୂଚନାନୁଯାୟୀ, ଶୁକ୍ରବାର ଜଣେ ଯୁବକ ତା'ର ସହଯୋଗୀଙ୍କ ସହ ବାଙ୍ଗିରିପୋଷି ଥାନା ଅଞ୍ଚଳକୁ ଆସିଥିଲା । ▶ପୃଷ୍ଠା-୭

**୨ ଅଟକ**

### ଏକାଧିକ ସମସ୍ୟାକୁ ନେଇ ସନ୍ତୁଳି ହେଉଛନ୍ତି ପୌରସଂସ୍ଥା

# ବଢୁଛି ରାଜନୈତିକ ହସ୍ତକ୍ଷେପ; ବିକାଶ ବାଧାପ୍ରାପ୍ତ

■ ଭୁବନେଶ୍ୱର, ୩୦।୮ (ସମିସ): ଆସନ୍ତାକାଲି ରାଜ୍ୟରେ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯିବ । ସହରାଞ୍ଚଳର ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇ ଦେବା କ୍ଷେତ୍ରରେ ସ୍ୱାୟତ୍ତ ଶାସନ ବ୍ୟବସ୍ଥା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ତେବେ ଏକାଧିକ ସମସ୍ୟାକୁ ନେଇ ପୌରସଂସ୍ଥା ଗୁଡ଼ିକ ସନ୍ତୁଳି ହେଉଥିବା ବେଳେ ରାଜନୈତିକ ହସ୍ତକ୍ଷେପ ଏହାକୁ ଅଧିକ ଜଟିଳ କରୁଛି । ଯାହାକୁ ନେଇ ପୌର ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ବଢୁଥିବା ବେଳେ ଏଥିରେ ଲଗାମ ଲାଗିବା ଜରୁରି ବୋଲି ସାଧାରଣରେ ମତପ୍ରକାଶ ପାଇଛି ।




**ନୂଆ ଏନଏସି ଘୋଷଣାକୁ ନେଇ ରାଜ୍ୟବ୍ୟାପୀ ଅସନ୍ତୋଷ, ପୂର୍ବ ସରକାରଙ୍କ ଘୋଷଣାକୁ କାର୍ଯ୍ୟକାରୀ କରିବାକୁ ଦାବି**

**ସମ୍ବଲପୁର ଓ ରାଉରକେଲା ମହାନଗର ନିଗମରେ ଆଜିପର୍ଯ୍ୟନ୍ତ ହେଲାନି ନିର୍ବାଚନ**

ସୂଚନାଯୋଗ୍ୟ ଯେ ନିକଟରେ ରାଜ୍ୟ ସରକାର ୧୨ଟି ନୂଆ ଏନ୍‌ଏସି ଗଠନ ପାଇଁ ଡ୍ରାଫ୍ଟ ବିଜ୍ଞପ୍ତି ଘୋଷଣା କରିଛନ୍ତି । ଯାହାକୁ ନେଇ ରାଜ୍ୟବ୍ୟାପୀ ଅସନ୍ତୋଷର ନିଆଁ ଜୁହୁଳିଛି । ଯୋଗ୍ୟତା ଅପେକ୍ଷା ନୂଆ ଏନ୍‌ଏସି ଗଠନ ପ୍ରକ୍ରିୟାରେ ରାଜନୈତିକ ଦବଦବାକୁ ଅଧିକ ଗୁରୁତ୍ୱ ଦିଆଯାଇଥିବା ସାଧାରଣରେ ଅଭିଯୋଗ ହେଉଛି । ସୂଚନାଯୋଗ୍ୟ ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୪ ମସିହାରେ ଦୁଇଟି ପର୍ଯ୍ୟାୟରେ ରାଜ୍ୟରେ ୫୬ଟି ଏନ୍‌ଏସି ଗଠନ ହେବ ବୋଲି ଘୋଷଣା କରିଥିଲେ । ଏହା ସହ ୫ଟି ଏନ୍‌ଏସି ମ୍ୟୁନିସିପାଲିଟିକୁ ଉନ୍ନୀତ କରାଯାଇଥାନ୍ତା । ନୂଆ ସରକାର ମାତ୍ର ୧୨ଟି ନୂଆ ଏନଏସି ଘୋଷଣା କରିଥିବା ବେଳେ ଆଉ ୯ଟି ଏନଏସି ଆସନ୍ତାକାଲି ଘୋଷଣା କରାଯିବ ବୋଲି ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ସୂଚନା ଦେଇଛନ୍ତି । ତେବେ ପୂର୍ବରୁ ତାଲିକାଭୁକ୍ତ ବହୁ ଏନ୍‌ଏସି ନୂତନ ▶ପୃଷ୍ଠା-୭




# ‘ହ୍ୟୁମାନ୍ ଜିପିଏସ୍’ ଭାବେ ପରିଚିତ ଆତଙ୍କବାଦୀ ବାଗୁ ଖାନ୍ ନିହତ



**୨୫ ବର୍ଷରେ ୧୦୦ରୁ ଅଧିକ ଅନୁପ୍ରବେଶ କରାଇଥିଲା**

ଶ୍ରୀନଗର, ୩୦।୮ (ଏଜେନ୍ସି): ‘ହ୍ୟୁମାନ ଜିପିଏସ୍’ ନାମରେ ପରିଚିତ ଆତଙ୍କବାଦୀ ବାଗୁ ଖାନ୍ ଭାରତୀୟ ସୁରକ୍ଷାବାହିନୀ ସହ ଏନକାଉଣ୍ଟର ବେଳେ ନିହତ ହୋଇଛି। ଜମ୍ମୁ-କଶ୍ମୀର ବନ୍ଦିପୋରା ଜିଲ୍ଲାର ଗୁରେଜ ସେକ୍ଟରରେ ଥିବା ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ନିକଟରେ ସେ ପ୍ରାଣ ହରାଇଛି। ବାଗୁ ଖାନ୍ ମଧ୍ୟ ‘ସମନ୍ଦର ଚାଚା’ ଭାବେ ପରିଚିତ ଥିଲା। ୧୯୯୫ରେ ବାଗୁ ଖାନ୍ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ରହୁଥିଲା। ସେ ଗତ ୨୫ ବର୍ଷ ହେବ ଆତଙ୍କବାଦୀ କାର୍ଯ୍ୟକଳାପରେ ସାମିଲ ଥିଲା। ସେ ଆତଙ୍କୀଙ୍କୁ ଅନୁପ୍ରବେଶ କରାଇବାରେ ସିଦ୍ଧହସ୍ତ ଥିଲା। ସେ ୧୦୦ରୁ ଅଧିକ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବାରେ ସାମିଲ ରହିଥିଲା ବୋଲି ସେନା ତରଫରୁ କୁହାଯାଇଛି। ଜମ୍ମୁ-କଶ୍ମୀରରେ ଅନୁପ୍ରବେଶ କରାଇବାର ସବୁ ରାସ୍ତା ତାକୁ ଜଣାଥିଲା। ଧରା ପଡ଼ିବା ପରେ କେମିତି ଖସିବ ତାହା ମଧ୍ୟ ସେ ଭଲଭାବେ ଜାଣିଥିଲା। ଏଥିପାଇଁ ତାକୁ ‘ହ୍ୟୁମାନ ଜିପିଏସ୍’ କୁହାଯାଉଥିଲା। ସେ ହିଜବୁଲ ମୁଜାହିଦ୍ଦିନର ମୋଷ୍ଟ ୱାଣ୍ଟେଡ୍ ଆତଙ୍କୀବାଦୀ ଭାବେ ସୁରକ୍ଷା ଏଜେନ୍ସିଗୁଡ଼ିକର ହିଟ୍‌ଲିଷ୍ଟରେ ଥିଲା। ଅଗଷ୍ଟ ୨୮ରୁ ଗୁରେଜ ସେକ୍ଟରରେ ବାଗୁ ଖାନ୍ ଅନୁପ୍ରବେଶ କରିବାକୁ ପ୍ରୟାସ କରୁଥିଲା। ଏହିସମୟାରେ ଭାରତୀୟ ସେନା ସହ ଗୁଳି ବିନିମୟ ଚାଲିଥିଲା। ଏଥିରେ ତା’ର ଜଣେ ସହଯୋଗୀ ନିହତ ହୋଇଛି।

ଗୁଇନ୍ଦା ସୂଚନା ଆଧାରରେ ସେନା ଓ ଜମ୍ମୁ-କଶ୍ମୀର ପୁଲିସ ମିଳିତ ଭାବେ ଅପରେସନ ଆରମ୍ଭ କରିଥିଲେ। ଆତଙ୍କବାଦୀମାନେ ଆଖିବୁଜା ଗୁଳି ଚଳାଇବାରୁ ସେନା ଜବାବୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଏଥିରେ ଦୁଇ ଆତଙ୍କବାଦୀ ନିହତ ହୋଇଥିଲେ। ଉଲ୍ଲେଖଥାଉ କି ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଜମ୍ମୁ-କଶ୍ମୀରର ଭିନ୍ନ ଭିନ୍ନ ୭ଟି ସ୍ଥାନରେ ହୋଇଥିବା ଏନ୍‌କାଉଣ୍ଟରରେ ଏପର୍ଯ୍ୟନ୍ତ ୨୩ ଜଣ ଆତଙ୍କବାଦୀ ନିହତ ହେଲେଣି।

# ଟ୍ରମ୍ପଙ୍କ ‘ମୃତ୍ୟୁ’ ନେଇ ସାମାଜିକ ଗଣମାଧ୍ୟମରେ ଟ୍ରେଣ୍ଡ



ୱାସିଂଟନ, ୩୦।୮(ଏଜେନ୍ସି): ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସଙ୍କ ଟିପ୍ପଣୀ ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମୃତ୍ୟୁ ଖବରକୁ ନେଇ ସାମାଜିକ ଗଣମାଧ୍ୟମରେ ହଇଚଇ ସୃଷ୍ଟି ହୋଇଛି। ‘ଟ୍ରମ୍ପ ଇଜ୍ ଡେଡ୍’ ହାସଟାଗ୍‌ର ଟ୍ରେଣ୍ଡ ଚାଲିଛି। ଶନିବାର ଦ୍ୱିପହର ସୁଦ୍ଧା ଏ ସମ୍ବନ୍ଧିତ ୬୦ ହଜାର ପୋଷ୍ଟ ସେୟାର କରାଯାଇଛି। ଗତ ଜୁଲାଇରେ ୭୯ ବର୍ଷୀୟ ଟ୍ରମ୍ପଙ୍କ ହାତରେ କ୍ଷତ ଚିହ୍ନ, ପାଦ ଫୁଲିଥିବା ଫଟୋ ସାମ୍ନାକୁ ଆସିଥିଲା। ଏହାପର ଠାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚର୍ଚ୍ଚା ଚାଲିଛି। ସେତେବେଳେ ହ୍ୱାଇଟ୍ ହାଉସ୍ ଏହାକୁ ଗୁଜବ କହି ଖବରକୁ ପ୍ରତ୍ୟାଖାନ କରି ଦେଇଥିଲା। କିନ୍ତୁ ଗତ ୨୭ ତାରିଖରେ ଆମେରିକାର ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ଏକ ସାକ୍ଷାତକାରରେ ଦେଇଥିବା ଟିପ୍ପଣୀ ଚର୍ଚ୍ଚାକୁ ଖୋରାକ ଯୋଗାଇଥିଲା। କୌଣସି ଖରାପ୍ ସ୍ଥିତି ଆସିଲେ ଦେଶର ନେତୃତ୍ୱ ନେବାକୁ ସେ ପ୍ରସ୍ତୁତ ବୋଲି ଭାନ୍ସ କହିଥିଲେ। କିନ୍ତୁ ଟ୍ରମ୍ପ ଏବେ ସମ୍ପୂର୍ଣ୍ଣ ଭାବେ ଫିଟ୍ ଓ ସୁସ୍ଥ ଅଛନ୍ତି ବୋଲି ସେ କହିଥିଲେ। ମାତ୍ର ହ୍ୱାଇଟ୍ ହାଉସ ପକ୍ଷରୁ ଏ ନେଇ କୌଣସି ପ୍ରତିକ୍ରିୟା ଦିଆଯାଇନାହିଁ। ପୁଣି ଭାନ୍ସଙ୍କ ସାକ୍ଷାତକାର ପରେ ଟ୍ରମ୍ପଙ୍କୁ ଗତ ୨୪ ଘଣ୍ଟା ମଧ୍ୟରେ ସାର୍ବଜନୀନ ଭାବେ ଦେଖିବାକୁ ମିଳିନାହିଁ ବୋଲି ସାମାଜିକ ଗଣମାଧ୍ୟମରେ ଦାବି କରାଯାଇଛି। ୨୦୨୫ରେ ଫେବୃଆରୀରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ ଓ ଜୁଲାଇରେ ୟୁରୋପିଆନ କମିସନ ଅଧ୍ୟକ୍ଷ ଉରଜୁଲା ଭାନ ଡେର ଲେୟେନଙ୍କ ସହ ସାକ୍ଷାତ ଅବସରରେ ଟ୍ରମ୍ପଙ୍କ ହାତରେ କ୍ଷତ ଚିହ୍ନ ଓ ଏହାର ମେକ୍‌ଅପ୍ ଦେଖିବାକୁ ମିଳିଥିଲା। ଏହାପରେ ଟ୍ରମ୍ପ ସ୍ନାୟବିକ ରୋଗରେ ପୀଡିତ ବୋଲି ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଉଥିଲା। କିନ୍ତୁ ବୃକକ ଓ ହୃତ୍‌ପିଣ୍ଡ ଜନିତ ସମସ୍ୟା ନ ଥିବା କୁହାଯାଇଥିଲା। ମାତ୍ର ସାମାଜିକ ଗଣମାଧ୍ୟମରେ ଚାଲିଥିବା ଏହି ଟ୍ରେଣ୍ଡକୁ ନେଇ ହ୍ୱାଇଟ୍ ହାଉସ ତରଫରୁ କିଛି କୁହାଯାଇନାହିଁ। ଏହା ଟ୍ରମ୍ପଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଲାଗି ରହିଥିବା ସଂଶୟକୁ ଅଧିକ ବୃଦ୍ଧି କରିଛି।

## ୟୁକ୍ରେନର ପୂର୍ବତନ ସାଂସଦଙ୍କୁ ଗୁଳିକରି ହତ୍ୟା

କିଭ୍, ୩୦।୮ (ଏଜେନ୍ସି): ୟୁକ୍ରେନର ପ୍ରମୁଖ ରାଜନେତା ତଥା ପୂର୍ବତନ ସାଂସଦ ଅଧ୍ୟକ୍ଷ ଆନ୍ଦ୍ରି ପାରୁବୀଙ୍କୁ ଶନିବାର ଗୁଳିକରି ହତ୍ୟା କରାଯାଇଛି। ଦକ୍ଷିଣ ଫ୍ରାଙ୍କିଭସ୍କି ଜିଲ୍ଲାରେ ଦିନ ୧୨ରେ ଗୁଳିକାଣ୍ଡ ହୋଇଥିବା କଥା ପୁଲିସ କହିଛି। ଆକ୍ରମଣକାରୀ ପାରୁବୀଙ୍କ ଉପରେ ଏକାଧିକ ରାଉଣ୍ଡ ଗୁଳିମାଡ଼ କରିଥିଲା। ଫଳରେ ଘଟଣାସ୍ଥଳରେ ହିଁ ସେ ମୃତ୍ୟୁବରଣ କରିଥିଲେ। ଡେଲିଭରୀ ବଏ ଭାବେ ଆସି ଆକ୍ରମଣକାରୀ ଏହି ଘଟଣା ଘଟାଇଥିଲା। ସେ ଏକ ଇଲେକଟ୍ରିକ ସାଇକଲ ଚଢ଼ି ଆସିଥିଲା। ଗୁଳି ମାରିବା ପରେ ସେ ସାଇକଲ ଚଳାଇ ଘଟଣାସ୍ଥଳରୁ ପଳାଇ ଯାଇଥିଲା। ୫୪ ବର୍ଷୀୟ ପାରୁବୀ ଦୀର୍ଘବର୍ଷ ଧରି ସାଂସଦ ରହିଆସିଥିଲେ। ୨୦୦୪ରେ ସେ ଅରେଞ୍ଜ କ୍ରାନ୍ତି ଓ ୨୦୧୩-୧୪ରେ ୟୁରୋ ମଇଦାନ କ୍ରାନ୍ତିରେ ଅଂଶଗ୍ରହଣ କରିଥିଲେ। ୨୦୧୪ରେ ରୁଷିଆ କ୍ରିମିଆ ଉପରେ ଅଧିକାର କରିବା ପରେ ଓ ଡୋନବାସ୍‌ରେ ଯୁଦ୍ଧ ଆରମ୍ଭ ହେବା ପରେ ସେ ରାଷ୍ଟ୍ରିୟ ସୁରକ୍ଷା ଓ ପ୍ରତିରକ୍ଷା ପରିଷଦର ସଦସ୍ୟ ଥିଲେ।

## ମୋରିଟାନିଆରେ ନୌକା ବୁଡ଼ି; ୪୯ ମୃତ, ୧୦୦ ନିଖୋଜ

ନୌକାଚୋଟ୍, ୩୦।୮(ଏଜେନ୍ସି): ପଶ୍ଚିମ ଆଫ୍ରିକୀୟ ଦେଶ ମୋରିଟାନିଆରେ ଏକ ବଡ଼ ଧରଣର ଅଘଟଣ ଘଟିଛି। ଚଳିତ ସପ୍ତାହ ପ୍ରାରମ୍ଭରେ ଏହି ଦେଶର ଉପକୂଳରେ ପ୍ରବାସୀ ନାଗରିକଙ୍କୁ ନେଇ ଯାଉଥିବା ଏକ ନୌକା ବୁଡିବା ଫଳରେ ୪୯ ଜଣ ଲୋକ ପ୍ରାଣ ହରାଇଛନ୍ତି ଓ ୧୦୦ ଜଣ ନିଖୋଜ ଅଛନ୍ତି। ୧୭ ଜଣ ଲୋକଙ୍କୁ ଉଦ୍ଧାର କରାଯାଇଛି। ଏପର୍ଯ୍ୟନ୍ତ ୪୯ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି ଓ ସେମାନଙ୍କୁ କବର ଦିଆଯାଇଛି। ନିଖୋଜ ଥିବା ଲୋକଙ୍କୁ ଖୋଜିବା ପ୍ରକ୍ରିୟା ଜାରି ରହିଛି। ନୌକାରେ ପାଖାପାଖି ୧୬୦ଜଣ ଲୋକ ଥିଲେ। ଏଥିରେ ସେନେଗାଲ ଓ ଗାମ୍ବିଆର ନାଗରିକମାନେ ମଧ୍ୟ ଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଥିଲା ବୋଲି ଜଣାଶୁଣା ନ୍ୟୁଜ ଏଜେନ୍ସି ଏଏଫ୍‌ପି ସୂଚନା ଦେଇଛି।

## ସ୍କୁଲ୍ ଟଏଲେଟ୍‌ରେ ୯ମ ଶ୍ରେଣୀ ଛାତ୍ରୀଙ୍କ ପ୍ରସବ

ୟାଦଗିର, ୩୦।୮(ଏଜେନ୍ସି): କର୍ଣ୍ଣାଟକର ୟାଦଗିର ଜିଲ୍ଲାର ଶାହାପୁର ତାଲୁକ୍‌ରେ ଏକ ଚକିତ କଲା ଭଳି ଘଟଣା ସାମ୍ନାକୁ ଆସିଛି। ଏହି ଅଞ୍ଚଳରେ ଥିବା ଏକ ସରକାରୀ ଆବାସିକ ବିଦ୍ୟାଳୟର ୯ମ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରୀ ଟଏଲେଟ୍‌ରେ ପିଲା ଜନ୍ମ ଦେଇଛନ୍ତି। ରୁଜୁ ହୋଇଥିବା ଏତଲା ଅନୁସାରେ ବାଳିକା ଜଣକ ୯ମାସର ଗର୍ଭବତୀ ଥିବା ଜଣାଯାଇଛି। ଛାତ୍ରୀ ଜଣକ ସେତେବେଳେ ଅସହ୍ୟ ଯନ୍ତ୍ରଣା ଅନୁଭବ କରିଥିଲେ, ସେତେବେଳେ ତାଙ୍କ ସହପାଠୀ ସ୍କୁଲ କର୍ତ୍ତୃପକ୍ଷ ଏନେଇ ଅବଗତ କରାଯାଇଥିଲେ। ଉଭୟ ବାଳିକା ଓ ନବଜାତ ଶିଶୁକୁ ହସ୍ପିଟାଲକୁ ନିଆଯାଇଥିଲା ଓ ଦୁହିଁଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାଯାଇଛି। ଏହି ମାମଲାରେ ଜଣେ ୨୮ ବର୍ଷୀୟ ବ୍ୟକ୍ତିଙ୍କ ବିରୋଧରେ ପୋକ୍‌ସୋ ଆକ୍ଟ ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଏହି ଘଟଣା ଜଣାପଡ଼ିବା ପରେ କର୍ଣ୍ଣାଟକ ଆବାସିକ ଶିକ୍ଷାନୁଷ୍ଠାନ ସୋସାଇଟିର କାର୍ଯ୍ୟକାରୀ ନିର୍ଦ୍ଦେଶକ ଦୁଇଜଣ ଶିକ୍ଷକଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ପୁଲିସ ଆଉ ୪ଜଣ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ କରିଛି। ସେମାନେ ହେଉଛନ୍ତି ହଷ୍ଟେଲ ୱାର୍ଡେନ, ସ୍କୁଲ ପ୍ରିନ୍ସପାଲ, ଜଣେ ଷ୍ଟାଫ୍ ନର୍ସ। ଏହି ଘଟଣାରେ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କର୍ଣ୍ଣାଟକ ଶିଶୁ ଅଧିକାର କମିଶନ ତରଫରୁ କୁହାଯାଇଛି।

## ଦିଲ୍ଲୀ କାଲକାଜି ମନ୍ଦିରରେ ସେବାୟତଙ୍କୁ ପିଟିପିଟି ହତ୍ୟା

ନୂଆଦିଲ୍ଲୀ, ୩୦।୮(ଏଜେନ୍ସି): ଦିଲ୍ଲୀର ପ୍ରସିଦ୍ଧ କାଲକାଜି ମନ୍ଦିରରେ ଜଣେ ସେବାୟତଙ୍କୁ ବାଡିରେ ପିଟିପିଟି ହତ୍ୟା କରାଯିବାର ଘଟଣା ସାମ୍ନାକୁ ଆସିଛି। ଶୁକ୍ରବାର ରାତିରେ ଯୋଗେନ୍ଦ୍ର ସିଂ ନାମକ ଜଣେ ସେବାୟତଙ୍କୁ କେତେଜଣ ଯୁବକ ହତ୍ୟା କରିଛନ୍ତି। ଏହି ଘଟଣା ଭିଡିଓ ଭାଇରାଲ ହୋଇଛି। ଦୁଇଜଣ ତାଙ୍କୁ ନିଷ୍ଠୁକ ଭାବେ ପିଟୁ ଥିବା ବେଳେ ଅନ୍ୟମାନେ ପାଖରେ ଠିଆ ହୋଇ ଦେଖୁଥିବା ଭିଡିଓରେ ଦେଖିବାକୁ ମିଳିଛି। ମନ୍ଦିରରେ ବହୁ ସଂଖ୍ୟାରେ ଭକ୍ତ ଥିଲେ ମଧ୍ୟ ସେମାନଙ୍କୁ ରୋକିବାକୁ ପ୍ରୟାସ କରି ନଥିଲେ। ଆକ୍ରମଣ କରିବା ପରେ ଯୁବକମାନେ ସେଠାରୁ ପଳାଇ ଯାଇଥିଲେ। ୩୦ ବର୍ଷୀୟ ଅତୁଲ ପାଣ୍ଡେ ନାମକ ଜଣେ ଅଭିଯୁକ୍ତଙ୍କୁ ସ୍ଥାନୀୟ ଲୋକେ କାବୁ କରିବାରେ ସଫଳ ହୋଇଥିଲେ ବୋଲି ପୁଲିସ କହିଛି। ଅଭିଯୁକ୍ତମାନେ ମନ୍ଦିରକୁ ଦର୍ଶନ କରିବାକୁ ଆସିଥିଲେ ଓ ଯୋଗେନ୍ଦ୍ରଙ୍କଠାରୁ ପ୍ରସାଦ ମାଗିଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା।

# ୫୦ରୁ କମ୍ ଅସ୍ତ୍ର ବ୍ୟବହାର କରି ଲକ୍ଷ୍ୟ ହାସଲ କରିଥିଲା ବାୟୁସେନା



ନୂଆଦିଲ୍ଲୀ, ୩୦।୮(ଏଜେନ୍ସି): ଜମ୍ମୁ-କଶ୍ମୀର ପହଲଗାମ ଆକ୍ରମଣ ପରେ ଭାରତୀୟ ସେନା ଦ୍ୱାରା ହୋଇଥିବା ‘ଅପରେସନ ସିନ୍ଦୂର’କୁ ନେଇ ଏବେ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଭାରତୀୟ ବାୟୁସେନାର ଉପ-ମୁଖ୍ୟ ତଥା ଏୟାର ମାର୍ଶାଲ ନର୍ମଦେଶ୍ୱର ତିୱାରୀ ଏ ନେଇ ନୂଆ ଖୁଲାସା କରିଛନ୍ତି। ଭାରତୀୟ ବାୟୁସେନା ମାତ୍ର ୫୦ରୁ କମ୍ ଅସ୍ତ୍ର ବ୍ୟବହାର କରି ପାକିସ୍ତାନକୁ ଅସ୍ତ୍ରବିରତି କରିବାକୁ ବାଧ୍ୟ କରିଥିଲା ବୋଲି ସେ କହିଛନ୍ତି। ଅପରେସନ ସିନ୍ଦୂରରେ ପାକିସ୍ତାନ ଅଧିକୃତ କଶ୍ମୀରରେ ଥିବା ଆତଙ୍କବାଦୀଙ୍କ ଠିକଣା ଉପରେ ଆକ୍ରମଣର ୩ ମାସ ପରେ ସେ ଏହି କଥା କହିଛନ୍ତି। ଏକ ଘରୋଇ ନ୍ୟୁଜ ଚ୍ୟାନେଲର ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇ ସେ ଏ ନେଇ ବିଭିନ୍ନ ତଥ୍ୟ ଉପସ୍ଥାପନ କରିଛନ୍ତି। ପହଲଗାମ ଆକ୍ରମଣର ଜବାବରେ ଅପରେସନ ସିନ୍ଦୂର ଆରମ୍ଭ କରାଯାଇଥିଲା। ଯୁଦ୍ଧ ଆରମ୍ଭ କରିବା ସହଜ, କିନ୍ତୁ ଶେଷ କରିବା କଷ୍ଟକର ବୋଲି ସେ କହିଥିଲେ। ଏହାକୁ ଦୃଷ୍ଟିରେ ରଖି ଆମେ ପ୍ରସ୍ତୁତି ଆରମ୍ଭ କରିଥିଲୁ। ସେନାକୁ ସକ୍ରିୟ ରଖିବା ସହ ମୁତୟନ କରିବାକୁ ନିଷ୍ପତ୍ତି ନେଇଥିଲୁ। ସବୁ ପ୍ରକାର ସମ୍ଭାବ୍ୟ ସ୍ଥିତିର ମୁକାବିଲା କରିବାକୁ ଆମେ ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ଥିଲୁ। ବାୟୁସେନା ସମ୍ମୁଖରେ ଏକାଧିକ ବିକଳ୍ପ ଥିଲା। କିନ୍ତୁ ଶେଷରେ ୯ଟି ସ୍ଥାନକୁ ଟାର୍ଗେଟ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।

### ‘ଅପରେସନ ସିନ୍ଦୂର’

ଇଣ୍ଟିଗ୍ରେଟେଡ ଏୟାର କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସିଷ୍ଟମ (ଆଇଏସିସିଏସ୍) ରଣନୀତି ପ୍ରସ୍ତୁତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା। ଏହି ପ୍ରଣାଳୀ ଦ୍ୱାରା ଭାରତ ପ୍ରାରମ୍ଭିକ ଝଟ୍‌କା ପ୍ରତିହତ କରିବା ସହ ପାକିସ୍ତାନକୁ ଦୃଢ଼ ଜବାବ ଦେବାରେ ସଫଳ ହୋଇଥିଲା। ମାତ୍ର ୪ ଦିନ ମଧ୍ୟରେ ପାକିସ୍ତାନକୁ ନଇଁବା ପାଇଁ ବାଧ୍ୟ କରାଯାଇଥିଲା। ନିୟନ୍ତ୍ରଣ ରେଖା (ଏଲ୍‌ଓସି) ସେପଟେ ୪ ଦିନ ଧରି ଆମେ ସଠିକ ଭାବେ ମିସାଇଲ ମାଡ଼ କରିଥିଲୁ। ଡ୍ରୋନ୍, ତୋପ ଓ ଅନ୍ୟ ଅସ୍ତ୍ରଗୁଡ଼ିକର ଲଢେଇ ପରେ ମେ ୧୦ରେ ଭାରତ ଓ ପାକିସ୍ତାନ ସ୍ଥଳ, ଜଳ ଓ ବାୟୁରେ ସବୁପ୍ରକାର ଯୁଦ୍ଧକୁ ବନ୍ଦ କରିବାକୁ ସହମତି ପ୍ରକାଶ କରିଥିଲେ। ଏହାର କିଛି ଘଣ୍ଟା ପରେ ଶ୍ରୀନଗର, ଗୁଜରାଟର କିଛି ଅଞ୍ଚଳ ସମେତ ଜମ୍ମୁ-କଶ୍ମୀର ବିଭିନ୍ନ ସ୍ଥାନରେ ପାକିସ୍ତାନ ଡ୍ରୋନ ଦେଖିବାକୁ ମିଳିଥିଲା ଏବଂ ଏଗୁଡ଼ିକୁ ନିଷ୍କ୍ରିୟ କରାଯାଇଥିଲା ବୋଲି ସେ କହିଛନ୍ତି। ମେ ୧୦ ସକାଳେ ପାକିସ୍ତାନ ବାୟୁସେନା ମୁଖ୍ୟ ଠିକଣାଗୁଡ଼ିକ ଉପରେ ଭାରତୀୟ ବାୟୁସେନା ବିମାନ ବ୍ରହ୍ମୋସ (ଆକାଶରୁ ଭୂପୃଷ୍ଠକୁ) କ୍ରୁଜ୍ ମିସାଇଲ ମାଡ଼ କରିଥିଲା। ରାୱଲପିଣ୍ଡିର ଚକଲାଲା ଓ ପାକିସ୍ତାନ ପଞ୍ଜାବ ରାଜ୍ୟର ସରଗୋଧାରେ ଏହି ମିସାଇଲ ମାଡ଼ କରାଯାଇଥିଲା। ଏହି ଠିକଣାଗୁଡ଼ିକ ପାକିସ୍ତାନ ସେନା ପାଇଁ ରଣନୈତିକ ଦୃଷ୍ଟିକୋଣରୁ ବିଶେଷ ମହତ୍ତ୍ୱ ରଖୁଥିଲା। ପାକିସ୍ତାନ ଓ ପିଓକେର ବିଭିନ୍ନ ଠିକଣା ଉପରେ ହୋଇଥିବା ଆକ୍ରମଣ ନେଇ ସନ୍ଧ୍ୟାରେ ସ୍ପଷ୍ଟ ହୋଇଥିଲା। ଅପରେସନ ସିନ୍ଦୂର ଦ୍ୱାରା ଭାରତ ନିର୍ଣ୍ଣାୟକ ସଫଳତା ଅର୍ଜନ କରିଥିଲା।

# ଜମ୍ମୁ- କଶ୍ମୀରରେ ଭୂସ୍ଖଳନ, ଆଉ ୧୧ ମୃତ



**ପଞ୍ଜାବରେ ୨୫୦ ଗାଁ ବନ୍ୟା ଘେରରେ**

ନୂଆଦିଲ୍ଲୀ, ୩୦।୮(ଏଜେନ୍ସି): ମୌସୁମୀ ଜନିତ ବର୍ଷା କାରଣରୁ ସାରା ଉତ୍ତର ଭାରତରେ ନାହିଁ ନଥିବା ସ୍ଥିତି ସୃଷ୍ଟି ହୋଇଛି। ବିଭିନ୍ନ ସ୍ଥାନରେ ବାଦଲଫଟା ବର୍ଷା, ଭୂସ୍ଖଳନ, ବନ୍ୟା କାରଣରୁ ବହୁ ଧନଜୀବନ ହାନି ହୋଇଛି। ଜମ୍ମୁ-କଶ୍ମୀରର ରିଆସି ଜିଲ୍ଲାରେ ବଦାର ଗାଁରେ ଶନିବାର ସକାଳେ ଭୂସ୍ଖଳନ ହୋଇଛି। କାଦୁଅ ତଥା ଆବର୍ଜନା ତଳୁ ୭ଟି ମୃତଦେହ ଉଦ୍ଧାର କରାଯାଇଛି। ଏଥିରେ ଆହୁରି କେତେ ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି ଓ ଏମାନଙ୍କୁ ଖୋଜିବା ଜାରି ରହିଛି। ସେହିପରି ରାମବନର ରାଜଗଡ଼ରେ ବାଦଲ ଫଟା ବର୍ଷା କାରଣରୁ ୪ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି। ଜଣେ ବ୍ୟକ୍ତି ନିଖୋଜ ଅଛନ୍ତି ଓ ତାଙ୍କୁ ଖୋଜା ଜାରି ରହିଛି। ସେହିପରି ହିମାଚଳ ପ୍ରଦେଶର ମଣ୍ଡି ଗୋହରରେ ଶୁକ୍ରବାର ବିଳମ୍ବିତ ରାତିରେ ବାଦଲ ଫଟା ବର୍ଷା ହୋଇଥିଲା। ନାଣ୍ଡି ପଞ୍ଚାୟତରେ ନସେନୀ ନାଳରେ କେତୋଟି ଗାଡ଼ି ସୁଅରେ ଭାସି ଯାଇଛି। ସେହିପରି ସିମ୍‌ଲାର ଜୁତୋଗ କ୍ୟାଣ୍ଟନମେଣ୍ଟରେ ମଧ୍ୟ ଭୂସ୍ଖଳନ ହୋଇଛି। ଫଳରେ ସେଠାରେ ଥିବା ଭାରତୀୟ ସେନାର ଆବାସିକ ଭବନଗୁଡ଼ିକୁ ଖାଲି କରାଯାଇଛି। ପଞ୍ଜାବର ଅମୃତସର, ପଠାନକୋଟ ସମେତ ୮ଟି ଜିଲ୍ଲା ବନ୍ୟା ସ୍ଥିତି ଜାରି ରହିଛି। ୨୫୦ରୁ ଊର୍ଦ୍ଧ୍ୱ ଗାଁରେ ୫ରୁ ୧୫ ଫୁଟ ପର୍ଯ୍ୟନ୍ତ ପାଣି ଭରି ରହିଛି। ବ୍ୟାନରେ ଏପର୍ଯ୍ୟନ୍ତ ୮ ଜଣ ଲୋକ ପ୍ରାଣ ହରାଇଛନ୍ତି। ୩ ଜଣ ନିଖୋଜ ଅଛନ୍ତି। ଉତ୍ତରାଖଣ୍ଡର ଚମୋଲୀ, ରୁଦ୍ରପ୍ରୟାଗ, ତେହରୀ ଓ ବାଗେଶ୍ୱର ଜିଲ୍ଲାରେ ଶୁକ୍ରବାର ବାଦଲଫଟା ବର୍ଷା ହୋଇଥିବାର ସୂଚନା ମିଳିଛି। ଏଥିରେ ୫ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ଓ ୧୧ ଜଣ ନିଖୋଜ ଅଛନ୍ତି। ବାଗେଶ୍ୱରର କାପକୋଟ୍‌ରେ କେତୋଟି ଘର କ୍ଷତିଗ୍ରସ୍ତ ହୋଇଛି। ସେହିପରି ଉତ୍ତରପ୍ରଦେଶରେ ୧୮ଟି ଜିଲ୍ଲାରେ ବନ୍ୟା ଯୋଗୁଁ ପ୍ରଭାବିତ ହୋଇଛି। ରାଜ୍ୟରେ ଏପର୍ଯ୍ୟନ୍ତ ୭୭୪ଟି ବାସଗୃହ ବର୍ଷା ଓ ବନ୍ୟାରେ ଭୁଶୁଡି ପଡ଼ିଛି। ବାରଣାଶୀର ସବୁ ୮୪ଟି ଘାଟ ମଧ୍ୟରେ ପରସ୍ପର ସମ୍ପର୍କ ଛିନ୍ନ ହୋଇଛି। ଜାମ୍ମୁ-କଶ୍ମୀର କଟରାରେ ବର୍ଷା କାରଣରୁ ବୈଷ୍ଣୋଦେବୀ ଯାତ୍ରା ୫ ଦିନ ହେବ ବନ୍ଦ ରହିଛି। ଅଗଷ୍ଟ ୨୬ରେ ହୋଇଥିବା ଭୂସ୍ଖଳନ ଯୋଗୁଁ ଏଠାରେ ୩୪ ଜଣ ଲୋକ ମୃତ୍ୟୁବରଣ କରିଥିଲେ। ସେହିପରି ମହାରାଷ୍ଟ୍ରର ଲାଟୁରରେ ନାନ୍ଦେଡରେ ୫୦ଟି ସଡକ ଓ ପୋଲ ପାଣିରେ ବୁଡିଯାଇଛି। ଉତ୍ତରାଖଣ୍ଡର ଡେରାଡୁନରେ ପ୍ରବଳ ବର୍ଷା ଜାରି ରହିଛି। ପଞ୍ଜାବର ଫିରୋଜପୁରରେ ଏପର୍ଯ୍ୟନ୍ତ ୩, ୦୦୦ ଲୋକଙ୍କୁ ଉଦ୍ଧାର କରାଯାଇଛି। ହରିୟାଣା କୁରୁକ୍ଷେତ୍ରର କଠବାର ବନ୍ୟା ଭଳି ସ୍ଥିତି ସୃଷ୍ଟି ହୋଇଛି। ହିମାଚଳରେ ପ୍ରବଳ ବର୍ଷା ଓ ଭୂସ୍ଖଳନ କାରଣରୁ ୫୫୭ ସଡକ ବନ୍ଦ ରହିଛି ଓ ମଣିମହେଶ ଯାତ୍ରା ସ୍ଥଗିତ ରଖାଯାଇଛି।

## ସବୁଦିନ ପାଇଁ କେହି ମିତ୍ର କିମ୍ବା ଶତ୍ରୁ ନୁହନ୍ତି: ରାଜନାଥ



ନୂଆଦିଲ୍ଲୀ, ୩୦।୮ (ଏଜେନ୍ସି): ବୈଶ୍ୱିକ ରାଜନୀତିରେ ସବୁଦିନ ପାଇଁ କେହି ବନ୍ଧୁ କିମ୍ବା ଶତ୍ରୁ ନୁହନ୍ତି ବୋଲି ଭାରତ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ଭାରତ ଉପରେ ଆମେରିକା ଲାଗୁ କରିଥିବା ୫୦ ପ୍ରତିଶତ ଟାରିଫ ନୀତି ଉପରେ ମତ ଦେବାକୁ ଯାଇ ସେ ଏହି ଟିପ୍ପଣୀ ଦେଇଛନ୍ତି। କେବଳ ସ୍ୱାର୍ଥ ହିଁ ସ୍ଥାୟୀ ବୋଲି ସେ କହିଛନ୍ତି। ଭାରତ କାହାକୁ ଶତ୍ରୁ ଭାବେ ବିବେଚନା କରେନାହିଁ। ଦେଶର କୃଷକ ଓ ଉଦ୍ୟୋଗ ଆମ ପାଇଁ ଗୁରୁତ୍ୱବହନ କରୁଛି। ତେଣୁ ଏମାନଙ୍କ ସ୍ୱାର୍ଥକୁ ବଳି ଦେବା ଭଳି କୌଣସି ନିଷ୍ପତ୍ତି ନେବୁ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏନ୍‌ଡିଟିଭି ଡିଫେନ୍ସ ସମ୍ମିଟ୍‌ରେ ଯୋଗଦେଇ ସେ ଅନ୍ୟ ବିଷୟରେ ମଧ୍ୟ ନିଜର ମତ ରଖିଥିଲେ। ପ୍ରତିଦିନ ବିଶ୍ୱରେ ବହୁ ପରିବର୍ତ୍ତନ ହେଉଛି। ତେଣୁ ଆମ ଆଗରେ ବିଭିନ୍ନ ପ୍ରକାରର ଆହ୍ୱାନ ସୃଷ୍ଟି ହେଉଛି। ମହାମାରୀ, ଆତଙ୍କବାଦ୍, ଆଞ୍ଚଳିକ ବିବାଦ ଆମ ଆଗରେ ବିଭିନ୍ନ ସମସ୍ୟା ସୃଷ୍ଟିକରୁଛି। ତେଣୁ ଏବେ ତିଷ୍ଠି ରହିବା ସହ ପ୍ରଗତି କରିବା ନିହାତି ଜରୁରୀ ହୋଇପଡ଼ିଛି। ପ୍ରତିରକ୍ଷା ରପ୍ତାନୀରେ ଭାରତ ଯଥେଷ୍ଟ ଉନ୍ନତି କରିଛି।୨୦୧୪ରେ ଭାରତର ପ୍ରତିରକ୍ଷା ରପ୍ତାନୀ ମାତ୍ର ୭୦୦ କୋଟି ଟଙ୍କାଥିଲା। କିନ୍ତୁ ଏବେ ଏହା ୨୪, ୦୦୦ କୋଟି ଟଙ୍କାରେ ପହଞ୍ଚିଛି। ଭାରତ ଏବେ କେବଳ ପ୍ରତିରକ୍ଷା ସାମଗ୍ରୀ କେବଳ କ୍ରୟ କରୁନାହିଁ, ବିକ୍ରି ମଧ୍ୟ କରୁଛି ବୋଲି କହିଛନ୍ତି। ସ୍ୱଦେଶୀ ଜ୍ଞାନକୌଶଳରେ ଅସ୍ତ୍ରଶସ୍ତ୍ର ନିର୍ମାଣ କରିବା ଉପରେ ଏବେ ଅଧିକ ଗୁରୁତ୍ୱ ଦିଆଯାଉଛି। ଅପରେସନ ସିନ୍ଦୂର ମାତ୍ର ୪ ଦିନ ହୋଇଥିଲେ ମଧ୍ୟ ଏହା ଦ୍ୱାରା ଭାରତର ଦୀର୍ଘଦିନର ରଣନୈତିକ ପ୍ରସ୍ତୁତିର ପରୀକ୍ଷା ହୋଇଥିଲା। ଏଥିରେ ଆମେ ଉତ୍ତୀର୍ଣ୍ଣ ହୋଇଥିଲୁ। ଅପରେସନ ସିନ୍ଦୂର ଦ୍ୱାରା ଆମେ ବହୁତ କିଛି ଶିକ୍ଷା କରିଛୁ ଓ ଭବିଷ୍ୟତରେ ଆମ ପ୍ରସ୍ତୁତିରେ କିପରି ଉନ୍ନତ ଆଣିବୁ ସେ ନେଇ ଅବଗତ ହୋଇଛୁ ବୋଲି ସେ କହିଛନ୍ତି।

## ଏଏଆଇ ମ୍ୟାନେଜରଙ୍କୁ ଗିରଫ କଲା ସିବିଆଇ

ନୂଆଦିଲ୍ଲୀ, ୩୦।୮(ଏଜେନ୍ସି): ୨୩୨ କୋଟି ଟଙ୍କା ଅର୍ଥ ହଡପ ଅଭିଯୋଗରେ ସିବିଆଇ ରାହୁଲ ବିଜୟ ନାମକ ଜଣେ ଏୟାରପୋର୍ଟ ଅଥରିଟି ଅଫ୍ ଇଣ୍ଡିଆ (ଏଏଆଇ) ର ଜଣେ ବରିଷ୍ଠ ମ୍ୟାନେଜରଙ୍କୁ ଗିରଫ କରିଛି। ଡେରାଡୁନ୍‌ରେ ନିୟୋଜିତ ହୋଇଥିବା ବେଳେ ଯୋଜନାବଦ୍ଧ ଭାବେ ନକଲି କାଗଜପତ୍ର ସହ ଠକାମୀ କରି ୨୩୨ କୋଟି ଟଙ୍କାରୁ ଅଧିକ ଅର୍ଥ ନିଜ ଖାତାକୁ ସେ ପଠାଇଥିବାର ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଆଧାର କରି ସିବିଆଇ ତାଙ୍କୁ ଗିରଫ କରିଛି। ସେ ପାଣ୍ଠିକୁ ନିଜ ବ୍ୟାଙ୍କ ଖାତାକୁ ସ୍ଥାନାନ୍ତର କରିଥିଲେ। ଏହିକ୍ରମରେ ସେ ଆସାଧୁ ଉପାୟ ଅବଲମ୍ବନ କରିଥିଲେ ବୋଲି ଏକ ଅଭ୍ୟନ୍ତରୀଣ ଅଡିଟ୍‌ରୁ ଜଣା ପଡ଼ିଛି। ୨୦୧୯- ୨୦ ଓ ୨୦୨୨-୨୩ ସମୟ ଅବଧୀରେ ସେ ଏହି ପାଣ୍ଠି ହଡପ କରିଥିଲେ। ଏ ନେଇ ଏଏଆଇର ବରିଷ୍ଠ ଫାଇନାନସିଆଲ ମ୍ୟାନେଜର ପି ଚନ୍ଦ୍ରକାନ୍ତ ସିବିଆଇରେ ଔପଚାରିକ ଭାବେ ଅଭିଯୋଗ କରିଥିଲେ।


**ପୂର୍ବତନ ଏନ୍‌ଏସ୍‌ଏଙ୍କ ଟିପ୍ପଣୀ**

## ଆମେରିକା ଛବିକୁ ଅଳିଆ ଗଦାରେ ପକାଉଛନ୍ତି ଟ୍ରମ୍ପ

ୱାସିଂଟନ, ୩୦।୮ (ଏଜେନ୍ସି): ଜବାବୀ ଶୁଳ୍କକୁ ନେଇ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଆମେରିକାରେ ତୀବ୍ର ସମାଲୋଚନା କରାଯାଉଛି। ତାଙ୍କ ସମାଲୋଚକଙ୍କ ମଧ୍ୟରେ ପୂର୍ବତନ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନଏସଏ) ଜ୍ୟାକବ ଜେରେମିଆ ସୁଲିଭନ ସାମିଲ ଅଛନ୍ତି। ସେ ଆମେରିକାକୁ ଚୀନ୍ ସହ ତୁଳନା କରିଛନ୍ତି। ସେ କହିଛନ୍ତି ଯେ ଆଜି ବିଶ୍ୱ ଚୀନ୍‌କୁ ଦାୟିତ୍ୱବାନ ଦେଶ ଭାବେ ଦେଖୁଛି। ଏ ସବୁ ଟ୍ରମ୍ପ ସରକାରଙ୍କ ପାଇଁ ହେଉଛି। କାରଣ ସରକାର ଦେଶର ଛବିକୁ ଅଳିଆ ଗଦାରେ ପକାଇ ଦେଇଛନ୍ତି। ସେଥିପାଇଁ କୌଣସି ଦେଶ ଆମେରିକାକୁ ଭରସା କରିବାକୁ ଚାହୁଁ ନାହାନ୍ତି। ସୁଲିଭାନ ଚୀନ୍‌କୁ ଆମେରିକାର ବିକଳ୍ପ କହିଛନ୍ତି। ଲୋକପ୍ରିୟତା ମାମଲାରେ ଆମେରିକାକୁ ଚୀନ୍ ପଛରେ ପକାଇ ଦେଇଛି। ବର୍ଷେ ତଳେ ସ୍ଥିତି ଏପରି ନ ଥିଲା। ବ୍ରାଣ୍ଡ ଆମେରିକା ଶେଷ ହୋଇଗଲାଣି ଏବଂ ଚୀନ୍ ଦାୟିତ୍ୱ ସମ୍ପନ୍ନ ରାଷ୍ଟ୍ର ଭାବେ ବାହାରିଛି ବୋଲି ଏବେ ଅନେକ ଦେଶ କହୁଛନ୍ତି।

ଭାରତ ଉପରେ ଶୁଳ୍କକୁ ନେଇ ସୁଲିଭାନ ଟ୍ରମ୍ପଙ୍କୁ ଭର୍ତ୍ସନା କରିଛନ୍ତି। ସେ କହିଛନ୍ତି ଯେ ଶୁଳ୍କ ଯୋଗୁଁ ୱାସିଂଟନ ଏବଂ ନୂଆଦିଲ୍ଲୀ ସମ୍ପର୍କ ଖରାପ ହେବାରେ ଲାଗିଛି। ଚୀନ୍ ସହ ଆଲୋଚନା କରିବା ପାଇଁ ଭାରତକୁ ଟ୍ରମ୍ପ ବାଧ୍ୟ କରାଇଛନ୍ତି। କିନ୍ତୁ ବାଇଡେନ ସରକାର ସମୟରେ ଏପରି ହୋଇ ନ ଥିଲା। ଭାରତ ସହ ଭଲ ସମ୍ପର୍କ ରଖାଯାଇଥିଲା। ଚୀନ୍‌କୁ କାଉଣ୍ଟର କରିବା ପାଇଁ ଏଭଳି ଆଭିମୁଖ୍ୟ ଆପଣା ଯାଇଥିଲା। ଆମେରିକା ନିବେଶ ବ୍ୟାଙ୍କର ଉଦାହରଣ ଦେଇ ସୁଲିଭାନ କହିଛନ୍ତି ଯେ ବ୍ୟକ୍ତିଗତ କ୍ରୋଧ ପାଇଁ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। କାରଣ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି କରାଇଥିବା ଟ୍ରମ୍ପଙ୍କ ଦାବିକୁ ନୂଆଦିଲ୍ଲୀ ପକ୍ଷରୁ ଖଣ୍ଡନ କରିଦିଆଯାଇଥିଲା।

# ପୁଣି ଚର୍ଚ୍ଚାରେ ଧନଖଡ଼: ବିଧାୟକ ପେନ୍‌ସନ୍ ପାଇଁ ଆବେଦନ



ଜୟପୁର, ୩୦।୮(ଏଜେନ୍ସି): ଏକ ମାସ ପରେ ପୁଣି ଚର୍ଚ୍ଚାରେ ପୂର୍ବତନ ଉପ-ରାଷ୍ଟ୍ରପତି ଜଗଦୀପ ଧନଖଡ଼। ଉପରାଷ୍ଟ୍ରପତି ପଦରୁ ଅଚାନକ ଇସ୍ତଫା ପରେ ସାଧାରଣ କାର୍ଯ୍ୟକ୍ରମରୁ ଦୂରେଇ ରହିଥିବା ଧନଖଡ଼ ଏବେ ବିଧାୟକ ପେନସନ ପାଇଁ ଆବେଦନ କରିଛନ୍ତି। ଜଣେ ପୂର୍ବତନ ବିଧାୟକ ଭାବେ ସେ ରାଜସ୍ଥାନ ବିଧାନସଭା ସଚିବାଳୟକୁ ଏ ନେଇ ଆବେଦନ କରିଛନ୍ତି। ସେ ୧୯୯୩ରୁ ୧୯୯୮ ମଧ୍ୟରେ ଆଜମୀର ଜିଲ୍ଲାର କିଶାନଗଡ଼ ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ତାଙ୍କ ଆବେଦନ ପାଇବା ପରେ ସଚିବାଳୟ ପେନ୍‌ସନ ଦେବାକୁ ପ୍ରକ୍ରିୟା ଆରମ୍ଭ କରିଛି। ଯଦି ତାଙ୍କର ଏହି ଆବେଦନକୁ ଗ୍ରହଣ କରାଯାଏ ତେବେ, ଧନଖଡ ମାସକୁ ୪୨ହଜାର ଟଙ୍କା ପେନସନ ପାଇବେ। ଜଣେ ବିଧାୟକ ୩୫ ହଜାର ଟଙ୍କା ମାସିକ ପେନସନ ପାଇଁ ହକଦାର ଥିବା ବେଳେ ବୟସ ୭୦ରୁ ଅଧିକ ହୋଇଥିଲେ ୨୦ ପ୍ରତିଶତ ପେନସନ ଅଧିକ ପାଇବେ। ଧନଖଡ଼ଙ୍କୁ ୭୪ ବର୍ଷ ହୋଇଥିବାରୁ ସେ ୪୨ ହଜାର ଟଙ୍କା ମାସିକ ପେସନ ପାଇବେ ବୋଲି ଜଣାପଡ଼ିଛି।

ଧନଖଡ଼ ଏବେ ତିନି ପ୍ରକାର ପେନସନ ପାଇବେ। ସେ ଜଣେ ପୂର୍ବତନ ଉପରାଷ୍ଟ୍ରପତି, ପୂର୍ବତନ ବିଧାୟକ ଓ ପୂର୍ବତନ ସାଂସଦ ଭାବେ ଏହିସବୁ ସୁବିଧା ହାସଲ କରିବେ। ପୂର୍ବତନ ଉପରାଷ୍ଟ୍ରପତି ଭାବେ ତାଙ୍କୁ ୨ ଲକ୍ଷ ଟଙ୍କା ମାସିକ ପେନସନ ମିଳିବ। ପୂର୍ବତନ ସାଂସଦ ହିସାବରେ ତାଙ୍କୁ ମାସିକ ୩୧ ହଜାର ଟଙ୍କା ପେନସନ ମିଳିବ। ଏହିପରି ସେ ମାସିକ ୨ ଲକ୍ଷ ୭୩ ହଜାର ଟଙ୍କା ପେନସନ ଆକାରରେ ପାଇବେ ବୋଲି ଜଣାପଡ଼ିଛି। ଏହାସହିତ ପୂର୍ବତନ ଉପରାଷ୍ଟ୍ରପତିଙ୍କୁ ମିଳୁଥିବା ଅନ୍ୟାନ୍ୟ ସୁବିଧା ବି ମିଳିବ।

ସୂଚନାଯୋଗ୍ୟ ଯେ ଗତ ଜୁଲାଇ ୨୧ରେ ସେ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସେ ଇସ୍ତଫା ଦେଇଥିଲେ ମଧ୍ୟ ବିରୋଧୀ ଦଳ ଏହା ପଛରେ ଅନ୍ୟ କିଛି କାରଣ ଥାଇପାରେ ବୋଲି ସନ୍ଦେହ ପ୍ରକାଶ କରିଥିଲେ।

# ଅକ୍ଟୋବର ୪ ଓ ୫ରେ ପୁଲିସ୍ ଏସ୍‌ଆଇ ନିଯୁକ୍ତି ପରୀକ୍ଷା

କଟକ, ୩୦।୮ (ସମିସ): ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ ଦ୍ୱାରା ପରିଚାଳିତ ପୁଲିସ ସବ୍-ଇନ୍ସପେକ୍ଟର୍ (ଏସଆଇ) ନିଯୁକ୍ତି ପରୀକ୍ଷା ଆସନ୍ତା ୨୦୨୫ ଅକ୍ଟୋବର ୪ ଓ ୫ତାରିଖରେ ବିଭିନ୍ନ ଜିଲ୍ଲାରେ ଅନୁଷ୍ଠିତ ହେବ। ଏହି ପରୀକ୍ଷା ପାଇଁ ଯୋଗ୍ୟ ପ୍ରାର୍ଥୀଙ୍କ ଆଡମିଟ କାର୍ଡ(ପ୍ରବେଶ ପତ୍ର) ଆସନ୍ତା ସେପ୍ଟେମ୍ବର ୨୦ରୁ ଓଡିଶା ପୁଲିସର ୱେବସାଇଟରେ ଉପଲବ୍ଧ ହେବ। ପ୍ରାର୍ଥୀମାନେ ସେମାନଙ୍କ ଆଇଡି ଓ ପାସୱାର୍ଡ ବ୍ୟବହାର କରି ପ୍ରବେଶପତ୍ରକୁ ଡାଉନଲୋଡ୍ କରିବେ। ସେହିଭଳି ଏଥିରୁ ପରୀକ୍ଷା କେନ୍ଦ୍ର ଓ ପରୀକ୍ଷା ସମୟ ନିର୍ଘଣ୍ଟ ସମ୍ପର୍କିତ ତଥ୍ୟ ପାଇପାରିବେ ବୋଲି ପୁଲିସ ନିଯୁକ୍ତି ବୋର୍ଡ ପକ୍ଷରୁ ଆଜି ପ୍ରକାଶିତ ଏକ ବିଜ୍ଞପ୍ତିରେ କୁହାଯାଇଛି। ଡାଉନଲୋଡ୍ କରିବା ସମୟରେ ଅସୁବିଧାର ସମ୍ମୁଖୀନ ହେଲେ ପୁଲିସ ମୁଖ୍ୟାଳୟକୁ ଯୋଗାଯୋଗ କରିବା ପାଇଁ କୁହାଯାଇଛି। ଉପରୋକ୍ତ ଲିଖିତ ପରୀକ୍ଷା ଓଏମ୍‌ଆରରେ କରାଯିବ। ପ୍ରକାଶଥାଉକି, ଗତ ୨୦୨୫ ଜାନୁଆରି ୧୭ରେ ମୋଟ ୯୩୩ଟି ଏସ୍‌ଆଇ ପଦବୀରେ ନିଯୁକ୍ତି ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ଏଥିମଧ୍ୟରେ ୬୦୯ଟି ଏସ୍‌ଆଇ, ୨୫୩ଟି ଏସ୍‌ଆଇ(ଆର୍ମଡ୍), ୪୭ଟି ଷ୍ଟେସନ୍ ଅଫିସର୍ ଓ ୨୪ଟି ସହକାରୀ ଜେଲର୍ ପଦ ପାଇଁ ନିଯୁକ୍ତି ପରୀକ୍ଷା କରାଯିବା ପାଇଁ ପୂର୍ବରୁ ଦୁଇଟି ସ୍ଥିରୀକୃତ ତାରିଖରେ ପରୀକ୍ଷା ସ୍ଥଗିତ ରହିଥିଲା।

■ ବଢ଼ିଲା ଏସ୍‌ଆଇ ଓ ଇନ୍ସପେକ୍ଟରଙ୍କ କ୍ଷମତା

# ଏଣିକି ଏସ୍‌ସି/ଏସ୍‌ଟି ମାମଲାର କରିବେ ତଦନ୍ତ

ଭୁବନେଶ୍ୱର, ୩୦।୮ (ସମିସ): ଏଣିକି ସବ୍-ଇନ୍ସପେକ୍ଟର ଓ ଇନ୍ସପେକ୍ଟର ପାହ୍ୟାର ଅଧିକାରୀମାନେ ଏସ୍‌ସି/ଏସ୍‌ଟି ମାମଲାର ତଦନ୍ତ କରିପାରିବେ। ଏନେଇ ଆଜି ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବରୁ କେବଳ ଡେପୁଟି ସୁପରିନଟେଣ୍ଡେଣ୍ଟ (ଡିଏସପି) କିମ୍ବା ତଦୂର୍ଦ୍ଧ୍ୱ ପାହ୍ୟାର ଅଧିକାରୀ ଅନୁସୂଚିତ ଜାତି ଓ ଜନଜାତି ଜନିତ ମାମଲାର ତଦନ୍ତ କରୁଥିଲେ। ହେଲେ ଗୃହ ବିଭାଗ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ, ଏଣିକି ସବ୍-ଇନ୍ସପେକ୍ଟର୍ ଓ ଇନ୍ସପେକ୍ଟର୍ ପାହ୍ୟାର ଅଧିକାରୀ ମଧ୍ୟ ଏହି ମାମଲାର ତଦନ୍ତ କରିପାରିବେ। କେବଳ ତଦନ୍ତ ନୁହଁ, ଏସସି/ଏସଟି ମାମଲା ରୁଜୁ ସହ ଅଭିଯୁକ୍ତଙ୍କୁ ଗିରଫ ମଧ୍ୟ କରିପାରିବେ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ଅନୁସୂଚିତ ଜାତି ଓ ଜନଜାତି (ଅତ୍ୟାଚାର ଓ ନିବାରଣ) ଆଇନ ୧୯୮୯ର ଧାରା ୯ ଅନୁଯାୟୀ ରାଜ୍ୟ ସରକାର ଏହି କ୍ଷମତା ପ୍ରଦାନ କରିଛନ୍ତି।

# ଗର୍ଜନଖୋଲ ଜଳପ୍ରପାତରେ ଯୁବକ ନିଖୋଜ



ପାଲଲହଡ଼ା/ତେଲକୋଇ,୩୦।୮ (ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ନଗିରା ଗାଁ ଜଙ୍ଗଲରେ ଥିବା ଗର୍ଜନଖୋଲ ଜଳପ୍ରପାତରେ ବୁଡ଼ି ଶୁକ୍ରବାର ଜଣେ ଯୁବକ ନିଖୋଜ ହୋଇଯାଇଛନ୍ତି। ସେ ହେଲେ, କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ ବାଲରାଇ ଗ୍ରାମର ଅର୍ଜୁନ ବେହେରାଙ୍କ ସାନ ପୁଅ ଲିପୁନ ବେହେରା। ବାଂଶପାଳ ଅଗ୍ନିଶମ ବାହିନୀ ଖୋଜାଖୋଜି କରିଥିଲେ ମଧ୍ୟ ଲିପୁନଙ୍କ ପତ୍ତା ମିଳି ନ ଥିଲା। ସନ୍ଧ୍ୟା ହେବାରୁ ଉଦ୍ଧାର କାର୍ଯ୍ୟ ସ୍ଥଗିତ ରଖାଯାଇଥିଲା। ଶନିବାର ପୁଣି ପାଲଲହଡ଼ା ଥାନା ପୁଲିସ ଓ ବାଂଶପାଳ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି ଜାରି ରଖିଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଲିପୁନଙ୍କ ପତ୍ତା ମିଳିନାହିଁ। ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ବାଂଶପାଳ ବ୍ଲକ ବାଲରାଇ ଗାଁର ଲିପୁନ ବେହେରା, ଶୁଭମ୍ ପଲେଇ ଏବଂ ଗୋପପୁର ଗ୍ରାମର ଗିରିଧାରୀ ପଲେଇ ତିନିଜଣ ଏକାଠି ଗର୍ଜନଖୋଲ ଜଳପ୍ରପାତ ବୁଲିବାକୁ ଆସିଥିଲେ। ଜଳପ୍ରପାତରେ ଗାଧୋଇବା ସମୟରେ ଲିପୁନ ନିଖୋଜ ହୋଇଯାଇଥିଲେ।

## ମହାନଦୀ ଜଳ ବିବାଦ: ଆପୋସ ସମାଧାନକୁ ଗୁରୁତ୍ୱ

# ସେପ୍ଟେମ୍ବରରେ ସର୍ବୋଚ୍ଚ ଯନ୍ତ୍ରୀସ୍ତରୀୟ ବୈଠକ

- ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ଚିହ୍ନଟ ଏବଂ ସମାଧାନ ନେଇ ହେବ ଆଲୋଚନା
- ଅକ୍ଟୋବରରେ ଉଭୟ ରାଜ୍ୟର ଜଳସମ୍ପଦ ସଚିବଙ୍କ ସହ ମୁଖ୍ୟ ସଚିବ ସ୍ତରରେ ହେବ ବୈଠକ
- ଡିସେମ୍ବରରେ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ହୋଇପାରେ ଭେଟଘାଟ

ଭୁବନେଶ୍ୱର,୩୦।୮ (ସମିସ): ମହାନଦୀ ଜଳବିବାଦ ମାମଲାରେ ରାଜ୍ୟ ସରକାର ଆପୋସ ସମାଧାନ ଚାହୁଁଥିବା ବେଳେ ଏନେଇ ଶନିବାର ଏକ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି। ମହାନଦୀ ଜଳବିବାଦ କ୍ଷେତ୍ରରେ ଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକୁ ଚିହ୍ନଟ ଏବଂ ସମାଧାନ କରିବା ପାଇଁ ଉଭୟ ରାଜ୍ୟର ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ (ଇଆଇସି)ଙ୍କ ନେତୃତ୍ୱରେ ବୈଷୟିକ କମିଟି ଆସନ୍ତା ସେପ୍ଟେମ୍ବର ମାସରେ ସାପ୍ତାହିକ ବୈଠକ କରିବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ଏନେଇ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସୂଚନା ପ୍ରଦାନ କରିଛନ୍ତି। ଶନିବାର ଉଭୟ ଓଡ଼ିଶା ଏବଂ ଛତିଶଗଡ଼ର ମୁଖ୍ୟ ସଚିବ ଏବଂ ବରିଷ୍ଠ ଜଳସମ୍ପଦ ଅଧିକାରୀମାନେ ଏନେଇ ବୈଠକ କରି ବିଚାରବିମର୍ଶ କରିଛନ୍ତି। ଆଲୋଚନା ଏବଂ ସହଯୋଗ ମାଧ୍ୟମରେ ପାରସ୍ପରିକ ସମାଧାନ ପାଇଁ ଉଭୟ ରାଜ୍ୟ ଆନ୍ତରିକ ଏବଂ ସୌହାର୍ଦ୍ଦପୂର୍ଣ୍ଣ ଭାବରେ କାର୍ଯ୍ୟ କରିବାକୁ ରାଜି ହୋଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି।

ବୈଠକର ନିଷ୍ପତ୍ତି ଅନୁଯାୟୀ, ଅନୁଷ୍ଠିତ ହେବାକୁ ଥିବା ସାପ୍ତାହିକ ବୈଠକରେ ବୈଷୟିକ କମିଟିଗୁଡ଼ିକ ମହାନଦୀ ଜଳ ବଣ୍ଟନ ଉପରେ ଦୃଢ଼ ସମନ୍ୱୟ ପାଇଁ ସଂସ୍ଥାଗତ ଢାଞ୍ଚା ସୃଷ୍ଟି କରିବା ବିଷୟରେ ମଧ୍ୟ ଆଲୋଚନା କରିବେ। ଅଗ୍ରଗତି ସମୀକ୍ଷା ଏବଂ ଆଲୋଚନାକୁ ଆଗକୁ ନେବା ପାଇଁ ଅକ୍ଟୋବରରେ ଉଭୟ ରାଜ୍ୟର ଜଳସମ୍ପଦ ସଚିବଙ୍କ ସହିତ ମୁଖ୍ୟ ସଚିବସ୍ତରରେ ଏକ ବୈଠକ ଆୟୋଜନ କରାଯିବ। ଉଭୟ ରାଜ୍ୟର ଲୋକଙ୍କ ସ୍ୱାର୍ଥ ପାଇଁ ଅଗ୍ରଗତି ସମୀକ୍ଷା କରିବା ଏବଂ ମହାନଦୀ ଜଳ ବିବାଦର ଏକ ସୌହାର୍ଦ୍ଦପୂର୍ଣ୍ଣ, ଦୀର୍ଘକାଳୀନ ସମାଧାନ ଅନୁସନ୍ଧାନ କରିବା ପାଇଁ ଆସନ୍ତା ଡିସେମ୍ବରରେ ଓଡ଼ିଶା ଏବଂ ଛତିଶଗଡ଼ର ମୁଖ୍ୟମନ୍ତ୍ରୀ ସାକ୍ଷାତ କରିପାରନ୍ତି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଆସନ୍ତା ସେପ୍ଟେମ୍ବର ୬ ତାରିଖରେ ମହାନଦୀ ଜଳ ବିବାଦ ମାମଲାର ୪୫ତମ ଶୁଣାଣି ଧାର୍ଯ୍ୟ ହୋଇଛି। ୪୪ତମ ଶୁଣାଣିରେ ଓଡ଼ିଶା ପକ୍ଷରୁ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଉଭୟ ସରକାରଙ୍କ ପକ୍ଷରୁ ମହାନଦୀ ବିବାଦର ଆପୋସ ସମାଧାନ ପାଇଁ ଏଯାବତ୍ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇଥିଲେ। ଉଭୟ ରାଜ୍ୟରେ ପ୍ରଶାସନିକ ତଥା ରାଜନୈତିକସ୍ତରରେ ଆପୋସ ସମାଧାନ ପାଇଁ ଉଦ୍ୟମ ଜାରି ରହିଛି ବୋଲି ସେ କହିଥିଲେ। ଏପରିସ୍ଥଳେ ଉଭୟ ରାଜ୍ୟ ପାରସ୍ପରିକ ଆଲୋଚନାକୁ ଗୁରୁତ୍ୱ ଦେଉଥିବା ବେଳେ ଆସନ୍ତା ଶୁଣାଣିରେ ଉଭୟ ପକ୍ଷ ଟ୍ରିବ୍ୟୁନାଲରେ କେଉଁ ଯୁକ୍ତି ଉପସ୍ଥାପନ କରୁଛନ୍ତି, ତାହାକୁ ନେଇ ବିଶେଷଜ୍ଞ ମହଲରେ ଉତ୍କଣ୍ଠା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଏ ସଂକ୍ରାନ୍ତରେ ପ୍ରତିପକ୍ଷ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କୁ ଚିଠି ଲେଖିଥିଲେ। ଜୁଲାଇ ୨୫ରେ ଲେଖିଥିବା ଚିଠିରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମହାନଦୀ ବିବାଦରେ ଆପୋସ ସମାଧାନକୁ ଗୁରୁତ୍ୱାରୋପ କରିଥିବା ବେଳେ ଏହି ପ୍ରସ୍ତାବ ବିଚାରାଧୀନ ରହିଛି ବୋଲି ଛତିଶଗଡ଼ ମୁଖ୍ୟମନ୍ତ୍ରୀ କହିଥିଲେ। ଅପରପକ୍ଷେ ନିକଟରେ ସାମାଜିକ ସଂସ୍ଥା ମହାନଦୀ ବଞ୍ଚାଅ, ଜୀବିକା ବଞ୍ଚାଅ ଆନ୍ଦୋଳନ ପକ୍ଷରୁ ମଧ୍ୟ ବିବାଦର ସମାଧାନ ପାଇଁ ଛତିଶଗଡ଼ର ରାୟପୁରଠାରେ ମହାନଦୀ ସମସ୍ୟାର ସମାଧାନ ପାଇଁ ଏକ ଗୋଲଟେବୁଲ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଳପୁରୁଷ ରାଜେନ୍ଦ୍ର ସିଂ ଯୋଗ ଦେଇଥିଲେ। ବୈଠକରେ ଦୁଇ ରାଜ୍ୟର ସରକାର ନିଜ ଭିତରେ ଆଲୋଚନାକୁ ସୀମିତ ନରଖି ଏଥିରେ ନଦୀ ସହ ସଂଶ୍ଳିଷ୍ଟ ଅଂଶୀଦାରମାନଙ୍କୁ ସାମିଲ କରିବାକୁ ଅନୁରୋଧ କରାଯାଇଥିଲା। ଏହାସହ କୌଣସି ଆପୋସ ସମାଧାନକୁ ଯିବା ପୂର୍ବରୁ ଅଣମୌସୁମୀ ସମୟରେ ଯେତିକି ପାଣି ଓଡ଼ିଶାର ଆବଶ୍ୟକତା ଅଟେ, ତାହା ଛାଡ଼ିବାକୁ ସର୍ତ୍ତ ରହିବା ଜରୁରୀ ବୋଲି ମତପ୍ରକାଶ ପାଇଥିଲା।

# ବଢ଼ିବ ଚାଷୀ ପଞ୍ଜୀକରଣ ଅବଧି

## ଜାଲିଆତି କରିଥିବା ଚାଷୀଙ୍କୁ ଧରିବେ ସରକାର

ଭୁବନେଶ୍ୱର, ୩୦।୮ (ସମିସ): ଖରିଫ୍ ଚାଷ ପଞ୍ଜୀକରଣ ଅବଧି ବୃଦ୍ଧି ପାଇବ। କୌଣସି କାରଣବଶତଃ ପଞ୍ଜୀକରଣ ପ୍ରକ୍ରିୟାରେ ସାମିଲ ହୋଇପାରିନଥିବା ଚାଷୀଙ୍କୁ ସୁଯୋଗ ମିଳିବ। ଏ ସମ୍ପର୍କରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ ବୋଲି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏବର୍ଷ ରେକର୍ଡସଂଖ୍ୟକ ଚାଷୀ ପଞ୍ଜୀକରଣ କରିଛନ୍ତି। ଯେଉଁମାନେ ଚାଷ ଛାଡ଼ିଥିଲେ, ସେମାନେ ଚାଷ କାର୍ଯ୍ୟକୁ ଫେରୁଛନ୍ତି।

ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଖରିଫ ଧାନ ବିକ୍ରି ପାଇଁ ସର୍ବାଧିକ ୧୯ ଲକ୍ଷ ୬୭ହଜାର ଚାଷୀ ପଞ୍ଜିକରଣ କରିଛନ୍ତି। ହେଲେ ଏ ଭିତରେ ଜାଲିଆତି କରି ପଞ୍ଜୀକରଣ କରିଥିବା ଲୋକଙ୍କ ତାଲିକା ସରକାରଙ୍କ ହାତରେ ଲାଗିଛି। ଜାଲିଆତି କରି ପଞ୍ଜୀକରଣ କରିଥିବା ଚାଷୀଙ୍କୁ ଚିହ୍ନଟ ପାଇଁ ସବୁ ଜିଲ୍ଲାପାଳଙ୍କୁ ଖୁବଶୀଘ୍ର ଯୋଗାଣ ବିଭାଗ ଚିଠି କରିବ। ଏଥିରେ ସମ୍ପୃକ୍ତ ଥିବା ଚାଷୀ, ସମବାୟ ଅଧିକାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ତେଣୁ ଏ ସବୁର କ୍ଷେତ୍ରସ୍ତରୀୟ ଯାଞ୍ଚ ପରେ ଜାଲିଆତିରେ ସମ୍ପୃକ୍ତ ଥିବା ଚାଷୀ ଓ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭାଗ ଯୋଜନା କରୁଛି।


ବଡ କଥା ହେଲା, ୨୦୨୫-୨୬ ରବି ଫସଲ ସମୟରେ ୧ ଲକ୍ଷ ୮୧ ହଜାର ୬୮୪ ଚାଷ ହୋଇ ନଥିବା ଜମି ପଞ୍ଜୀକରଣ ହୋଇଥିଲା। ଯୋଗାଣ ବିଭାଗର ଏ ଚିଠିରେ ଏହାକୁ ସ୍ପଷ୍ଟ କରିଥିଲା। ପୁଣିଥରେ ଚଳିତ ଖରିଫ ପଞ୍ଜୀକରଣ ସମୟରେ ବିଭାଗ ନଜରକୁ ଏପ୍ରକାର ଜାଲିଆତି ଆସିଛି। ତେଣୁ ଜାଲିଆତି କରିଥିବା ଚାଷୀ ଓ ଅଧିକାରୀଙ୍କୁ ଆଗୁଆ ଚିହ୍ନଟ ସହ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। ମାତ୍ର ରବି ଫସଲ ସମୟରେ ଧରାପଡ଼ିଥିବା ଚାଷୀଙ୍କ ବିରୋଧରେ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି। ତେଣୁ ଏଥର ବି କେବଳ ସରକାର କଥାରେ କହି ଚୁପ୍ ବସିଯିବେ ବୋଲି ବିରୋଧୀ ଅଭିଯୋଗ କରିଛନ୍ତି।

# ରାଜ୍ୟରେ ସାର ଅଭାବ ପାଇଁ ସରକାର ଦାୟୀ: ବିଜେଡି

## ତୁରନ୍ତ ସମାଧାନ ନହେଲେ ରାଜ୍ୟବ୍ୟାପୀ ଚାଷୀ ଆନ୍ଦୋଳନ

ଭୁବନେଶ୍ୱର, ୩୦।୮ (ସମିସ): ରାଜ୍ୟରେ ସାର ଅଭାବକୁ ନେଇ ଚାଷୀମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ରାଜ୍ୟ ସରକାରଙ୍କୁ ଏଥିପାଇଁ ଦାୟୀ କରିଛି ବିଜୁ ଜନତା ଦଳ। ଦଳର ବରିଷ୍ଠ ନେତା ତଥା ବିଧାୟକ ଡ. ଅରୁଣ ସାହୁ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ସାରର ନିଅଣ୍ଟିଆ ସ୍ଥିତି ଦେଖାଦେଇଥିବା ବେଳେ ସାରବିକ୍ରିରେ ଅନିୟମିତତା, କଳାବଜାର ଓ ଅତ୍ୟଧିକ ଦରବୃଦ୍ଧି ଚାଷୀକୁଳକୁ ହନ୍ତସନ୍ତ କରୁଛି। ଏହି ସମସ୍ୟାର ସମାଧାନ ପାଇଁ ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ରାଜ୍ୟ ସରକାର ନିଜକୁ ଲୋକଙ୍କ ସରକାର ବୋଲି ଦାବି କରୁଛନ୍ତି। କିନ୍ତୁ କୃଷକମାନେ କ'ଣ ରାଜ୍ୟର ନୁହଁନ୍ତି କି ବୋଲି ଡ. ସାହୁ ପ୍ରଶ୍ନ କରିଛନ୍ତି। ରାଜ୍ୟର ଚାଷୀକୁଳଙ୍କ ସମସ୍ୟାକୁ ବୁଝି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ କେନ୍ଦ୍ର ସାର ମନ୍ତ୍ରୀଙ୍କୁ ଚିଠି ଲେଖି ଏହାର ତ୍ୱରିତ ସମାଧାନ ପାଇଁ ଦାବି କରିଛନ୍ତି। ସେ ଆହୁରି କହିଛନ୍ତି, ଏକଦା ଚାଉଳ ନିଅଣ୍ଟିଆ ରାଜ୍ୟ ଭାବେ ପରିଚୟଥିବା ଓଡ଼ିଶା ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ଚାଉଳ ବଳକା ରାଜ୍ୟରେ ପରିଣତ ହେବା ସହିତ ଚାଉଳ ଉତ୍ପାଦନ କ୍ଷେତ୍ରରେ ଦେଶର ତୃତୀୟ ଶ୍ରେଷ୍ଠ ରାଜ୍ୟର ମାନ୍ୟତା ପାଇଛି। ଏହି ସ୍ଥିତିରେ ରାଜ୍ୟ ସରକାର ଚାଷୀଙ୍କ ସ୍ୱାର୍ଥକୁ ପ୍ରାଥମିକତା ଦେଇ ତାଙ୍କୁ ସାର ଭଳି ଆବଶ୍ୟକ ସାମଗ୍ରୀ ସୁବିଧାରେ ଯୋଗାଇ ଦେବାର ଆବଶ୍ୟକତା ରହିଛି। ସାର ଯୋଗାଇଦେବାରେ ରାଜ୍ୟ ସରକାର ବିଫଳ ହୋଇଛନ୍ତି। ଯାହାକୁ ନେଇ କୃଷକମାନେ ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସାରଜନିତ ଯନ୍ତ୍ରଣାରୁ ମୁକ୍ତି ପାଇଁ ସରକାର ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଅନ୍ତୁ। ନଚେତ୍ ରାଜ୍ୟବ୍ୟାପୀ କୃଷକ ଆନ୍ଦୋଳନକୁ ସମ୍ମୁଖୀନ ହେବାକୁ ପ୍ରସ୍ତୁତ ରୁହନ୍ତୁ ବୋଲି ଡ. ସାହୁ କହିଛନ୍ତି।

# ଭୁବନେଶ୍ୱରରୁ ଆରମ୍ଭ ହେବ ଏସ୍‌ସି/ଏସ୍‌ଟିଙ୍କ ବିକାଶ: ଓମ୍ ବିର୍ଲା




ଭୁବନେଶ୍ୱର,୩୦।୮ (ସମିସ): ଅନୁସୂଚିତ ଜାତି ଓ ଜନଜାତି(ଏସ୍‌ସି/ଏସ୍‌ଟି)ଙ୍କ ବିକାଶର ରୋଡ଼ମ୍ୟାପ ଭୁବନେଶ୍ୱରରୁ ଆରମ୍ଭ ହେବ। ଅନୁସୂଚିତ ଜାତି, ଅନୁସୂଚିତ ଜନଜାତିଙ୍କ ପାଇଁ ଅନେକ ଯୋଜନା କରାଯାଇଛି। ସେଗୁଡ଼ିକର ସଠିକ ପ୍ରଣୟନ ହେଲେ ଏହି ବର୍ଗ ସମାଜରେ ଅନ୍ୟମାନଙ୍କ ଭଳି ଉନ୍ନତି କରିବା ସହ ତାଳମିଳାଇ ଆଗକୁ ଅଗ୍ରସର ହେଇପାରିବେ। ଭୁବନେଶ୍ୱର ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ଅଧକ୍ଷମାନଙ୍କ ଦୁଇଦିନିଆ ଜାତୀୟ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଲୋକସଭାର ବାଚସ୍ପତି ଓମ୍ ବିର୍ଲା ଯୋଗଦେଇ ଏହା କହିଛନ୍ତି।

ଲୋକସଭା ବାଚସ୍ପତି କହିଲେ, ସଂସଦୀୟ କମିଟି ବଜେଟ୍ ସମୀକ୍ଷା କରିବା ସହ ଶତପ୍ରତିଶତ ଖର୍ଚ୍ଚ ପାଇଁ ଚେଷ୍ଟିତ ହେବା ଜରୁରି। ପ୍ରଯୁକ୍ତିବିଦ୍ୟା ଏବଂ ସୁଶାସନକୁ ଗ୍ରହଣ କଲେ ବଞ୍ଚିତ ବର୍ଗ ଉନ୍ନତିରେ ଏହା ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଏହି କର୍ମଶାଳାରେ ରାଜ୍ୟ ଏବଂ କେନ୍ଦ୍ରର କମିଟି ଗୁଡ଼ିକ ଦ୍ୱାରା ବଞ୍ଚିତ ବର୍ଗ ପାଇଁ ବିଭିନ୍ନ ସମସ୍ୟାର ସମାଧାନ ବାବଦରେ ଆଲୋଚନା ହୋଇଛି। ମିଳିଥିବା ମତାମତରୁ ସଂସଦୀୟ କମିଟି ଲୋକଙ୍କ ହିତରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସେସବୁକୁ କାର୍ଯ୍ୟକାରୀ କରାଯିବ। ଗଣମାଧ୍ୟମ ପ୍ରତିନିଧିମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତରରେ ଶ୍ରୀ ବିର୍ଲା କହିଲେ, ଏହି ସମ୍ମିଳନୀର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅନୁସୂଚିତ ଜାତି ଅନୁସୂଚିତ ଜନଜାତିମାନଙ୍କ ସମସ୍ୟା, ସୁବିଧା, ସୁରକ୍ଷା ଓ କଲ୍ୟାଣମୂଳକ କାର୍ଯ୍ୟକ୍ରମର ସଫଳ ପ୍ରଣୟନ ସହ ଏହାକୁ କିପରି ତ୍ୱରାନ୍ୱିତ କରାଯାଇପାରିବ ସେ ଦିଗରେ ଗୁରୁତ୍ୱ ଦିଆଯିବ।

ଏହି ଅବସରରେ ଅନୁସୂଚିତ ଜାତି ଅନୁସୂଚିତ ଜନଜାତି କଲ୍ୟାଣ ସଂସଦୀୟ କମିଟିର ଅଧ୍ୟକ୍ଷ ଫଗନ ସିଂ କୁଲସ୍ତେ କହିଲେ, ବଞ୍ଚିତ ବର୍ଗମାନଙ୍କର ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ କମିଟି ପ୍ରତିଶ୍ରୁତିବଦ୍ଧ। ସେ ସମସ୍ତଙ୍କୁ ଏକଜୁଟ ହୋଇ କାମ କରି ଅନୁସୂଚିତ ଜାତି ଅନୁସୂଚିତ ଜନଜାତିମାନଙ୍କ ପାଖରେ ସରକାରଙ୍କ କଲ୍ୟାଣମୂଳକ ଯୋଜନାର ଲାଭ ପହଞ୍ଚାଇବାରେ ସକ୍ରିୟ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମିଳନୀରେ ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ସାମାଜିକ-ଆର୍ଥିକ ସଶକ୍ତୀକରଣ ସମ୍ପର୍କରେ ଆଲୋଚନା ହୋଇଥିଲା। ସମ୍ମିଳନୀରେ ଗ୍ରହଣ କରାଯାଇଥିବା ପ୍ରସ୍ତାବମାନ ସଂସଦ ଓ ରାଜ୍ୟ ବିଧାନସଭା ପାଇଁ ମାର୍ଗଦର୍ଶକ ଭାବେ କାର୍ଯ୍ୟ କରିବ। ସମ୍ମିଳନୀ ପ୍ରାରମ୍ଭରେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଧାନସଭା ସଚିବ ସତ୍ୟବ୍ରତ ରାଉତ ଧନ୍ୟବାଦ ଦେଇଥିଲେ।

ସୂଚନାଯୋଗ୍ୟ ଯେ ୨୫ ବର୍ଷ ପରେ ଏବଂ ଦିଲ୍ଲୀ ବାହାରେ ପ୍ରଥମ ଥର ପାଇଁ ଓଡିଶାରେ ଏହି ସମ୍ମିଳନୀ ସଫଳତାର ସହ ଅନୁଷ୍ଠିତ ହୋଇଛି।

## ମୋହନଙ୍କ କଥାରେ ସତ୍ୟତା ନାହିଁ

# କଂଗ୍ରେସ ଓ ରାହୁଲ ଗାନ୍ଧୀଙ୍କୁ ନିଃସର୍ତ୍ତ କ୍ଷମା ମାଗନ୍ତୁ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦।୮ (ସମିସ): ବିହାରରେ ଭୋଟର୍ ଅଧିକାର ଯାତ୍ରାକୁ ଅଭୂତପୂର୍ବ ଜନସମର୍ଥନ ଓ ସଫଳତା ଭାରତୀୟ ଜନତା ପାର୍ଟି ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏଣୁ କଂଗ୍ରେସ ଦଳକୁ ବଦନାମ କରିବାକୁ ବିଜେପି ସରକାର ଷଡ଼ଯନ୍ତ୍ର, ମିଥ୍ୟା ଓ ଅପପ୍ରଚାରର ବାଟକୁ ଆପଣାଇଛି। ଏଥିରେ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ସାମିଲ ହୋଇଛନ୍ତି। ମହମ୍ମଦ ରିଜିଭି ନାମକ ବ୍ୟକ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ତାଙ୍କ ସ୍ୱର୍ଗତା ମାତାଙ୍କ ପ୍ରତି ଅତ୍ୟନ୍ତ ଅଶାଳୀନ, ଅରୁଚିକର ମନ୍ତବ୍ୟ ପ୍ରଦାନ କରିଥିଲେ। ତେବେ ରିଜଭି ବିଜେପି ସଂଖ୍ୟାଲଘୁ ସେଲର ବୋଲି ଜଣାପଡ଼ିବା ପରେ ବିଜେପିର ସବୁ ଷଡ଼ଯନ୍ତ୍ର ଧରାପଡ଼ିଗଲା। ରିଜଭି ଭାରତୀୟ ଜନତା ପାର୍ଟିର ସଂଖ୍ୟାଲଘୁ ବିଭାଗର ସଦସ୍ୟ ବୋଲି ସମସ୍ତ ଗଣମାଧ୍ୟମରେ ପ୍ରକାଶିତ ହେଲା। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହାନ ଓ ଅନ୍ୟ ନେତୃବୃନ୍ଦଙ୍କ ସହ ରିଜଭିଙ୍କ ଫଟୋ ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ମୁଖ୍ୟମନ୍ତ୍ରୀଙ୍କ ଏହି ଅପପ୍ରଚାରାକୁ ଦୋହରାଇବା ଅତ୍ୟନ୍ତ ନିନ୍ଦନୀୟ। ଏଣୁ ମୁଖ୍ୟମନ୍ତ୍ରୀ ତୁରନ୍ତ ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ଦଳକୁ କ୍ଷମା ମାଗନ୍ତୁ ବୋଲି କଂଗ୍ରେସ ଦ୍ୱାରା ଆୟୋଜିତ ଏକ ସମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି।

କଂଗ୍ରେସ ନେତୃବର୍ଗ ଓ ଦଳକୁ ସାଧାରଣ ଜନତାଙ୍କ ଆଗରେ ଅପମାନିତ କରିବା ଉଦ୍ଦେଶ୍ୟରେ ବିଜେପି ଦଳର ତୁଙ୍ଗ ନେତୃବୃନ୍ଦ ଜାଣିଶୁଣି ଏଭଳି ହୀନ ଓ ନୀଚ ଉଦ୍ୟମ କରିଛନ୍ତି ବୋଲି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ରଜନୀ କୁମାର ମହାନ୍ତି କହିଛନ୍ତି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିନା ତଥ୍ୟ ଆଧାରରେ ରାହୁଲ ଗାନ୍ଧୀ ଓ କଂଗ୍ରେସ ଦଳ ପ୍ରତି ଯେଉଁ ମନ୍ତବ୍ୟ ପ୍ରଦାନ କରିଛନ୍ତି, ଶ୍ରୀ ମହାନ୍ତି ଏହାର ପ୍ରତିବାଦ କରିଛନ୍ତି। ମୁଖ୍ୟମନ୍ତ୍ରୀ ସବୁ ସତ ଜାଣିଲା ପରେ ମଧ୍ୟ କାହିଁକି ଏଭଳି ମନ୍ତବ୍ୟ ଦେଲେ ବୋଲି ସେ ପ୍ରଶ୍ନ କରିଛନ୍ତି। ବିହାରରେ ରାହୁଲ ଗାନ୍ଧୀଙ୍କ ଭୋଟର୍ ଅଧିକାର ଯାତ୍ରା ବିପୁଳ ସମର୍ଥନ ମିଳିବା ଦେଖି ବିଜେପି ଭୟଭୀତ ହୋଇପଡ଼ିଥିବା ଦଳର ମୁଖପାତ୍ର ନିଶିକାନ୍ତ ମିଶ୍ର କହିଛନ୍ତି।


ବ୍ରହ୍ମପୁର ମହାନଗର ନିଗମ

## ବ୍ରହ୍ମପୁର ମହାନଗର ନିଗମ

### ସବୁଜ ସୁନ୍ଦର ବ୍ରହ୍ମପୁର ସହର ପାଇଁ ସର୍ବସାଧାରଣଙ୍କୁ ଅନୁରୋଧ

**କରନ୍ତୁ**

(୧) ଆପଣଙ୍କ ଘର / ଅନୁଷ୍ଠାନ ର ଓଦା ବର୍ଜ୍ୟବସ୍ତୁ ଯଥା ପରିବା ଚୋପା, ବାସି ଖାଦ୍ୟ ଇତ୍ୟାଦି ଶାଗୁଆ ରଙ୍ଗର ଡଷ୍ଟବିନ୍‌ରେ ଏବଂ ଶୁଖିଲା ବର୍ଜ୍ୟବସ୍ତୁ ଯଥା କାଗଜ / ପ୍ଲାଷ୍ଟିକ୍ ଇତ୍ୟାଦି କୁ ନୀଳ ରଙ୍ଗର ଡଷ୍ଟବିନ୍‌ରେ ଅଲଗା ଅଲଗା କରି ରଖନ୍ତୁ ଏବଂ ଦୈନିକ ମହାନଗର ନିଗମ ଦ୍ୱାରା ନିୟୋଜିତ ଆବର୍ଜନା ସଂଗ୍ରହ କାରୀ ଯାନରେ ପକାନ୍ତୁ ।
(୨) ବର୍ଜ୍ୟବସ୍ତୁ ସଂଗ୍ରହ ପାଇଁ ଉପଭୋକ୍ତା ଦେୟ ସ୍ୱଚ୍ଛସାଥୀଙ୍କୁ ପ୍ରଦାନ କରନ୍ତୁ ।
(୩) ବର୍ଜ୍ୟବସ୍ତୁ ଉତ୍ପାଦନକୁ କମ୍ କରନ୍ତୁ ।
(୪) ସେପଟିକ୍ ଟ୍ୟାଙ୍କ ସହିତ ଶୌଚାଳୟକୁ ସଂଯୋଗ କରନ୍ତୁ ଏବଂ ଏହାକୁ ପ୍ରତି ତିନି ବର୍ଷରେ ଥରେ ସଫା କରନ୍ତୁ ।
(୫) ଅତି କମ୍‌ରେ ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ପରିଷ୍କାର ପରିଚ୍ଛନ୍ନତା ବଜାୟ ରଖନ୍ତୁ ।

**କରନ୍ତୁ ନାହିଁ:**

(୧) ଗୋଟିଏ ଡ଼ଷ୍ଟବିନ୍‌ରେ ଓଦା ଏବଂ ଶୁଖିଲା ଅଳିଆ ମିଶ୍ରଣ କରନ୍ତୁ ନାହିଁ ।
(୨) ଘରୋଇ ପଚାସଢ଼ା ବର୍ଜ୍ୟବସ୍ତୁ ଏବଂ ଘରୋଇ ବର୍ଜ୍ୟବସ୍ତୁ ସହ ଅଦରକାରୀ ପଦାର୍ଥ ଯଥା କାଗଜ, ପ୍ଲାଷ୍ଟିକ୍ ଇତ୍ୟାଦି ମିଶ୍ରଣ କରନ୍ତୁ ନାହିଁ ।
(୩) ବାଲକୋନି / ଝରକାରୁ ସର୍ବସାଧାରଣ ରାସ୍ତା କିମ୍ବା ଡ୍ରେନ୍‌କୁ ଅଳିଆ ପକାନ୍ତୁ ନାହିଁ ।
(୪) ଶୌଚାଳୟକୁ ନର୍ଦ୍ଦମା ସହ ସଂଯୋଗ କରନ୍ତୁ ନାହିଁ ।
(୫) ନିଜର ୫ ମିଟର ପରିସର ପର୍ଯ୍ୟନ୍ତ ଅପରିଷ୍କାର କରନ୍ତୁ ନାହିଁ ।
(୬) ପଲିଥିନ୍ ବ୍ୟାଗ୍, କପ୍, ପ୍ଲାଷ୍ଟିକ୍ ଚାମଚ, ଥରମୋକଲ ଇତ୍ୟାଦି ବ୍ୟବହାର କରନ୍ତୁ ନାହିଁ ।
(୭) ଟାୟର, ଫୁଲକୁଣ୍ଡ, ଅନ୍ୟାନ୍ୟ ପାତ୍ର ଇତ୍ୟାଦିରେ ଦିନ ଦିନ ବ୍ୟାପି ପାଣି ଜମା ହେବାକୁ ଦିଅନ୍ତୁ ନାହିଁ ।

ଶ୍ରୀ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ
କମିଶନର
ବ୍ରହ୍ମପୁର ମହାନଗର ନିଗମ

ଶ୍ରୀମତୀ ସଂଘମିତ୍ରା ଦଳେଇ,
ମେୟର
ବ୍ରହ୍ମପୁର ମହାନଗର ନିଗମ

ଶ୍ରୀ ଇ. ବିବେକ୍ ରେଡ୍ଡୀ
ଡ଼େପୁଟି ମେୟର
ଓ
ସମସ୍ତ କର୍ପୋରେଟର ବୃନ୍ଦ
ବ୍ରହ୍ମପୁର ମହାନଗର ନିଗମ

## ଭାଲୁ ଆକ୍ରମଣରେ ଆହତଙ୍କୁ ଆର୍ଥିକ ସହାୟତା

ଧର୍ମଶାଳା,୩୦।୮ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ସଂପାରୁ ପଞ୍ଚାୟତ ତୁରଙ୍ଗ ଗ୍ରାମର ବାବୁଲି ଜେନାଙ୍କ ପୁଅ ଚିନ୍ମୟ କୁମାର ଜେନା (୨୮) ଗତ ୨୭ ତାରିଖରେ ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଆଜ ଅପରାହ୍ଣରେ ଲାଙ୍ଗୁଡି ସୁରକ୍ଷା ମଞ୍ଚର ସମ୍ପାଦକ ଆଲୋକ ଜେନାସାମନ୍ତଙ୍କ ନିର୍ଦ୍ଦେଶକ୍ରମେ ମଞ୍ଚର ସଭାପତି ବ୍ରଜମୋହନ ବିଶ୍ୱାଳ, କୋଷାଧ୍ୟକ୍ଷ ଜୟନ୍ତ କୁମାର ସ୍ୱାଇଁ, ଉପଦେଷ୍ଟା ସବ୍ୟସାଚୀ ପଣ୍ଡା, ସହସମ୍ପାଦକ ପ୍ରଶାନ୍ତ କୁମାର ପୃଷ୍ଟି, ବ୍ରଜକିଶୋର ମହାନ୍ତି, ଲାବଣ୍ୟ ଜେନା, ବିଶ୍ୱଜିତ ବିଶ୍ୱାଳ, ବିନୋଦ ବିହାରୀ ବଳ, ମୃତ୍ୟୁଞ୍ଜୟ ରଥ, ବିଚିତ୍ରା ନନ୍ଦ ଦାସ, ଅଭିଷେକ ବାରିକ, ପ୍ରକାଶ କୁମାର ଡୋରା ଓ ସିପକ ଜେନାସାମନ୍ତ ପ୍ରମୁଖ ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଥିବା ଚିନ୍ମୟଙ୍କ ନିକଟରେ ପହଞ୍ଚି ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ତାଙ୍କ ବାପା ବାବୁଲି ଜେନାଙ୍କୁ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ମଞ୍ଚ ପକ୍ଷରୁ ଚିନ୍ମୟଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି।

## ପୋଖରୀରୁ ନିଖୋଜ ଯୁବକଙ୍କ ମୃତଦେହ ଉଦ୍ଧାର

କୟାଁଗୋଲା/ଦଶରଥପୁର, ୩୦।୮ (ସମିସ): ଦୁଇ ଦିନ ପୂର୍ବେ ଘରୁ ନିଖୋଜ ଥିବା ଜଣେ ଯୁବକଙ୍କ ମୃତଦେହ ପୋଖରୀ ଭିତରୁ ଉଦ୍ଧାର କରାଯାଇଛି। ମୃତ ଯୁବକ ମଙ୍ଗଳପୁର ଥାନା କମାରଡିହି ଅଞ୍ଚଳର ବାବାଜୀ ନାୟକଙ୍କ ପୁଅ ଭାଗବତ ନାୟକ(୪୦) ବୋଲି ଜଣାଯାଇଛି। ଭାଗବତ ଗତ ୨ ଦିନ ପୂର୍ବେ ନିଖୋଜ ଥିବା ନେଇ ତାଙ୍କ ଭାଉଜ ମଙ୍ଗଳପୁର ଥାନାରେ ଲିଖିତ ଭାବେ ଜଣାଇଥିଲେ। ଆଜି ପୂର୍ବାହ୍ଣରେ କମାରଡିହି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ ପୋଖରୀରେ ଭାଗବତର ମୃତଦେହ ଭାସୁଥିବା ଦେଖି ତୁରନ୍ତ ମଙ୍ଗଳପୁର ଥାନା ଏବଂ ଦଶରଥପୁର ଅଗ୍ନିଶମ ବିଭାଗକୁ ଖବର ଦିଆଯାଇଥିଲା। ଖବର ପାଇ ଅଗ୍ନିଶମ କର୍ମଚାରୀ ପୋଖରୀ ଭିତରୁ ମୃତ ଅବସ୍ଥାରେ ଭାଗବତଙ୍କୁ ଉଦ୍ଧାର କରି ଏକ ଅପମୃତ୍ୟୁ ମାମଲା ରୁଜୁ (୧୪/୨୫) କରିଛି। ଭାଗବତଙ୍କ ମୃତ୍ୟୁ ପରେ ତାଙ୍କ ପତ୍ନୀ ସମ୍ପୂର୍ଣ୍ଣ ଅସହାୟ ହୋଇପଡିଥିବା ବେଳେ ତାଙ୍କୁ ତୁରନ୍ତ ସରକାର ଆର୍ଥିକ ସହାୟତା ପ୍ରଦାନ କରିବାକୁ ଯୁବ ସମାଜସେବୀ ପ୍ରିୟବ୍ରତ ବିଶ୍ୱାଳ ଏବଂ ଗ୍ରାମବାସୀ ଦାବି କରିଛନ୍ତି।


## ମେଗା ପାନୀୟ ଜଳ ପ୍ରକଳ୍ପ
# ଟାଙ୍କି ଅଛି; ପାଣି ନାହିଁ

ଧର୍ମଶାଳା,୩୦।୮ (ସମିସ)

ସମସ୍ତ ପରିବାରକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ଧର୍ମଶାଳାର ବିଭିନ୍ନ ଅଞ୍ଚଳରେ ନିର୍ମିତ ହୋଇଥିଲା ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ। ଇତି ମଧ୍ୟରେ ନିର୍ମାଣର ୪ବର୍ଷ ବିତିଯାଇଥିଲେ ମଧ୍ୟ ନା ଏହା ସଚଳ ହୋଇପାରୁଛି ନା ଲୋକମାନେ ମୁନ୍ଦିଏ ପାଣି ପାଉଛନ୍ତି। ୪ବର୍ଷ ତଳେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ରାଇଛଦା ପଞ୍ଚାୟତର ବାଲିକୁଦିଆ ଗ୍ରାମ ନିକଟ ବ୍ରାହ୍ମଣୀ ନଦୀ କୂଳରେ ବୋରିଂ କରାଯାଇ ନିର୍ମାଣ ହୋଇଥିଲା ଏହି ପ୍ରକଳ୍ପ। ଏଥିସହିତ ବିଭିନ୍ନ ପଞ୍ଚାୟତକୁ ଏହି ବୋରିଂ ସହାୟତାରେ ନଦୀରୁ ପାଣି ଉଠାଇ ସମସ୍ତ ପରିବାରକୁ ଜଳ ଯୋଗାଇ ଦେବାର ଲକ୍ଷ୍ୟ ଥିଲା।

### ମେଣ୍ଟୁନି ଶୋଷ, ଲୋକେ ହତାଶ

ସେଥିପାଇଁ ବିଭିନ୍ନ ପଞ୍ଚାୟତରେ ଏବେ ସୁଦ୍ଧା ଓଭର ହେଡ୍ ଟାଙ୍କି ନିର୍ମାଣ ହୋଇସାରିଛି। ଏପରି କି ବିଭିନ୍ନ ଗ୍ରାମରେ ପାଇପ୍ ବିଛା ମଧ୍ୟ ହୋଇଛି। କେତେକ ସ୍ଥାନରେ ଏହା ଅସମ୍ପୂର୍ଣ୍ଣ ହୋଇ ପଡିରହିଛି। କେତେକ ଗ୍ରାମରେ ପାଇପ୍ ସଂଯୋଗ କାମ ଏବେ ସୁଦ୍ଧା ହୋଇପାରି ନାହିଁ। ଯେଉଁଠି ବି ହୋଇଛି ସେଠାରେ ରକ୍ଷଣା ବେକ୍ଷଣା ଅଭାବ ଓ ଦୀର୍ଘ ଦିନ ଧରି ଏହା ଅଧାପନ୍ତରିଆ ଭାବେ ପଡି ରହି ନଷ୍ଟ ହୋଇଗଲାଣି ତ ଆଉ କେଉଁଠି ଚୋରି ହୋଇଗଲାଣି। ସ୍ଥାନେ ସ୍ଥାନେ ଓଭର ହେଡ୍ ଟାଙ୍କି କାର୍ଯ୍ୟ ଅସମ୍ପୂର୍ଣ୍ଣ ଭାବେ ପଡ଼ିରହିଛି। ଧର୍ମଶାଳା ବ୍ଲକ ଅନ୍ତର୍ଗତ ଅଧିକାଂଶ ପଞ୍ଚାୟତରେ ଗ୍ରୀଷ୍ମ ଦିନେ ଜଳ ସଙ୍କଟ ଦେଖା ଦେଇଥାଏ। ଏପରିକି ଖରା ଦିନେ କେତେକ ପଞ୍ଚାୟତରେ ଟ୍ୟାଙ୍କର ସହାୟତାରେ ବିଭିନ୍ନ ଗ୍ରାମକୁ ପାଣି ଯୋଗାଇ ଦିଆଯାଇଥାଏ। ଏ ବାବଦରେ ପ୍ରତିବର୍ଷ ପ୍ରଚୁର ଅର୍ଥ ଖର୍ଚ୍ଚ ହୋଇଥାଏ। ଏହି ସମସ୍ୟାକୁ ସମାଧାନ ପାଇଁ ବିଭିନ୍ନ ପଞ୍ଚାୟତରେ ଏହି ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ଏବେସୁଦ୍ଧା ଏହି ବ୍ଲକର କୁମାରୀ, ଅଭୟପୁର ସୁନ୍ଦରିଆ, ଆରୁହା, ପାଖର ଓ ଜାରକା ଆଦି ପଞ୍ଚାୟତରେ ଓଭର ହେଡ୍ ଟାଙ୍କି ନିର୍ମାଣ କାର୍ଯ୍ୟ ବହୁ ଦିନରୁ ଶେଷ ହୋଇଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏହା କାର୍ଯ୍ୟକ୍ଷମ ହେଲେ ଲୋକେ ଏଥିରୁ ପାନୀୟଜଳର ସୁବିଧା ପାଇପାରିବେ। କାର୍ଯ୍ୟ ବିଳମ୍ବ ହେତୁ ଲୋକଙ୍କୁ ପାନୀୟ ଜଳ ସୁବିଧା ପାଇବାକୁ ଆଉ କେତେ ବର୍ଷ ଅପେକ୍ଷା କରିବାକୁ ପଡିବ ତାକୁ ନେଇ ଅନିଶ୍ଚିତତା ଦେଖା ଦେଇଛି। ଧର୍ମଶାଳାରେ ଏଭଳି ସମସ୍ୟା ଯୋଗୁଁ ଲୋକଙ୍କୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଣ ନାଁରେ ଲକ୍ଷ ଲକ୍ଷ ଟଙ୍କା ଅର୍ଥଶ୍ରାଦ୍ଧ ହୋଇଥିବା ଜଣାପଡିଛି। ବିକାଶର ପ୍ରୟୋଗଶାଳା ଭାବେ ପରିଚିତ ଧର୍ମଶାଳାରେ କାହିଁକି ବିଶୁଦ୍ଧ ପାନୀୟ ଜଳ ଟୋପେ ପାଇବା ପାଇଁ ଲୋକେ ଉହଳ ବିକଳ ହେଉଛନ୍ତି ବୋଲି ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତ ରାୟ ପ୍ରଶ୍ନ କରିଛନ୍ତି। ଧର୍ମଶାଳାର ଅନ୍ୟାନ୍ୟ ସ୍ଥାନରେ ପାଣି ପାଇପ୍ ବିଛା କାର୍ଯ୍ୟ ମଧ୍ୟ ଅଧପନ୍ତରିଆ ଭାବେ ପଡ଼ିରହିଛି। ଯେଉଁଠି ଠିକାଦାର କାର୍ଯ୍ୟରେ ଅବହେଳା କରୁଛନ୍ତି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଗତ ମାସରେ ଏ ବାବଦରେ ଯାଜପୁରର ତତ୍କାଳୀନ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ ମେଗା ପାନୀୟ ଜଳ ଯୋଗାଣ ବାବଦରେ ବିଭାଗୀୟ ଅଧିକାରୀଙ୍କ ସହିତ ସମୀକ୍ଷା କରି ପରେ ଏହି ବ୍ଲକର ବାଲିକୁଦିଆ ଗ୍ରାମକୁ ଗସ୍ତ କରି ଏହି ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ତୁରନ୍ତ ଚାଲୁ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏବେ ଲୋକମାନେ କିପରି ମେଗା ପାନୀୟ ଜଳର ସୁବିଧା ଖୁବଶୀଘ୍ର ପାଇପାରିବେ ସେଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।



## 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ


ଧର୍ମଶାଳା,୩୦।୮ (ସମିସ): ଧର୍ମଶାଳା ବ୍ଲକ କୁମାରୀ ପଞ୍ଚାୟତ ଦେଉଳି ପ୍ରାଥମିକ ବିଦ୍ୟାଳୟ ଓ ଗୋକର୍ଣ୍ଣେଶ୍ୱର ଉପ୍ରା ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ସ୍କୁଲ ପରିସରରେ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।



ଗୋକର୍ଣ୍ଣେଶ୍ୱର ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଧର୍ମଶାଳା ମଣ୍ଡଳ ଶିକ୍ଷାଧିକାରୀ ଅଭୟ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମଣ୍ଡଳ ଶିକ୍ଷାଧିକାରୀ ନିକୁଞ୍ଜ ବିହାରୀ ମହାନ୍ତି, ସମାଜସେବୀ ଇନ୍ଦ୍ରମଣି ମହାନ୍ତି, ଶିକ୍ଷାବିତ ତଥା ପ୍ରବଚକ ବିଭୁତି ଭୂଷଣ ପାଳ, ପୂର୍ବତନ ପ୍ରଧାନ ଶିକ୍ଷକ ପୀତବାସ ପାତ୍ର, ପାଲାକାର ବଟକୃଷ୍ଣ ବେହେରା, ସିଆର୍‌ସିସି ନିବେଦିତା ପରିଡା ପ୍ରମୁଖ ଯୋଗଦେଇ ମା'ପାଇଁ ଗଛଟିଏ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଧନେଶ୍ୱର ରାଉତ, ଆଭାରାଣୀ ମହାନ୍ତି ଓ ଫକୀର ସେଠୀଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଦେଉଳି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରୋଜାଲିନ ମଲ୍ଲିକ, ଶେଫାଳିକା ମହାନ୍ତି, ଶିକ୍ଷକ ବୈକୁଣ୍ଠ ପ୍ରଧାନ, ନାରାୟଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସାମ୍ବାଦିକ ଅଖିଳ କୁମାର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଡାକ୍ତର ବସନ୍ତ କିଶୋର ଜେନାଙ୍କ ପରଲୋକ

ବାଲିଚନ୍ଦ୍ରପୁର,୩୦।୮ (ସମିସ): ବଡ଼ଚଣା ବ୍ଲକ ତଥା ବାଲିଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ନାନପୁର ଗ୍ରାମର ପ୍ରତିଷ୍ଠିତ ଡାକ୍ତର ତଥା ଭୁବନେଶ୍ୱରସ୍ଥିତ ଲାଇଫ୍ ଲାଇନ ନର୍ସିଂହୋମର ପ୍ରତିଷ୍ଠାତା ଡାକ୍ତର ବସନ୍ତ କିଶୋର ଜେନା (୭୦)ଙ୍କ ଆଜି ସକାଳେ ଭୁବନେଶ୍ୱର ସ୍ଥିତ ତାଙ୍କ ବାସଭବନରେ ପରଲୋକ ଘଟିଛି। ସେ ଗତ କିଛି ବର୍ଷ ହେବ କିଡ୍‌ନୀ ଜନିତ ରୋଗରେ ପୀଡ଼ିତ ଥିଲେ।



ଭୁବନେଶ୍ୱରରୁ ଆଜି ତାଙ୍କ ମରଶରୀର ନିଜ ଗ୍ରାମ ଅଭିମୁଖେ ଆସିଲା ପରେ ବାଲିଚନ୍ଦ୍ରପୁର ବଜାରଠାରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ବାଲିଚନ୍ଦ୍ରପୁର ବଜାର ପରିକ୍ରମା କରାଯାଇ ସେ ପାଠ ପଢୁଥିବା ନନ୍ଦକିଶୋର ବିଦ୍ୟାମନ୍ଦିର କୁସୁପୁର ପର୍ଯ୍ୟନ୍ତ ନିଆଯାଇଥିଲା। ପରେ କୁସୁପୁର ଓ ନାନପୁର ଗ୍ରାମ ପରିକ୍ରମା କରାଯାଇ ମରଶରୀରକୁ ତାଙ୍କ ବାସଭବନକୁ ନିଆଯାଇଥିଲା। କଂଗ୍ରେସ ନେତା ଅଜୟ କୁମାର ସାମଲ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଶାରଦା ପ୍ରସନ୍ନ ମହାନ୍ତି, ସମଜସେବୀ କିରଣ କୁମାର ଶତପଥୀ, କବି ନିରଞ୍ଜନ ଜେନା, ଡ. ବସନ୍ତ କିଶୋର ସାହୁ, ପୂର୍ବତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ସରପଞ୍ଚ ପ୍ରତିନିଧି ଅମୀୟ ସାହାଣୀ, ପୂର୍ବତନ ସମିତି ସଭ୍ୟ ଅମୀୟ ବିଶ୍ୱାଳ, ରବୀନ୍ଦ୍ର କୁମାର ରାଉତରାୟ, ଅନିଲ କୁମାର ପଟ୍ଟନାୟକ, ସୁରେଶ ଚନ୍ଦ୍ର ବେହୁରା, ତପନ କୁମାର ରାଉତରାୟ, ଅଭିମନ୍ୟୁ ବଳ ଓ ପ୍ରକାଶ ଚନ୍ଦ୍ର ସାମଲଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ପରେ ଏଠାରୁ ତାଙ୍କ ଶବକୁ ଭୁବନେଶ୍ୱର ନିଆଯାଇ ସତ୍ୟନଗର ସ୍ଥିତ ଶ୍ମଶାନରେ ସତ୍କାର କରାଯାଇଥିବା ବେଳେ ଏକମାତ୍ର ପୁତ୍ର ସୋହମ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବାଲିଚନ୍ଦ୍ରପୁର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଦୁଇ ଅଧିକାରୀଙ୍କୁ ସମ୍ମାନିତ

କୟାଁଗୋଲା,୩୦।୮ (ସମିସ): କର୍ତ୍ତବ୍ୟନିଷ୍ଠ ଓ ମଣିଷ ପଣିଆ ପାଇଁ ଦଶରଥପୁର ଅଗ୍ନିଶମ ଅଧିକାରୀ ପର୍ଶୁରାମ ଜେନା ଓ ମଙ୍ଗଳପୁର ଥାନା ସବଇନ୍ସପେକ୍ଟର ବିଭୁତି ଭୁଷଣ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କାଣି ନଦୀର ବନ୍ୟା ତାଣ୍ଡବ ରଚିଥିବା ବେଳେ ଉଭୟ ସରକାରୀ କର୍ମଚାରୀ ନିଜ କର୍ତ୍ତବ୍ୟ ସୂଚାରୁରୂପେ ନିର୍ବାହ କରିବା ସହ ବନ୍ୟା ବିପନ୍ନଙ୍କୁ ସହଯୋଗର ହାତ ବଢ଼ାଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ଭିଡ଼ ନିୟନ୍ତ୍ରଣ, ପାଣିରେ ପଶି ପ୍ରଭାବିତ ଲୋକଙ୍କୁ ସେମାନଙ୍କ ସହାୟତା ଓ ଉଦ୍ଧାର କାର୍ଯ୍ୟ ପ୍ରଶଂସନୀୟ। ଦଶରଥପୁର ବ୍ଲକ୍‌ର ଗଣମାଧ୍ୟମ ପ୍ରତିନିଧି ଦେବେନ୍ଦ୍ର ସାମଲ, ସୀତାଂଶୁ ଶେଖର ଜେନା, ପ୍ରକାଶ ସାହୁ ପ୍ରମୁଖ ମଙ୍ଗଳପୁର ଥାନା ଅଧିକାରୀ ଜଗଦୀଶ କରଙ୍କ ମାଧ୍ୟମରେ ଉଭୟ ସରକାରୀ କର୍ମଚାରୀଙ୍କୁ ସେମାନଙ୍କ ଉଲ୍ଲେଖନୀୟ ସେବା ପାଇଁ ସମ୍ମାନିତ କରିଥଲେ। ଅନ୍ୟ ମାନେ ସେମାନଙ୍କ ଭଳି ହେବାକୁ ଥାନାଧିକାରୀ ଶ୍ରୀ କର ଆହ୍ୱାନ ଦେଇଥିଲେ। ଏସ୍‌ଆଇ ଅନିତା ପ୍ରଧାନ, ଏଏସ୍‌ଆଇ ଜଟାଧାରୀ ଦାସ, ଘନଶ୍ୟାମ ନାୟକ ଉପସ୍ଥିତ ଥିଲେ।

## ବନ୍ୟାବିପନ୍ନଙ୍କୁ ରିଲିଫ ବଣ୍ଟନ



ଯାଜପୁର,୩୦।୮ (ସମିସ): ରୋଟାରୀ ଓ ଇନରହୁଇଲ କ୍ଲବ ଆନୁକୂଲ୍ୟରେ ଦଶରଥପୁର ବ୍ଲକ ମଲ୍ଲିକାପୁର ପଞ୍ଚାୟତ ଅନ୍ତର୍ଗତ ଏକ ନମ୍ବର ୱାର୍ଡ ଓ ଦୁଇ ନମ୍ବର ୱାର୍ଡରେ ବନ୍ୟାବିପନ୍ନ ମାନଙ୍କ ପାଇଁ ଏକ ରିଲିଫ୍ ଶିବିର ଆୟୋଜନ କରାଯାଇଥିଲା। ଉକ୍ତ ଶିବିରରେ ଚାରିଶହ ପ୍ୟାକେଟ ଶୁଖିଲା ଖାଦ୍ୟ, ପାଣି ବୋତଲ, ମହମବତି ଓ ଦିଆସିଲି ବନ୍ୟା ପ୍ରପୀଡ଼ିତ ଲୋକଙ୍କ ମଧ୍ୟରେ ବଣ୍ଟନ କରାଯାଇଥିଲା। ଉକ୍ତ ଶିବିରକୁ ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ମନୋଜ କୁମାର ତ୍ରିପାଠୀ ଓ ଇନରହୁଇଲ କ୍ଲବ ଅଧ୍ୟକ୍ଷା ମଧୁସ୍ମିତା ତ୍ରିପାଠୀ ଓ ଡିଷ୍ଟ୍ରିକ୍ଟ ସେକ୍ରେଟାରୀ ଜେନେରାଲ ସୁରେଶ କୁମାର ସାହୁ ଉଦଘାଟନ କରି ରିଲିଫ୍ ବଂଟନ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହି ଶିବିର ରୋଟାରୀ କ୍ଲବ ଯାଜପୁରର ସଭାପତି ପ୍ରଦୀପ କୁମାର କରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ରୋଟାରୀ କ୍ଲବର ସମ୍ପାଦକ ସୁବାସ ଚନ୍ଦ୍ର ମହାପାତ୍ର, ଇନରହୁଇଲ କ୍ଲବର ସଭାପତି ସତ୍ୟଭାମା ପତି, ସମ୍ପାଦକ ଲିଲିରାଣୀ କର, ବିବେକାନନ୍ଦ ବିଶ୍ୱାଳ, ପ୍ରବୋଧ କୁମାର ନାୟକ, ଡ. ହରିଶ୍ ଚନ୍ଦ୍ର ପଣ୍ଡା, ଡ. ରାଜ କିଶୋର ପଣ୍ଡା, ଡ.ଭାଗୀରଥି ପାଣି, ପ୍ରବିର ରାୟ, ନିତ୍ୟାନନ୍ଦ ମିଶ୍ର, ଗିରିଶ ବିହାରୀ ମିଶ୍ର, କେଦାର ରାଉତ, ଡ.ସୁପ୍ରକାଶ ଶତପଥି, ପ୍ରସନ୍ନ କୁମାର ବିଶ୍ୱାଳ, ସୁଶାନ୍ତ ପଣ୍ଡା, ଗୌରୀ ପ୍ରିୟା ଦେବି, ତୁଷାରକାନ୍ତି ନାୟକ, ସୁରୁଚି ପାଣି, ପ୍ରେମଲତା ପଣ୍ଡା, ଯଜ୍ଞାସେନି ମହାନ୍ତି, ପ୍ରତିମା ସାହୁ, ବିଜୟଲକ୍ଷ୍ମୀ ମହାନ୍ତି, ଚିକିମିକି ହିରା ସାହୁ, ବିଜୟ ଲକ୍ଷ୍ମୀ ସ୍ୱାଇଁ, ମାନସୀ ରାଣୀ ଓଝା, ପ୍ରୀତିମୟି ନାୟକ ରୋଟାରୀ କ୍ଲବ ଓ ଇନରୱିଲ କ୍ଲବର ସଭ୍ୟ ଓ ସଭ୍ୟା ବୃନ୍ଦ ରିଲିଫ୍ ସାମଗ୍ରୀ ପ୍ୟାକେଜ ଠାରୁ ଆରମ୍ଭ କରି ପ୍ରତିକୂଳ ପାଗ ସତ୍ତ୍ୱେ ଉକ୍ତ ସ୍ଥାନରେ ବଣ୍ଟନ ପର୍ଯ୍ୟନ୍ତ ନିଷ୍ଠାପର ଭାବରେ ସାହାଯ୍ୟ ଓ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିଶିର କୁମାର ମାନ୍ଧାତା, ବିଶ୍ୱଜିତ୍ ଦାସ ଓ ହୃଦାନନ୍ଦ ଦାସ ବିଶେଷ ଭାବରେ ସାହାଯ୍ୟ କରିଥିଲେ।


ପବିତ୍ର ନିଖିଳ ଭାରତ "ସ୍ୱାୟତ ଶାସନ ଦିବସ-୨୦୨୫" ଅବସରରେ
ବ୍ୟାସନଗରର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା
ବ୍ୟାସନଗର ପୌର ପରିଷଦ, ବ୍ୟାସନଗର

ପୌରବାସୀଙ୍କୁ ନିବେଦନ-

୧. "ମୋ ଅଳିଆ ମୋ ଦାୟିତ୍ୱ" ଏଣୁ ନିଜ ଘରର ବର୍ଜ୍ୟବସ୍ତୁ, ଭଙ୍ଗାକାଚ ଓ ପ୍ଲାଷ୍ଟିକ ଜିନିଷ ଇତ୍ୟାଦି ରାସ୍ତା ଉପରେ କିମ୍ବା ଡ୍ରେନ୍ ଭିତରେ ନ ପକାଇ ପୌର ପାଳିକାର ନିୟୋଜିତ ଗାଡ଼ିକୁ ହସ୍ତାନ୍ତର କରନ୍ତୁ।
୨. ହୋଟେଲ୍ ଓ ବହୁତଳ ପ୍ରାସାଦ ଗୁଡ଼ିକ ନିଜର ଡ଼ଷ୍ଟବିନ୍ ବ୍ୟବହାର କରିବା ସହିତ ନିଜସ୍ୱ ଜାଗାରେ କଂପୋଷ୍ଟ ପିଟ୍ ଖୋଳି ସେଥିରେ ରଖନ୍ତୁ।
୩. ରାସ୍ତା ଉପରେ ଗାଈ, ଗୋରୁ ତଥା ଗୃହପାଳିତ ପଶୁଙ୍କୁ ଛାଡ଼ନ୍ତୁ ନାହିଁ।
୪. ରାସ୍ତା କଡ଼ରେ ଘର ତିଆରି ଉପକରଣ ଯଥା-ବାଲି, ଗୋଡ଼ି, ଇଟା ଇତ୍ୟାଦି ମହଜୁଦ କରନ୍ତୁ ନାହିଁ।
୫. ପୌର ପାଳିକାର ସମସ୍ତ ଟିକସ ଯଥା ସମୟରେ ପୈଠ କରନ୍ତୁ।
୬. ବ୍ୟାସନଗର ସହରରେ ଥିବା ସମସ୍ତ ବ୍ୟବସାୟୀ ପ୍ରତିଷ୍ଠାନ ମାନେ ସେମାନଙ୍କ ଟ୍ରେଡ୍ ଲାଇସେନସ୍ ଯଥା ସମୟରେ ପୌର କାର୍ଯ୍ୟାଳୟରୁ କରାଇ ନିଅନ୍ତୁ।
୭. ବାହ୍ୟଶୌଚରୁ ନିବୃତ ରୁହନ୍ତୁ, ବାହାରେ ଶୌଚ କରିବାର ନଜରକୁ ଆସିଲେ ପୌର ଆଇନ୍ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
୮. ପଲିଥିନ୍ ବ୍ୟବହାର କରନ୍ତୁ ନାହିଁ।
୯. ପାଇଖାନା ଟାଙ୍କି ସଫା କରିବା ପାଇଁ ପୌର ପରିଷଦ ତରଫରୁ ଭଡ଼ାସୂତ୍ରରେ ସେସପୁଲ୍ ବ୍ୟବହାର କରନ୍ତୁ।
୧୦. ଘରୋଇ ପାଇଖାନା ଗୁଡ଼ିକର ଆବର୍ଜ୍ଜନା ପାଣି ଡ୍ରେନକୁ ଛାଡ଼ନ୍ତୁ ନାହିଁ।

ପ୍ରଦୀପ କୁମାର ପାତ୍ରୀ, ନିର୍ବାହୀ ଅଧିକାରୀ, ବ୍ୟାସନଗର ପୌର ପରିଷଦ
ସମସ୍ତ ସଭ୍ୟା ଓ ସଭ୍ୟ ବୃନ୍ଦ, ବ୍ୟାସନଗର ପୌର ପରିଷଦ
ଶ୍ରୀଯୁକ୍ତ ସୁବାଶ ଚନ୍ଦ୍ର ବଳ, ଅଧ୍ୟକ୍ଷ, ବ୍ୟାସନଗର ପୌର ପରିଷଦ



ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ
"ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ
ସମସ୍ତଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ"
ଆମ ସହର ଆମର ଗର୍ବ ଓ ଗୌରବ
ଏହାକୁ ସଫା ରଖିବା ଆମ ସମସ୍ତଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ।।
"ସ୍ୱଚ୍ଛତା ହିଁ ସମ୍ମାନ"
କାର୍ଯ୍ୟନିର୍ବାହୀ ଅଧିକାରୀ
ଧାମନଗର ବିଜ୍ଞାପିତ ଅଞ୍ଚଳ ପରିଷଦ



ଆନନ୍ଦପୁର ପୌରପାଳିକା, ଆନନ୍ଦପୁର
ପ୍ରଗତିପଥେ ଆନନ୍ଦପୁର ପୌରପାଳିକା
ଆନନ୍ଦପୁର ପୌରବାସୀଙ୍କୁ ସ୍ୱାୟତ ଶାସନ ଦିବସ ୨୦୨୫ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରିବା ସହ ସମସ୍ତ ଉନ୍ନତିମୂଳକ କାର୍ଯ୍ୟର ସଫଳ ରୂପାୟନରେ ସହଯୋଗ ପାଇଁ ପୌରପାଳିକା ଅନୁରୋଧ କରୁଅଛି ।

ଆମର ପ୍ରୟାସ
- ବର୍ଷାଜଳ ନିଷ୍କାସନ ନିମନ୍ତେ ପୌରାଂଚଳ ସମସ୍ତ ୱାର୍ଡ଼ରେ ଡ୍ରେନେଜ୍ ବ୍ୟବସ୍ଥା ।
- ଆଦର୍ଶ ଶ୍ମଶାନ ନିର୍ମାଣ ।
- ସ୍ମାର୍ଟ ପାର୍କ ନିର୍ମାଣ ।
- ମାଇକ୍ରୋ କମ୍ପୋଷ୍ଟ ପ୍ଲାଣ୍ଟରୁ ଉତ୍ପାଦନ ଜୈବିକ ଖତ ସର୍ବସାଧାରଣ ନିମନ୍ତେ ବିକ୍ରୟ ।
- ସହରକୁ ପ୍ଲାଷ୍ଟିକମୁକ୍ତ କରିବା ନିମନ୍ତେ ପ୍ରୟାସ ।
- ପୌରାଂଚଳର ସମସ୍ତ ୱାର୍ଡ଼ର ରାସ୍ତାଗୁଡ଼ିକ ପେଭର ରାସ୍ତାରେ ରୂପାନ୍ତରୀକରଣ ।

ଆମର ନିବେଦନ
- ପରିବେଶ ନିର୍ମଳ ରଖନ୍ତୁ । ରାସ୍ତାକଡ଼ରେ ଅଳିଆ ଆବର୍ଜନା ପକାନ୍ତୁ ନାହିଁ । ଡ଼ଷ୍ଟବିନ୍ ବ୍ୟବହାର କରନ୍ତୁ ।
- ସର୍ବସାଧାରଣ ରାସ୍ତା କଡ଼ରେ ବାଲି, ଗୋଡ଼ି, ଇଟା ପକାଇ ରାସ୍ତା ଅବରୋଧ କରନ୍ତୁ ନାହିଁ ।
- ପୌରପାଳିକାର ଟିକସ ଯଥା ସମୟରେ ପୈଠ କରନ୍ତୁ ।
- ଗୃହପାଳିତ ପଶୁମାନଙ୍କୁ ଏଣେତେଣେ ବୁଲିବାକୁ ଛାଡ଼ନ୍ତୁ ନାହିଁ ।
- ବର୍ଜ୍ୟବସ୍ତୁର ସୁପରିଚାଳନା ନିମନ୍ତେ ପୌରପାଳିକାକୁ ସହ ଯୋଗକରନ୍ତୁ ।
- ପୌରପାଳିକା ବିନା ଅନୁମତିରେ ଗୃହ ନିର୍ମାଣ କରନ୍ତୁ ନାହିଁ ।

ସ୍ୱଚ୍ଛ ଆନନ୍ଦପୁର ସୁସ୍ଥ ଆନନ୍ଦପୁର
ଶ୍ରୀ ଦେବ ପ୍ରସାଦ ବଳ, ନିର୍ବାହୀ ଅଧିକାରୀ, ଆନନ୍ଦପୁର ପୌରପାଳିକା
ସମସ୍ତ ପାରିଷଦବୃନ୍ଦ, ଆନନ୍ଦପୁର ପୌରପାଳିକା
ଶ୍ରୀଶ୍ରୀ ରଜନୀରାଣୀ ଖଟୁଆ, ଅଧ୍ୟକ୍ଷା, ଆନନ୍ଦପୁର ପୌରପାଳିକା



ପୌରପରିଷଦ ବାଲେଶ୍ୱର
ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ପାଳନ -୨୦୨୫
ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ତା. ୩୧.୦୮.୨୦୨୫ ରିଖ ଅବସରରେ ବାଲେଶ୍ୱର ପୌରପାଳିକା ସମସ୍ତ ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଅଛି ଏବଂ ସହରର ସର୍ବାଙ୍ଗୀନ ବିକାଶ ପାଇଁ ଆପଣଙ୍କ ସହଯୋଗ ଆଶା କରୁଅଛି।
ନିବେଦନ :-
୦୧- ପୌର ସମ୍ପତ୍ତି ଆପଣଙ୍କର, ଏହାର ରକ୍ଷଣାବେକ୍ଷଣ ଆପଣଙ୍କର ଦାୟିତ୍ୱ ।
୦୨- ସହରର ରାସ୍ତା ଏବଂ ଡ୍ରେନ ଅବରୋଧ କରନ୍ତୁ ନାହିଁ ଏବଂ ଏଥିରେ ଅଳିଆ ପକାଇ ପରିବେଶ ଦୂଷିତ କରନ୍ତୁ ନାହିଁ।
୦୩- ସର୍ବ ସାଧାରଣ ସ୍ଥାନରେ ଏବଂ ରାସ୍ତାରେ ଗୃହ ପାଳିତ ପଶୁ ମାନଙ୍କୁ ଛାଡ଼ି ଜନସାଧାରଣଙ୍କ ଯାତାୟତରେ ଏବଂ ଯାନବାହନ ଚଳାଚଳରେ ବ୍ୟାଘାତ ସୃଷ୍ଟି କରନ୍ତୁ ନାହିଁ।
୦୪- ନୂତନ ଗୃହ ନିର୍ମାଣ ପୂର୍ବରୁ ପୌରପାଳିକାରୁ ନକ୍ସା ଅନୁମୋଦନ କରାଇ ନିଅନ୍ତୁ ।
୦୫- ଜଳ ନିଷ୍କାସନ ସୁରକ୍ଷିତ ଭାବେ ଡ୍ରେନରେ କରନ୍ତୁ ଓ ରାସ୍ତାକୁ ସଫା ରଖନ୍ତୁ ।
୦୬- ଗୃହର ବର୍ଜ୍ୟବସ୍ତୁକୁ ପୃଥକ ଭାବେ ରଖି ପୌରପାଳିକାରେ BOV ଗାଡିକୁ ପ୍ରଦାନ କରନ୍ତୁ ।
୦୭- ନିୟମିତ ଭାବେ ଘର ଟିକସ, ଦୋକାନ ଲାଇସେନ୍ସ ଟିକସ, ପୌରପାଳିକା ଦୋକାନ ଗୃହ ଭଡ଼ା ପଇଠ କରି ପୌରପାଳିକାର ଅର୍ଥନୈତିକ ପ୍ରଗତିରେ ସହାୟକ ହୁଅନ୍ତୁ ।
୦୮- ନିଜ ବାସଗୃହ ଏବଂ ବ୍ୟବସାୟ ପ୍ରତିଷ୍ଠାନରୁ ନିର୍ଗତ ବର୍ଜ୍ୟବସ୍ତୁର ସଫଳ ପରିଚାଳନା କରିବାରେ ସହାୟକ ହୁଅନ୍ତୁ ଏବଂ ଏକ ସ୍ୱଚ୍ଛ ସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରନ୍ତୁ ।
୯- ଯଥା ସମୟରେ ଜନ୍ମ, ମୃତ୍ୟୁ ଏବଂ ହିନ୍ଦୁ ବିବାହର ପଞ୍ଜୀକରଣ କରନ୍ତୁ ।
୧୦- ଜନସାଧାରଣଙ୍କ ପାଇଖାନା ଟାଙ୍କି ପ୍ରତି ୩ ବର୍ଷରେ ପୌରପାଳିକାର ସେସପୁଲ ଗାଡି ଦ୍ୱାରା ନିୟମ ଅନୁଯାୟୀ ସଫେଇ କରନ୍ତୁ ।
୧୧- ବାଲେଶ୍ୱର ସହରକୁ ସ୍ୱଚ୍ଛ, ନିର୍ମଳ,ସ୍ୱାସ୍ଥ୍ୟକର ସୁନ୍ଦର ଓ ସୁରକ୍ଷିତ କରି ଗଢି ତୋଳିବା ପାଇଁ ପୌରପାଳିକାକୁ ସହଯୋଗ କରନ୍ତୁ ।
ଶ୍ରୀମତୀ ନିର୍ଲିପ୍ତା ମହାନ୍ତି, ଓ.ପ୍ର.ସେ -୧ (ଏସ.ବି), କାର୍ଯ୍ୟ ନିର୍ବାହୀ ଅଧିକାରୀ, ବାଲେଶ୍ୱର ପୌରପାଳିକା
ଶ୍ରୀଯୁକ୍ତ କୈଳାଶ ଚନ୍ଦ୍ର ସେଠୀ, ଉପାଧ୍ୟକ୍ଷ, ବାଲେଶ୍ୱର ପୌରପାଳିକା
ଶ୍ରୀମତୀ ସବିତା ସାହୁ, ପୌରାଧ୍ୟକ୍ଷା, ବାଲେଶ୍ୱର ପୌରପାଳିକା



ସ୍ୱାଗତମ ସ୍ୱାଗତମ ସ୍ୱାଗତମ
ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ
ସର୍ବଭାରତ ସ୍ତରୀୟ ପବିତ୍ର ସ୍ୱାୟତ୍ତ ଶାସନ ଦିବସ- ୩୧ ଅଗଷ୍ଟ ୨୦୨୫ ପାଳନ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ, କେନ୍ଦୁଝର ଜନସାଧାରଣଙ୍କ ଉନ୍ନତି, ବିକାଶ ତଥା ସର୍ବୋପରି ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧିରେ ସାମିଲ ହୋଇ ଆସୁଥିବାର କାର୍ଯ୍ୟକ୍ରମ ସହିତ ସହରବାସୀଙ୍କ ସହଯୋଗ ଓ ସହାନୁଭୂତି ପରିଷଦ ସହିତ ଯୋଡିହୋଇ ଏକ ଭାଇଚାରା ସୃଷ୍ଟି କରୁ ଏହାହିଁ ଆଜିର ପବିତ୍ର ଦିବସରେ କାମନା ।
ଆସନ୍ତୁ ସମସ୍ତେ ମିଳିମିଶି ଏହି ଶୁଭ ଅବସରରେ ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆକୁ ସରସ, ସୁନ୍ଦର ଓ ବିକଶିତ କରିବା ପାଇଁ ପରିଷଦ / ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଟିକସମାନ ଠିକ୍ ସମୟରେ ପଇଠ କରି ନିଜର କର୍ତ୍ତବ୍ୟ ଓ ଅଧିକାରକୁ ସାବ୍ୟସ୍ତ କରିବା ଦିଗରେ ସଚେତନ ହେବା ।
" ଘର ଚାରିପାଖ ସଫା ରଖିବା
ଡେଙ୍ଗୁ ମ୍ୟାଲେରିଆ ଏଡାଇ ଦେବା"
"ଆଇନଗତ ସଫେଇ ସୁରକ୍ଷିତ ସଫେଇ" "ଆମର ଲକ୍ଷ- ସ୍ୱଚ୍ଛ, ସୁନ୍ଦର ଓ ସୁସ୍ଥ ସହର"
ଶ୍ରୀ ଜଗନ୍ନାଥ ବେହେରା, ଓ.ରା.ସେ, କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ
ଶ୍ରୀମତୀ ସୁମିତ୍ରା ବେହେରା, ଉପାଧ୍ୟକ୍ଷା, ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ
ଶ୍ରୀଯୁକ୍ତ ଗିରିଜା ଶଙ୍କର ସାହୁ, ଅଧ୍ୟକ୍ଷ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଚମ୍ପୁଆ



BARIPADA MUNICIPALITY
ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ : ୨୦୨୫ ଅବସରରେ
ବାରିପଦାବାସୀଙ୍କୁ ପୌରପାଳିକାର
ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା
ଆସନ୍ତୁ ସମସ୍ତେ ମିଶି ବାରିପଦା ସହରକୁ ସ୍ୱଚ୍ଛ ଓ ସୁନ୍ଦର ଭାବେ
ଗଢି ତୋଳିବା ପାଇଁ ସଂକଳ୍ପବଦ୍ଧ ହେବା
ସୀମା ଦାସ, ଉପନଗରପାଳ, ବାରିପଦା ପୌରପାଳିକା ଓ ସମସ୍ତ କାଉନସିଲର ବୃନ୍ଦ
ସପନ କୁମାର ସାହୁ, ଓ.ପ୍ର.ସେ - ଏ (ଜେ.ବି), ନିର୍ବାହୀ ଅଧିକାରୀ, ବାରିପଦା ପୌରପାଳିକା
କୃଷ୍ଣାନନ୍ଦ ମହାନ୍ତି, ନଗରପାଳ, ବାରିପଦା ପୌରପାଳିକା



ADMISSION OPEN 2025-26
ODISHA INSTITUTE OF MEDICAL SCIENCE
KURUDA, BALASORE
- B.Sc. NURSING - (4 YEARS)
- B.P.T (Bachelor in Physiotherapy)- 4½ years (Physiotherapy Doctor) Last chance without NEET Examination.
- A.N.M - 2 YEARS (+2 Pass)
- DMLT & DMRT - +2 Science
FACILITY AVAILABLE:
- OWN CAMPUS & GIRL HOSTEL INSIDE CAMPUS
- DIGITAL CLASS ROOM
- CLINICAL & COMMUNITY TRAINING AT DISTRICT HOSPITAL
- WELL STOCKED LIBRARY
- WELL FURNISHED LABORATORY
- EXPERIENCED FACULTY
7008574264, 7008502484, 8249846581
8093705969, 6370048322, 7008432896

## ତିହିଡ଼ି ଡାକବଙ୍ଗଳା ଏବେ ନିଶାଡ଼ିଙ୍କ ବାସସ୍ଥଳ



**ଦୋଳସାହି, ୩୦।୮ (ସମିସ):** ତିହିଡି ସରକାରୀ ଡାକବଙ୍କଳା ପାଲଟିଛି ନିଶାଡିଙ୍କ ବାସସ୍ଥଳ। ତିହିଡି ବ୍ଲକ ତିନୋଟି ବିଧାନସଭା ନିର୍ବାଚନମଣ୍ଡଳୀରେ ଅଂଶ ଭାବେ ଅନ୍ତର୍ଭୁକ୍ତ। ଭଦ୍ରକ-ଚାନ୍ଦବାଲି ରାସ୍ତାର ତିହିଡି ଥାନା ପାଖରେ ଥିବା ଏହି ଡାକ ବଙ୍ଗଳା ଗତ ପ୍ରାୟ ୩ ଦଶନ୍ଧି ପୂର୍ବରୁ ନିର୍ମାଣ ହୋଇଥିଲା ବେଳେ ଗତ ୧୦ବର୍ଷରୁ ଅଧିକ ସମୟ ଧରି ଅଚଳାବସ୍ଥାରେ ପଡି ରହିଛି। ଲତାଗୁଳ୍ମ ବଣରେ ଏହା ବୁଡି ରହିଛି। ରକ୍ଷଣାବେକ୍ଷଣ ଓ ମରାମତି ଅଭାବରୁ ଏହା ପରିତ୍ୟକ୍ତ ହୋଇ ପଡ଼ି ରହିଛି। ଫଳରେ ବିଭିନ୍ନ ଧରଣର ନିଶାଡିଙ୍କ ବାସସ୍ଥଳୀରେ ପରିଣତ ହେବାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଡାକ ବଙ୍ଗଳାକୁ ସୁରକ୍ଷା ଦେବାରେ ୩ଜଣ ବିଧାୟକ ଗୁରୁତ୍ୱ ଦେବାକୁ ଦାବି ହେଉଛି। ସୂଚନାଥାଉକି, ଏହି ଡାକ ବଙ୍ଗଳାଟିକୁ ଉଚ୍ଚପଦସ୍ଥ ଅଧିକାରୀମାନେ ବିଭିନ୍ନ ସରକାରୀ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ପାଇଁ ବ୍ୟବହାର କରିବା ସହ ସହ ରାତ୍ରିଯାପନ କରୁଥିବା ବେଳେ ରାଜନେତାମାନେ ବିଭିନ୍ନ ପ୍ରକାରର ସମସ୍ୟାର ଅଲୋଚନା କରୁଛନ୍ତି। ଏହି ଡାକ ବଙ୍ଗଳା ଏବେ ଖତ ଖାଇବାକୁ ବସିଛି।

■ କାମ ଦେଉନି ନୂଆ ସଫ୍ଟୱେର୍

## ଡାକ ସେବା ପାଇବାରେ ବିଫଳ



**ଦଶରଥପୁର,୩୦।୮ (ସମିସ):** ନୂଆ ସଫ୍ଟୱେରଅପଗ୍ରେଡ୍‌ସନ ପାଇଁ ସାରା ଦେଶରେ ଡାକ ସେବା ଧିମା ହୋଇଛି। ଯାହା ପାଇଁ କିଛି ଦିନ ହେବ ଅଞ୍ଚଳର ଗ୍ରାହକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ସାରା ଦେଶରେ ଡାକ ଘରେ ନୂଆ ସଫ୍ଟୱେର ଅପଗ୍ରେଡ୍‌ସନ କରାଯାଉଛି। ଏଥି ଯୋଗୁ ଦଶରଥପୁର ବ୍ଲକ ଅଞ୍ଚଳରେ ଥିବା ଦଶରଥପୁର, ରାମବାଗ, ଚିଓ୍ବାଳ, ମଙ୍ଗଳପୁର, ବିରିପଟା, ଛତ୍ରପଡା ଆଦି ଉପ ଡାକଘର ମାନଙ୍କରେ କିଛି ଦିନ ହେବ ଡାକ କାର୍ଯ୍ୟ ମନ୍ଥର ହୋଇଯାଇଛି। ଫଳରେ ବାର୍ଦ୍ଧକ୍ୟ, ବିଧବା, ଦିବ୍ୟାଙ୍ଗ ଭତ୍ତା, ପିଏମ୍ ଓ ସିଏମ୍ କିସାନ, ସୁଭଦ୍ରା ଯୋଜନା, ସୁକନ୍ୟା ସମେତ ସ୍ପିଡ଼ ପୋଷ୍ଟ, ପାର୍ସଲ, ରେଜିଷ୍ଟ୍ରି ପୋଷ୍ଟ, ଏସବି, ଆର୍‌ଡି ଓ ସେଭିଂ ଆକାଉଣ୍ଟ, ଚିଠି ପତ୍ର ପ୍ରେରଣ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଯାହାକୁ ନେଇ ଉପଭୋକ୍ତା ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି। ସର୍ଭର ସ୍ୱାଭାବିକ ରୂପେ କାମ କରୁନଥିବାରୁ ଡାକଘରେ ଦୀର୍ଘ ସମୟ ପର୍ଯ୍ୟନ୍ତ ଲିଙ୍କ୍ ଫେଲ ରହୁଛି। ବିଶେଷ କରି ବୃଦ୍ଧ, ବୃଦ୍ଧା ଏବଂ ଦିବ୍ୟାଙ୍ଗମାନେ ଭତ୍ତା ଟଙ୍କା ପାଇବାରେ ହୀନସ୍ତା ହେଉଛନ୍ତି। ମନରେଗାରେ ଶ୍ରମିକ ମଜୁରୀ ଟଙ୍କା ଉଠାଇବାରେ ହନ୍ତସନ୍ତ ହେଉଛନ୍ତି। ଡାକ ସେବା ଦୀର୍ଘ ସମୟ ଅଚଳ ରହୁଥିବାରୁ ବିଭିନ୍ନ କାମ ନେଇ ଆସୁଥିବା ଉପଭୋକ୍ତା ଡାକ ଘରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ସତ୍ତ୍ୱେ ନିରାଶ ହୋଇ ଫେରୁଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ପଚାରିବାରୁ କେନ୍ଦ୍ର ସରକାରଙ୍କ ଅଧୀନରେ ଡାକ ସେବା ରହିଛି। ସାରା ଦେଶରେ ସଫ୍ଟୱେର ଅପଗ୍ରେଡେସନ ଚାଲିଛି। କିଛି ଦିନ ହେବ ସର୍ଭର ଧିମା ରହୁଥିବା ଯୋଗୁ ସମସ୍ୟା ହେଉଛି। ଧୀରେ ଧୀରେ ସେବାରେ ସୁଧାର ଆସିଲାଣି, ସମସ୍ୟାର ସମାଧାନ ଶୀଘ୍ର ହୋଇଯିବ। ବର୍ତ୍ତମାନ ଅଫ ଲାଇନ ସେବା ସ୍ୱାଭାବିକ ରହିଛି। ନୂଆ ସଫ୍ଟୱେର ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ଡାକ ଘରେ ଅନଲାଇନ କାର୍ଯ୍ୟ ସ୍ୱାଭାବିକ ହେବ ବୋଲି କହିଥିଲେ।

## ବିଜେପି ରାଜ୍ୟ ପ୍ରବକ୍ତାଙ୍କ ମାତୃ ବିୟୋଗରେ ସ୍ମୃତିସଭା

**ବରୀ,୩୦।୮ (ସମିସ):** ବିଜେପି ରାଜ୍ୟ ପ୍ରବକ୍ତା ମନୋଜ ମହାପାତ୍ରଙ୍କ ମାତୃ ବିୟୋଗ ଅବସରରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଯୋଗ ଦେଲେ କେନ୍ଦ୍ରାପଡା ସାଂସଦ ବୈଜୟନ୍ତ ପଣ୍ଡା। ଗତ ୨୨ ତାରିଖରେ ମନୋଜ ଙ୍କ ମାତା ମୋହିନି ପ୍ରଭା ଦେବୀଙ୍କର ୮୨ ବର୍ଷ ବୟସରେ ପରଲୋକ ଘଟିଥିଲା। ଏହି ପରିପ୍ରେକ୍ଷୀରେ ଶନିବାର ଅପରାହ୍ନରେ ହେଲିକପ୍ଟର ଯୋଗେ ଆସି ସ୍ୟାନ୍ତମୁଣ୍ଡ ନିକଟସ୍ଥ କୁମାରଗଣ୍ଡ ପଡ଼ିଆରେ ନିର୍ମିତ ଅସ୍ଥାୟୀ ହେଲି ପ୍ୟାଡରେ ବୈଜୟନ୍ତ ଅବତରଣ କଲା ପରେ କାର ଯୋଗେ ଆସି ଶ୍ରୀ ମହାପାତ୍ରଙ୍କ ବାସଭବନରେ ପହଞ୍ଚିଥିଲେ। ଏହି ଅବସରରେ ସ୍ୱର୍ଗତା ମୋହିନିପ୍ରଭା ଦେବୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହିତ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଏହି ସମୟରେ ବିଜେପି ନେତା ଉମେଶ ଜେନା, ଆଶୁତୋଷ ପରିଡ଼ା, ପ୍ରଦିପ ଦାସଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

ପତ୍ନୀ ନିର୍ଯାତନା ଓ ୨ୟ ବିବାହ ମାମଲା

# ସଶସ୍ତ୍ର ସୀମା ବଳର କନେଷ୍ଟବଳ ଗିରଫ



**ଭଦ୍ରକ,୩୦।୮ (ସମିସ):**

ନିଜ ପତ୍ନୀଙ୍କୁ ନିର୍ଯାତନା ଦେବା ଓ ୨ୟ ବିବାହ କରିବା ମାମଲାରେ ଆଜି ଭଦ୍ରକ ସାବରଙ୍ଗ ଥାନା ପୁଲିସ ଜଣେ ସଶସ୍ତ୍ର ସୀମା ବଳ (ଏସଏସବି)ର କନେଷ୍ଟବଳଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି କନେଷ୍ଟବଳ ହେଲେ ଶୁଭାଶିଷ ଜେନା ଓ ତାଙ୍କ ଘର ସାବରଙ୍ଗ ଥାନା ଭବାନୀବିନ୍ଧା ଗାଁରେ। ସୂଚନାନୁଯାୟୀ, ବାଲେଶ୍ୱର ଜିଲ୍ଲା ଖନ୍ତାପଡା ଚକଜଗନ୍ନାଥପୁର ଗାଁର ରଞ୍ଜିତା ଜେନା ୨୦୧୬ଜୁନ୍ ୨୯ତାରିଖରେ ଶୁଭାଶିଷଙ୍କୁ ବିବାହ କରିଥିଲେ। ୨ମାସ ପରେ ଉଭୟଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇଥିଲା। ପରେ ରଞ୍ଜିତା ତାଙ୍କ ବାପଘରେ ରହୁଥିଲେ। ଏତିକି ବେଳେ ସ୍ୱାମୀ ଶୁଭାଶିଷ ଦ୍ୱିତୀୟ ବିବାହ କରିଥିଲେ ଓ ଏହା ଜାଣିବା ପରେ ରଞ୍ଜିତା ଆଇନର ଆଶ୍ରୟ ନେଇଥିଲେ। ଏନେଇ ବାଲେଶ୍ୱର କୋର୍ଟରୁ ଭଦ୍ରକ କୋର୍ଟ ଓ ପରେ ମାନ୍ୟବର ହାଇକୋର୍ଟରେ ରଞ୍ଜିତା ମାମଲା କରିଥିଲେ। ଏହି ସବୁ ମାମଲାରେ ଶୁଭାଶିଷଙ୍କ ଘରକୁ ବାରମ୍ବାର ନୋଟିସ ଯାଉଥିଲା। ତେବେ ସେ ମନ୍ଦ ଉଦ୍ଦେଶ୍ୟରେ ତାଙ୍କ ପତ୍ନୀ ରଞ୍ଜିତାଙ୍କୁ ଫୋନ୍ ଯୋଗେ ସମ୍ପର୍କ ରଖିବା ସହ ତାଙ୍କୁ ପାଖକୁ ନେଇଯିବାକୁ ପ୍ରବର୍ତ୍ତାଇଥିଲେ। ପରେ ଗତ ଅଗଷ୍ଟ ୧୫ତାରିଖରେ ସ୍ୱାମୀ ଶୁଭାଶିଷ ବାଲେଶ୍ୱର ଆସିବାକୁ ପତ୍ନୀ ରଞ୍ଜିତାଙ୍କୁ କହିଥିଲେ। ରଞ୍ଜିତା ସ୍ୱାମୀ ଶୁଭାଶିଷଙ୍କ କଥା ରଖି ବାଲେଶ୍ୱର ରେଳ ଷ୍ଟେସନରେ ପହଞ୍ଚିବା ପରେ ସ୍ୱାମୀ ଶୁଭାଶିଷ ଟ୍ରେନରୁ ଓହ୍ଲାଇବା ପରେ ରଞ୍ଜିତାଙ୍କୁ ବୁଲାବୁଲି କରି ଆସନ୍ତାକାଲି ଘରକୁ ନେଇଯିବି ବୋଲି କହିଥିଲେ। ପରେ ଶୁଭାଶିଷ, ରଞ୍ଜିତାଙ୍କୁ ରୟାଲ ନାମକ ହୋଟେଲକୁ ନେଇ ସେଠାରେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବାକୁ ଚେଷ୍ଟା କଲେ। ତେବେ ରଞ୍ଜିତା ଘରକୁ ଗଲେ ଯାଇ ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କ ରହିବ ବୋଲି କହିଥିଲେ। ତେବେ ଶୁଭାଶିଷ ସ୍ତ୍ରୀଙ୍କ ଇଚ୍ଛା ବିରୋଧରେ ବାରମ୍ବାର ସମ୍ପର୍କ ରଖିଥିବା ରଞ୍ଜିତା ଅଭିଯୋଗ କରିବା ସହ ତାଙ୍କୁ ଛାଡି ସକାଳୁ ପଳାଇଥିଲେ। ବାରମ୍ବାର ଫୋନ କରିବା ପରେ ବି ସେ ଫୋନ ଉଠାଇ ନଥିଲେ। ପରେ ଘରକୁ ଯାଇ ମଧ୍ୟ ସେ ନଥିଲେ ଓ ତାଙ୍କ ଶଶୁରଘର ତାଙ୍କୁ ତଡିଦେଇଥିଲେ। ଏଭଳି ଲିଖିତ ଏତଲା ପରେ ଆଜି ସାବରଙ୍ଗ ପୁଲିସ ଶୁଭାଶିଷଙ୍କୁ ଗିରଫ୍ କରି କୋର୍ଟ ଚାଲାଣ କରିଛି।

ସରକାରୀ ଅର୍ଥର ହରିଲୁଟ୍

## କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ପ୍ରଶାସନ ସାଜିଛି ସୁରକ୍ଷା କବଚ !

**ବାସୁଦେବପୁର, ୩୦।୮ (ସମିସ):** ସରକାରୀ ଅର୍ଥ ଲୁଟ କଲେ ଆଉ ହେବନି କାର୍ଯ୍ୟାନୁଷ୍ଠାନ। ଏକଥା କହି ବୁଲୁଛନ୍ତି ବାସୁଦେବପୁର ବ୍ଲକର ଲୁଟେରା କର୍ମଚାରୀଙ୍କଠାରୁ ଆରମ୍ଭ କରି ଅଣଲୁଟେରା କର୍ମଚାରୀଙ୍କ ପର୍ଯ୍ୟନ୍ତ। ଏ କଥାର ବାସ୍ତବତା ଭରି ରହିଛି।

ଅରଣ୍ଡୁଆ ପଞ୍ଚାୟତର ତମ୍ବାଖଣ୍ଡି ଗ୍ରାମର ସିଏଫସି ଯୋଜନାର କମ୍ୟୁନିଟି ସେଣ୍ଟର ନାମରେ ୧ ଲକ୍ଷ ୨୬ହଜାର ୮୨୪ଶହ ଟଙ୍କା ଲୁଟି ନେଲେ ସରକାରୀ ଅର୍ଥ। ଅଯୋଗ୍ୟ ହିତାଧିକାରୀଙ୍କ ଆବାସ ଘର ଦେଖାଇ ପିଇଓ ସର୍ବଶ୍ରୀ ପଟ୍ଟନାୟକ ସରକାରୀ ଅର୍ଥ ହାତେଇଲେ। କନିଷ୍ଠ ଯନ୍ତ୍ରୀ ସନ୍ତୋଷ କୁମାର ପତି ପ୍ରକଳ୍ପ ନଦେଖି ବିଲ୍ କଲେ। ଗ୍ରାମବାସୀଙ୍କ ଅଭିଯୋଗ ପରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇଲା। ବ୍ଲକ ପ୍ରଶାସନର ନିଦ ଭାଙ୍ଗିଲା। ବାଧ୍ୟ ହୋଇ ତରବରିଆ ଭାବେ ପିଇଓ ଅର୍ଥ ଫେରସ୍ତ କଲେ। ତୁମ୍ଭି ତୋଫାନ ହେଲା। ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ପ୍ରଶାସନ ସୁରକ୍ଷା କବଚ ସାଜିଛି। ସେହିପରି ସୁଦର୍ଶନପୁର ପଞ୍ଚାୟତର ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଗୋଟିଏ ବି ଘର ନିର୍ମାଣ ହୋଇ ନାହିଁ ୨୦ରୁ ଉର୍ଦ୍ଧ୍ୱ ଫଲ୍ସ ବିଲ୍। ହିତାଧିକାରୀଙ୍କ ଜମିରେ ନା ପଡିଛି ଇଟା ଖଣ୍ଡେ, ନା ପଡିଛି ବାଲି ମୁଠେ। ଘରର ଚିହ୍ନ ବର୍ଣ୍ଣ ନଥାଇ ହିତାଧିକାରୀଙ୍କୁ ମିଳିଛି ଫୁଲ୍ ବିଲ୍। ସରକାରୀ ବାବୁ ଓ ହିତାଧିକାରୀଙ୍କ ସଲାସୁତୁରାରେ ଯୋଜନାର ହରି ଲୁଟ୍ ହେଲା। ନା କାର୍ଯ୍ୟାନୁଷ୍ଠାନ ନେଲେ ବିଡିଓ ନା କାର୍ଯ୍ୟାନୁଷ୍ଠାନ ନେଲେ ଜିଲ୍ଲାପାଳ। ସବୁ ଜାଣି ନେତାଙ୍କ ଚାପରେ ଚାପି ହେଉଛନ୍ତି ପ୍ରଶାସନ। ଠୋସ ପ୍ରମାଣ ଦର୍ଶାଇ ଅଭିଯୋଗର କାର୍ଯ୍ୟାନୁଷ୍ଠାନ ପରିବର୍ତ୍ତେ ପ୍ରଶାସନ ସୁରକ୍ଷା କବଚ ସାଜିଥିବାରୁ ପ୍ରଶାସନିକ ଅଧିକାରୀଙ୍କ ଉପରୁ ଆସ୍ଥା ତୁଟିଯାଉଛି। ଜିଲ୍ଲାପାଳ କ'ଣ ପାଇଁ ସରକାରୀ ଅର୍ଥକୁ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଲୁଟ୍ କରୁଥିବା ସରକାରଙ୍କୁ ଫେବର ଦେଖାଉଛନ୍ତି; ନା ନେତାଙ୍କ ଚାପରେ ଚାପି ହୋଇ ଯାଉଛନ୍ତି ! ଯଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବ ତାହେଲେ ଜିଲ୍ଲା ପ୍ରଶାସନର ଦୁର୍ନୀତିଖୋରଙ୍କୁ ସୁରକ୍ଷା ଯୋଗାଇ ଦେବାକୁ ବିରୋଧ କରି ବିରୋଧୀ ଦଳର ପୁଞ୍ଜିଭୂତ ଅସନ୍ତୋଷ ଏକ ବଡଧରଣର ଆନ୍ଦୋଳନର ରୂପ ନେବାକୁ ଯାଉଛି।

## ଶତାୟୁ ମହିଳାଙ୍କ ପରଲୋକ

**ତିହିଡି, ୩୦।୮ (ସମିସ):** ତିହିଡି ବ୍ଲକ ଅଧୀନ ଅଟକ ପଞ୍ଚାୟତ ଅନ୍ତର୍ଗତ ୧୮ ନମ୍ବର ୱାର୍ଡର ଶତାୟୁ ଧର୍ମପ୍ରାଣା ମହିଳା ଦୁଃଖିନୀ ବେହେରାଙ୍କ ପରଲୋକ ଘଟିଛି। ମୃତ୍ୟୁବେଳକୁ ଶହେ ବର୍ଷ ହୋଇଥିଲା। ଶ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ଦାସ ମଠ, ଅଟକର ସେ ବଡ଼ ଭକ୍ତ ଥିଲେ। ମୃତ୍ୟୁ ସମୟରେ ନାତି ରମେଶ ବେହେରା, ସୁବାସ ବେହେରା ଅଣନାତି ନୃସିଂହ ବେହେରା ଏବଂ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଏହି ମୃତ୍ୟୁ ଖବରରେ ବୟସ୍କ ଲୋକ ଏବଂ ଗାଁରେ ଏକପ୍ରକାର ଶୋକର ଛାୟା ଖେଳି ଯାଇଛି।



## ଜଳଖିଆ ଦୋକାନରୁ ଚୋରି

**ବାରିକପୁର/ମଞ୍ଜୁରୀରୋଡ,୩୦।୮ (ସମିସ):** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ମଞ୍ଜୁରୀରୋଡ଼ ନିକଟ ରାଜେନ୍ଦ୍ରପୁର ଛକ ନିକଟରେ ଥିବା ଏକ ଜଳଖିଆ ଦୋକାନରୁ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଗ୍ରାମର ନିରଞ୍ଜନ ସାହୁଙ୍କ ଦୋକାନରୁ କେହି ଦୁର୍ବୃତ୍ତ ଗୁରୁବାର ରାତିରେ ୪ଟି ଗ୍ୟାସ ଟାଙ୍କି, ତେଲ ୮ ଲିଟର ଓ ଅନ୍ୟାନ୍ୟ ଜିନିଷ ଚୋରି କରିଛନ୍ତି। ଏନେଇ ଦୋକାନୀ ଜଣଙ୍କ ସ୍ଥାନୀୟ ଫାଣ୍ଡିରେ ଅଭିଯୋଗ କରିବା ପରେ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଗତ ଦୁଇ ତିନି ମାସ ମଧ୍ୟରେ ଥାନା ଅଞ୍ଚଳରେ ଚୋରି ବୃଦ୍ଧି ପାଇବାରେ ଲାଗିଛି। ତେଣୁ ରାତ୍ରୀକାଳୀନ ପାଟ୍ରୋଲିଂକୁ କଡାକଡି କରିବାକୁ ଦାବି ହେଉଛି।

## ଧର୍ମପରାୟଣାଙ୍କ ବିୟୋଗ

**ମଞ୍ଜୁରୀରୋଡ,୩୦।୮ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରୀରୋଡ ବଜାରସ୍ଥିତ ବାସଭବନରେ ଧର୍ମପରାୟଣା କୌଶଲ୍ୟା ରାଉତ (୯୪)ଙ୍କ ବିୟୋଗ ଘଟିଛି। ସେ ଦୀର୍ଘ ଦିନ ଧରି ବୟସାଧିକ କାରଣରୁ ଅସୁସ୍ଥ ରହି ଘରେ ଚିକିତ୍ସିତ ହେଉଥିଲେ। ଗତ ବୁଧବାର ଦିନ ତାଙ୍କର ବିୟୋଗ ଘଟିଥିବା ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ନାତି, ନାତୁଣୀମାନେ ଉପସ୍ଥିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ମଝିଆଁ ପୁଅ ଅଶୋକ କୁମାର ରାଉତ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରୁ ଶୋକ ବ୍ୟକ୍ତ କରାଯାଇଛି। ଭଣ୍ଡାରିପୋଖରୀ ବିଧାୟକ ସଂଜୀବ କୁମାର ମଲ୍ଲିକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଅନ୍ୟାନ୍ୟ ନେତୃବୃନ୍ଦ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବେଳେ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି।



## ତେସିଙ୍ଗା ଗଣେଶ ପୂଜା କମିଟିର ରୌପ୍ୟ ଜୟନ୍ତୀ

**ଭଣ୍ଡାରିପୋଖରୀ,୩୦।୮ (ସମିସ):** କଳା, ସାହିତ୍ୟ ଓ ସଂସ୍କୃତି ଗୋଟିଏ ଜାତିର ପରିଚାଳନା ଓ ଏହି କ୍ଷେତ୍ରରେ ସମର୍ପିତ ଭାବେ ପାରଦର୍ଶିତା ଅର୍ଜ୍ଜନ କରିଥିବା ବ୍ୟକ୍ତି ସର୍ବଦା ସ୍ମରଣୀୟ ବୋଲି ତେସିଙ୍ଗା ଗଣେଶ ପୂଜା କମିଟି ପକ୍ଷରୁ ଆୟୋଜିତ ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଆୟୋଜିତ ପ୍ରତିଭା ସମ୍ବର୍ଦ୍ଧନା ସମାରୋହରେ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ସନ୍ଧ୍ୟାରେ 'ଅଞ୍ଜଳି' ପତ୍ରିକାର ସମ୍ପାଦକ ପ୍ରକାଶ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉଦଘାଟକ ଓ ମୁଖ୍ୟଅତିଥି ଭାବେ ବିଶିଷ୍ଟ ଗୀତିକାର ଓ ସଙ୍ଗୀତ ନିର୍ଦ୍ଦେଶକ ପଞ୍ଚାନନ ନାୟକ, ମୁଖ୍ୟବକ୍ତା ଭାବେ ଭଦ୍ରକ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ନାଟ୍ୟକାର ଓ ନିର୍ଦ୍ଦେଶକ ବିଜୟ କୁମାର ଦାସ ଯୋଗ ଦେଇ ଓଡ଼ିଆ ଜାତିର ପର୍ବ ପର୍ବାଣୀ, ପ୍ରତିଭା ପୂଜା ଓ ସାମ୍ପ୍ରତିକ ସମୟର ସାମାଜିକ ଅବକ୍ଷୟ ରୋକିବା ପାଇଁ ଜନସାଧାରଣଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବ୍ଲକ ଅଞ୍ଚଳର କବି, ସାହିତ୍ୟିକ ମନୋଜ ରାଉତରାୟ, ପ୍ରାଣକୃଷ୍ଣ ସାହୁ, ଉମାଶଶି ପଣ୍ଡା, ବୈଲୋଚନ ଜେନା, ପ୍ରକାଶ ମହାପାତ୍ର, ନଟବର ଦଳେଇ, ସଙ୍ଗୀତଜ୍ଞ ସୁବାସଚନ୍ଦ୍ର ନାୟକ, କ୍ରୀଡ଼ାବିତ ରାଖାଲ ସେଠୀ, ଆର୍ଯ୍ୟସୃଷ୍ଟି ପଟ୍ଟନାୟକ, ନେଇଶୋଚ ସାମାଜିକ ସଙ୍ଗଠନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଗଣେଶ ପୂଜା କମିଟିର ସମ୍ପାଦକ କୈଳାସଚନ୍ଦ୍ର ସାହୁ ଅତିଥି ପରିଚୟ, ବିଶ୍ୱନାଥ ବାରିକ ସ୍ୱାଗତ ଭାଷଣ ଓ ଅନିଲ ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କମିଟି ସଭାପତି ରଘୁନାଥ ପରିଡ଼ା ଓ ସଦସ୍ୟମାନେ ଉତ୍ସବ ପରିଚାଳନା କରିଥିଲେ। ୫ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ରୌପ୍ୟ ଜୟନ୍ତୀ ପାଳନ ଅବସରରେ ବିଭିନ୍ନ ସନ୍ଧ୍ୟାରେ ପାଲା, ନୃତ୍ୟ ସଙ୍ଗୀତ ପରିବେଷଣ କରାଯାଇଥିଲା।



ବାସୁଦେବପୁର ପାଇଁ ଗୌରବ

# ୱାର୍ଲଡ ବୁକ୍ ଅଫ୍ ରେକର୍ଡରେ କୁନି ଶିଶୁ ଅନ୍ୱେଷା

**ଭଦ୍ରକ/ବାସୁଦେବପୁର,୩୦।୮ (ସମିସ):**

କୁନି ଝିଅର ସଫଳତା ବାସୁଦେବପୁର ପାଇଁ ଆଣି ଦେଇଛି ଗୌରବ। ଖେଳ କୁଦର ବୟସରେ ଗୋଟିଏ ପରେ ଗୋଟିଏ ରେକର୍ଡ କରି ଚାଲିଛନ୍ତି। ଅନ୍ୱେଷା ସାହୁ ୱାର୍ଲଡ ବୁକ୍ ଅଫ ରେକର୍ଡ କରିବା ପରେ ଶୁଭେଚ୍ଛାର ସୁଅ ଛୁଟୁଛି।


ଭଦ୍ରକ ଜିଲ୍ଲା ବାସୁଦେବପୁରର କୁନି ଝିଅ ଅନ୍ୱେଷା। ଇଂ ମନୋଜ କୁମାର ସାହୁ ଓ ରୋଜାଲିନ ସାହୁଙ୍କ ଏକମାତ୍ର ଶିଶୁକନ୍ୟା। ଶୈଶବ କାଳରେ ସ୍ନେହ ଶ୍ରଦ୍ଧାର ବଢାଇବା ସହିତ ଭୁଲି ନାହାନ୍ତି, ଅନ୍ୱେଷାର ମନ ମଧ୍ୟରେ ଶିକ୍ଷାର ମଞ୍ଜି ବୁଣିବାକୁ। କୁନି ଝିଅ ଅନ୍ୱେଷାର ବୟସ ମାତ୍ର ୮ ବର୍ଷ। ସାଙ୍ଗ ସାଥୀଙ୍କ ଗହଳିର ଖେଳ କୁଦର ବୟସ; ହେଲେ ପାଟିରୁ ବାହାରୁଛି ଅନର୍ଗଳ ଇଂରାଜୀ ଶବ୍ଦ। ଭରି ରହିଛି ଅସାଧାରଣ ପ୍ରତିଭା। ବିଚକ୍ଷଣ ଧୀଶକ୍ତି ଯୋଗୁଁ ୨୦୨୧ ମସିହାର ଇଣ୍ଡିଆ ବୁକ୍ ଅଫ ରେକର୍ଡସରେ ସ୍ଥାନିତ ହୋଇଥିଲେ। ଅନ୍ୱେଷାର ଅଭ୍ୟାସ ଓ ମାଆ ରୋଜାଲିନ ସାହୁଙ୍କର ନିରନ୍ତର ଉଦ୍ୟମ ଯୋଗୁଁ ଜାତୀୟ ଓ ଆନ୍ତର୍ଜାତିକ ସ୍ତରର ପୁରସ୍କାର ଲାଭ କରିବାର ସୁଯୋଗ ପାଇଛି; ଯାହା ସମଗ୍ର ବାସୁଦେବପୁର ପାଇଁ ଗୌରବ ଆଣିଦେଇଛି। ଚଳିତ ବର୍ଷ ଇସ୍ରୋ ସମ୍ପର୍କରେ ୧୫ ମିନିଟରେ ୧୫୨ ସାଧାରଣ ଜ୍ଞାନ ପ୍ରଶ୍ନ ଉତ୍ତର ପ୍ରଦାନ କରିଥିଲେ। ୨୦୨୫ ମସିହା ୬ ଜୁନରେ ୱାର୍ଲଡ୍ ବୁକ୍ ଅଫ ରେକର୍ଡ ଏକ୍ସଲେନ୍ସ ସମ୍ମାନିତ ହେଲେ। ଅନ୍ୱେଷା ବହୁମୁଖୀ ପ୍ରତିଭାର ଅଧିକାରୀ। ସେ ଭୁବନେଶ୍ୱର ଡିଏଭି ପବ୍ଲିକ ସ୍କୁଲରେ ଚତୁର୍ଥ ଶ୍ରେଣୀର ଅଧ୍ୟୟନ କରୁଛନ୍ତି। ବିଭିନ୍ନ ଅନୁଷ୍ଠାନର ପ୍ରତିଯୋଗିତାର କୃତିତ୍ୱ ଅର୍ଜନ କରି ଗୌରବ ଆଣି ଦେଇଛନ୍ତି। କୁନି ଝିଅର ନୃତ୍ୟ କରିବା ଓ ବାଦ୍ୟଯନ୍ତ୍ର ବଜାଇବା ପ୍ରତି ରହିଛି ଆଗ୍ରହ। କୁନି ଝିଅର ପ୍ରତିଭାକୁ ନେଇ ଉଭୟ ବାପା ଓ ମାଆ ବେଶ ଖୁସି ଅଛନ୍ତି। ଭବିଷ୍ୟତରେ ଅନ୍ୱେଷା ଜଣେ ବୈଜ୍ଞାନିକ ହେବାକୁ ଲକ୍ଷ୍ୟ ରଖିଛି ବୋଲି କହିଛନ୍ତି।



## ତାଳ ଗୋଟମା ରୋପଣ ଓ ସଚେତନତା କାର୍ଯ୍ୟକ୍ରମ



**ଭଣ୍ଡାରିପୋଖରୀ,୩୦।୮ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ବାଲିପୋଖରୀ ନେତାଜୀ ଯୁବକ ସଂଘ ପକ୍ଷରୁ ରିଲାଏନ୍ସ ଫାଉଣ୍ଡେସନ ସହଯୋଗରେ ତାଳ ଗୋଟମା ରୋପଣ ଅଭିଯାନ ଆରମ୍ଭ ହୋଇଛି। ପରିବେଶ ସୁରକ୍ଷା ଓ ବଜ୍ରାଘାତରୁ ସୁରକ୍ଷା ପାଇଁ ବାଲିପୋଖରୀ ଓ ଷୋଳମପୁର ପଞ୍ଚାୟତରେ ତାଳଗୋଟମା ରୋପଣ କରାଯାଉଛି। ଶନିବାର ବାଲିପୋଖରୀଠାରେ ସରପଞ୍ଚ ଅକ୍ଷୟ କୁମାର ତ୍ରିପାଠୀ, ନେତାଜୀ ଯୁବକ ସଂଘ କର୍ମକର୍ତ୍ତା ତାଳ ଗୋଟମା ରୋପଣ ଆରମ୍ଭ କରିଥିଲେ। ସେହିପରି ସଂଘ ସଦସ୍ୟଙ୍କ ଉପସ୍ଥିତିରେ ଷୋଳମପୁର ପଞ୍ଚାୟତରେ ପଞ୍ଚାୟତ ମହାସଂଘ ସଭାନେତ୍ରୀ, ସମ୍ପାଦିକା, ସଦସ୍ୟ. ଏମ.ବି..କେ., ରିଲାଓନ୍ସ ଫାଉଣ୍ଡେସନ ପକ୍ଷରୁ ଦିବ୍ୟକାନ୍ତ ନାୟକ ଓ ମୋହିତ ଚୌଧୁରୀଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅଭିଯାନରେ ବାଲିପୋଖରୀ ପଂଚାୟତ ବିଭିନ୍ନ ଗ୍ରାମରେ ଅଢେଇ ହଜାର ଓ ଷୋଳମପୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ହଜାରେ ତାଳ ଗୋଟମା ରୋପଣ କରାଯିବ ବୋଲି ନେତାଜୀ ଯୁବକ ସଂଘ ଓ ରିଲାଏନ୍ସ ଫାଉଣ୍ଡେସନ ପକ୍ଷରୁ ସୂଚନା ଦିଆଯାଇଛି। ବୀଣିପାଣି ମଙ୍ଗଳ ଓ ଅଜୟ କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।





# ଜଳଖିଆ ଥାଳିରୁ ନିର୍ବାସନ

ମୂଳ ଇଂରାଜୀ : ଲାରୀ ଫଣ୍ଡସନ

ଅନୁବାଦ: ନନ୍ଦିତା ମହାନ୍ତି

ରାସ୍ତାକଡ଼ରେ ଥିବା ରେଷ୍ଟୁରାଣ୍ଟର, ଝରକା କାଚରେ ଲାଗିଥିବା ଲେଖାଟି ମୋତେ ପ୍ରଲୋଭିତ କରୁଥିଲା ତା' ଭିତରକୁ ଯିବା ପାଇଁ । ଗୋଟିଏ ଡଲାର ବଦଳରେ ମୁଁ ପାଇପାରିବି ଦୁଇଟି ଅଣ୍ଡା, ଟୋଷ୍ଟ ଓ ଆଳୁଭଜା । ସେହି ସ୍ଥାନଟି ଅନ୍ୟାନ୍ୟ ସବୁ ପରିବାର ଦ୍ୱାରା ପରିଚାଳିତ ରେଷ୍ଟୁରାଣ୍ଟ ଅପେକ୍ଷା ଅଧିକ ଭଲ ଦେଖା ଯାଉଥିଲା ଓ ପରିଷ୍କାର ପରିଚ୍ଛନ୍ନ ବି ଲାଗୁଥିଲା । ସେହି ଲେଖାଟି ଥିଲା ଏକ ହାତ-ଲେଖା ଅଥଚ ଖୁବ୍ ପରିଚ୍ଛନ୍ନ । କାଗଜଟି ଅବଶ୍ୟ କିଛିଟା ହଳଦିଆ ପଡ଼ି ଆସିଥିଲା, ହେଲେ କଳା ରଙ୍ଗର କାଳିରେ ଲେଖା ହୋଇଥିବା ଅକ୍ଷରଗୁଡ଼ିକ ଥିଲା ସୁସ୍ପଷ୍ଟ । ସବୁଜ- ଧଳା ରଙ୍ଗର ଏକ ସାମିଆନା ଟଙ୍ଗା ଯାଇଥିଲା ଦରଜା ଉପରେ, ଯେଉଁଥିରେ ଷ୍ଟେନ୍ସିଲ କରାଯାଇ ଲେଖା ହୋଇଥିଲା 'କ୍ଲାରାଜ' ଅର୍ଥାତ୍ ତାହା କ୍ଲାରା ପରିବାର ଦ୍ୱାରା ପରିଚାଳିତ ହେଉଥିଲା ।

ଭିତରେ...ଭିତରଟି ଥିଲା ଖୁବ୍ ଆକର୍ଷଣୀୟ ଯଦିଓ ପରିପାଟୀ ଥିଲା ପୁରୁଣାକାଳିଆ । ଭିତର ପବନର ବାସ୍ନା ଥିଲା ତାଜା ଓ ଘରୋଇ, ସାଧାରଣ ରେଷ୍ଟୁରାଣ୍ଟ ପରି ତେଲିଆ ବାସ୍ନା ବି ନ ଥିଲା ଭିତରେ । ଏକ କଳାପଟା ଉପରେ ଖାଦ୍ୟସାରଣୀ ବା ମେନ୍ୟୁର ସବିଶେଷ ବିବରଣୀ ଲେଖା ଯାଇଥିଲା । ଏହା ଥିଲା କ୍ଷୁଦ୍ର କିନ୍ତୁ ସିଧାସପାଟ । ସେଥିରେ ଲେଖାଥିଲା ବିଭିନ୍ନ ପ୍ରକାର ଟୋଷ୍ଟର ନାମ ଯେଉଁଥିରୁ ଜଣେ ବାଛିପାରିବ ନିଜ ମନପସନ୍ଦର ଟୋଷ୍ଟ । ସେଇ ଲିଷ୍ଟ ମଝିରୁ ଗୋଟିଏ ନାମକୁ ଲିଭେଇ ଦିଆ ଯାଇଥିଲା । କିନ୍ତୁ ସେଇ କଟାଛଟାରୁ ମୁଁ ଅନୁମାନ କରି ପଢ଼ି ପାରିଥିଲି ଯେ ଏହା ଥିଲା ରାଇ ( ଶୀତପ୍ରଧାନ ଦେଶରେ ଚାଷ କରାଯାଉଥିବା ଏକ ପ୍ରକାର ଧାନ ପରି ଖାଦ୍ୟଶସ୍ୟ ଯାହାର ଅଟାରୁ ପାଉଁରୁଟି ଓ ମଦ୍ୟ ପ୍ରସ୍ତୁତ କରାଯାଏ ) । ହେଲେ ରାଇରୁ ପ୍ରସ୍ତୁତ ଟୋଷ୍ଟ ମୋର ଜମାରୁ ପସନ୍ଦ ନୁହେଁ ।

ଯେହେତୁ ମୁଁ ଏକୁଟିଆ ଥିଲି ଖାଲି ଥିବା ଟେବୁଲଗୁଡ଼ିକୁ ଛାଡ଼ି, ମୁଁ ଯାଇ କାଉଣ୍ଟରରେ ବସିଲି, ଭାବିଲି ଯଦି କେହି ପରିବାର ସହିତ ଆସିବେ ତେବେ ସେଠାରେ ବସିପାରିବେ । ସେଇ ସମୟରେ ବ୍ୟବସାୟ ଟିକେ ମାନ୍ଦା ଥିଲା । କେବଳ ଦୁଇଟି ଟେବୁଲରେ କିଛି ଲୋକ ବସିଥିଲେ ଆଉ ମୁଁ ମଧ୍ୟ କାଉଣ୍ଟରରେ ଏକୁଟିଆ ଥିଲି । ଅବଶ୍ୟ ଏବେ ବି ସମୟ ହୋଇନଥିଲା – ସକାଳ ୭.୩୦ ବି ହୋଇ ନଥିଲା ।

କାଉଣ୍ଟର ସେପାଖେ ଜଣେ ଗେଡ଼ା ଲୋକ ଛିଡ଼ା ହୋଇଥିଲା ଯାହାର ଥିଲା ଗାଢ଼ କଳା ରଙ୍ଗର ଚୁଟି, ଜୁଆଳିଆ ନିଶ, ଯୁବକ ସୁଲଭ ଦାଢ଼ି ଯାହା ଗତଥର କଟା ହେବା ପରେ ବିଶେଷ ବଢ଼ି ନଥିଲା । ସିଏ ଖୁବ୍ ସୁନ୍ଦର ଭାବରେ ପୋଷାକ ପିନ୍ଧିଥିଲା, ସେଫର ସଫେଦ ପୋଷାକ – ପ୍ୟାଣ୍ଟ, ସାର୍ଟ ଓ ଆପ୍ରୋନ, କିନ୍ତୁ ଟୋପି ନ ଥିଲା । ତା'ର ସ୍ୱର ଥିଲା ଦୃଢ଼ ଓ ଗମ୍ଭୀର । ତା'ର ସାର୍ଟରେ 'ଜାଭିଅର୍' ନାମଫଳକଟି ସିଲେଇ ହୋଇଥିଲା ।

ମୁଁ କଫି ବରାଦ କଲି, ଆଉ ତାଙ୍କୁ ଗୋଟେ ମିନିଟର୍ ସମୟ ମାଗିଲି ଏକ ଡଲାରରେ ମିଳୁଥିବା ସକାଳର ସ୍ପେଶାଲ୍ ଜଳଖିଆ ଓ ୧. ୫୯ ଡଲାରରେ ମିଳୁଥିବା ଚିଜ୍ ଆମଲେଟ୍ ମଧ୍ୟରୁ ଗୋଟିକୁ ବାଛିବା ପାଇଁ । ଆଉ ଶେଷରେ ମୁଁ ଆମଲେଟ୍ ହିଁ ବାଛିଥିଲି ।

କଫି ଗରମ, କଡ଼ା ଓ ତାଜା ଥିଲା । ମୁଁ ମୋର ଖବର କାଗଜକୁ କାଉଣ୍ଟର୍ ଉପରେ ମେଲେଇ ଦେଲି ଓ ମଗରୁ ଧୀରେ ଧୀରେ କଫି ପିଇବାକୁ ଲାଗିଲି । ଆଉ ଜାଭିଅର୍ ମୁଁ ବରାଦ କରିଥିବା ଖାଦ୍ୟ ପ୍ରସ୍ତୁତ କରିବା ପାଇଁ ଗ୍ରୀଲ୍ ନିକଟକୁ ଗଲା । ତାୱା ଉପରେ ଫେଣ୍ଟା ହୋଇଥିବା ଅଣ୍ଡା ଢଳା ହୋଇଥିଲା, ଟୋଷ୍ଟର୍ ଭିତରେ ପାଉଁରୁଟି ଡେଉଁଥିଲା, ଆଉ ସେତିକିବେଳେ ପୁଲିସ ଅଧିକାରୀମାନେ ଆସି ପହଞ୍ଚି ଯାଇଥିଲେ ସେଠାରେ । ସେମାନେ ଅଚାନକ ମାଡ଼ି ବସିଥିଲେ ଜାଭିଅର୍‌କୁ । ତା'ର ଦୁଇ ହାତକୁ ବଳପୂର୍ବକ ପଛକୁ ମୋଡ଼ି ଦେଇଥିଲେ । ସିଏ ବି କିଛି କହି ନଥିଲା । ସିଏ ଏହାର ପ୍ରତିରୋଧ ମଧ୍ୟ କରି ନ ଥିଲା । ଆଉ ସେମାନେ ତାକୁ ଧକ୍କା ମାରି କବାଟ ବାହାରକୁ ନେଇ ଯାଇଥିଲେ ଆଉ ତା'ପରେ ପୂରେଇ ଦେଇଥିଲେ ସେଠାରେ ଅପେକ୍ଷା କରିଥିବା କାର ଭିତରେ ।

ଗ୍ରୀଲ୍ ଉପରେ ମୋର ଅଣ୍ଡା ଫୁଟୁଥିଲା । ମୁଁ ଆଉ କୌଣସି ପରିଚାରକକୁ ଡାକିବା ପାଇଁ ଚାରିଆଡ଼େ ଚାହିଁଲି । ହୁଏତ ସିଏ ପଛପଟେ କେଉଁଠି ଥିବ କିମ୍ବା ଗାଧୁଆଘରେ ପଶିଥିବ । ମୁଁ କାଉଣ୍ଟର ଉପରେ ଉହୁଙ୍କି ପଡ଼ି ଡାକିଲି ତାକୁ । ହେଲେ କେହି ହେଲେ ଉତ୍ତର ଦେଲେ ନାହିଁ । ମୁଁ ମୋ ପଛରେ ପଡ଼ି ଥିବା ଟେବୁଲକୁ ଚାହିଁଲି । ଦୁଇଜଣ ବୟସ୍କ ଭଦ୍ରଲୋକ ଗୋଟେ ଟେବୁଲରେ ବସିଥିଲେ ଆଉ ଅନ୍ୟଟିରେ ଦୁଇଜଣ ବୟସ୍କା ମହିଳା ବସିଥିଲେ । ମହିଳା ଦୁଇ ଜଣ କଥାବାର୍ତ୍ତା ହେଉଥିଲେ । ପୁରୁଷମାନେ ଖବରକାଗଜ ପଢୁଥିଲେ । ଲାଗୁଥିଲା ଯେମିତି ସେମାନେ ଜାଭିଅର୍‌ର ଯିବା ବିଷୟରେ କିଛି ଜାଣି ନଥିଲେ ।

ମୁଁ ବାସ୍ନାରୁ ଜାଣି ପାରୁଥିଲି ଯେ, ମୋର ଆମଲେଟ୍ ଏବେ ପୋଡ଼ିବା ଆରମ୍ଭ ହୋଇଯାଇଛି । ମୁଁ ବୁଝି ପାରୁନଥିଲି ମୋର କ'ଣ କରିବା ଉଚିତ । ମୁଁ ଥରେ ଜାଭିଅର୍ ବିଷୟରେ ଭାବିଲି ଓ ତା'ପରେ ବିକଳ ହୋଇ ମୋର ଆମଲେଟ୍‌କୁ ଚାହିଁଲି । ମୋ ମନରେ ଥିବା ସଙ୍କୋଚ କମ ହୋଇଗଲା ପରେ , ମୁଁ ମୋର ନାଲି ରଙ୍ଗର ଘୂରୁଥିବା ଚୌକି ଉପରୁ ଉଠିପଡିଲି ଓ କାଉଣ୍ଟର ପଛକୁ ଚାଲିଗଲି । ମୁଁ ସେଠାରେ ପଡ଼ିଥିବା ଗୋଟେ ଆପ୍ରନକୁ ଟାଣି ଆଣିଲି, ତା'ପରେ ଗୋଟେ ପିଠାପାତିଆ ନେଇ ଓଲଟେଇ ଦେଲି ମୋର ଆମଲେଟ୍‌କୁ । ମୋର ଟୋଷ୍ଟ, ଟୋଷ୍ଟର ବାହାରକୁ ଆସି ସାରିଥିଲା, କିନ୍ତୁ ତାହା ବେଶୀ ବାଦାମି ହୋଇନଥିଲା । ମୁଁ ତାକୁ ପୁଣିଥରେ ଚାପି ଦେଲି ଟୋଷ୍ଟର ଭିତରକୁ । ମୁଁ ଯେତେବେଳେ ରୋଷେଇ କରୁଥିଲି ସେଇ ଦୁଇଜଣ ବୟସ୍କା ମହିଳା କାଉଣ୍ଟର ନିକଟକୁ ଆସିଲେ ଓ କେତେ ପଇସା ହେଲା ପଚାରିଲେ । ମୁଁ ତାଙ୍କୁ ପଚାରିଲି – "ସେମାନେ କ'ଣ କ'ଣ ଖାଇଲେ ।" ସେମାନେ ମୋର ପ୍ରଶ୍ନ ଶୁଣି ଆଶ୍ଚର୍ଯ୍ୟ ହୋଇଥିଲେ ଯେ, ମୁଁ କିପରି ଏକଥା ମନେ ରଖିନାହିଁ । ମୁଁ ଦାମଗୁଡ଼ିକକୁ ବ୍ଲାକ୍‌ବୋର୍ଡ଼ରୁ ଚେକ୍ କଲି ଆଉ ତାଙ୍କର ହିସାବ କରିଦେଲି । ସେମାନେ ସେମାନଙ୍କର ବିରାଟ ବଡ଼ ପର୍ସ ଭିତରୁ ବଡ଼ କଷ୍ଟରେ ପଇସା କାଢ଼ି ପେମେଣ୍ଟ କଲେ ଓ ମୋତେ ଏକ ଡଲାର ବକସିସ୍ ଦେଇ ଚୁପ୍‌ଚାପ୍ ସେଠାରୁ ଚାଲିଗଲେ । ମୁଁ ଗ୍ରୀଲ୍ ଉପରୁ ମୋର ଆମଲେଟ୍ କାଢ଼ିଲି ଆଉ ଧୀରେ କିନା ଗୋଟିଏ ପରିଷ୍କାର ପ୍ଲେଟ୍ ଉପରେ ତାକୁ ରଖିଦେଲି । ମୋର ଟୋଷ୍ଟ ବାହାରି ସାରିଥିଲା । ମୁଁ ତା'ଉପରେ ବଟର ଲଗେଇଲି ଓ ପ୍ଲେଟ୍‌ରେ ଆମଲେଟ୍ କଡ଼ରେ ତାକୁ ରଖିଲି । ତା'ପରେ ମୁଁ ମୋର ପ୍ଲେଟ୍‌କୁ ନେଇ କାଉଣ୍ଟର ଉପରେ ମୁଁ ବସୁଥିବା ସ୍ଥାନରେ ରଖିଲି, ଠିକ୍ ମୋର ଖବରକାଗଜ ଧାରରେ । ମୁଁ ଯେମିତି କାଉଣ୍ଟର ପଛରୁ ନିଜର ଷ୍ଟୁଲ୍ ନିକଟକୁ ଆସିବାକୁ ଆରମ୍ଭ କଲି ଛଅ ଜଣ ନୂଆ ଗରାଖ କବାଟ ଦେଇ ଭିତରକୁ ପଶି ଆସିଲେ । "ଆମେ କେତୋଟି ଟେବୁଲକୁ ଏକାସାଙ୍ଗେ ରଖିପାରିବୁ କି ?" ସେମାନେ ପଚାରିଲେ – "ଆମେ ସମସ୍ତେ ଗୋଟିଏ ଦଳର ।"

ମୁଁ ସେମାନଙ୍କୁ 'ହଁ' କହିଲି । ସେମାନେ ଛଅଟି କଫି ବରାଦ କଲେ, ଯେଉଁଥିରୁ ଦୁଇଟି କ୍ୟାଫିନ ରହିତ ।

ମୁଁ ସେମାନଙ୍କୁ କହିବାକୁ ଚାହୁଁଥିଲି ଯେ, ମୁଁ ଏଠାରେ କାମ କରେ ନାହିଁ । କିନ୍ତୁ ସେମାନେ ବୋଧହୁଏ ଖୁବ୍ ଭୋକିଲା ଥିଲେ । ମୁଁ ସେମାନଙ୍କ କପ୍‌ରେ କଫି ଢାଳିଲି । ସେମାନଙ୍କର ଅର୍ଡର ଖୁବ୍ ସାଧାସିଧା ଥିଲା । ଛଅଟି ସ୍ପେଶାଲ୍ ଜଳଖିଆ, ସବୁଗୁଡ଼ିକ ଅଣ୍ଡାଭଜା ଓ ଗହମ ଟୋଷ୍ଟ ସହିତ । ମୁଁ ତରତର ହୋଇ ଗ୍ରୀଲ୍‌ରେ ରୋଷେଇ କରିବାକୁ ଲାଗିଲି ।


ତା'ପରେ ସେହି ବୟସ୍କ ଲୋକଜଣକ ପଇସା ଦେବା ପାଇଁ ଆସିଲା । ଆହୁରି ଅନେକ ଗରାଖ ଆସିବାକୁ ଲାଗିଲେ । ଆଠଟା ତିରିଶ ବେଳକୁ ମୋ' ହାତରେ ଅନେକ କାମ ଥିଲା । ଏହି ପରି ବ୍ୟବସାୟ ହେଉଥିବା ବେଳେ ଜାଭିଅର୍ ଯେ, କାହିଁକି ଜଣେ ପରିଚାରିକା ଆଜି ଯାଏଁ ରଖି ନାହିଁ ସେକଥା ମୁଁ ବୁଝି ପାରୁନଥିଲି । ବୋଧହୁଏ ଆସନ୍ତାକାଲି ମୁଁ 'ପରିଚାରିକା ଆବଶ୍ୟକ' ବୋଲି ଏକ ବିଜ୍ଞାପନ ଦେବି ଖବରକାଗଜରେ । ଆଗରୁ ମୁଁ କେବେ ହେଲେ ରେଷ୍ଟୁରାଣ୍ଟ ବ୍ୟବସାୟ କରିନାହିଁ । ତେଣୁ କରି ମୁଁ ଏହାକୁ ଏକୁଟିଆ କେବେ ହେଲେ ଚଳେଇ ପାରିବି ନାହିଁ । ■

ଭୁବନେଶ୍ୱର ପ୍ରଧାନ ଡାକଘର
ଭୁବନେଶ୍ୱର-୭୫୧୦୦୧
ମୋ: ୮୨୪୯୪୩୭୨୭୬

## ପୁସ୍ତକ ପରିଚୟ

### ମତେ ନାୟିକା କରିନିଅ

ସମରେନ୍ଦ୍ର ବଳିଆରସିଂହ





ପର୍ଲ ବୁକ୍ସ
ମଧୁସୂଦନ ନଗର, ତୁଳସୀପୁର
କଟକ-୭୫୩୦୦୮
ପ୍ରଥମ ମୁଦ୍ରଣ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

ଛୋଟ ଛୋଟ ଅନୁଭୂତି, ନିବିଡ଼ ଅନୁଭବ, ଭାବପ୍ରବଣ ମୁହୂର୍ତ୍ତ, କିଛି କଳ୍ପନାକୁ ନେଇ ଉତୁରି ଆସେ ସୁନ୍ଦର ଗପଟିଏ । ଏଭଳି କିଛି ଅନୁଭବ ଓ ଅନୁଭୂତିକୁ ନେଇ ପ୍ରକାଶ ପାଇଛି ସମରେନ୍ଦ୍ର ବଳିଆରସିଂହଙ୍କ 'ମତେ ନାୟିକା କରିନିଅ' ଗଳ୍ପ ପୁସ୍ତକ । ଏହି ପୁସ୍ତକରେ ୪୦ ଗପଟି ସଂକଳିତ ହୋଇଛି । ମାନବୀୟ ପ୍ରେମ, ପାରିବାରିକ ସଂପର୍କ, ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି ଅନେକ ଗପରେ । 'ଶ୍ୟାମଳୀ ଘରେ ନାହିଁ କି?', 'ସଂପର୍କର ଆରପାଖ', 'ଝର୍କା ଆରପଟେ...', 'ଛିନ୍ନପତ୍ର', 'ମିଛର ସମାଧି', 'ଅନ୍ତଃସ୍ୱର', 'ବରଗଛ ଭଳି ମଣିଷ','ଧଳା ମଣିଷ', 'କଣ୍ଟା ଓ ହମ୍ପସ୍', 'ସଂପର୍କର କୁଆପଥର', ଆଦି ଗପଗୁଡ଼ିକରେ ପ୍ରେମ ଓ ଜୀବନମୟତାର ପ୍ରତିଛବି ପ୍ରତିଫଳିତ ହୋଇଛି । ସେହିପରି 'ଆଉ ଏକ ପୃଥିବୀ', 'ନିର୍ବାଣର ନାୟିକା', 'ତମର ସିଆଡ଼େ ଶୀତ କେମିତି', 'ଠିକ୍ ଅଛି...ମୁଁ ରାଜି', 'କୁମ୍ଭକର୍ଣ୍ଣ ଓ ଭୋକ', 'ସ୍ୱପ୍ନ ଓ ସର୍ତ୍ତ', 'ସ୍ଥାନ, କାଳ, ପାତ୍ର' ଆଦି ମିନି ଗପରେ ପ୍ରେମ ଓ ନିବିଡ଼ ଭଲ ପାଇବାର ସଂକେତ ପ୍ରସ୍ଫୁଟିତ ହୋଇଉଠିଛି । ଏଭଳି କିଛି ସ୍ମରଣୀୟ ପ୍ରେମମୟ ମୁହୂର୍ତ୍ତକୁ ଗାଳ୍ପିକ ଅତି ସଂକ୍ଷେପରେ ଅଥଚ ମାର୍ମିକ ଭାବେ ଏହି ସବୁ ଗପରେ ରୂପ ଦେଇଛନ୍ତି । 'ମତେ ନାୟିକା କରିଦିଅ' ପୁସ୍ତକର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

### ଚିନ୍ମୟୀ ଚିନ୍ତନ

ଚିନ୍ମୟୀ ପଣ୍ଡା




ତୀରତରଙ୍ଗ ପବ୍ଲିକେଶନ୍
ଚନ୍ଦକା ଶିଳ୍ପାଞ୍ଚଳ, ଭୁବନେଶ୍ୱର-୨୪
ପ୍ରଥମ ମୁଦ୍ରଣ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

ସାଂପ୍ରତିକ ସମସ୍ୟା, ଘଟଣାବଳୀ, ରାଜନୀତି, ଅର୍ଥନୀତି, ସାହିତ୍ୟ ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ଚିନ୍ମୟୀ ପଣ୍ଡାଙ୍କ ରଚିତ 'ଚିନ୍ମୟୀ ଚିନ୍ତନ' ପୁସ୍ତକ ପ୍ରକାଶ ପାଇଛି । ଖବରକାଗଜରେ ପ୍ରକାଶିତ ବିଭିନ୍ନ ପ୍ରସଙ୍ଗକୁ ନେଇ ୩୮ ଟି ଆଲୋଚନା ଏହି ପୁସ୍ତକରେ ସଂକଳିତ ହୋଇଛି । 'ଖବରର ଚକ୍ରବ୍ୟୁହରେ ବାତ୍ୟା', 'ବାହାଘର କ'ଣ ଗୋଟିଏ ସମସ୍ୟା ନା' ସମାଧାନ?', 'ମଣିଷ କେବେ ପଶୁ ଭଳି ହେଇପାରେ?', 'ଡିଜିଟାଲ୍ ହାଟ, ପାଦ ଗଣି ଗଣି ଚାଲ ବାଟ', 'ଆପଣ ସମାଜ ପାଇଁ କେତେ ଦରକାରୀ?', 'ଆତ୍ମୀୟତାର ପରଶ', 'ଆମେ, ସେମାନେ ଓ ଜେନେରେସନ୍ ଗ୍ୟାପ୍', 'ତୁମ ବିଦେଶ ପ୍ରୀତିରେ ମୋ ଦେଶ ରହିବଟି?', 'ଭାଇରାଲ ମୋନାଲିସାମାନେ କୁଆଡ଼େ ଯାଆନ୍ତି?' ଆଦି ଆଲୋଚନାରେ ପ୍ରତିଦିନ ଆମେ ସାମ୍ନା କରୁଥିବା ବିଭିନ୍ନ ସାମାଜିକ ସମସ୍ୟା ଓ ତାହାର ସମାଧାନ ସଂପର୍କରେ ଲେଖିକା ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି । କେତେକ ପ୍ରସଙ୍ଗ, ସମସ୍ୟାକୁ କାହାଣୀ ମାଧ୍ୟମରେ ଚମତ୍କାର ଭାବେ ବର୍ଣ୍ଣନା କରି ସମାଧାନର ପଥ ପ୍ରଦର୍ଶନ କରିଛନ୍ତି । ସେଭଳି 'ସୁନା ପୁଅ ଓ ରୁପା ଝିଅଙ୍କ କାହାଣୀ', 'ଶିଶୁ ସାହିତ୍ୟ ଲୋଡ଼ା କାହିଁକି?', 'ଆମେ କ'ଣ ରାମାୟଣ ବୁଝି ପାରିଚେ?' ଆଦି ରଚନାଗୁଡ଼ିକ ମଧ୍ୟ ଉପାଦେୟ ଓ ମନଛୁଆଁ ହୋଇଛି । ଏହି ପୁସ୍ତକର ଆଲୋଚନାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

## ଗାଁ ଘରେ ମାଆ

ଇଚ୍ଛା ଥିଲା
ମାଆ ବି ଆସି ରହନ୍ତା
ଏଇଠି, ଏଇ ସହରରେ ।

କିନ୍ତୁ ମାଆ ଚାହୁଁଥିଲା
ଗାଁ ବି ଆସନ୍ତା ସାଙ୍ଗରେ
ଯାହା ମଞ୍ଜୁର ନଥିଲା
ନା ମତେ
ନା ଏ ସହରକୁ !

ଆସି ପାରିଲାନି ମାଆ
ଏଇ ସହରକୁ
ଆସି ପାରିଲାନି ଗାଆଁ !

ଆଉ ମୁଁ ବା କ'ଣ କରନ୍ତି
ଗାଁକୁ ଯାଇ !

ତେବେ ଦେଖେ,
ଗାଁରୁ କିଛି ଏବେ ବି ଲାଖି ରହିଛି
ଦେହର କେଉଁ ନିଭୃତ କୋଣରେ
ଏଠି ସେଠି ଛିଟିକା ପଡ଼ିଲା ଭଳି

ମାଆ ଆସନ୍ତା
କାହାକୁ କିଛି ନଜଣାଇ
ତ ଅଳ୍ପ ବହୁତେ ଗାଁ ଆସନ୍ତା ନା
ଏଇ ସହରକୁ !

ହେଲେ ,କେମିତି ଆସନ୍ତା
ସେ ଖୋଲାମେଲା ବାରଣ୍ଡା
ଅଗଣା -
ଯୋଉଠି ଖଟିଆରେ ବସି
ଫରମାସ୍ କରୁଥାଏ ମାଆ
କାନ୍ଥ ସେପଟେ ଠିଆ ଖୁଡ଼ିଙ୍କୁ
ବୋହୂମାନଙ୍କୁ
ପଡ଼ିଶାଘର ନାରଖାରୀଠୁ
ମୋଡ଼ା ଘଷା ଖାଏ
ଆରାମ କରୁଥାଏ କଅଁଳ ଖରା ଘୋଡ଼ି ହୋଇ
କେଉଁ ଏକ ଲୋକଗୀତ ଗୁଣୁଗୁଣେଇ !

କେମିତି ଆସନ୍ତା
ସେଇ ଗାଉଁଲି କଥାବାର୍ତ୍ତା--
କ୍ଷେତ,ତେଣ୍ଡା, କୂଅ ଆଉ ଖଳାବାଡ଼ିର ପ୍ରସଙ୍ଗ!



ମୂଳ ହିନ୍ଦୀ : ଦିବିକ ରମେଶ

ଅନୁବାଦ : ଶୈଳବାଳା ମହାପାତ୍ର

ନୂଆ ଗଢ଼ା ବସତି
ଯାହା ଠିଆ ଆଗାମୀ ନିର୍ବାଚନ ଆଗରୁ
ସ୍ୱୀକୃତି ପାଇବା ଧାଡ଼ିରେ ।

କେମିତି ଆସନ୍ତା ସେଇ ସବୁ ଗଛ
ଯେଉଁଠି ଆଜି ବି ଅଛି
ଇତିହାସ !! ■



## ଆତ୍ମ ସମ୍ବାଦ

ଜାଣିବାକୁ ଚାହେଁ ପାହାଡ଼ଠୁ
ଦେଖିବାକୁ ତ ସିଏ
ଅଟଳ ସ୍ଥିର ଶାନ୍ତ
ସାମ୍ୟର ପ୍ରତ୍ୟୟ

ତ ପୁଣି ଭିତରେ ଥାଏ କେଉଁସବୁ ଅନୁଭବ
ଯେ' ଲୁହର ନଦୀ ହୋଇ ବହିଆସେ
ଏତେ କୋମଳ
ଏତେ ଉଦାସ

ବାସ୍
ଜରୁରି କେବଳ
ଥାପୁଡ଼େଇ ଦେବାର
ଏକାନ୍ତ ଆପଣା ଗୋଟେ ବିଶ୍ୱାସ !! ■

ଶୀଳାଚିନ୍ମୟ
ମଧୁବନ ଷଷ୍ଠ ଗଳି
ଟିକରପଡ଼ା ରୋଡ, ପୁରୀ -୨
ମୋ: ୭୦୦୮୫୮୬୫୦୧

# ସଂସ୍କୃତି ଓ ସମ୍ବେଦନାର ଭାଷ୍ୟକାର ମାଥ୍ୟୁ ଆରନୋଲ୍ଡ



ବିଜୟକୁମାର ପାଢ଼ୀ

ଗଣତନ୍ତ୍ରର ଅଭ୍ୟୁଦୟ, ବ୍ରିଟିଶ୍ ସାମ୍ରାଜ୍ୟର ବିସ୍ତାର, ଅକ୍ସଫୋର୍ଡ ଆନ୍ଦୋଳନ, ବିଜ୍ଞାନର ଅଗ୍ରଗତି ଓ ଦ୍ରୁତ ଶିଳ୍ପାୟନ ଥିଲା ଊନବିଂଶ ଶତାବ୍ଦୀରେ ଭିକ୍ଟୋରିଆ ଯୁଗର ପ୍ରମୁଖ ଘଟଣାବଳୀ । ବିଜ୍ଞାନର ବ୍ୟାପକ ପ୍ରଭାବ ଦ୍ୱାରା ମଣିଷର ହୃଦୟରୁ ଧର୍ମ, ବିଶ୍ୱାସ ଏବଂ ମାନବିକତା ଧୀରେ ଧୀରେ ଅପସରି ଗଲା । ସେହିଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସେ ଯୁଗର ପ୍ରଥିତ ଯଶା ସାହିତ୍ୟିକ ଆଲ୍‌ଫ୍ରେଡ୍ ଟେନିସନ୍, ରର୍ବଟ ବ୍ରାଉନିଙ୍ଗ ଏବଂ ମାଥ୍ୟୁ ଆରନୋଲ୍ଡଙ୍କ ଭଳି କବିମାନେ ସାଜି ଥିଲେ ଭବିଷ୍ୟ ଦ୍ରଷ୍ଟା ତଥା ଯୁଗ ପ୍ରବର୍ତ୍ତକ, ଆପଣାର କାଳଜୟୀ ସାହିତ୍ୟ କୃତି ମାଧ୍ୟମରେ ଯୁଗାନ୍ତକାରୀ ସନ୍ଦେଶ ଓ ଦିଗ୍‌ଦର୍ଶନ ଦେଇ ସମାଜରେ ରାଜନୈତିକ, ଧାର୍ମିକ ଏବଂ ସାମାଜିକ ସଂସ୍କାର ଆଣିବାରେ ପ୍ରୟାସ କରିଥିଲେ । ବିପର୍ଯ୍ୟସ୍ତ ପରିବେଶ ଓ ସହରୀକରଣ ନାଁରେ ବିଶୃଙ୍ଖଳିତ ଜୀବନଶୈଳୀ ସୁସ୍ଥ ସମାଜର ପରିପନ୍ଥୀ ବୋଲି ମାଥ୍ୟୁ ଆରନୋଲ୍‌ଡ ମତ ପୋଷଣ କରିଥିଲେ । ସମାଜର ବିସଙ୍ଗତି ଓ ନୈତିକ ସ୍ଖଳନ ଓ ସାମାଜିକ ଅଧଃପତନ ପାଇଁ ଆରନୋଲ୍‌ଡଙ୍କର ସାହିତ୍ୟ ପ୍ରାଣ ବିଳପି ଉଠିଥିଲା । ସେ ସମୟର ସାମାଜିକ ବିଡ଼ମ୍ବନାକୁ ନିଜର ସାହିତ୍ୟ କୃତି ମାଧ୍ୟମରେ ଏକ ନିଚ୍ଛକ ଢଙ୍ଗରେ ପ୍ରକାଶ କରିଥିଲେ ।

ଏକ ସୁସଂହତ ଓ ସୁସ୍ଥ ସମାଜର ସୁରମ୍ୟ ଅଟ୍ଟାଳିକାର ମୂଳଦୁଆ ହେଉଛି ସେ ସମୟର ବଳିଷ୍ଠ ସାହିତ୍ୟ । ଇଂରାଜୀ ସାହିତ୍ୟରେ ମାଥ୍ୟୁ ଆରନୋଲ୍‌ଡଙ୍କ ନାମ ଏକ ସ୍ୱର୍ଦ୍ଧିତ ଉଚ୍ଚାରଣ । ବହୁମୁଖୀ ପ୍ରତିଭାର ଅଧିକାରୀ ଆରନୋଲ୍‌ଡ ଥିଲେ ଜଣେ ସମାଲୋଚକ, କବି, ଲେଖକ ଏବଂ ଜଣେ ଆଦର୍ଶ ଶିକ୍ଷାବିତ୍ । ୨୪ ଡିସେମ୍ବର ୧୮୨୨ ମସିହାରେ ଲଣ୍ଡନର ଥେମସ୍ ନିକଟବର୍ତ୍ତୀ ଏକ ଛୋଟ ଗ୍ରାମ ଲାଲେହାମ୍‌ଠାରେ ଜନ୍ମ ଗ୍ରହଣ କରିଥିଲେ ଆରନୋଲ୍‌ଡ । ପିତା ଥୋମାସ୍ ଆରନୋଲ୍‌ଡଙ୍କ ଅଧୀନରେ ଥିବା ରଗ୍‌ବୀ ବିଦ୍ୟାଳୟରୁ ପ୍ରାଥମିକ ଶିକ୍ଷା, ପରେ ପରେ ଅକ୍ସଫୋର୍ଡର ବାଲିଆଲ୍ ମହାବିଦ୍ୟାଳୟରୁ ଅଧ୍ୟୟନ ସମାପ୍ତି କରି ସେହି ରଗ୍‌ବୀ ବିଦ୍ୟାଳୟର ଶିକ୍ଷକ ଜୀବନ ଆରମ୍ଭ କରିଥିଲେ । ପେଶାରେ ଶିକ୍ଷାବିତ୍ ଥିଲେ ମଧ୍ୟ ନିଶା ଥିଲା ସାହିତ୍ୟ ସାଧନା । ତାଙ୍କର ଜୀବଦ୍ଦଶାରେ ଶିକ୍ଷାରେ ସଂସ୍କାର ମୂଳକ ପଦକ୍ଷେପ ନେବା ସହିତ ସାହିତ୍ୟ ମାଧ୍ୟମରେ ସମାଜରେ ଅନୁରାଗ ଜନ୍ମାଇ ମାନବୀୟ ମୂଲ୍ୟବୋଧକୁ ଜାଗ୍ରତ କରିବାରେ ପ୍ରଚେଷ୍ଟା କରିଥିଲେ ।

ଆରନୋଲ୍‌ଡଙ୍କ କବି ପ୍ରତିଭାର ପ୍ରଥମ ପରିଚୟ ମିଳିଥିଲା ୧୮୪୯ ମସିହାରେ ପ୍ରକାଶିତ କବିତା 'ଦଷ୍ଟ୍ରେଡ ରିଭେଲର ଏଣ୍ଡ ଅଦର୍ ପମେସ୍' ମାଧ୍ୟମରେ । ଉକ୍ତ କବିତାଟି ଏକ ସୁଦୀର୍ଘ କଥୋପକଥନ ଖ୍ରୀଷ୍ଟଧର୍ମର ସ୍ଥାଣୁତାକୁ ସେ ଘୋର ସମାଲୋଚନା କରୁଥିଲେ । ଧର୍ମ ଏକ ଗତିଶୀଳ ପ୍ରବାହ ବୋଲି କବି ହୃଦବୋଧ କରିଥିଲେ । ତାଙ୍କ ମତରେ ଧର୍ମ ଏକ ନୈତିକତାର ଆଧାର ଯାହା ମାନବୀୟ ସମ୍ବେଦନାର ଏକ ଅଂଶବିଶେଷ ହେବା ଉଚିତ୍ । (Religion should be morality tinged with emotion) ତାଙ୍କର ଅଧିକାଂଶ କବିତା ୧୮୪୯ରୁ ୧୮୬୭ ମସିହା ମଧ୍ୟରେ ପ୍ରକାଶିତ ହୋଇଥିଲା । 'ସୋରାବ ଏଣ୍ଡ ରୁସ୍ତମ' ଏବଂ 'ଦ ସ୍କଲାର ଦିସ୍ପି' କବିତା ଦୁଇଟି ୧୮୫୩ ମସିହାରେ ପ୍ରକାଶ ପାଇଥିଲା । 'ସୋରାବ ଏଣ୍ଡ ରୁସ୍ତମ'ର ପ୍ରସଙ୍ଗଟି ପାର୍ସୀ ଭାଷାରେ ଲିଖିତ ମହାକାବ୍ୟ 'ବୁକ୍ ଅପ୍ କିଙ୍ଗସ୍' ଉପରେ ପର୍ଯ୍ୟବସିତ । ଏହା ଏକ ଶୋକ କବିତାର ପର୍ଯ୍ୟାୟଭୁକ୍ତ ନହେଲେ ମଧ୍ୟ ଦୁଃଖ, ଶୋକ ଓ ମଣିଷର ଅସହାୟତା ପ୍ରକାଶ ପାଇଛି ଉକ୍ତ କବିତା ମାଧ୍ୟମରେ । ମୃତ ବ୍ୟକ୍ତିମାନଙ୍କର ଓଠରେ ସତ୍ୟତା ଅଛି ବୋଲି କବିଙ୍କର ଅଭିବ୍ୟକ୍ତି । (Truth sits upon the lips of dying men) । 'ଦ ସ୍କଲାର ଦିସ୍ପି' କବିତା ମାଧ୍ୟମରେ କବି ଜୀବନର ପ୍ରକୃତ ଅର୍ଥ ଏବଂ ସତ୍ୟତାକୁ ଅନ୍ୱେଷଣ କରିଛନ୍ତି । ସେ ସମୟର ଭୌତିକ ସର୍ବସ୍ୱ ବା ବସ୍ତୁବାଦୀ ବା ସାମାଜିକ ଜୀବନକୁ ସମାଲୋଚନା କରିଥିଲେ । ମାନବୀୟ ଉତ୍କର୍ଷ କାର୍ଯ୍ୟାବଳୀ ମାଧ୍ୟମରେ ଏକ ସୁସଂହତ ସଂସ୍କୃତି ସଂପନ୍ନ ସମାଜ ଗଠନ ହୋଇପାରିବ ବୋଲି ତାଙ୍କର ବିଶ୍ୱାସ ଥିଲା ।

ନିଃସଙ୍ଗତା, ବିଶ୍ୱାସର ଅବକ୍ଷୟ ଏବଂ ସାମାଜିକ ଅସଙ୍ଗତି ଭଳି ବିଷୟ ତାଙ୍କ କବିତାର ସ୍ୱର ଥିଲା । ଗୋଟିଏ ଯୁଗର ମୁକ୍ତ ଚିନ୍ତନ ପରବର୍ତ୍ତୀ ଯୁଗର ବ୍ୟବହାରିକ ବୁଦ୍ଧି ବୋଲି ସେ ବିଶ୍ୱାସ କରୁଥିଲେ । (The Free thinking of one age is the common sense of the next.) ତାଙ୍କର ଅନ୍ୟ ଏକ କାବ୍ୟ କୃତି ହେଉଛି 'ମେରୋପ' ଯାହା ୧୮୫୮ ମସିହାରେ ପ୍ରକାଶ ପାଇଥିଲା । 'ଥାଇରିସିସ୍' ଏବଂ 'ରଗ୍‌ବୀ ଚାପେଲ' ଉଭୟ କାବ୍ୟ ଦୁଇଟି ୧୮୬୭ ମସିହାରେ ପ୍ରକାଶ ପାଇଥିଲା । ଶୋକ କବିତା 'ଥାଇରିସିସ୍'ରେ ନିଜ ବନ୍ଧୁ ଆର୍ଥର କ୍ଲାଓଙ୍କ ମୃତ୍ୟୁରେ ମ୍ରିୟମାଣ ହୋଇ ଜୀବନର ଅନ୍ତର୍ଦୃଷ୍ଟିକୁ, ସରଳ ଓ ସାବଲୀଳ ଢଙ୍ଗରେ ଉପସ୍ଥାପନ କରିଛନ୍ତି । 'ରଗ୍‌ବୀ ଚାପେଲ' କବିତାଟି ସମ୍ପୂର୍ଣ୍ଣ ଆବେଗ ଓ ମଣିଷର ଚିନ୍ତନରେ ପରିପୂର୍ଣ୍ଣ । ନିଜ ପିତାଙ୍କ ସ୍ମୃତି ଉପରେ ଶୋକ କବିତାଟି ମଣିଷର ମୃତ୍ୟୁ, ପାରିପାର୍ଶ୍ୱିକ ଅବସ୍ଥା ଏବଂ ଜୀବନର ସାର୍ଥକତା ଭଳି ବିଷୟ ଉପରେ ଆଲୋକପାତ କରେ । ଅନ୍ୟ ଏକ ଶ୍ରେଷ୍ଠ କବିତା 'ଡୋଭର ବିଚ୍'ରେ ଆଧୁନିକ ଜୀବନରେ ବିଶ୍ୱାସର ସଂକଟ ଓ ଧାର୍ମିକ ଅବକ୍ଷୟକୁ କେନ୍ଦ୍ର କରି ଦୁଃସ୍ଥତା ନିଃସଙ୍ଗତା ଓ ଦୁର୍ବିସହତା ଭଳି ପ୍ରସଙ୍ଗକୁ ଉପସ୍ଥାପନ କରିଛନ୍ତି । କବିତାର ମୁଖ୍ୟ ବିଷୟବସ୍ତୁ ହେଲା ଧାର୍ମିକ ଅନିର୍ଦ୍ଧିଷ୍ଟତା, ପାରସ୍ପରିକ ବୁଝାମଣାର ଅଭାବ ଏବଂ ସମାଜର ନୈତିକ ସ୍ଖଳନ । ଟି.ଏସ୍. ଇଲିୟଟ୍‌ଙ୍କ ରଚିତ 'ୱେଷ୍ଟଲ୍ୟାଣ୍ଡ' ଭଳି ଆଧୁନିକ ମହାକାବ୍ୟ ସହିତ 'ଡୋଭର ବିଚ୍' କବିତାର ଅନେକ ସାମଞ୍ଜସ୍ୟ ଅଛି ବୋଲି ଅନେକ ପାଠକ ଓ ସମାଲୋଚକଙ୍କ ମତ । 'ୱେଷ୍ଟଲ୍ୟାଣ୍ଡ' କବିତାରେ କବି ଇଲିୟଟ୍ ପୃଥିବୀକୁ ଏକ ପତିତ ଭୂମି ସହିତ ତୁଳନା କରିଛନ୍ତି । ସମାଜର ସମ୍ପୂର୍ଣ୍ଣ ଅବ୍ୟବସ୍ଥା, ଅରାଜକତା ତଥା ଶୃଙ୍ଖଳା ବର୍ଜିତ ଜୀବନଯାପନକୁ ବର୍ଣ୍ଣନା କରିଥିବା ବେଳେ 'ଡୋଭର୍ ବିଚ୍' କବିତାରେ ଆରନୋଲ୍‌ଡ ପୃଥିବୀକୁ ଏକ ଅନ୍ଧକାରଚ୍ଛନ୍ନ ଭୂମି (Darkling plain) ସହିତ ତୁଳନା କରିଛନ୍ତି ।

ଜଣେ କବିଭାବରେ ସାହିତ୍ୟ ଯାତ୍ରା ଆରମ୍ଭ କରିଥିଲେ ମଧ୍ୟ ବି ତାଙ୍କର ସମାଲୋଚନାଧର୍ମୀ ରଚନା ପାଇଁ ବେଶ୍ ସ୍ୱୀକୃତି ଲାଭ କରିଛନ୍ତି । ୧୮୬୫ ମସିହାରେ ପ୍ରକାଶ ପାଇଥିଲା ପ୍ରସିଦ୍ଧି ସମାଲୋଚନା 'ଏସେଜ୍ ଇନ୍ କ୍ରିଟିସିଜିମ୍' ତାଙ୍କୁ ଜଣେ ଲେଖକ ଭାବରେ ପ୍ରତିଷ୍ଠିତ କରିପାରିଥିଲା । ଶିକ୍ଷା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ୧୮୬୯ ମସିହାରେ ପ୍ରକାଶିତ ସମାଲୋଚନା 'କଲଚର୍ ଏଣ୍ଡ ଥାନାର୍ସି'ରେ 'ହିବ୍ରାଇଜମ୍' ଏବଂ 'ହେଲେନିଜମ୍' ଉପରେ ପ୍ରକାଶିତ ତଥ୍ୟ ସାହିତ୍ୟରେ ସମାଲୋଚନାର ସ୍ତରକୁ ବହୁଗୁଣିତ କରିପାରିଛି । ହିବ୍ରାଇଜିମ୍ ବ୍ୟକ୍ତି ଜୀବନର କର୍ତ୍ତବ୍ୟ ପରାୟଣତା, ଚରିତ୍ର ଏବଂ ଅନୁଶାସନକୁ ଗୁରୁତ୍ୱଆରୋପ କରୁଥିବା ବେଳେ ହେଲେନଜିମ୍ ଜ୍ଞାନର ପିପାସା ଏବଂ ସୌନ୍ଦର୍ଯ୍ୟବୋଧତାକୁ ଗୁରୁତ୍ୱ ଆରୋପ କରେ । ତେବେ କବିଙ୍କ ମତରେ ଉଭୟ ତତ୍ତ୍ୱର ସମାହାରରେ ମାନବୀୟ ଉତ୍କର୍ଷ କାର୍ଯ୍ୟାବଳୀ ହିଁ ସମାଜକୁ ସମୃଦ୍ଧ କରିପାରିବ ।

୧୮୭୩ ମସିହାରେ ପ୍ରକାଶିତ ଅନ୍ୟ ଏକ ସମାଲୋଚନାଧର୍ମୀ ଗଦ୍ୟ 'ଲିଟେରଚର୍ ଏଣ୍ଡ ଡର୍ମା'ଟି ଧର୍ମଶାସ୍ତ୍ର ତଥା ହଠଧର୍ମ ଭଳି ବିଷୟରେ ଏକ ତାତ୍ତ୍ୱିକ ଆଲୋଚନା । 'ବ୍ୟକ୍ତିର ଚରିତ୍ର ହେଉଛି ଜୀବନର ତିନିପା ବା ତିନି ଚଉଠା ବୋଲି କବିଙ୍କର ମତ । ପ୍ରେମ, ମାନବିକତା, ସଂସ୍କୃତି, ସମ୍ବେଦନା, ଧର୍ମ ଓ ବିଶ୍ୱାସର ପୁନଃ ପ୍ରତିଷ୍ଠା ଭଳି ପ୍ରସଙ୍ଗକୁ ନେଇ ଆରନୋଲ୍ଡଙ୍କ ସାହିତ୍ୟ ବେଶ୍ ସମୃଦ୍ଧଶାଳୀ । ଶବ୍ଦଚାତୁରୀରେ ଆଙ୍କି ଦେଇଛନ୍ତି ଅନେକ ଚିତ୍ରପଟ ଯେଉଁଥିରେ ସମାଜର ଦୃଷ୍ଟି, ଦର୍ଶନ, ବେଗ, ଆବେଗ, ନିରାଶା ଭିତରେ ଆଶା ଓ ଆଶ୍ୱାସନା ଭରି ରହିଛି । ଶବ୍ଦମନସ୍କ ଓ ଶବ୍ଦ ଅବିଶ୍ୱତ କରିଦେଇଛନ୍ତି ପାଠକମାନଙ୍କୁ, ଅନୁଉଦର ଅନନ୍ତ ଆକାଶ ତଥା ଗୋଟିଏ ଯୁଗର ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ପ୍ରେକ୍ଷାପଟରେ ଘଟୁଥିବା ଘଟଣାବଳୀକୁ ନେଇ ଯେ, କାଳଜୟୀ ସାହିତ୍ୟ ସୃଷ୍ଟି ହୋଇପାରେ ତାହା ଆରନୋଲ୍‌ଡଙ୍କୁ ପଢ଼ିଲେ ବୁଝି ହୋଇଯାଏ । ■

ଓଡିଏମ୍ ପବ୍ଲିକ୍ ସ୍କୁଲ୍, ଭୁବନେଶ୍ୱର
ମୋ: ୭୮୯୪୧୫୩୫୭୮

## ଉପକୂଳ ସୁରକ୍ଷା ସହ ଖେଳ

# ବାଣ୍ଟିଦେଲେ ପାଟ୍ରୋଲିଂ ଡ୍ରୋନ୍

ଭୁବନେଶ୍ୱର,୩୦।୮(ସମିସ): ଉପକୂଳ ସୁରକ୍ଷା ପାଇଁ ଓଡ଼ିଶା ପୁଲିସ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଡ୍ରୋନ୍ କିଣିଥିଲା। ହେଲେ ଏହି ଡ୍ରୋନ୍ ଉପକୂଳରେ ପାଟ୍ରୋଲିଂ କରିବ କ'ଣ, ଆକାଶରୁ ଉଡାନ୍ ହୋଇଗଲାଣି। ଗତ ମାର୍ଚ୍ଚରେ କିଣାଯାଇଥିବା ଏହି ଡ୍ରୋନ୍‌ଗୁଡ଼ିକୁ ଓଡ଼ିଶା ପୁଲିସ୍ ଉପକୂଳ ସୁରକ୍ଷାରେ ନିୟୋଜିତ ନ କରି ନକ୍ସଲ ମୁକାବିଲା ନିମନ୍ତେ ସ୍ପେସାଲ ଅପରେସନ୍ ଗ୍ରୁପ୍ (ଏସଓଜି)କୁ ହସ୍ତାନ୍ତର କରାଯାଇଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡ଼ିଛି। କିନ୍ତୁ, କାହା ନିର୍ଦ୍ଦେଶରେ ଏପରି କରାଯାଇଛି, ସେନେଇ କେହି ମୁହଁ ଖୋଲୁନାହାନ୍ତି।

ନିକଟରେ, ବିହାରକୁ ୩ଜଣ ଆତଙ୍କବାଦୀ ନେପାଳ ରାସ୍ତା ଦେଇ ପଶି ଆସିଥିବା ଗୁଇନ୍ଦା ସୂଚନା ଦେଇଥିଲା। ଆତଙ୍କବାଦୀ ଆକ୍ରମଣ ଦୃଷ୍ଟିରୁ ଓଡ଼ିଶା ବି ଏକ ସମ୍ବେଦନଶୀଳ ରାଜ୍ୟ। ବିଶେଷକରି, ଏହାର ସୁଦୀର୍ଘ ଉପକୂଳ ଦେଇ ଆତଙ୍କୀ ପଶି ଆସିବାର ଆଶଙ୍କା ରହିଛି। ଅତୀତରେ ଓଡ଼ିଶାରୁ ମଧ୍ୟ ଏକାଧିକ ଆତଙ୍କବାଦୀ ଧରାପଡ଼ିବାର ନଜିର ରହିଛି। କେବଳ ଆତଙ୍କବାଦୀ ନୁହେଁ, ଓଡ଼ିଶାକୁ ଲାଗିଥିବା ଦୀପଗୁଡ଼ିକରେ ମଧ୍ୟ ଅନୁପ୍ରବେଶକାରୀମାନେ ରହିଲେଣି। ଏହା ଉପରେ ନଜର ରଖିବା ଲାଗି ରାଜ୍ୟ ସରକାର ଉପକୂଳ ସୁରକ୍ଷା ପ୍ଲାନରୁ ୧୨.୭୩ କୋଟି ଟଙ୍କା ଓଡ଼ିଶା ପୁଲିସକୁ ମଞ୍ଜୁର କରିଥିଲେ। ଉପକୂଳ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ପାଣ୍ଠିରୁ ବିଡିଂ ପ୍ରକ୍ରିୟାରେ ୨୦୨୫ ମାର୍ଚ୍ଚରେ ୧୦ଟି ଉଚ୍ଚକ୍ଷମତା ସମ୍ପନ୍ନ ଡ୍ରୋନ୍ କିଣାଯାଇଥିଲା। ମାତ୍ର ସେହି ଡ୍ରୋନ୍‌କୁ ଉପକୂଳ ସୁରକ୍ଷାରେ ନିୟୋଜିତ କରାନଯାଇ ସେଥିରୁ ୫ଟି ଡ୍ରୋନ୍‌କୁ ଏସ୍‌ଓଜିକୁ ହସ୍ତାନ୍ତର କରାଯାଇଛି। ନକ୍ସଲ ମୁକାବିଲା ନିମନ୍ତେ ଏସ୍‌ଓଜି ପାଖରେ ୨୦୨୪ ମସିହାରୁ ୬ଟି ଡ୍ରୋନ୍ ରହିଛି। ଯଦି ଓଏସ୍‌ଜି ପାଇଁ ଅଧିକ ଡ୍ରୋନର ଆବଶ୍ୟକତା ଥିଲା, ସେଥିପାଇଁ ଅଲଗା ଟେଣ୍ଡର୍ ଡାକି କ୍ରୟ କରିବାରେ ଅସୁବିଧା କେଉଁଠି ବୋଲି ପ୍ରଶ୍ନ ଉଠିଛି। ଓଡ଼ିଶା ଆର୍ଥିକ ନିୟମବଳୀର ଉଲ୍ଲଙ୍ଘନ କରି ଉପକୂଳ ସୁରକ୍ଷା ପାଣ୍ଠିରୁ କ୍ରୟ ଡ୍ରୋନ୍‌ଗୁଡ଼ିକୁ ଏସଓଜିକୁ ହସ୍ତାନ୍ତର ହୋଇଛି ବୋଲି କୁହାଯାଉଛି।

**ମୁକୁଳା ପଡ଼ିଛି ଉପକୂଳ ମାର୍ଗ; ଆତଙ୍କବାଦୀ ପ୍ରବେଶର ଭୟ ଘାରିଲାଣି**

ଅପରପକ୍ଷେ, ବାଂଲାଦେଶୀ ଅନୁପ୍ରବେଶକାରୀମାନେ ଏହାର ଫାଇଦା ନେଉଥିବା ଅଭିଯୋଗ ହେଉଛି। ଦଳଦଳ ହୋଇ ସେମାନେ ବିନା ଭୟରେ ଓଡ଼ିଶାରେ ପ୍ରବେଶ କରୁଛନ୍ତି। ଆଗାମୀ ଦିନରେ ଏହା ଉଭୟ ରାଜ୍ୟ ଓ ଦେଶ ପାଇଁ ବିପଦ ଆଣିବ ବୋଲି କୁହାଯାଉଛି।

ଓଡ଼ିଶାରେ ବାଂଲାଦେଶୀ ଅନୁପ୍ରବେଶ ଏବେ ଗୁରୁତର ସମସ୍ୟା ହୋଇ ରହିଛି। ୨୦୨୧ ମସିହା ସୁଦ୍ଧା ରାଜ୍ୟରେ ମୋଟ୍ ୩୭୩୮ ଜଣ ବାଂଲାଦେଶୀ ନାଗରିକ ରହୁଛନ୍ତି ବୋଲି ତଥ୍ୟରୁ ଜଣାପଡ଼ିଛି। ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଭଳି ଉପକୂଳ ଜିଲ୍ଲାରେ ସମୁଦ୍ର ମାର୍ଗ ଦେଇ ବାଂଲାଦେଶୀଙ୍କ ଅନୁପ୍ରବେଶର ଆଶଙ୍କା ଅଧିକ ରହିଛି। ଅନୁପ୍ରବେଶକାରୀମାନେ ସମୁଦ୍ର ମାର୍ଗରେ ଦେଶୀ ଡଙ୍ଗା ଅବା ବୋଟ୍ ସହାୟତାରେ ସର୍ବାଧିକ ୮-୧୦ ଘଣ୍ଟା ମଧ୍ୟରେ ଓଡ଼ିଶା ଉପକୂଳରେ ପହଞ୍ଚିବାର ସମ୍ଭାବନା ବି ରହୁଛି।

## ସ୍ତ୍ରୀକୁ ଆଜୀବନ, ସ୍ୱାମୀକୁ ୫ ବର୍ଷ ଜେଲ୍

ରାଇରଙ୍ଗପୁର, ୩୦।୮ (ସମିସ): ରାଇରଙ୍ଗପୁରର ବହୁଚର୍ଚ୍ଚିତ ଡମ୍ବରୁଧର ମହାନ୍ତି ଓରଫ୍ ଭିକି ହତ୍ୟା ମାମଲାର ଆଜି ରାୟ ପ୍ରକାଶ ପାଇଛି। ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଡଃ ଭି. ସୁଜାତା ଏହି ମାମଲାର ବିଚାର କରି ହତ୍ୟାକାରୀ ଦମ୍ପତିଙ୍କୁ ଦଣ୍ଡବିଧାନ କରିଛନ୍ତି। ହତ୍ୟାକାରୀ ମହିଳା ଖୁସବୁ ସାଗର (୩୫)ଙ୍କୁ ଆଜୀବନ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନରେ ଦଣ୍ଡିତ କରିଥିବା ବେଳେ ହତ୍ୟାକାଣ୍ଡରେ ସହଯୋଗ ଅଭିଯୋଗରେ ତାଙ୍କ ସ୍ୱାମୀ କମଳାକାନ୍ତ ସାଗର (୪୦)ଙ୍କୁ ୫ବର୍ଷ ଜେଲ୍‌ଦଣ୍ଡ ଶୁଣାଇଛନ୍ତି। ଏହି ସାଗର ଦମ୍ପତିଙ୍କ ଘର ଜାମସେଦପୁର ସୋନାରୀ ଅଞ୍ଚଳରେ। ସୂଚନାନୁଯାୟୀ, ରାଇରଙ୍ଗପୁର ଗଡ଼ ଗ୍ରାମର ଡମ୍ବରୁଧରଙ୍କ ସହ ସାଗର ଦମ୍ପତିଙ୍କ ଦୀର୍ଘ ଦିନର ସଂପର୍କ ରହିଥିଲା। ଡମ୍ବରୁଧରଙ୍କ ସହ ଖୁସବୁଙ୍କ କୌଣସି କାରଣରୁ ଗଣ୍ଡଗୋଳ ହେବାରୁ ଡମ୍ବରୁଧରଙ୍କୁ ରାସ୍ତାରୁ ହଟାଇବା ପାଇଁ ସାଗର ଦମ୍ପତି ଯୋଜନା କରିଥିଲେ। ଡମ୍ବରୁଧର ୨୦୨୩ ମାର୍ଚ୍ଚ ୨୧ ତାରିଖରେ ଖୁସବୁଙ୍କ ସୋନାରୀ ଅଞ୍ଚଳସ୍ଥିତ ଘରକୁ ଯାଇଥିଲେ। ସେଠାରେ ଖୁସ୍‌ବୁ ଡମ୍ବରୁଙ୍କୁ ନିଶା ପାନୀୟ ଦେଇ ଚେତାଶୂନ୍ୟ କରିବା ପରେ ଏକ ଧାରୁଆ ଛୁରୀରେ ତାଙ୍କୁ ହତ୍ୟା କରିଥିଲା। ପରେ ପ୍ରମାଣ ଲୁଚାଇବା ପାଇଁ ସ୍ୱାମୀ କମଳାକାନ୍ତଙ୍କ ସହାୟତାରେ ଶବକୁ ଏକ ବସ୍ତାରେ ପୂରାଇ ଜାମସେଦପୁରଠାରୁ ୧୦ କିମି ଦୂର ଦୁର୍ଗମ ଅଞ୍ଚଳରେ ଫିଙ୍ଗି ଦେଇଥିଲେ। ଅପରପକ୍ଷେ, ଡମ୍ବରୁ ଘରକୁ ନ ଫେରିବାରୁ ତାଙ୍କ ସ୍ତ୍ରୀ ଏ ସଂପର୍କରେ ରାଇରଙ୍ଗପୁର ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଏହାର ତଦନ୍ତ କରି ଖୁସବୁ ଓ କମଳାକାନ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଶ୍ୱର ସବୁଠୁ ଧନୀ...

ମୁଖ୍ୟତଃ ଏମାନେ ଆଫ୍ରିକା, ବ୍ରିଟେନ, ଆମେରିକା, କାନାଡ଼ା ଏବଂ ଉପସାଗରୀୟ ଦେଶରେ ରହୁଛନ୍ତି। ଅନେକ ବର୍ଷ ତଳେ ଏହି ଗାଁର ଲୋକେ ଶ୍ରମ, ବ୍ୟବସାୟ ଏବଂ ନିର୍ମାଣ କାର୍ଯ୍ୟ ପାଇଁ ବିଦେଶ ଯାଇଥିଲେ। ସେଠାରେ କଠିନ ପରିଶ୍ରମ କରି ଅର୍ଥ ଉପାର୍ଜନ କରିଥିଲେ। ଏହା ସତ୍ତ୍ୱେ ନିଜ ଗାଁକୁ କେବେ ଭୁଲି ନ ଥିଲେ। ଏମାନେ ନିଜ ଗାଁକୁ ଟଙ୍କା ପଠାଇବାରେ ଲାଗିଥିଲେ। ଗାଁର ଗୋଷ୍ଠୀ ପ୍ରକଳ୍ପ ପାଇଁ ନିଜର ଯୋଗଦାନ ଦେଇଥିଲେ। ତେଣୁ ଏହି ଗାଁରେ ଧିରେ ଧିରେ ଲକ୍ଷପତି ଏବଂ କୋଟିପତିଙ୍କ ସଂଖ୍ୟା ବଢ଼ିବାରେ ଲାଗିଥିଲା। ଏଠାକାର ପ୍ରତି ଘରେ ଜଣେ ଲେଖାଏଁ କୋଟିପତି କିମ୍ବା ଲକ୍ଷପତି ଅଛନ୍ତି। ଏବେ ମାଧାପାରରେ ୧୭ଟି ବ୍ୟାଙ୍କର ଶାଖା ରହିଛି। ଏହି ସବୁ ବ୍ୟାଙ୍କରେ ପ୍ରାୟ ୫ ହଜାର କୋଟି ଟଙ୍କା ଜମା କରାଯାଇଛି। ଗ୍ରାମର ବିକାଶ ପାଇଁ ମଧ୍ୟ ଏହି ଟଙ୍କା ବ୍ୟବହାର କରାଯାଉଛି। ଏଠାରେ ଭଲ ସଡ଼କ, ସ୍କୁଲ-କଲେଜ, ଡାକ୍ତରଖାନା, ପାର୍କ ଏବଂ ସହରରେ ଥିବା ପ୍ରତ୍ୟେକ ସୁବିଧା ରହିଛି। ଲୋକେ ନିଜ ଅର୍ଥରେ ସବୁ କିଛି କରୁଛନ୍ତି। ସରକାରୀ ପାଣ୍ଠି ଉପରେ ନିର୍ଭର ନାହାନ୍ତି।

### ଚଢ଼ା ଶୁଳ୍କ...

ଆମେରିକା ପ୍ରଶାସନ ପକ୍ଷରୁ କୁହାଯାଇଥିଲା ଯେ ବାଣିଜ୍ୟ କ୍ଷତି ଏବଂ ଅନ୍ୟ କାରଣ ଯୋଗୁଁ ଚୀନ୍, କାନାଡ଼ା, ମେକ୍ସିକୋ ଭଳି ଦେଶଗୁଡିକ ଉପରେ ଶୁଳ୍କ ଲଗାଯାଇଛି। ଆମେରିକାର ବାଣିଜ୍ୟ କ୍ଷତି ହିଁ ଜାତୀୟ ଜରୁରୀ ସ୍ଥିତି ବୋଲି ଯୁକ୍ତି ଦର୍ଶା ଯାଇଥିଲା। ଅନ୍ତର୍ଜାତୀୟ ଜରୁରୀକାଳୀନ ଆର୍ଥିକ କ୍ଷମତା ନିୟମ (ଆଇଇଇପିଏ) ଅନୁଯାୟୀ ଟ୍ରମ୍ପ ଏହି ଆଇନକୁ ଉଚିତ ଦର୍ଶାଇ ଥିଲେ। ବାଣିଜ୍ୟରେ ଅସନ୍ତୁଳନ ଆମେରିକା ରାଷ୍ଟ୍ରୀୟ ସୁରକ୍ଷା ପାଇଁ ବିପଦ। ତେଣୁ ଏହାକୁ ବ୍ୟବସାୟରେ 'ଜାତୀୟ ଏମର୍ଜେନ୍ସି' ଘୋଷଣା କରି ଶୁଳ୍କ ଲଗାଯାଇଛି। ଯଦି ଶୁଳ୍କ ହଟାଇ ଦିଆଯିବ ତେବେ ଆଦାୟ କରାଯାଇଥିବା ପ୍ରାୟ ୧୫୯ ବିଲିୟନ ଡଲାର ଅର୍ଥାତ୍ ୧୩ ଲକ୍ଷ କୋଟି ଟଙ୍କାକୁ ଫେରାଇବାକୁ ପଡ଼ିପାରେ। ଏହା ଦ୍ୱାରା ଆମେରିକା ରାଜକୋଷକୁ ବଡ଼ ଝଟ୍‌କା ଲାଗିବ। ଲୋକେ ଘର, ଚାକିରି, ସାମାଜିକ ସୁରକ୍ଷା, ସଞ୍ଚୟ ହରାଇବେ। ଏହା ଦ୍ୱାରା ଆର୍ଥିକ ସ୍ଥିତି ମଧ୍ୟ ଭୁଶୁଡ଼ି ଯାଇପାରେ। କିନ୍ତୁ କୋର୍ଟ ଏହି ତର୍କକୁ ଖାରଜ କରି କହିଥିଲେ ଯେ ଶୁଳ୍କ ଲଗାଇବା ରାଷ୍ଟ୍ରପତିଙ୍କ ଅଧିକାର ନୁହେଁ। ଏହି କ୍ଷମତା କେବଳ ସଂସଦକୁ ମିଳିଛି। ୭-୪ ବହୁମତରେ ଦିଆଯାଇଥିବା ଏହି ରାୟରେ କୋର୍ଟ ସ୍ପଷ୍ଟ କରିଦେଇଛନ୍ତି ଯେ ୧୯୭୭ରେ ଆସିଥିବା 'ଆଇଇଇପିଏ' ଆଇନରେ ସୀମା ମଧ୍ୟରେ ଆବଦ୍ଧ ନ ରହି ଶୁଳ୍କ ଲଗାଇବାକୁ ରାଷ୍ଟ୍ରପତିଙ୍କୁ କ୍ଷମତା ଦିଆଯାଇ ନାହିଁ। କ୍ଷୁଦ୍ର ବ୍ୟବସାୟୀ ଏବଂ ଆମେରିକା ରାଜ୍ୟମାନଙ୍କର ସଂଗଠନ ପକ୍ଷରୁ ଦାଏର ମାମଲାର ଶୁଣାଣି କରି କୋର୍ଟ ଏହି ରାୟ ଦେଇଥିଲେ। କୋର୍ଟ କହିଥିଲେ ଯେ ଟ୍ରମ୍ପ କେବଳ ୧୫୦ ଦିନ ପର୍ଯ୍ୟନ୍ତ ୧୫% ଶୁଳ୍କ ଲଗାଇପାରିବେ। କିନ୍ତୁ ଏଥିପାଇଁ ଠୋସ୍ କାରଣ ଥିବା ଜରୁରୀ। ଆଇଇଇପିଏରେ ଶୁଳ୍କ ଶବ୍ଦର ଉଲ୍ଲେଖ ନାହିଁ। ଏଥିରେ ରାଷ୍ଟ୍ରପତିଙ୍କ ଅଧିକାରକୁ ନେଇ ସ୍ପଷ୍ଟ ସୀମା ମଧ୍ୟ ଧାର୍ଯ୍ୟ କରାଯାଇ ନାହିଁ। ଯଦି ରାଷ୍ଟ୍ରପତିଙ୍କୁ ଶୁଳ୍କ ଲଗାଇବାର ଅଧିକାର ଦେବାକୁ ସଂସଦ ଚାହିଁଥାନ୍ତା ତେବେ ଏହି ଆଇନରେ ତାହା ସ୍ପଷ୍ଟ ଭାବେ ଲେଖା ଯାଇଥାନ୍ତା। ଅନ୍ୟପକ୍ଷରେ ଟ୍ରମ୍ପ ଏହି ନିଷ୍ପତ୍ତିକୁ ତୀବ୍ର ସମାଲୋଚନା କରିଛନ୍ତି। ସେ ସାମାଜିକ ଗଣମାଧ୍ୟମରେ ଲେଖିଛନ୍ତି ଯେ ଯଦି ଶୁଳ୍କ ହଟାଇ ଦିଆଯିବ ତେବେ ଆମରିକା ବର୍ବାଦ ହୋଇଯିବ। ଆର୍ଥିକ ସ୍ଥିତି ଦୁର୍ବଳ ହୋଇଯିବ। ସେଥିପାଇଁ ପାଇଁ ଦୃଢ଼ ହୋଇ ଛିଡ଼ା ହେବାକୁ ପଡ଼ିବ। ଶୁଳ୍କ ଏବେ ବି ବଳବତ୍ତର ରହିଛି। ଅପିଲ କୋର୍ଟ ଭୁଲ୍ ନିଷ୍ପତ୍ତି ଦେଇଛନ୍ତି। ଶେଷରେ ଆମେରିକା ଜିତିବ। ଦେଶ ଆଉ ବାଣିଜ୍ୟ କ୍ଷତିକୁ ସହ୍ୟ କରିବ ନାହିଁ। ଶୁଳ୍କ ଦ୍ୱାରା ଆମେରିକା ଶ୍ରମିକ, କମ୍ପାନୀଙ୍କୁ ଲାଭ ମିଳିବ। ସୁପ୍ରିମକୋର୍ଟଙ୍କ ମାଧ୍ୟମରେ ଏହି ରାୟକୁ ରଦ୍ଦ କରି ଦେଶକୁ ମଜବୁତ କରାଯିବ ବୋଲି ଟ୍ରମ୍ପ କହିଛନ୍ତି।

### ୭ ବର୍ଷ ପରେ...

କଥାବାର୍ତ୍ତା କରିବେ ବୋଲି ଜଣାପଡ଼ିଛି। ବିଶ୍ୱରେ ଅର୍ଥନୈତିକ ସ୍ଥିରତା ଦିଗରେ ଭାରତ ଓ ଚୀନ ମିଳିତ ହୋଇ କାମ କରିପାରିବେ ବୋଲି ପ୍ରଧାନମନ୍ତ୍ରୀ ଚୀନ ଗସ୍ତ ପୂର୍ବରୁ କହିଥିଲେ। ଏହା ସହିତ ଚୀନ ନେତୃତ୍ୱ ମଧ୍ୟ ସହମତ ହୋଇଛନ୍ତି। ସାଂଘାଇ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହିତ ମଧ୍ୟ ଶୀର୍ଷ ବୈଠକ କରିବେ। ଆମେରିକାର ଶୁଳ୍କ ଯୁଦ୍ଧ ପରିପ୍ରେକ୍ଷୀରେ ଦୁଇ ନେତାଙ୍କ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବ। ଅନ୍ୟ କେତେକ ନେତାଙ୍କ ସହିତ ମଧ୍ୟ ମୋଦୀ ସାକ୍ଷାତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହି ସାଂଘାଇ ଶିଖର ସମ୍ମିଳନୀରେ ଭାରତ, ଚୀନ, ରୁଷ, ଇରାନ, ପାକିସ୍ତାନ ସମେତ ୨୫ଟି ଦେଶର ନେତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସଂଗଠନର ୧୧ ଜଣ ସଭ୍ୟ ଥିବା ବେଳେ ଅନ୍ୟ ୧୪ଟି ଦେଶର ନେତାଙ୍କୁ ନିମନ୍ତ୍ରଣ କରାଯାଇଛି। ସୂଚନାଯୋଗ୍ୟ ଯେ ୨୦୧୮ରେ ଚୀନରେ ଅନୁଷ୍ଠିତ ସାଂଘାଇ ସହଯୋଗ ସଂଗଠନ ଶିଖର ବୈଠକରେ ଯୋଗଦେଇଥିଲେ ମୋଦୀ। ଏହା ପରବର୍ତ୍ତୀ ବର୍ଷ ୨୦୧୯ରେ ଚୀନ ରାଷ୍ଟ୍ରପତି ଜିଙ୍ଗପିଙ୍ଗ ଭାରତ ଆସିଥିଲେ। ତେବେ ୨୦୨୦ରେ ଗଲୱାନ ଉପତ୍ୟାକାରେ ଭାରତ ଓ ଚୀନ ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ପରେ ଦୁଇ ଦେଶ ମଧ୍ୟରେ ସଂପର୍କ ତିକ୍ତ ରହିଛି। ତେବେ ଗତବର୍ଷ ଏଭଳି ସଂଘର୍ଷକୁ ଏଡାଇବା ଲାଗି ଦୁଇ ଦେଶ ମଧ୍ୟରେ ବୁଝାମଣା ହୋଇଥିଲା।

### ରାଜ୍ୟରେ ସାର...

ଏକ ପ୍ରମୁଖ ରାଜ୍ୟ ହୋଇପାରିଛି। କୃଷି କ୍ଷେତ୍ରରେ ବୈଷୟିକ ବିଦ୍ୟାର ପ୍ରୟୋଗ ଓ ସାର ବିହନ ଆଦିର ଉତ୍ତମ ବଣ୍ଟନ ଓଡ଼ିଶାକୁ ଏ ସଫଳତା ଆଣି ଦେଇଥିଲା ବୋଲି ଉଲ୍ଲେଖ କରିଛନ୍ତି ନବୀନ।

ସେ କହିଛନ୍ତି ଯେ ଓଡ଼ିଶାରେ ୭.୯୪ଲକ୍ଷ ଟନ ସାର ମହଜୁଦ ଥିବା ରାଜ୍ୟ ସରକାର ଦାବି କରୁଥିବା ବେଳେ ବାସ୍ତବରେ ଚାଷୀ କିନ୍ତୁ ସାର ପାଉନି। ବଜାରରେ ୟୁରିଆ ସରକାରୀ ଦରଠାରୁ ଉଚ୍ଚ ଦାମରେ ବିକ୍ରି ହେଉଛି। ଓଡ଼ିଶା ସରକାରଙ୍କ ନିଜସ୍ୱ ସଂସ୍ଥା ମାର୍କଫେଡ୍ ଚାଷୀଙ୍କ ବଦଳରେ ଘରୋଇ ଡିଲରଙ୍କୁ ରିଆତିରେ ସାର ବିକୁଛି। ତେଣୁ ଚାଷୀ ଖରିଫ ଋତୁରେ ଚାଷ କାମ ଛାଡ଼ି ସାର ପାଇଁ ରାଜରାସ୍ତାକୁ ଓହ୍ଲାଇବା ଚିନ୍ତାର ବିଷୟ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ଯୋଗାଣ ବ୍ୟବସ୍ଥାର କୁପରିଚାଳନା ସହ ସାର ଅଭାବ ଓ ଦୁର୍ନୀତି ଯୋଗୁଁ ଚାଷୀକୁ ଆଜି ଏ ଅବସ୍ଥାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ନବୀନ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି।

ତାଳଚେର ସାର କାରଖାନା ବିଷୟରେ ଉଲ୍ଲେଖ କରି ସେ କହିଛନ୍ତି ଯେ ୨୦୧୮ ମସିହାରେ ଶିଳାନ୍ୟାସ କରାଯାଇଥିବା ତାଳଚେର ସାର କାରଖାନା ୩୬ ମାସରେ ଶେଷ ହେବ ବୋଲି ଘୋଷଣା କରାଯାଇଥିଲା। ମାତ୍ର ଇତିମଧ୍ୟରେ ୭ବର୍ଷ ବିତିଯାଇଥିଲେ ହେଁ ଏହା କାର୍ଯ୍ୟକ୍ଷମ ହୋଇ ନପାରିବା ଦୁଃଖର ବିଷୟ। ଖରିଫ ଋତୁ ଆରମ୍ଭରେ ସାର ଅଭାବ ତଥା ଯୋଗାଣରେ ଚାଲିଥିବା ଅବ୍ୟବସ୍ଥା ଓ ଦୁର୍ନୀତିକୁ ରୋକିବାକୁ ଯଦି ସମୟୋଚିତ ପଦକ୍ଷେପ ନିଆନଯାଏ, ତେବେ କୃଷି ଉତ୍ପାଦନରେ ବ୍ୟାଘାତ ସୃଷ୍ଟି ହେବ। ଏହାସହ ଚାଷୀ ଭାଇଭଉଣୀଙ୍କ ଜୀବିକାକୁ ମଧ୍ୟ ଏହା ପ୍ରଭାବିତ କରିବ ବୋଲି ଶ୍ରୀ ପଟ୍ଟନାୟକ ସତର୍କ କରିଦେଇଛନ୍ତି।

### ଜିଏସ୍‌ଟି ସଂଶୋଧନରେ...

ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨ ତାରିଖରେ ଆଉ ଏକ ବୈଠକ କରାଯିବ। ଏ ବିଷୟରେ ଅଧିକ ଚର୍ଚ୍ଚା କରି ଜିଏସ୍‌ଟି ପରିଷଦରେ ଦାବି ଉପସ୍ଥାପନ କରାଯିବ। କର୍ଣ୍ଣାଟକ ଅର୍ଥମନ୍ତ୍ରୀ କୃଷ୍ଣ ବାୟେର ଗୌଡ଼ା କହିଥିଲେ ଯେ ଜିଏସ୍‌ଟି ହାର ପରିବର୍ତ୍ତନ ଦ୍ୱାରା ରାଜ୍ୟମାନଙ୍କ ରାଜସ୍ୱ ୧୫ରୁ ୨୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇବ। ଏହା ରାଜସ୍ୱ ସ୍ଥିତିକୁ ଅସ୍ଥିର କରିଦେବ। ତେଣୁ ସ୍ଥିରତା ଆସିବା ପର୍ଯ୍ୟନ୍ତ କେନ୍ଦ୍ର ଏହି କ୍ଷତିକୁ ଭରଣା କରୁ। ଏଥିପାଇଁ ୫ ବର୍ଷ ଯାଏ କ୍ଷତିପୂରଣ ପ୍ରଦାନ କରାଯାଉ। ଜିଏସ୍‌ଟି କାର୍ଯ୍ୟକାରୀ ହେବା ସମୟରେ ରେଭିନ୍ୟୁ ନ୍ୟୁଟ୍ରାଲ ରେଟ(ଆରଏନଆର) ୧୪.୪ ପ୍ରତିଶତ ଥିଲା। ଏବେ ସୁଧ ହାର ହ୍ରାସ ପାଇଁ ୧୧ ପ୍ରତିଶତ ହେଲାଣି। ସ୍ଲାବ ହ୍ରାସ ହେଲେ ସୁଧ ହାସ ହ୍ରାସ ପାଇ ୧୦ ପ୍ରତିଶତରେ ପହଞ୍ଚିଯିବ। ଗୌଡ଼ାଙ୍କ ଅନୁଯାୟୀ ବିଳାଶପୂର୍ଣ୍ଣ ସାମଗ୍ରୀ ଏବଂ ମାଦକ ଦ୍ରବ୍ୟ ଉପରେ ୪୦ ପ୍ରତିଶତ ସ୍ଲାବ ଲଗାଇବା ପାଇଁ କେନ୍ଦ୍ର ନିଷ୍ପତ୍ତି ନେଇଛି। ଏଥିରୁ ଯେଉଁ ରାଜସ୍ୱ ମିଳିବ ତାହାକୁ ରାଜ୍ୟମାନଙ୍କୁ ଦିଆଯାଉ। ଏହା ବ୍ୟତୀତ ଏ ସବୁ ସାମଗ୍ରୀ ଉପରେ ଅତିରିକ୍ତ ଶୁଳ୍କ ଲଗାଇ ରାଜସ୍ୱକୁ ରାଜ୍ୟମାନଙ୍କୁ ବଣ୍ଟା ଯାଇପାରିବ। ହିମାଚଳ ପ୍ରଦେଶ ମନ୍ତ୍ରୀ ରାଜେଶ ଧର୍ମାଣୀ କହିଛନ୍ତି ଯେ ଜିଏସ୍‌ଟି ସ୍ଲାବ ହ୍ରାସକୁ ସମର୍ଥନ କରୁଛୁ। କିନ୍ତୁ ଏହା ବଦଳରେ କ୍ଷତିପୂରଣ ମିଳିବା ଉଚିତ। ସେହିପରି ତେଲଙ୍ଗାନା ଉପମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ଲାବ ହ୍ରାସ ହେଲେ ରାଜ୍ୟ ବର୍ଷକୁ ୭ ହଜାର କୋଟି ଟଙ୍କା ହରାଇବ।

### ବଢୁଛି ରାଜନୈତିକ...

ତାଲିକାରୁ ବାଦ୍ ପଡ଼ିଥିବା ଯୋଗୁଁ ଅସନ୍ତୋଷ ପ୍ରକାଶ ପାଇଛି। ନୂଆ ସରକାର ଏହି ତାଲିକାକୁ ବୃଦ୍ଧି କରିବା ପରିବର୍ତ୍ତେ ଏନଏସି ସଂଖ୍ୟା ହ୍ରାସ କରି ସମ୍ପୃକ୍ତ ଅଞ୍ଚଳବାସୀଙ୍କୁ ଗୁଣାତ୍ମକ ପୌର ସେବାରୁ ବଞ୍ଚିତ କରାଯାଉଛି ବୋଲି ଅଭିଯୋଗ ହୋଇଛି।

କେବଳ ନୂଆ ଏନଏସି ମାନ୍ୟତା ନୁହେଁ, ପୌରସଂସ୍ଥା ଗୁଡ଼ିକରେ କର୍ମଚାରୀ ଅଭାବ, ସ୍ୱତନ୍ତ୍ର କ୍ୟାଡର ନହେବା ମଧ୍ୟ ପୌରାଞ୍ଚଳରେ ବିକାଶ ପ୍ରକ୍ରିୟାକୁ ବାଧାପ୍ରାପ୍ତ କରୁଛି। ସେହିପରି ପୌରସଂସ୍ଥାଗୁଡ଼ିକରେ ମାତ୍ରାଧିକ ରାଜନୈତିକ ହସ୍ତକ୍ଷେପ, ପୌରାଞ୍ଚଳ ଦଖଲ ପାଇଁ ଶାସକ ଦଳର ଚକ୍ରାନ୍ତ ମଧ୍ୟ ବିକାଶରେ ବାଧକ ସାଜିଥିବା ବିରୋଧୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସମ୍ବଲପୁର ମହାନଗର ନିଗମ ଗଠନକୁ ୧୨ ବର୍ଷ ପୂରିବାକୁ ବସିଥିବା ବେଳେ ୧୧ ବର୍ଷ ହେଲାଣି ରାଉରକେଲା ମହାନଗର ନିଗମ ଗଠନ ହୋଇଛି। ମାତ୍ର ଉଭୟ ମହାନଗର ନିଗମରେ ଆଜିପର୍ଯ୍ୟନ୍ତ ପୌର ନିର୍ବାଚନ ହୋଇପାରିଲା ନାହିଁ। ନିୟମାନୁଯାୟୀ ସ୍ଥାନୀୟ ପୌରସଂସ୍ଥା ଭଙ୍ଗ ହେବାର ୬ ମାସ ମଧ୍ୟରେ ନିର୍ବାଚନ ଅନୁଷ୍ଠିତ ହେବା କଥା। କିନ୍ତୁ ନିର୍ବାଚନ ନହୋଇ ପ୍ରଶାସକ ଭାବେ ଜିଲ୍ଲାପାଳ ସମ୍ବଲପୁର ମହାନଗର ନିଗମ ପରିଚାଳନା କରୁଛନ୍ତି। ଫଳରେ ବର୍ଷ ବର୍ଷ ଧରି ସମ୍ବଲପୁର ମହାନଗରରେ ସରକାରୀ ବାବୁଙ୍କ ଶାସନ ଚାଲିଛି। ଜନସାଧାରଣଙ୍କ ସମସ୍ୟାକୁ ନେଇ ଉପସ୍ଥାପିତ କରିବା ପାଇଁ ଜନପ୍ରତିନିଧି ନାହାଁନ୍ତି। ମହାନଗର ନିଗମର ୪୧ଟି ୱାର୍ଡରେ ଜନପ୍ରତିନିଧି ଥିଲେ ବିଭିନ୍ନ ବିକାଶମୂଳକ କାର୍ଯ୍ୟରେ ଲୋକେ ସିଧାସଳଖ ପ୍ରଶାସନ ସହିତ ଯୋଡ଼ି ହୋଇପାରନ୍ତେ। ମହାନଗରରେ ବିଭିନ୍ନ ସମସ୍ୟାକୁ ନେଇ ଲୋକେ ହଇରାଣ ହେଉଛନ୍ତି। ସମାନ ସମସ୍ୟା ରାଉରକେଲା ମହାନଗର ନିଗମରେ ମଧ୍ୟ ଦେଖିବାକୁ ମିଳୁଛି। ଉଭୟ ମହାନଗର ନିଗମରେ ଖୁବଶୀଘ୍ର ନିର୍ବାଚନ କରିବାକୁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି।

### ଆହୁରି ୪ ଦିନ...

ବେଗ ୩୦ରୁ ୪୦କିମି ରହିବ। ମୟୂରଭଞ୍ଜ, କେନ୍ଦୁଝର, ରାୟଗଡା, କୋରାପୁଟ ଓ ମାଲକାନଗିରିରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡ଼ିକରେ ୭ ସେମିରୁ ୧୧ ସେମି ବର୍ଷା ହେବାର ସମ୍ଭାବନା ରହିଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଆସନ୍ତା ସେପ୍ଟେମ୍ବର ୧ ତାରିଖରେ ପ୍ରବଳ ବର୍ଷା ନେଇ ସମ୍ପୂର୍ଣ୍ଣ ଓଡ଼ିଶାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି। ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଗଞ୍ଜାମ, ଗଜପତି ଓ ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବର୍ଷା ସହ ୩୦ରୁ ୪୦କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। କିଛି ଜିଲ୍ଲାରେ ମଧ୍ୟମଧରଣର ବର୍ଷା ହେଲେ ବି ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି। ସେପ୍ଟେମ୍ବର ୨ ତାରିଖରେ ରାଜ୍ୟର ସମସ୍ତ ଜିଲ୍ଲାରେ ବର୍ଷା ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସୁନ୍ଦରଗଡ଼, ମୟୂରଭଞ୍ଜ, କେନ୍ଦୁଝର, କୋରାପୁଟ, ଗଞ୍ଜାମ ଓ ମାଲକାନଗିରିରେ ପ୍ରବଳ ବର୍ଷା ହେବ।

ସେପ୍ଟେମ୍ବର ୩ ତାରିଖରେ ଆଉ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ପ୍ରଭାବରେ ନୟାଗଡ଼, ଗଞ୍ଜାମ, ସୁନ୍ଦରଗଡ଼ ଓ ନବରଙ୍ଗପୁରରେ ପ୍ରବଳ ବର୍ଷା ହେବାନେଇ ବିଭାଗ ଆକଳନ କରିଛି।

### ଚଳନ୍ତା ଭ୍ୟାନ୍‌ରେ...

ସେଠାରେ ଜଣେ ଯୁବତୀଙ୍କୁ କମ୍ପାନୀରେ ଚାକିରି ଦେବାକୁ କହି ଏକ ଓମନି ଭ୍ୟାନରେ ଉଦଳା ନେଇଥିଲା। ସନ୍ଧ୍ୟା ୬ରୁ ସାଢ଼େ ୬ଟା ମଧ୍ୟରେ ଭ୍ୟାନ୍‌ଟି ଉଦଳା-କପ୍ତିପଦା ରାସ୍ତାର ଏକ ବିଦେଶୀ ମଦ ଦୋକାନଠାରୁ କିଛି ଦୂରରେ ଅଟକିଥିଲା। ପରେ ଆଉ ୪ ଜଣ ଯୁବକ ସେଠାରେ ପହଞ୍ଚିଥିଲେ। ମୁଖ୍ୟ ଅଭିଯୁକ୍ତ ଓ ସହଯୋଗୀ ଭ୍ୟାନ ଭିତରେ ଯୁବତୀଙ୍କୁ ଗଣଦୁଷ୍କର୍ମ କରିଥିଲେ। ସେମାନଙ୍କ ମଧ୍ୟରୁ ଅନ୍ୟ କେତେଜଣ ସହଯୋଗ କରିଥିଲେ ବୋଲି ଅଭିଯୋଗରେ ଦର୍ଶାଯାଇଛି। ତେବେ ପୁଲିସ ଘଟଣାର ସବିଶେଷ ବିବରଣୀ ଗଣମାଧ୍ୟମକୁ ପ୍ରଦାନ କରିନାହିଁ। ପୁଲିସ ଏକ ମାମଲା ରୁଜୁ କରିଛି। ତଦନ୍ତ ପରେ ସମସ୍ତ ବିବରଣୀ ପ୍ରଦାନ କରାଯିବ ବୋଲି ଏସପି ବରୁଣ ଗୁଣ୍ଟୁପାଲ୍ଲି କହିଛନ୍ତି। ଭ୍ୟାନ୍ ଚାଳକଜଣଙ୍କ ନାବାଳକ ବୋଲି ଜଣାପଡ଼ିଛି।


DSPL-236

**ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ**
**ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ**

**ବିକାଶ ପଥେ " ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ "ନୀଳଗିରି**

୧. ନୀଳଗିରି ସହରକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହିତ ବୃକ୍ଷରୋପଣ କରି ପରିବେଶ ସୁସ୍ଥ ରଖନ୍ତୁ ।
୨. ପରିଷଦର ଟିକସ ଠିକ୍ ସମୟରେ ପୈଠ କରି ଆର୍ଥିକ ସ୍ଥିତିକୁ ମଜବୁତ କରନ୍ତୁ ।
୩. ପରିଷଦର ସମ୍ପତ୍ତି ଆପଣଙ୍କର, ଏହାର ସୁରକ୍ଷା ଏବଂ ନିରାପତ୍ତା ଆପଣଙ୍କର ନୈତିକ ଦାୟିତ୍ୱ ।
୪. ରାସ୍ତା କଡ ଓ ନାଳ ଉପରେ କ୍ୟାବିନ କିମ୍ବା ଗୃହ ନିର୍ମାଣ ଜିନିଷ ଜମା କରି ରାସ୍ତା ଅବରୋଧ କରନ୍ତୁ ନାହିଁ ।
୫. ଗୃହପାଳିତ ପଶୁ ଯଥା :-ଗାଈ, ଗୋରୁ, ଛେଳି,ମେଣ୍ଢା ମାନଙ୍କୁ ରାସ୍ତାରେ ବୁଲିବାକୁ ଦିଅନ୍ତୁ ନାହିଁ ।
୬. ନିଜ ନିଜର ଅଳିଆ ଆବର୍ଜନାକୁ ନାଳ କିମ୍ବା ସର୍ବସାଧାରଣ ରାସ୍ତାରେ ନପକାଇ ଘରକୁଘର ବୁଲି ଅଳିଆ ଆଣୁଥିବା କର୍ମଚାରୀଙ୍କୁ ପ୍ରଦାନ କରନ୍ତୁ
୭. ନୂତନ ପକ୍କାଗୃହ ନିର୍ମାଣ କରିବା ପୂର୍ବରୁ ଗୃହ ନକ୍ସା ଅନୁମୋଦନ କରାଇ ଗୃହନିର୍ମାଣ କରନ୍ତୁ
୮. ନୀଳଗିରି କୁ ଏକ ପଲିଥିନ ମୁକ୍ତ ସହରରେ ପରିଣତ କରିବା ପରିଷଦର ଲକ୍ଷ, ଏହାଦ୍ୱାରା ସହରକୁ ପ୍ରଦୂଷଣ ମୁକ୍ତ କରାଯାଇ ପାରିବ
୯. ଜଳ ନିଷ୍କାସନ ପାଇଁ ପଥ ଅବରୋଧ କରନ୍ତୁ ନାହିଁ

ଶ୍ରୀ ଅଂଶୁମାନ ପରିଡା
ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି

ସଭ୍ୟ / ସଭ୍ୟା ଓ କର୍ମଚାରୀ ବୃନ୍ଦ
ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି

ଶ୍ରୀଯୁକ୍ତ ମହେନ୍ଦ୍ର ନାଥ ବେହେରା
ଭାରପ୍ରାପ୍ତ ନଗରପାଳ
ବିଜ୍ଞାପିତ ଅଞ୍ଚଳ ପରିଷଦ, ନୀଳଗିରି

OIPR-13179/11/013/0034/2526



**ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ -୨୦୨୫ ଅବସରରେ ଖୋରଧା ପୌର ପରିଷଦ ତରଫରୁ ଖୋରଧା ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।**

**ଆମ ପଦକ୍ଷେପ**

- ସହରକୁ ସମ୍ପୂର୍ଣ୍ଣ ରୂପେ ଟ୍ରାଫିକ୍ ନିୟନ୍ତ୍ରଣମୁକ୍ତ କରିବା ନିମନ୍ତେ ରାସ୍ତାକଡ଼ରେ ଥିବା ଉଠା ଦୋକାନୀମାନଙ୍କୁ ଭେଣ୍ଡିଂ ଯୋଜନା ମାଧ୍ୟମରେ ୪ଗୋଟି ନୂତନ ଭେଣ୍ଡିଂ ଜୋନ୍ ଓ ପିଣ୍ଡି ନିର୍ମାଣ କରାଯାଇ ଥଇଥାନ କରାଯିବା ପାଇଁ ପ୍ରୟାସ ।
- ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଯୋଜନାରେ ସହରର ସର୍ବାଙ୍ଗୀନ ବିକାଶ ପାଇଁ ପଦକ୍ଷେପ ।
- ସହଯୋଗ ଯୋଜନାରେ ସମସ୍ତ ସରକାରୀ ଯୋଜନାର ଉପଯୋଗୀତା ଓ ସହଭାଗୀତା ହେବା ନିମନ୍ତେ ସହରର ସମସ୍ତ ଜନସାଧାରଣଙ୍କୁ ସଚେତନତା କରାଇବା ନିମନ୍ତେ ପ୍ରୟାସ ।
- ଖୋରଧା ସହରକୁ ସ୍ୱଚ୍ଛ, ସବୁଜ ଏବଂ ସୁନ୍ଦର ସହର କରିବା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ ।

**ପୌରବାସୀଙ୍କୁ ଅନୁରୋଧ**

- ଆସନ୍ତୁ ଏକ ଶାନ୍ତ, ସମୃଦ୍ଧ, ବିକଶିତ ଓ ସୌହାର୍ଦ୍ଦପୂର୍ଣ୍ଣ ଖୋରଧା ଗଢିବା ।
- ନିର୍ଦ୍ଧାରିତ ସମୟରେ ପରିଷଦର ସମସ୍ତ ଟିକସ ଦାଖଲ କରି ସହରର ଉନ୍ନତିରେ ସହାୟକ ହୁଅନ୍ତୁ ।
- ବିନା ଲାଇସେନ୍ସରେ କୌଣସି ବ୍ୟବସାୟ କରନ୍ତୁ ନାହିଁ ।
- ପଲିଥିନ୍ ମୁକ୍ତ ଖୋରଧା ସହର କରିବା ପାଇଁ ପ୍ରୟାସ ଜାରି ରଖନ୍ତୁ ।
- ହର ଘର ସ୍ୱଚ୍ଛତା ସମୂହ ସଫେଇ ଅଭିଯାନ ଓ ସଚେତନତା କାର୍ଯ୍ୟକ୍ରମକୁ ସଫଳ କରାନ୍ତୁ ।
- ଆସନ୍ତୁ ଖୋରଧା ସହରକୁ ସବୁଜ ସ୍ୱଚ୍ଛ ରୂପେ ଗଢିତୋଳିବା ।

ରିଜ୍‌ୱାନା କଅକବ୍, (ଓ.ପ୍ର.ସେ.)
ନିର୍ବାହୀ ଅଧିକାରୀ
ପୌର ପରିଷଦ, ଖୋରଧା

ଶ୍ରୀମତୀ କନକଲକ୍ଷ୍ମୀ ମହାନ୍ତି
ପୌରାଧକ୍ଷା
ପୌର ପରିଷଦ, ଖୋରଧା

ଶ୍ରୀ ସୌର୍ଯ୍ୟ ରଞ୍ଜନ ମହାନ୍ତି, ଉପାଧକ୍ଷ
ଓ ସମସ୍ତ ସଭ୍ୟ-ସଭ୍ୟାବୃନ୍ଦ, ପୌର ପରିଷଦ, ଖୋରଧା

DSPL-229
OIPR-13082/13/0034/2526



**Office of the District Manager** CAD-1613
**Odisha State Civil Supplies Corporation Ltd. (OSCSC)**
**Sundargarh (District)**
**Phone: 94382-00060**
**District Website: https ://sundargarh.odisha.gov .in/**
**Tender No. 2642, 2643, 2644, 2645 of Level-II & 2658 of Level-I**
**Dt. 26.08.2025**

District Manager, Odisha State Civil Supplies Corporation Ltd., Sundargarh invites tenders in Double Cover System through ONLINE MODE ONLY for the works below:-

| | | |
|---|---|---|
| 1 | Name of the work | Selection and appointment of Level-I Transport Contractor for transportation of wheat from FSD/FCI to RRCs and Level-II Transport Contractors for transportation of food grains under PDS from RRCs to FPS points in Sundargarh district for the biennial 2025-27. |
| 2 | Availability of bid document in the portal | From 30.08.2025 |
| 3 | Pre-Bid conference of tenderers | Dt. 02.09.2025 at 11:00 AM |
| 4 | Last Date / Time for receipt of bids in the portal | Dt. 16.09.2025 up-to 05:30 (PM) |
| 5 | Date/Time of Opening of Technical Bid | Level-I & Level-II Transport Contractors – 17.09.2025 at 11:00 AM<br>Place: Office Chamber of ADM (General), Sundargarh |
| 6 | Date of submission of original documents in support of scanned copies uploaded in the portal for verification | Level-I & Level-II Transport Contractors – 17.09.2025 at 11:00 AM |
| 7 | Name and address of the Officer Inviting Tender | District Manager, OSCSC Ltd., Sundargarh |

Tender documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website.
Amendments/ Corrigendum/ Cancellation/ Re-tenders etc. if any shall be published only in above websites.

**District Manager**
**OSCSC Ltd., Sundargarh**

OIPR-07017/11/0009/2526



**AFFIDAVIT**

I, B Mahalaxmi, W/o- R Bhagaban, resident of At- Bikrampur, Po- Golabandha, Dist- Ganjam, PIN-761052, Odisha declared by this affidavit No-704, dtd- 29/08/2025 that now onwards I shall be known as **R MAHALAXMI** for all future purposes.

**AFFIDAVIT**

By virtue of an affidavit before The Notary Public, Titilagarh, on dated- 20/08/2025. I, **Susanta Kumar Rana** (Applicant name), S/O- Arthtrana Rana, Permanent resident of At- Naren, P.O. Naren, P.S. Titilagarh, Dist- Balangir, (Odisha), PIN- 767066, now residing at the same place affirm that I have changed my minor daughter's name from **Susanta Kumar Rana** (old name) to **Eshita Rana** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she will be known as **Eshita Rana** (new name).
**Susanta Kumar Rana**

**AFFIDAVIT**

I, Swathi Nalla, D/o- Venkateswarlu Korukonda, resident of Duplex Villa Ultra 45, Pristine Greens, Phase-II, Kokila Resort, Pokhariput, Po- Dumduma Housing Board Colony, Dist-Khurda, PIN- 751019, Odisha declared by this affidavit No- 707, dtd- 30/08/2025 that now onwards I shall be known as **KORUKONDA SWATHI** for all future purposes.

**AFFIDAVIT**

I, Namita Roy, D/o- Bhikari Charan Satapathy, resident of Flat No-112, Arcon Retreat, Patia, Kalarahanga, KIIT, Bhubaneswar, Dist- Khurda, PIN- 751024, Odisha declared by this affidavit No-703, dtd- 29/08/2025 that now onwards I shall be known as **NAMITA SATAPATHY** for all future purposes.

**AFFIDAVIT**

By virtue of an affidavit No.3548, Dtd.26.08.2025 sworn before the Executive Magistrate, Jaleswar I, Sadasib Behera, S/o. Bansidhar Behera, At/Po. Mohammad nagarpatana, Ps. Jaleswar, Dist. Balasore, Pin- 756086, Odisha renounce, relinquish and abandon the use of my son former name Somya Behera (old name) instead of Soumyajit Behera (New name). Henceforth, he will be known as Soumyajit Behera for all purposes.

**AFFIDAVIT**

By the virtue of an affidavit executed before the Executive Magistrate, Bhubaneswar. I Togapur Pavan Kumar, aged about 43 years, S/O Togapur Rajeshwar Rao resident of Bhubaneswar, Odisha do hereby solemnly affirm that, my actual name is Togapur Pavan Kumar as per Aadhar Card bearing No: 6996 2540 5331 and my son's birth certificate bearing No-2848 issued by GHMC, Govt of Telangana. But in my son Anirudh Goutam Togapur Transfer Certificate bearing admission number-A19BR109 and TC No - 191, my name is mentioned as T Pavan Kumar instead of Togapur Pavan Kumar. That, this affidavit is required to be produced before the concerned authority for information and necessary action as and when required.
**Sd/- Togapur Pavan Kumar**

**AFFIDAVIT**

I, Soumya Das, D/o Sumanta Kumar Das, resident of Handa, Po- Bangiriposhi , Ps- Bangiriposhi, Dist- Mayurbhanj, Pin-757032, Odisha, declare by this affidavit No.48 Dated 30.08.2025 that now onwards I, shall be known as **Soumya Das** for all future purposes.
**Soumya Das**

**AFFIDAVIT**

By virtue of an Affidavit before Notary Public, Malkangiri, I, **Santoshi Gain**, aged about 26 years, W/o.: Anand Gain, D/o.: Ratan Dey resident of Village: M.V-71, PO.: Nalagunthi, P.S.: Kalimela, Dist.: Malkangiri, Odisha, declare by this Affidavit No.: 1045/2025, Dated: 20.08.2025 that I have changed my name from Santoshi Dey to **Santoshi Gain**. Henceforth I shall be known as **Santoshi Gain** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Fulamati Kirtania,** aged about 57 years, W/o.: Biswanath Kirtania resident of Village: M.V-6, PO.: Tamasa, P.S./Dist.: Malkangiri, Odisha, declare by this Affidavit No.: 861/25, Dated: 30.08.2025 that I have changed my name from Fulamati Kirttaniya to **Fulamati Kirtania**. Henceforth I shall be known as **Fulamati Kirtania** for all future purposes.

**AFFIDAVIT**

By virtue of an Affidavit before Notary Public, Malkangiri, I, **Gangaram Madi**, aged about 58 years, S/o.: Late Sambharu Madi resident of Village: Balguda (Titang), PO.: Tandiki, P.S./Dist.: Malkangiri, Odisha, declare by this Affidavit No.: 1431/2025, Dated: 30.08.2025 that I have changed my name from Gangaram Madhi to **Gangaram Madi**. Henceforth I shall be known as **Gangaram Madi** for all future purposes.

**AFFIDAVIT**

I, Basant Kumar Nayak, S/o- Mahendra Prasad Nayak, resident of Plot No- 5/379, IRC Village, Nayapalli, Bhubaneswar, Dist- Khurda, PIN- 751015, Odisha declared by this affidavit No- 706, dtd- 30/08/2025 that now onwards I shall be known as **BASANTA KUMAR NAYAK** for all future purposes.



**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETELCONBBST -374E, ତା.23.08.2025ରିଖ

**କାର୍ଯ୍ୟର ନାମ :** ଭଦ୍ରକ - ନିର୍ଗୁଣ୍ଡି ସେକ୍ସନ ପାଇଁ 2TR କ୍ଷମତା ବିଶିଷ୍ଟ ପ୍ରିସିଜନ୍ ଏସି ଏବଂ 2TR ସ୍ପ୍ଲିଟ୍ ଏସି ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 86.06 ଲକ୍ଷ, EMD : ₹ 1,72,100.00, କାର୍ଯ୍ୟ ଶେଷ ହେବା ଅବଧି : 9 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.23.09.2025ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B, G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଗ୍ରୁପ୍‌ର 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ-III)/ ଭୁବନେଶ୍ୱର

PR-89/CI/25-26

## ଚଷାଖଣ୍ଡ ଗାଁକୁ ନାହିଁ ସବୁଦିନିଆ ରାସ୍ତା



**ଭଦ୍ରକ, ୩୦।୮ (ସମିସ):** ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ମତୋ ଗ୍ରାମ ପଞ୍ଚାୟତ ଚଷାଖଣ୍ଡ ଗ୍ରାମକୁ ଆଜିଯାଏ ସବୁଦିନିଆ ରାସ୍ତା ନିର୍ମାଣ ହୋଇନାହିଁ। ଫଳରେ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଥମେ ଗ୍ରାମ ରାସ୍ତାରେ ପାଣି ଅଟକି ରହୁଥିଲା; ହେଲେ ପାଣି ନିଷ୍କାସନ ଆଳରେ ଚାନ୍ଦବାଲି-ଭଦ୍ରକ ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ଗ୍ରାମର ମୁଖ୍ୟ ରାସ୍ତାକୁ ତହସିଲଦାରଙ୍କ ନିର୍ଦ୍ଦେଶରେ କିଛି ମହିଳା ଖୋଳିଦେଇ ନଷ୍ଟ କରିଦେଇଛନ୍ତି। ସେହିଦିନଠାରୁ ଖାଲି ସୁଠ ପକାଇଦେଇ କାହାରି ଦେଖାନାହିଁ। ପ୍ରତ୍ୟେକ ଦିନ ଉକ୍ତ ରାସ୍ତା ଉପରେ ଅଙ୍ଗନବାଡ଼ି ଛୁଆଙ୍କଠାରୁ ଆରମ୍ଭ କରି ସ୍କୁଲ କଲେଜ ପିଲା ଯାତାୟାତ କରିଥାନ୍ତି। ସବୁଠାରୁ ବଡ଼ ଦୁଃଖ ର ବିଷୟ ହେଉଛି ଜରୁରୀ କାଳୀନ ଗାଡ଼ି ଯିବାପାଇଁ ମଧ ବାଟ ନାହିଁ।ଏବେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ। ଏ ନେଇ ତହସିଲଦାରଙ୍କୁ ଜଣାଇଥିଲେ ମଧ କିଛି ସୁଫଳ ମିଳିନାହିଁ। ଯେଉଁ ଗାତ ଖୋଳାଯାଇ ପଡ଼ିଛି ତାହା ଅତି ବିପଜ୍ଜନକ ଅବସ୍ଥାରେ ରହିଛି। ଗ୍ରାମବାସୀ ବାରମ୍ବାର ପ୍ରଶାସନକୁ ଜଣାଇଲେ ମଧ କିଛି ସୁଫଳ ମିଳିନାହିଁ। ତିନି ତିନି ଥର ବିଧାୟକଙ୍କ ନିର୍ବାଚନ ମଣ୍ଡଳୀ ହୋଇଥିବା ବେଳେ ସେପଟେ ବିଜେପି ରାଜ୍ୟ ସଭାପତିଙ୍କ ନିର୍ବାଚନ ମଣ୍ଡଳୀ ହୋଇ ମଧ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯଦି ପ୍ରଶାସନ ଉକ୍ତ ରାସ୍ତାର ତୁରନ୍ତ ମରାମତି କାର୍ଯ୍ୟ ଆରମ୍ଭ ନ କରନ୍ତି ତାହାହେଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି।

## ଗମନାଗମନ ପଥ ବିପର୍ଯ୍ୟସ୍ତ ▶ ରାସ୍ତାସାରା ଖାଲଖମା; ଦବିଯାଇଛି କଂକ୍ରିଟ

ବାରିକପୁର, ୩୦।୮ (ସମିସ)

ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମାଞ୍ଚଳରେ ଥିବା ଗମନାଗମନ ପଥଗୁଡିକ ଦିନକୁ ଦିନ ବିପର୍ଯ୍ୟସ୍ତ ହୋଇ ପଡ଼ୁଛି। ବିଶେଷ କରି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଯେଉଁ ରାସ୍ତାଗୁଡିକ ନିର୍ମିତ ହୋଇଥିଲା। ରକ୍ଷଣାବେକ୍ଷଣ ଅଭାବରୁ ଏବେ ସେଥିରେ ଯାତାୟାତ କରିବା ଏକପ୍ରକାର କଷ୍ଟକର ହେଉଛି। କିଛି ବୃହତ ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ହାତରୁ ପୂର୍ତ୍ତ ବିଭାଗ ନିକଟକୁ ଯାଇଥିବା ବେଳେ ସେଗୁଡିକର ମଧ ଏଯାଏଁ ନବୀକରଣ କାର୍ଯ୍ୟ ହୋଇପାରୁନାହିଁ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି।

ସୂଚନା ମୁତାବକ, ଭଦ୍ରକ ରାହାଞ୍ଜିଆ ଫେକରଠାରୁ ଭଣ୍ଡାରିପୋଖରୀ ବନ୍ଦାଳମଡିଆଳି ବୈତରଣୀ ସେତୁ ଯାଏଁ ୨୮ କିଲୋମିଟର ଗ୍ରାମ୍ୟ ଉନ୍ନୟନ ରାସ୍ତାକୁ ପୂର୍ତ୍ତ ବିଭାଗ ହାତରେ ଟେକି ଦିଆ ଯାଇଛି। ଦୀର୍ଘ ଦୁଇ ବର୍ଷ ହେବ ଏହାର ନବୀକରଣ କାର୍ଯ୍ୟ ଆରମ୍ଭ ହୋଇପାରୁନାହିଁ। ତେଣୁ ରାସ୍ତା ଉପରେ ଦୈନିକ ହଜାର ହଜାର ଜନସାଧାରଣ ରାସ୍ତାରେ ବିପଦପୂର୍ଣ୍ଣ ଭାବେ ଯାତାୟତ କରୁଛନ୍ତି। ବିଶେଷ କରି ମଞ୍ଜୁରୀରୋଡ଼ ବଜାର ଠାରୁ ରାଣୀପଡ଼ା ଯାଏଁ ସୁଦୀର୍ଘ ପଥଟିର ମରାମତି କରିବା ପାଇଁ ଅଞ୍ଚଳବାସୀ ବାରମ୍ବାର ଦାବି କରୁଥିଲେ ସୁଦ୍ଧା ବିଭାଗୀୟ କର୍ତ୍ତୃପକ୍ଷ ଏହା ଉପରେ ଦୃଷ୍ଟି ଦେଉନାହାନ୍ତି। ରାଜନୈତିକ ଗୋଷ୍ଠୀ ବିବାଦ ଯୋଗୁଁ ବଜାର ପରିସୀମା ଭିତର ପୁଷ୍କରିଣୀ ସଦୃଶ ସ୍ଥାନ ମରାମତି ହେଉନଥିବା ସୂଚନା ମିଳିଛି। ଏପଟେ ଫାଣ୍ଡି ଛକ ଠାରୁ ବନ୍ଦାଳୋ-ମଡିଆଳି ବିରିଡି ବୈତରଣୀ ନଦୀବନ୍ଧ ଯାଏଁ ରାସ୍ତା ଅବସ୍ଥା ତଦ୍ରୂପ ହୋଇଛି। ଏହି ବୃହତ ରାସ୍ତାର ରାସ୍ତାର ଶେଷ ଭାଗରେ



ଥିବା ଏହି ଦୁଇ କିମି ଅଂଶଟି ଅତ୍ୟନ୍ତ ସଂକଟାପନ୍ନ ହୋଇଗଲାଣି। ପୂର୍ବ ନିର୍ମିତ କଂକ୍ରିଟ ସ୍ଥାନେ ସ୍ଥାନେ ଦବିଯାଇ ଗର୍ତ୍ତ ସୃଷ୍ଟି ହେଲାଣି। ଏପରିକି କଂକ୍ରିଟ ଗୁଡିକ ଭଗ୍ନ ଅବସ୍ଥାରେ ପହଞ୍ଚିଥିବା ବେଳେ ସାଇକେଲ ଓ ମୋଟର ସାଇକଲରେ ଯିବା ଅତ୍ୟନ୍ତ ବିପଦପୂର୍ଣ୍ଣ ହେଉଛି। ରାସ୍ତାରେ କିଛି ଭାଗରେ ପଡ଼ିଥିବା ପେଭର ଇଟା ନିର୍ମାଣ ମଧ ଉଠିଗଲାଣି। ଏହି ପ୍ରମୁଖ ପଥ ଦେଇ ଝୁଟୁଣା, ବଳିପୁର, ବନସ୍ତା, ଖପୁରିଆପଦା, ଦାଦେଶ୍ୱର, ବନ୍ଦାଳୋ, ମହେଶପୁର, ବାବଲପୁର, ମାଡିଆଳି, ଆମ୍ବଗଡ଼ିଆ ପ୍ରମୁଖ ୧୫-୨୦ ଖଣ୍ଡ ଗାଁ ଲୋକ ଦୈନିକ ମଞ୍ଜୁରିରୋଡ଼ ବଜାରକୁ ଆସୁଥିବା ବେଳେ ଏବେ ସେମାନଙ୍କ ଗମନାଗମନ ଯନ୍ତ୍ରଣାଦାୟକ ହେଉଛି। ଏହାଛଡା ଆଖପାଖ ପଞ୍ଚାୟତବାସୀ ମଧ ବିଭିନ୍ନ ପ୍ରାନ୍ତରକୁ ଯାତାୟାତ ପାଇଁ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି। ଅସରାଏ ବର୍ଷା ହେଲେ ରାସ୍ତାର ଅବସ୍ଥା ଆହୁରି ବିଗିଡି ଯାଉଛି। ତେଣୁ ରାସ୍ତାର ଏଭଳି ଜରାଜୀର୍ଣ୍ଣ ଅବସ୍ଥା ସମ୍ପର୍କରେ ଯଦି କେହିଦୃଷ୍ଟି ନଦିଅନ୍ତି ତେବେ ଆଗାମୀ ଦିନରେ ଏନେଇ ଏକ ଜନ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ମତ ପ୍ରକାଶ ପାଇଛି।

### ପିଲା ଗଣେଶ କମିଟିର ସାଂସ୍କୃତିକ ଉତ୍ସବ

## ‘ବୈଦିକ ଉତ୍ସବରେ ଶ୍ରଦ୍ଧା ଓ ଆଶୀର୍ବାଦ ମିଳେ’



**ବାରିକପୁର, ୩୦।୮ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ମାଳଦା ସ୍କୁଲ ପଡ଼ିଆଠାରେ ପିଲା ଗଣେଶ କମିଟିର ନବମ ବାର୍ଷିକ ପୂଜା ସହିତ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଯୁବ ସାମ୍ବାଦିକ ଦୁର୍ଯ୍ୟୋଧନ ଲେଙ୍କାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ପୂଜା ଉତ୍ସବ ଭାଇଚାରାର ପ୍ରତୀକ ବୋଲି ମତବ୍ୟକ୍ତ କରିଥିଲେ। ଏହାଛଡା ବୈଦିକ ଉତ୍ସବରେ ସ୍ନେହ, ଶ୍ରଦ୍ଧା ସହିତ ଆଶୀର୍ବାଦ ମିଳିଥାଏ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷା ସୁମତୀ ସେଠୀ, ଜିଲ୍ଲା ପରିଷଦ ସଭ୍ୟ ଉତ୍କଳ କେଶରୀ ମହାନ୍ତି, ଲକ୍ଷ୍ମୀଧର ସାହୁ, ସମିତି ସଭ୍ୟା ରୀତାଞ୍ଜଳି ସାମଲ, ବରିଷ୍ଠ ନାଗରିକ ନୃସିଂହ ଖିଲାର, ଶିକ୍ଷାବିତ ଦେବେନ୍ଦ୍ର ମହାନ୍ତି, ଯୁବ ନେତା ଭାଗିରଥି ପରିଡ଼ା, ଅନନ୍ତ ତ୍ରିପାଠୀ ପ୍ରମୁଖ ଯୋଗଦେଇ ପିଲା ଗଣେଶ ପୂଜା ଉତ୍ସବ ସମ୍ପର୍କରେ ବିଭିନ୍ନ ବକ୍ତବ୍ୟ ରଖିଥିଲେ। ସମାଜ ସେବୀ ପ୍ରତ୍ୟୁଷ ସାମଲ ଅତିଥି ପରିଚୟ ପ୍ରଦାନ ଓ ପୂଜା କମିଟି ସଭାପତି ପରେଶ ଜେନା ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ସପନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମୂର୍ତ୍ତି କାରିଗର ତଥା ଚିତ୍ର ଶିଳ୍ପୀ କ୍ଷିରୋଦ ଚନ୍ଦ୍ର ଦାସଙ୍କୁ ମୁଖ୍ୟ ଅତିଥି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। କମିଟି ସଦସ୍ୟ ମହେଶ୍ୱର ଜେନା, ଅରୁଣ କୁମାର ଜେନା, ଗଣେଶ ଜେନା, ସାଗର ଜେନା, ବିକ୍ରମ ଜେନା, ପ୍ରଶାନ୍ତ ଜେନା, ସତ୍ୟଜିତ ସାମଲ, ପ୍ରସନ୍ନ ଜିତ ସାମଲ, ରାକେଶ ଜେନା, କାର୍ତ୍ତିକ ଜେନା, କାଠିଆ ଜେନା, ପପୁନ ଜେନା ପ୍ରମୁଖ ପରିଚାଳନା କରିଥିଲେ। ଭଦ୍ରକରୁ ଆସିଥିବା ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା।

## ବିଜେଡି ପକ୍ଷରୁ ବନ୍ୟା ବିପନ୍ନଙ୍କୁ ରିଲିଫ ବଣ୍ଟନ



**ଧାମନଗର/ଅସୁରାଳି, ୩୦।୮ (ସମିସ):** ଧାମନଗର ବିଜୁ ଜନତା ଦଳ ପକ୍ଷରୁ ହସନାବାଦ ପଞ୍ଚାୟତ ଅଧୀଦ ହୃଦାନନ୍ଦ କଲ୍ୟାଣ ମଣ୍ଡପ ପରିସରରେ ବନ୍ୟା ବିପନ୍ନଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଛି। ବିଜୁ ଜନତା ଦଳ ବ୍ଲକ ସଭାପତି ପ୍ରତାପ ସାମଲଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ନିଜ ଜନ୍ମ ସ୍ଥାନରେ ଯୋଗ ଦେଇ ବନ୍ୟା ବିପନ୍ନଙ୍କୁ ରିଲିଫ ସାମଗ୍ରୀ ତଥା ସୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ଏଥିରେ ଧାମନଗର ବ୍ଲକର ପୂର୍ବତନ ଅଧକ୍ଷ ଅଶୋକ କୁମାର ନାୟକ, ସମାଜସେବୀ ଡାକ୍ତର ସଞ୍ଜୟ ଦାସ, ପୂର୍ବତନ ସଭାପତି ଉମେଶ ମହାନ୍ତି, ଯୁବ ସଭାପତି ଭାରତବିଜୟ ଦଳାଇ, ସ୍ଥାନୀୟ ସରପଞ୍ଚ ଅଜୟ କୁମାର ମଲିକ, ବିଜେଡି ନେତା ସନ୍ଦୀପ ସ୍ୱାଇଁ ଓ ନେତୃମଣ୍ଡଳୀ ମଣ୍ଡପରେ ଉପସ୍ଥିତ ରହି ଜଳବନ୍ଦୀ ଓ କ୍ଷତିଗ୍ରସ୍ତ ହୋଇଥିବା ବନ୍ୟା ବିପନ୍ନଙ୍କୁ ସୁଖିଲା ଖାଦ୍ୟ ସାମଗ୍ରୀ ବହୁ ପରିବାରଙ୍କୁ ବଣ୍ଟନ କରିଛନ୍ତି। ସେହିପରି ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ଲୋକମାନଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ବିଧାୟକ ଶ୍ରୀ ମଲ୍ଲିକ ଦାବି କରିଛନ୍ତି।

## ଜାତୀୟ କ୍ରୀଡ଼ା ଦିବସ ପାଳିତ



**ଭଦ୍ରକ, ୩୦।୮ (ସମିସ):** କେନ୍ଦ୍ର ଯୁବ ଓ କ୍ରୀଡ଼ା ମନ୍ତ୍ରାଳୟର ମେରା ଯୁବା ଭାରତ ଭଦ୍ରକ ଶାଖା ଏବଂ ଏସ୍.ଭି.ୱାଇ.ଏସ୍ ମିଳିତ ଆନୁକୂଲ୍ୟରେ ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆର୍ଡୁଙ୍ଗ ଗ୍ରାମ ପଞ୍ଚାୟତ ସ୍ଥିତ କଳିଙ୍ଗ କୋଚିଂ ସେଣ୍ଟରରେ ହକି ଯାଦୁଗର ମେଜର ଧାନଚାନ୍ଦଙ୍କ ଜୟନ୍ତୀ ତଥା ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ଏସ.ଭି.ୱାଇ.ଏସ୍‌ର ସମ୍ପାଦକ ସରୋଜ କୁମାର ବିଶ୍ୱାଳ ସ୍ୱାଗତ ଅଭିଭାଷଣ ଦେଇଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ସାହୁ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟ ଅତିଥିରୂପେ ଆର୍ଡୁଙ୍ଗ ସରପଞ୍ଚ ସୁବାସ ଚନ୍ଦ୍ର ସନ୍ଦିବିଗ୍ରହ, ଶିକ୍ଷାବିତ୍ ବୁଧିରାମ ସାହୁ, ବିଜୟ କୁମାର ପାଣିଗ୍ରାହୀ, ମାନସ ସାହୁ ଯୋଗଦେଇ ଧାନଚାନ୍ଦଙ୍କ ସ୍ମୃତିଚାରଣ କରିବା ସହ ପିଲାମାନଙ୍କୁ ପାଠପଢ଼ିବା ସହ ପ୍ରତ୍ୟେକ ଦିନ ଏକ ଘଣ୍ଟା ଖେଳିବା ପାଇଁ ଉପଦେଶ ଦେଇଥିଲେ। ଏହି ଅବସରରେ ଜାତୀୟ ଦିବ୍ୟାଙ୍ଗ କ୍ରିକେଟର ସୋମନାଥ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବାଳକ ବିଭାଗରେ ୧୦୦ ମିଟର ଦୌଡ ଏବଂ ବାଳିକା ବିଭାଗରେ ସ୍ଲୋ ସାଇକଲ ରେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଂଘର ସଦସ୍ୟ ଦେବାଶିଷ ପୋଇ, ପରେଶ ବେହେରା, ସ୍ଲୋଗାନ ଦାସ, ହିମାଂଶୁ ବାରିକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନ।ରେ ସହଯୋଗ କରିଥିଲେ।

## ଜିଲ୍ଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଘାଟିତ



**ଭଦ୍ରକ/ଧାମନଗର, ୩୦।୮ (ସମିସ):** ଡିଷ୍ଟ୍ରିକ୍ଟ ସଟଲ ଆସୋସିଏସନ, ଭଦ୍ରକ ଓ ମା ଦୁର୍ଗା ଆସୋସିଏସନ ଧାମନଗର ମିଳିତ ସହଯୋଗରେ ଓଡ଼ିଶା ଷ୍ଟେଟ ବ୍ୟାଡ଼ମିଣ୍ଟନ ଆସୋସିଏସନ ସ୍ୱୀକୃତି ପ୍ରାପ୍ତ ଭଦ୍ରକ ଜିଲ୍ଲା ଚାମ୍ପିୟନସିପ ଟୁର୍ଣ୍ଣାମେଣ୍ଟ ଇଣ୍ଡୋର ଷ୍ଟାଡ଼ିୟମ ପରିସରରେ ଆଜିଠୁ ଆରମ୍ଭ ହୋଇଛି। ୨ ଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ପ୍ରତିଯୋଗିତାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ ଓ ବିଭିନ୍ନ ବ୍ଲକରୁ ଶତାଧିକ ପ୍ରତିଯୋଗୀ ଭାଗ ନେଉଛନ୍ତି। ଆଜି ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ, ସମ୍ମାନିତ ଅତିଥି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅଂଶୁମାନ ଦ୍ୱିବେଦୀ, ଧାମନଗର ଏସ.ଡି.ପି.ଓ ତ୍ରିଲୋଚନ ସେଠୀ, ଜିଲ୍ଲା କ୍ରୀଡା ଅଧିକାରୀ ରମାକାନ୍ତ ମହାନ୍ତି, ମନ୍ତ୍ରୀଙ୍କ ପ୍ରତିନିଧି କୈଳାଶ ମହାପାତ୍ର, ସାଂସଦ ପ୍ରତିନିଧି ସରୋଜ ମହାପାତ୍ର, ବରିଷ୍ଠ ରାଜନେତା ଅରବିନ୍ଦ ପତି ପ୍ରମୁଖ ଯୋଗଦେଇ ଅନୁଷ୍ଠାନିକ ଭାବେ ପ୍ରତିଯୋଗିତାଟିକୁ ଉଦଘାଟନ କରିଥିଲେ। ଏହି ଉଦଘାଟନୀ ଉତ୍ସବରେ ଆସୋସିଏସନର ସଭାପତି ମହେଶ ପ୍ରସାଦ ଦାସ, ସମ୍ପାଦକ ସମୀର ଦାସ, ସହଯୋଗୀ ଅନୁଷ୍ଠାନ ମା ଦୁର୍ଗା ଆସୋସିଏସନ ଧାମନଗରର ସମ୍ପାଦକ ଅଜିତ ମହାପାତ୍ର, କାର୍ଯ୍ୟକାରୀ ସଭାପତି ବିବେକ ଜେନା ଉପସ୍ଥିତ ଥିଲେ। ଚାମ୍ପିୟନସିପ କମିଟିର କାର୍ଯ୍ୟକାରୀ ସମ୍ପାଦକ ସଞ୍ଜୟ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିକାଶ ଗୁପ୍ତା, ଅମର ରାମ, ସୁବ୍ରତ ସାହୁ, ବ୍ୟୋମକେଶ ମହାପାତ୍ର, ଦୟାନିଧି ରାଉତ, ଶୁଭମ ବସନ୍ତରାୟ, ନୀତିନ ସାହୁ, ରଞ୍ଜିତ ମଲ୍ଲିକ, ସ୍ମୃତିରଞ୍ଜନ ବାରିକ, ଲିଲୁପ ସାମଲ, କିଶୋର ନାୟକ ପ୍ରମୁଖ ଉତ୍ସବ ପରିଚାଳନା କରିଥିବା ବେଳେ, ବ୍ୟୋମକେଶ ମହାପାତ୍ର ଉତ୍ସବ ସଂଯୋଜନା ଓ ମନ୍ମଥ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକ୍‌ସ୍ତରୀୟ କ୍ରୀଡ଼ା ଉତ୍ସବ ଉଦ୍‌ଘାଟିତ

ବନ୍ତ/ଆଗରପଡ଼ା, ୩୦।୮ (ସମିସ): ବନ୍ତ ବ୍ଲକସ୍ତରୀୟ ଶାରଦୀୟ କ୍ରୀଡ଼ା ଉତ୍ସବ ଆଗରପଡ଼ା କୃଷ୍ଣଚରଣ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରକାରୀ ବାଳିକା ହାଇସ୍କୁଲ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ମହାନ୍ତି ପ୍ରତିଯୋଗୀଙ୍କ ମଧ୍ୟରୁ ୧୨୦ ଜଣ ପ୍ରତିଯୋଗୀ ଜିଲ୍ଲାସ୍ତରକୁ ଉନ୍ନୀତ ହୋଇଥିଲେ। ବିଚ ଭଲିବଲ, ଭଲିବଲ, ଫୁଟବଲ, କବାଡ଼ି, ସାଇକଲ ରେସ, ଖୋ-ଖୋ, ବ୍ୟାଡ଼ମିଂଟନ, ଯୋଗ, ଯୋଗ ଅଲିମ୍ପିୟାର୍ଡ଼, ଚେସ ଆଦି କ୍ରୀଡ଼ା ପ୍ରତିଯୋଗୀତା ହୋଇଥିଲା। ଧିରେନ୍ଦ୍ର



କ୍ରୀଡ଼ାପତାକା ଉତ୍ତୋଳନ କରି ଏହି ଉତ୍ସବକୁ ଉଦଘାଟନ କରିଥିଲେ। ଶିକ୍ଷାବିତ୍ ଶଶିଶେଖର କରଶର୍ମା, ଶିକ୍ଷାବିତ୍ ଶରତ ଜେନା, ଶିକ୍ଷାବିତ୍ ଜ୍ୟୋସ୍ନାରାଣୀ ଜେନାଙ୍କ ସମେତ କ୍ରୀଡ଼ା ସମ୍ପାଦକ ମନୋଜ ଶଙ୍ଖୁଆ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। କ୍ରୀଡ଼ା ଶିକ୍ଷକ ରତିକାନ୍ତ ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଶିକ୍ଷକ ଅଶୋକ ଖିଲାର ଧନ୍ୟବାଦ ଦେଇଥିଲେ। ଏଥିରେ ୩୮ ଗୋଟି ସ୍କୁଲରୁ ଅଂଶଗ୍ରହଣ କରିଥିବା ୩୫୦ ଜଣ ଷଡ଼ଙ୍ଗୀ, ଜଗନ୍ନାଥ ଦ୍ୱିବେଦୀ, ବିଦ୍ୟୁତଲତା ଦାସ, ବୀରଭଦ୍ର ପଣ୍ଡା, ଶୁଭଶ୍ରୀ ପତି, ବଳଭଦ୍ର କିଙ୍କର ଜେନା, ଉପମନ୍ୟୁ ଖୁଣ୍ଟିଆ, ଜନ୍ମେଜୟ ନାୟକ, କୋଦଣ୍ଡଧର ସେଠୀ, ଡଲିରାଣୀ ଦାସ, ସ୍ନେହଲତା ଖମାରୀ, ଶମ୍ଭୁନାଥ ମହାନ୍ତି, ସଙ୍ଗୀତା ବେହେରା, ଗୀତାଞ୍ଜଳୀ ଚାନ୍ଦ, ଯଶୋବନ୍ତ ସିଂହ, ବିଜୟଲକ୍ଷ୍ମୀ ମଲ୍ଲିକ, ଚିତ୍ରାବତୀ ବେହେରା, ସୁଷମା ମଲ୍ଲିକ, ମମିତାବାଳା ନାୟକ, ସୁବୋଧ ପାତ୍ର, ଗଙ୍ଗାଧର ରାଉତ ପ୍ରମୁଖ ପରିଚାଳନା କରିଥିଲେ।

## ଗାୟତ୍ରୀ ଶକ୍ତି ପୀଠର ବ୍ୟବସ୍ଥାପକଙ୍କ ପରଲୋକ

**ଭଦ୍ରକ, ୩୦।୮ (ସମିସ):** ଭଦ୍ରକ ଜିଲ୍ଲା ଗାୟତ୍ରୀ ଶକ୍ତି ପୀଠର ବ୍ୟବସ୍ଥାପକ ପ୍ରକାଶ ରଞ୍ଜନ ବେହେରାଙ୍କ କଟକ ବଡ଼ ମେଡ଼ିକାଲରେ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୫୪ ବର୍ଷ ହୋଇଥିଲା। ସେ ଜଣେ ଧର୍ମ ପରାୟଣ ବ୍ୟକ୍ତି ଥିଲେ, ବିଭିନ୍ନ ସମୟରେ



ସମାଜସେବା କରିବା ସହିତ ଭଦ୍ରକ ଜିଲ୍ଲାର ଗାୟତ୍ରୀ ପରିବାରର ଜଣେ ସକ୍ରିୟ କର୍ମୀ ଥିଲେ। ବୃକ୍ଷରୋପଣ, କରୋନା ସମୟରେ ସାଥି ମାନଙ୍କ ସହାୟତାରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଅର୍ଥ ପ୍ରଦାନ, ଗରିବ ଲୋକଙ୍କ ପାଇଁ ସହାୟତା ଆଦି କାର୍ଯ୍ୟ କରି ନିଜ ସ୍ୱଳ୍ପ ଜୀବନ କୁ କୃତାର୍ଥ କରିଛନ୍ତି। ତାଙ୍କ ବିୟୋଗରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀରକୁ ଗାୟତ୍ରୀ ଶକ୍ତି ପୀଠ, ଜଳଙ୍ଗା ଗ୍ରାମ, ଗବସାହି, ଚରମ୍ପା ତାଙ୍କ ବ୍ୟବସାୟସ୍ଥଳୀ ଆଦି ପରିକ୍ରମା କରାଯିବା ପରେ ମଠ ସାହି ସ୍ଥିତ ବାସଭବନକୁ ନିଆଯାଇଥିଲା। ପରେ ନିକଟସ୍ଥ ଶ୍ମଶାନରେ ବୈଦିକ ପଦ୍ଧତିରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

## ଜିଲ୍ଲାସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟକୁ ସାକ୍ୟପ୍ରତୀକ ଓ ସୌଭାଗ୍ୟ ରଞ୍ଜନ ଉନ୍ନୀତ



**ବନ୍ତ/ଆଗରପଡ଼ା, ୩୦।୮ (ସମିସ):** ଚଳିତ ବର୍ଷ ବନ୍ତ ବ୍ଲକ ତରଫରୁ ହାଇସ୍କୁଲ ସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଶନିବାର ଆଗରପଡ଼ା କୃଷ୍ଣଚରଣ ବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜୋନରୁ ବ୍ୟାଡମିଣ୍ଟନ ଖେଳରେ ଉନ୍ନୀତ ହୋଇ ଆସିଥିବା ପ୍ରତିଯୋଗୀଙ୍କ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ କୃଷ୍ଣଚରଣ ବିଦ୍ୟାମନ୍ଦିରର ସପ୍ତମ ଶ୍ରେଣୀ ଛାତ୍ର ସାକ୍ୟ ପ୍ରତୀକ ବେହେରା ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପଳାସ ଗଡିଆର ଅଷ୍ଟମ ଶ୍ରେଣୀ ଛାତ୍ର ସୌଭାଗ୍ୟ ରଞ୍ଜନ ସାହୁ ସମସ୍ତ ଟିମର ପ୍ରତିଯୋଗୀଙ୍କୁ ପରାସ୍ତ କରି ଜିଲ୍ଲା ସ୍ତରକୁ ଉନ୍ନୀତ ହୋଇଛନ୍ତି। ୨ ଛାତ୍ର ଜିଲ୍ଲା ସ୍ତରକୁ ଉନ୍ନୀତ ହୋଇଥିବାରୁ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ମହଲରେ ଆନନ୍ଦ ଖେଳିଯାଇଛି।

### ମହାପୁରୁଷ ମହମ୍ମଦ ଜୟନ୍ତୀ ପାଳନ ନେଇ ଚୂଡାନ୍ତ ବୈଠକ

# ୪ରେ ଜୁଲୁସ୍ କାଫଲା ଶୋଭାଯାତ୍ରା ଓ ୫ରେ ଦର୍ଶନ

ଧାମନଗର, ୩୦।୮ (ସମିସ)



ଧାମନଗରରେ ମହାପୁରୁଷ ପ୍ରଫେଟ ହଜରତ ମହମ୍ମଦଙ୍କ ଜୟନ୍ତୀ ପାଳନ ନେଇ ଖାନକା ସରିଫ୍ ପରିସରରେ ଚୂଡାନ୍ତ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ସେପ୍ଟେମ୍ବର ୪ରେ ଜୁଲୁସ୍ କାଫଲା ଶୋଭାଯାତ୍ରା ଏବଂ ୫ ତାରିଖରେ ତବୃକାତ୍ ଦର୍ଶନ ନିମନ୍ତେ ସୂଚନା ଦିଆଯାଇଥିଲା। ଶୁକ୍ରବାର ସନ୍ଧ୍ୟାରେ ଖାନକା ସରିଫ୍ ସଭାଗୃହ ପରିସରରେ ଉର୍ସ କମିଟି ଉପସଭାପତି ସୟଦ ମୁସ୍ତଫା ରଜାଙ୍କ ସଭାପତିତ୍ୱରେ ସାଧାରଣ ସମ୍ପାଦକ ଆଲହାଜ୍ ଏମଡି ଇସ୍ରାଇଲ ହବିବି ସଭା ପରିଚାଳନା କରିଥିଲେ। ବୈଠକରେ ଜଗତି କଦମରସୁଲ କମିଟି ସାଧାରଣ ସମ୍ପାଦକ ସେକ ସୈଫୁଦ୍ଦିନ (ସୁନିଲ) କଦମ ରସୁଲ ଠାରେ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ବୈଠକରେ ମୁସଲିମ ଜମାତର କର୍ମକର୍ତ୍ତା ଏମଡି ଫଜଲେ ବାରି, ଗୋଲାମ ଜିଲାନି ହବିବି, ସେକ ଜାଫର ଅଲ୍ଲୀ, ସେକ ଗୋଲାମ ଅଲ୍ଲୀ, ମୌଲାନା ଇଲିୟାସ, ସଲିମ ଖାଁ, ସେକ ଅଫସର ଆପ୍ପି, ଏମଡି ଇସଲାମୁଦ୍ଦିନ, ସେକ ବାବୁନୁ ପ୍ରମୁଖ ବହୁ ବୁଦ୍ଧିଜୀବି ଯୋଗ ଦେଇ ଦୁଇ ଦିନର ପର୍ବ କିପରି ଶାନ୍ତି ଶୃଙ୍ଖଳାରେ ପାଳନ ହେବ ସେନେଇ ବିଭିନ ମତ ଦେଇଥିଲେ। ଏହି ଅବସରରେ ବିଭିନ୍ନ ସାହିବସ୍ତିରୁ ୩୪ରୁ ଉର୍ଦ୍ଧ୍ୱ ଜୁଲୁସ ଓ କାଫଲା ଶୋଭାଯାତ୍ରା ବାହାରି ଖାନକା ସରିଫ୍‌ଠାରେ ପହଞ୍ଚିବ। ପରେ ସେଠାରୁ ରାତି ୯ଟା ୩୦ରେ ସମସ୍ତେ ଇଦ୍‌ଗା ବାଟେ ଟ୍ରେକର ଷ୍ଟାଣ୍ଡରେ ବାହାରି ବଜାର ପରିକ୍ରମା କରି ଜଗତି କଦମରସୁଲଠାରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତା ୪ତାରିଖ ସକାଳୁ ଜଗତି କଦମରସୁଲଠାରେ ପବିତ୍ର ତବୃକାତ୍ ଦର୍ଶନ ପାଇଁ ଦିନ୨ଟା ପର୍ଯ୍ୟନ୍ତ ପୁରୁଷ ଏବଂ ୨ଟାରୁ ମହିଳାମାନେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦର୍ଶନ ସମୟ ଧାର୍ଯ୍ୟ କରାଯାଇଛି ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ବୈଠକରେ ଧାମନଗର ଏସ.ଡି.ପି.ଓ.ତ୍ରିଲୋଚନ ସେଠୀ, ଆଇ.ଆଇ.ସି ରଞ୍ଜନ କୁମାର ସେଠୀ, ଏସଆଇ ରାଜେଶ କୁମାର ସେଠୀ ପ୍ରମୁଖ ଯୋଗ ଦେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଡି.ଜେ ବନ୍ଦ ଏବଂ ଶାନ୍ତି କମିଟି ଓ ମୁସଲିମ ଜମାତ ନିଷ୍ପତ୍ତିକୁ ପାଳନ କରିବା ପାଇଁ ଜୁଲୁସ କମିଟିର କର୍ମକର୍ତ୍ତାଙ୍କୁ ଏସଡିପିଓ ଶ୍ରୀ ସେଠୀ କହିଥିଲେ। ଶେଷରେ ମୁସଲିମ ଜମାତ କର୍ମକର୍ତ୍ତା ତଥା ସାମ୍ବାଦିକ ସେକ ଜାଫର ଅଲ୍ଲି ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲ୍ଲା ପ୍ରଶାସନର ଆକଳନ

# ବୈତରଣୀ ବନ୍ୟାରେ ୩୭ ହଜାର ଲୋକ ପ୍ରଭାବିତ

**ଯାଜପୁର,୩୦।୮ (ସମିସ)**

ବୈତରଣୀ ନଦୀରେ ଆସିଥିବା ବନ୍ୟା ଯୋଗୁଁ ଯାଜପୁର ଜିଲ୍ଲାର ବିଞ୍ଝାରପୁର, ଦଶରଥପୁର ଓ ଯାଜପୁର ବ୍ଲକର ୧୮ଟି ଗ୍ରାମପଞ୍ଚାୟତର ୫୨ଟି ଗ୍ରାମ ବନ୍ୟାରେ ପ୍ରଭାବିତ ହୋଇଛି। ଜିଲ୍ଲାର ମୋଟ ୩୭,୩୫୮ ଜଣ ବନ୍ୟାରେ ପ୍ରଭାବିତ ହୋଇଛନ୍ତି। ଯେଉଁଥିରେ ବିଞ୍ଝାରପୁରରେ ୧୬୫ ଜଣ, ଦଶରଥପୁର ବ୍ଲକରେ ୨୫,୩୦୪ ଓ ଯାଜପୁର ବ୍ଲକରେ ୧୧,୮୮୯ ଜଣ ପ୍ରଭାବିତ ଅଛନ୍ତି। ଜିଲ୍ଲାରେ ସମୁଦାୟ ୩୨ଟି ଗ୍ରାମ ଜଳବନ୍ଦୀ ହୋଇଥିବା ବେଳେ ଜିଲ୍ଲା ପ୍ରଶାସନ ପକ୍ଷରୁ ସହାୟତା କାର୍ଯ୍ୟ ଜାରିରହିଛି। ବନ୍ୟାପୀଡ଼ିତ ଅଞ୍ଚଳରେ ପାଣି ବିଶୁଦ୍ଧିକରଣ ପାଇଁ ବ୍ଲିଚିଂ ପାଉଡର, ଫିନାଇଲ, ଓଆର୍‌ଏସ୍, ହାଲୋଜେନ୍ ଟାବ୍ଲେଟ ଇତ୍ୟାଦି ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ ରଖାଯାଇଛି। ଜିଲ୍ଲା ୱ୍ୟାର ହାଉସରେ ୪,୭୨୫ କିଗ୍ରା ବ୍ଲିଚିଙ୍ଗ ପାଉଡର, ୧,୪୫୧ ଲିଟର ଫିନାଇଲ, ୧,୬୪,୮୮୦ ପ୍ୟାକେଟ ଓଆର୍‌ଏସ ଓ ୯୩,୦୦୦ ହାଲୋଜୋନ୍ ଟାବ୍ଲେଟ, ୬୮୫ ସାପ କାମୁଡ଼ା ଔଷଧ, ୧,୭୪୦ ରାବିଜ ନିରାକରଣ ଔଷଧ ସଞ୍ଚୟ ରଖାଯାଇଛି। ଦଶରଥପୁରର ୧୯୮ଟି ଓ ଯାଜପୁରର ୫୧ଟି କୂଅ ସହ ମୋଟ ୨୪୯ଟି କୂଅ ପ୍ରଭାବିତ ହୋଇଥିବାବେଳେ, ପ୍ରଥମ ପର୍ଯ୍ୟାୟରେ ୯୯ଟି କୂଅରେ ପାଣି ବିଶୁଦ୍ଧିକରଣ କାମ ସମାପ୍ତ ହୋଇଛି। ପ୍ରଶାସନ ପକ୍ଷରୁ ୧୧ଟି ମେଡିକାଲ୍ ରିଲିଫ୍ ସେଣ୍ଟର ଖୋଲାଯାଇଛି। ବିଞ୍ଝାରପୁରରେ ୧ଟି, ଦଶରଥପୁରରେ ୨ଟି, ଯାଜପୁର ଜିଲ୍ଲାରେ ୧ଟି ମେଡିକାଲ୍ ଟିମ୍ ସହାୟତା କାର୍ଯ୍ୟରେ ଲାଗିଛନ୍ତି।



### ବନ୍ୟା ବିପନ୍ନଙ୍କୁ ସହାୟତା

**ବଡ଼ଚଣା:** ଦଶରଥପୁର ବ୍ଲକରେ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ବନ୍ୟା ବିପନ୍ନଙ୍କ ନିକଟରେ ରିଲିଫ ସାମଗ୍ରୀ ପହଞ୍ଚାଇଛି ସଂଖ୍ୟାଲଘୁ ଅନୁଷ୍ଠାନ ଜମିଆତୁଲଓଲମା। ସ୍ଥାନୀୟ ନଳିପୁର ସ୍ଥିତି ଏହି ସଂଗଠନ ପକ୍ଷରୁ ବନ୍ୟା ବିପନ୍ନଙ୍କ ନିକଟରେ ଚୁଡା, ମହମବତି, ବିସ୍କୁଟ, ପାଣି ବୋତଲ, ଦିଆସିଲି, ଚିନି, ରିଫାଇନ ତେଲ ଇତ୍ୟାଦି ବଣ୍ଟନ କରିଥିଲେ। କ୍ଷତିଗ୍ରସ୍ତ କସପା ଓ ମଲ୍ଲିକାପୁର ପଞ୍ଚାୟତର ଘରକୁ ଘର ବୁଲି ଏହି ସାମଗ୍ରୀ ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୌଲାନା ଜିଲଲୁ ରହେମାନ, ସୁଲତାନ ସଇଫୁଲା ଖାନ, ମୌଲାନା ଜଇମୁଲ ଇସଲାମ, ଜିଲ୍ଲା ସଭାପତି ମୌଲାନା ଫକିରୁଦିନ ହାସିମ କାଶ୍ମୀ, ହାଫିଜ୍ ସଲାଉଦ୍ଦିନ, ସେକ ହିବଜୁରହେମାନ, ସାବିର ଖାନ, ମୌଲାନା ମହମ୍ମଦ ତହୁର, ମୌଲାନା ସୟଦ ସବିର, ମୌଲାନା ଜାହେର ଖାନ, ମୌଲାନା ମୋଯଫର ହୁସେନ, ସେକ୍ ଇକବାଲ ହୁସେନ, ସେକ ରିହାନ ଅଲ୍ଲୀ ଓ ସେକ ଶାହା ଆଲାମ ପ୍ରମୁଖ ସାମିଲ ହୋଇଥିଲେ।

## ■ ସରକାରୀ ଅର୍ଥ ହଡ଼ପ ଅଭିଯୋଗ

# ପୂର୍ବତନ ପିଇଓ ଗିରଫ



**ସୁକିନ୍ଦା,୩୦।୮ (ସମିସ):** ସରକାରୀ ଭତ୍ତା ଟଙ୍କା ହଡ଼ପ କରିଥିବା ଅଭିଯୋଗରେ ସୁକିନ୍ଦା ବ୍ଲକ ଅନ୍ତର୍ଗତ ପିମ୍ପୁଡ଼ିଆ ପଞ୍ଚାୟତର ପୂର୍ବତନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନାଙ୍କୁ କଟକ ଭିଜିଲାନ୍ସ ବିଭାଗ ଗିରଫ କରିଛି। ସୂଚନା ଅନୁଯାୟୀ ଗତ କିଛି ଦିନ ପୂର୍ବରୁ ସନ୍ତୋଷ ସୁକିନ୍ଦା ବ୍ଲକର ପିମ୍ପୁଡିଆ ପଞ୍ଚାୟତ ଦାୟିତ୍ୱରେ କାର୍ଯ୍ୟନିର୍ବାହ କରୁଥିଲେ। ଏହି ସମୟରେ ହିତାଧିକାରୀଙ୍କ ଭତ୍ତା ଟଙ୍କା ବାବଦରେ ୭ ଲକ୍ଷ ୩୫ ହଜାର ଟଙ୍କା ହଡ଼ପ କରିଥିବା ଅଭିଯୋଗ ହେଇଥିଲା। ଏହି ଅଭିଯୋଗ ପରେ ସନ୍ତୋଷକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁକିନ୍ଦା ବ୍ଲକରୁ ଦାନଗଦି ବ୍ଲକକୁ ବଦଳି କରାଯାଇଥିଲା। ଟଙ୍କା ହଡ଼ପ କରିଥିବା ନେଇ ଭିଜିଲାନ୍ସ ନିକଟରେ ଏତଲା ଦିଆଯାଇଥିଲା। ଏହି ଅଭିଯୋଗକୁ ଆଧାର କରି ଆଜି କଟକ ଭିଜିଲାନ୍ସ ବିଭାଗ ପକ୍ଷରୁ ଦାନଗଦି ବ୍ଲକ ଉପରେ ଚଢ଼ଉ କରି ସନ୍ତୋଷକୁ ଗିରଫ କରାଯାଇ କଟକ କାର୍ଯ୍ୟାଳୟକୁ ନିଆଯାଇଥିଲା। ସେଠାରେ ତଦନ୍ତ ପରେ ୨୬/୨୦୨୫ରେ ଏକ ମାମଲା ରୁଜୁ କରି ଆଜି କୋର୍ଟଚାଲାଣ କରିଥିବା କଟକ ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ସପ୍ତମ ତାଏକ୍ୱୋଣ୍ଡୋ କଲର ବେଲ୍ଟ ପରୀକ୍ଷା

**ଯାଜପୁର,୩୦।୮ (ସମିସ):** ଯାଜପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ସପ୍ତମ ତାଏକ୍ୱୋଣ୍ଡୋ କଲର ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଯାଜପୁର ମାର୍ଶଲ ଆର୍ଟ ଏକାଡେମୀ ପକ୍ଷରୁ ଆୟୋଜିତ ଏହି ପରୀକ୍ଷାକୁ ଓଡ଼ିଶା ରାଜ୍ୟ ତାଏକ୍ୱୋଣ୍ଡୋ ସଂଘର ସମ୍ପାଦକ ମନମୋହନ ଭଞ୍ଜ ପରିଚାଳନା କରିଥିଲେ। ଏଥିରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକିର ମୋହନ ଟୁଡୁ, ଏକାଡେମୀର ସଭାପତି ଜିତେନ୍ଦ୍ର ବେହେରା, ଜିଲ୍ଲା ସମ୍ପାଦକ ଯଯାତୀ କେଶରୀ ଧଳ ଯୋଗ ଦେଇ ପ୍ରତିଯୋଗିତାରେ ଭଲ ଖେଳ ପ୍ରଦର୍ଶନକରି ରାଜ୍ୟସ୍ତରକୁ ଉତ୍ତୀର୍ଣ୍ଣ ହେବା ସହ ଯାଜପୁରର ନାମ ରଖିବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଏହି ପରୀକ୍ଷାରେ ଯାଜପୁର ଜିଲ୍ଲାର ୮୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରି ପରୀକ୍ଷା ଦେଇ ବିଭିନ୍ନ କଲର ବେଲ୍ଟ ହାସଲ କରିଥିଲେ।

## ଅପହରଣ ଓ ଅସଦାଚରଣ ଅଭିଯୋଗରେ ଯୁବକ ଗିରଫ



**ପାଣିକୋଇଲି,୩୦।୮ (ସମିସ):** ଅପହରଣ ଓ ଅସଦାଚରଣ ଅଭିଯୋଗରେ ଆଜି ପାଣିକୋଇଲି ପୁଲିସ ଜଣେ ଯୁବକକୁ ଅଦାଲତ ଚାଲାଣ କରିଛି। ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ବଡ଼ବିରୁହାଁ ଗ୍ରାମର ଅନନ୍ତ ସେଠୀ ତାଙ୍କ ଝିଅକୁ ତାଙ୍କ ସମ୍ପର୍କୀୟ ବିବାହିତ ଯୁବକ ଯାଜପୁର ଜିଲ୍ଲା ବରୀ ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ କଳାଖଣ୍ଡ, ଇସାନପୁର ଗ୍ରାମର ଗଦାଧର ସେଠୀଙ୍କ ପୁଅ ସୁରେଶ ସେଠୀ ଓରଫ ସୁରିୟା (୨୫) ଅପହରଣ କରିଥିବା ଅଭିଯୋଗ ଗତ ୨୮ ତାରିଖରେ ଶଙ୍ଖଚିଲା ଫାଣ୍ଡିରେ କରିଥିଲେ। ଏନେଇ ଏକ ମାମଲା ୨୮୬/୨୫ ରୁଜୁ କରାଯିବ ସହ ତଦନ୍ତ ଜାରିରହିଥିଲା। ଫାଣ୍ଡି ଅଧିକାରୀ ଦେବ ମହାନ୍ତି କଟକ ଜଗତପୁର ଅଞ୍ଚଳରୁ ଉଭୟଙ୍କୁ ଉଦ୍ଧାର କରିଥିଲେ। ଝିଅକୁ ଅପହରଣ ପରେ ତାକୁ ନେଇ ଭଡ଼ା ଘରେ ରଖି ଜବରଦସ୍ତ ଅସଦାଚରଣ କରିଥିବାର ଅଭିଯୋଗ ହୋଇଥିଲା। ଏନେଇ ଉଭୟଙ୍କୁ ଡାକ୍ତରୀ ପରୀକ୍ଷା କରିବା ସହ ଝିଅର ୧୬୪ ବୟାନ ରେକର୍ଡ କରାଯାଇଥିଲା। ଅପହରଣ ଅସଦାଚରଣ ଅଭିଯୋଗରେ ସୁରୟାକୁ ଆଜି ଗିରଫ କରାଯାଇ ଅଦାଲତ ଚାଲାଣ କରାଯିବା ସହ ଝିଅକୁ ତାର ପରିବାରକୁ ହସ୍ତାନ୍ତର କରାଯାଇଥିବା ପୁଲିସ ସୂତ୍ରରୁ ଜଣାପଡିଛି।

## ଡୁବୁରୀରେ ରକ୍ତଦାନ ଶିବିର
## ୧୬୦ୟୁନିଟ୍ ରକ୍ତ ସଂଗ୍ରହ



**ସୁକିନ୍ଦା,୩୦।୮ (ସମିସ):** କଳିଙ୍ଗନଗର ବଣିକ ସଂଘ (ଚାମ୍ବର ଅଫ କମର୍ସ), ପୁଲିସ ଓ ସୁକିନ୍ଦା ପ୍ରେସ୍ କ୍ଲବର ମିଳିତ ସହଯୋଗରେ ଡୁବୁରୀଠାରେ ଏକ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ୧୬୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ଏହି ଶିବିରରେ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁପ୍ରସନ୍ନ ମଲିକ, ତୃତୀୟ ଇଣ୍ଡିଆନ ରିଜର୍ଭ ବାଟାଲିୟନର ଦୁର୍ଗପତି ୟାକୁବ ଖାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଶ୍ୱଜିତ୍ ଦାସ, ପ୍ରେସ୍ କ୍ଲବ ସଭାପତି ବିଶ୍ୱଜିତ୍ ନାୟକ, କଳିଙ୍ଗନଗର ଥାନା ଅଧିକାରୀ ପ୍ରକାଶ କୁମାର ସାହୁ, ମେଡିକା ହସ୍ପିଟାଲ ସିଇଓ ସନ୍ତୋଷ କୁମାର ପାଣ୍ଡେ, ଡାକ୍ତର ସୁଧାଂଶୁ ଶେଖର ସୁତାର ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ରକ୍ତ ସଂଗ୍ରହ ପାଇଁ କଟକ ସ୍ଥିତ ବ୍ଲଡ ବ୍ୟାଙ୍କ୍, ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ବ୍ଲଡ ବ୍ୟାଙ୍କ୍ ଓ ଯାଜପୁର ରୋଡ ସ୍ଥିତ ବ୍ଲଡ ବ୍ୟାଙ୍କର ଡାକ୍ତର ଓ କର୍ମଚାରୀ ଉପସ୍ଥିତି ଥିଲେ। କଳିଙ୍ଗନଗର ବଣିକସଂଘ ଓ ସୁକିନ୍ଦା ପ୍ରେସକ୍ଲବର ସଦସ୍ୟ ଉପସ୍ଥିତ ରହି ରକ୍ତଦାନ କରିବା ସହ ଶିବିର ପରିଚାଳନା କରିଥିଲେ। ପ୍ରତିକୂଳ ପାଗ ସତ୍ତ୍ୱେ ୧୬୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ବଣିକ ସଂଘର ଏହି ପ୍ରୟାସକୁ ସାଧାରଣରେ ଉଚ୍ଚ ପ୍ରଶଂସା କରାଯାଇଛି।

## ଗ୍ରାମ ନନ୍ଦିପୁରରେ ରକ୍ତଦାନ ଶିବିର




**ଦଶରଥପୁର,୩୦।୮ (ସମିସ):** ଦଶରଥପୁର ବ୍ଲକ ଗ୍ରାମ ନନ୍ଦିପୁର ପଞ୍ଚାୟତ ନନ୍ଦିପୁର ଉଚ୍ଚ ବିଦ୍ୟାଳୟ ପରିସରରେ 'ଆସ ଆମେ ଦୂର କରିବା' ପକ୍ଷରୁ ଆଜି ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୫୫ ୟୁନିଟ୍ ରକ୍ତ ସଂଗୃହିତ ହୋଇଛି। ଅତିଥି ଭାବେ ଦଶରଥପୁର ଥାନା ଆଇଆଇସି ଶରତ କୁମାର ନାୟକ, ପୂର୍ବତନ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ବିଷ୍ଣୁଚରଣ ମହାପାତ୍ର ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ନିରଞ୍ଜନ ବେହୁରିଆ, ବିଦ୍ୟାଳୟ ପ୍ରଧାନଶିକ୍ଷକ ଅନୁପ କୁମାର ଧଳ, ଡାକ୍ତର ହେମନ୍ତ କୁମାର ବେହେରା, ଯୁବ ନେତା ମନୋରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଏହି ଶିବିରରେ ଯାଜପୁର ମୁଖ୍ୟ ଚିକିତ୍ସାଳୟର ବ୍ଲଡ଼ ବ୍ୟାଙ୍କର ଅଧିକାରୀ ପାର୍ଥ ସାରଥୀ ପୁହାଣ, ନବୀନ ଚାନ୍ଦ ସେଠି, ହୃଷୀକେଶ ଜେନା, ମହେଶ୍ୱର ବେହେରା ପ୍ରମୁଖ ଯୋଗ ଦେଇ ରକ୍ତ ସଂଗ୍ରହ କରିଥିଲେ। ଅନୁଷ୍ଠାନର ମୁଖ୍ୟ ଉଦ୍ୟୋକ୍ତା ଜୟନ୍ତ ଷଡ଼ଙ୍ଗୀ, ଆକାଶ କୁମାର ଦାଶ, ବିନାୟକ ସାହୁ, ଦିନଦୟାଳ ଦାସ, ଅଭିଷେକ ପଣ୍ଡା, ସନ୍ତୋଷ କୁମାର ଜେନା, ସୌମ୍ୟ ରଞ୍ଜନ ରଥ, ଅଶ୍ରୁମୋଚନ ବେହେରା , କେଦାର ଦାସ, କପିଳ ଚରଣ ଦାସ, ରଂଜିତ କୁମାର ସାମଲ, ବ୍ରହ୍ମାଶିବ ରଥ, ମଧୁସ୍ମିତା ବେହେରା, ସୁବାସ ମହାଳିକ, ବିଶ୍ୱରଂଜନ ପରିଡା, ପି ରାଜାରାମ, ଅବିନାଶ ଷଡ଼ଙ୍ଗୀ, ସାମ୍ବାଦିକ ଚନ୍ଦ୍ର ଶେଖର ସାହୁ, ସୁଶାନ୍ତ ବେହୁରିଆ, ଦେବେନ୍ଦ୍ର ସାମଲ, ମହେଶ୍ୱର ଜେନା, ବିଜୟ ରାଉତ, ବିଶ୍ୱଜିତ ମହାପାତ୍ର, ନିରଞ୍ଜନ ମହାପାତ୍ର, ବନମାଳୀ ମହାନ୍ତି ପ୍ରମୁଖ ଯୋଗଦେଇ ସହଯୋଗ କରିଥିଥିଲେ। ସାମ୍ବାଦିକ ଚନ୍ଦ୍ରଶେଖର ସାହୁ ରକ୍ତଦାତା ଏବଂ ଆୟୋଜକମାନଙ୍କୁ କୃତଜ୍ଞତା ଜଣାଇଥିଲେ।

## ଧର୍ମଶାଳା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ




**ଧର୍ମଶାଳା,୩୦।୮ (ସମିସ):** ଜାରକାସ୍ଥିତ ଧର୍ମଶାଳା ମହାବିଦ୍ୟାଳୟର ୪୮ ତମ ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି। ମାହବିଦ୍ୟାଳୟ ସଭାଗୃହରେ ଅଧ୍ୟକ୍ଷ ସ୍ୱରୁପାନନ୍ଦ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଆଦର୍ଶ ଶିକ୍ଷକ ଡ. ରାଜକିଶୋର ପାଢୀ ଯୋଗଦେଇ କଲେଜର ପ୍ରତିଷ୍ଠାତାମାନଙ୍କୁ ମନେପକାଇଥିଲେ। ଏହି ଅବସରରେ ମହାବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ମୁଖପତ୍ର କସ୍ତୁରୀକୁ ଅତିଥିମାନେ ଉନ୍ମୋଚନ କରିବା ସହ ମହାବିଦ୍ୟାଳୟ ସହ ସମ୍ପୃକ୍ତ ଦିବଂଗତଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ୨ ମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ପ୍ରାଧ୍ୟାପକ ଅରବିନ୍ଦ କୁମାର ମହାନ୍ତିଙ୍କ ସଂଯୋଜନାରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ଓ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ସନ୍ତୋଷ କୁମାର ପଣ୍ଡା, ପୀତବାସ କର ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତଗାନ କରାଯାଇଥିଲା। ଅଧ୍ୟାପକ ବସନ୍ତ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଲିନା ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ପ୍ରତିଷ୍ଠାତା ସଭ୍ୟମାନେ ଉପସ୍ଥିତ ରହିଥିଲେ।

## ଜାରକା ଗଣେଶ ପୂଜା ମଣ୍ଡପ ଉଦ୍‌ଘାଟିତ



**ଧର୍ମଶାଳା, ୩୦।୮ (ସମିସ):** ଧର୍ମଶାଳା ବ୍ଲକ ଜାରକା ବଡବଜାରରେ ନବନିର୍ମିତ ଗଣେଶ ପୂଜା ମଣ୍ଡପ ଅଜି ଉଦ୍‌ଘାଟିତ ହୋଇଯାଇଛି। ଗଣେଶ ପୂଜା କମିଟି ସଭାପତି ରମେଶ କୁଣ୍ଡୁଙ୍କ ଅଧ୍ୟକ୍ଷତାରେ ଅୟୋଜିତ ଉଦ୍‌ଘାଟନୀ ଉତ୍ସବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ନବନିର୍ମିତ ମଣ୍ଡପକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜାରକା ସରପଂଚ ସୁଦାମ ବେହେରା, ସମିତିସଭ୍ୟା ଅର୍ଣ୍ଣପୂର୍ଣ୍ଣା ସାହୁ, କମିଟିର ସମ୍ପାଦକ ବିରଜା କୁମାର ଶତପଥୀ ପ୍ରମୁଖ ଯୋଗଦେଇଥିଲେ। ଅୟୋଜିତ କାର୍ଯ୍ୟକ୍ରମକୁ ଗଣେଷ ପୂଜା କମିଟିର ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## ଉର୍ମିଳା ସାହୁ ସ୍ମାରକୀ ସମ୍ମାନ ପ୍ରଦାନ




**ଯାଜପୁର,୩୦।୮ (ସମିସ):** ଯାଜପୁର ଜିଲ୍ଲାରେ ୨୦୨୪-୨୫ ମସିହା ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଯୁଗ୍ମ ଭାବେ ଛାତ୍ରୀ ସୁଶ୍ରୀ ପ୍ରତୀକ୍ଷା ପ୍ରିୟଦର୍ଶିନୀ ପଣ୍ଡା, ମ୍ୟୁନିସିପାଲ୍ ସରକାରୀ ଉଚ୍ଚ ବିଦ୍ୟାଳୟ, ଯାଜପୁର ଏବଂ ଛାତ୍ର ଶ୍ରୀମାନ ସୌମ୍ୟଜିତ୍ ପଣ୍ଡା, ସରସ୍ୱତୀ ଶିଶୁ ମନ୍ଦିର ଯାଜପୁର ନଗର, ଯାଜପୁର ପ୍ରତ୍ୟେକଙ୍କୁ ଉର୍ମିଳା ସାହୁ ସ୍ମାରକୀ ଆର୍ଥିକ ପ୍ରୋତ୍ସାହନ ରାଶି ୨୫୦୦ ଲେଖାଏଁ, ଟ୍ରଫି ଓ ମାନପତ୍ର ପ୍ରଦାନ କରାଯାଇଛି। ସ୍ୱାଧୀନତା ଦିବସ ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ପୁରସ୍କାର ପ୍ରଦାନ କରିଥିଲେ।

## ମିଶନଶକ୍ତି ଗୃହରୁ ଚୋରି

**ଧର୍ମଶାଳା,୩୦।୮ (ସମିସ):** ଧର୍ମଶାଳା ଥାନା ଅଧୀନ ଜାରକା ତ୍ରିନାଥେଶ୍ୱର ମନ୍ଦିର ନିକଟରେ ଥିବା ବାବା ଗୋକର୍ଣ୍ଣେଶ୍ୱର ମିଶନ ଶକ୍ତି ଗୃହରୁ ଶୁକ୍ରବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଗତକାଲି ରାତିରେ ଦୁର୍ବୃତ୍ତ ରୋଷେଇ ଘରେ ଷ୍ଟୋର ରୁମରେ ଥିବା ସ୍କାଏଲାଇଟ ଭାଙ୍ଗି ଭିତରେ ପଶିଥିଲେ। ଘର ଭିତରେ ଥିବା କାନ୍ଥ ପଙ୍ଖା ୫ଟି, ବ୍ୟାଟେରୀ, ରୋଷେଇ ଉପକରଣ, ଗ୍ୟାସ ଚୁଲା, ଗ୍ୟାସ ଟାଙ୍କି, ୩ଟି ଡିସ୍, କଢ଼େଇ ଓ ବିଭିନ୍ନ ଉପକରଣ ସହ ଆଲମିରା ଭାଙ୍ଗି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ନେଇ ଯାଇଥିଲେ। ଆଜି ସକାଳେ ବୁକ୍‌କିପର ପ୍ରାଚୀ ମହାରଣା ମିଶନଶକ୍ତି ଗୃହ ଖୋଲିବା ପରେ ଚୋରି ହୋଇଥିବା ଜାଣିପାରି ଏ ସମ୍ପର୍କରେ ମିଶନ ଶକ୍ତି ସଭାନେତ୍ରୀ ରେଣୁବାଳା ଶତପଥୀଙ୍କୁ ଜଣାଇଥିଲେ। ପରେ ସମ୍ପାଦିକା ଶାନ୍ତିଲତା ଦାଶ, କୋଷାଧ୍ୟକ୍ଷ ମିନତୀ ପଣ୍ଡା, ଉପସଭାପତି ମିନତୀ ନାଥ, ସଭ୍ୟା ଚନ୍ଦ୍ରିକା ସାମଲ, ଲୀଳାବତୀ ଦାସ, ପ୍ରଭାସିନୀ ନାୟକ, ବାସନ୍ତୀ ସାହୁ, ମିନାକ୍ଷୀ ମହାପାତ୍ର, ଦମୟନ୍ତୀ ଜେନା, ଅରୁଣା ମହାନ୍ତି ଓ ସମସ୍ତ କାର୍ଯ୍ୟକାରିଣୀ ସଭ୍ୟାମାନେ ଥାନାରେ ଅଭିଯୋଗ କରିଥିବା ସଭାନେତ୍ରୀ ଶ୍ରୀମତୀ ଶତପଥୀ ସୂଚନା ଦେଇଛନ୍ତି।

## ପଞ୍ଚାୟତ ବିକାଶରେ ଯୁବଗୋଷ୍ଠି ସାମିଲ

**ଶଙ୍ଖଚିଲା,୩୦।୮ (ସମିସ):** କୋରେଇ ବ୍ଲକ ଅନ୍ତର୍ଭୁକ୍ତ ୨୮ ଗୋଟି ପଞ୍ଚାୟତ ମଧ୍ୟରୁ ଖମଣ ପଞ୍ଚାୟତ ଅନ୍ୟତମ। ଅଧିଷ୍ଠାତ୍ରୀ ଦେବୀ ଶଙ୍ଖଚିଲେଶ୍ୱରୀ ମା' ହିଙ୍ଗୁଳାଙ୍କ ପାଇଁ ଏହି ପଞ୍ଚାୟତ ବେଶ ପ୍ରସିଦ୍ଧ ଲାଭ କରିଛି। କିପରି ଭାବରେ ଏହି ପଞ୍ଚାୟତକୁ ଆହୁରି ଅଧିକ ଉନ୍ନତ ଓ ବିକାଶ କରିହେବ ଏଥିନିମନ୍ତେ ଏକତ୍ରିତ ହେଇଛନ୍ତି ଅନେକ ଯୁବପିଢ଼ି। ସମାଜସେବୀ ଅଜୟ ଶଙ୍କର ସାହୁଙ୍କ ନେତୃତ୍ୱରେ ପଞ୍ଚାୟତର ଅନେକ ଯୁବ ଗୋଷ୍ଠୀ ମା' ହିଙ୍ଗୁଳାଙ୍କ ନିକଟରେ ଏକତ୍ରିତ ପଞ୍ଚାୟତରେ ଥିବା ଗରିବ ଅସହାୟ ଲୋକଙ୍କ ପାଖରେ ସରକାରଙ୍କ ସମସ୍ତ ଯୋଜନା କିପରି ପହଞ୍ଚିପାରିବ ଓ ପଞ୍ଚାୟତ ବିକାଶ କିପରି ହେଇପାରିବ ସେଥିପାଇଁ ମିଳିମିଶି କାମ କରିବାକୁ ଆଗେଇ ଆସିଛନ୍ତି। ସୁଶାନ୍ତ କୁମାର ସାହୁ, ନରେନ୍ଦ୍ର କୁମାର୍ ମାଝୀ, ଅକ୍ଷୟ କୁମାର ସାହୁ, ଧନେଶ୍ୱର ରାଉତ, ବିଜୟ ସାହୁ, ସୁକାନ୍ତ ସାହୁ ଟୁଲୁ, ମୁନା କୁମାର, ନିତିଆନନ୍ଦ ପାଣି ରାଜୁ, ଭାଗା ତରେଇ, ଶ୍ରୀଧର ମାଝୀ, ଶ୍ରୀଧର ସାହୁ, ଅମ୍ବୁଜ କୁମାର ସାହୁ, ବଳରାମ ପାଢୀ, ଅଭି ମଲ୍ଲିକ, କେଶବ ସାହୁ, ସନାତନ ମଲ୍ଲିକ, ବାବୁଲି ସାହୁ, ବଳରାମ ସାହୁ, କେଶବ ପଥାଳ, ମିଲୁ ସାହୁ, ବିକ୍ରିମ ସାହୁ, ସୁନିଲ୍ ସାହୁ, ଗଣେଶ ସାହୁ, ମଦନ ମୋହନ ସାହୁ, ଅଭିନାଶ ମଲ୍ଲିକ, ବିକାଶ କୁମାର ସାହୁ, ରୁଦ୍ରନାରାୟଣ ବେହେରା, ଦିଲ୍ଲୀପ କୁମାର ସାହୁ, ସୁରେଶ ବେହେରା, ଗୋପୀନାଥ ପରିଡା, ସୁରେନ୍ଦ୍ର ବେହେରା, ସୁଶାନ୍ତ ସାହୁ, ରାଧା ମୋହନ ସାହୁ, ବସନ୍ତ ସାହୁ, ହରିହର ସାହୁ, ଚୈତନ୍ୟ ସାହୁ, ଗୋପାଳ ଚନ୍ଦ୍ର ଦାସ, ନିବେଦନ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ।

## ଆଦି କର୍ମଯୋଗୀ ଅଭିଯାନ କାର୍ଯ୍ୟକ୍ରମ

**ଯାଜପୁର, ୩୦।୮ (ସମିସ):** ଆଜି ପୂର୍ବାହ୍ନରେ ଯାଜପୁର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଦି କର୍ମଯୋଗୀ ଅଭିଯାନ ନିମନ୍ତେ ଜିଲ୍ଲାପରିଷଦର ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ଦିନିକିଆ ଜିଲ୍ଲାସ୍ତରୀୟ ଅଭିବିନ୍ୟାସ କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଏଥିରେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷକ ମାନେ ଏହି କାର୍ଯ୍ୟକ୍ରମର ଆବିମୂଖ୍ୟ, କାର୍ଯ୍ୟକାରିତା ଓ ଲକ୍ଷ୍ୟ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଜିଲ୍ଲାର ୫ଟି ବ୍ଲକ ଅନ୍ତର୍ଗତ ୬୭ଟି ଗ୍ରାମରେ ବସବାସ କରୁଥିବା ଅନୁସୂଚିତ ଜନଜାତିମାନଙ୍କର ସର୍ବାଙ୍ଗିନ ଉନ୍ନତି ନିମନ୍ତେ ସରକାରଙ୍କର ସମସ୍ତ ଯୋଜନା ଉପଲବ୍ଧ କରାଇ ସେମାନଙ୍କୁ ବିକାଶର ମୁଖ୍ୟଧାରାରେ ସାମିଲ କରିବା ଏହି ଅଭିଯାନର ମୂଳ ଲକ୍ଷ୍ୟ। ଏହି ଅଭିଯାନ ଚଳିତ ବର୍ଷ ତଥା ୨୦୨୫ ମସିହାରୁ ଆରମ୍ଭ ହୋଇ ୨୦୩୦ ମସିହା ପର୍ଯ୍ୟନ୍ତ ଚାଲୁ ରହିବ। ଏହି ସମୟ ମଧ୍ୟରେ ଅନୁସୂଚିତ ଜନଜାତିମାନଙ୍କର ସମସ୍ତ ମୌଳିକ ଆବଶ୍ୟକତାର ପରିପୂର୍ଣ୍ଣତା କରାଯିବ ବୋଲି ଜିଲ୍ଲା ମଙ୍ଗଳ ଅଧିକାରୀ ଶରତ ଚନ୍ଦ୍ର ବେହେରା ପ୍ରକାଶ କରିଥିଲେ ।

## ଯାଜପୁରରେ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା

# ପିହୁକୁ ଖୋଜିବେ ରାଜ୍ୟ ସରକାର

**ଯାଜପୁର/ଦାନଗଦି/ସୁକିନ୍ଦା/ କୁଆଖିଆ,୩୦।୮ (ସମିସ)**

ଶନିବାର ଦିନିକିଆ ଯାଜପୁର ଜିଲ୍ଲା ଗସ୍ତରେ ଆସିଛନ୍ତି ରାଜ୍ୟ ଶିଶୁ ସୁରକ୍ଷା ଅଧିକାର ଆୟୋଗ। ଅଧ୍ୟକ୍ଷତା ବବିତା ପାତ୍ରଙ୍କ ନେତୃତ୍ୱରେ ଆସିଥିବା ଆୟୋଗର ସମସ୍ତ ସଦସ୍ୟା ଦାନଗଦି ବ୍ଲକ ନୂଆଗାଁ ସ୍ଥିତ ଅନ୍ନପୂର୍ଣ୍ଣା ଶିଶୁ ସୁରକ୍ଷା ଭବନରେ ଅନୁଧ୍ୟାନ କରିଥିଲେ। ଏହା ପରେ ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଦାନଗଦି ବିଡିଓ ପ୍ରଦୀପ ସେଠୀଙ୍କ ସହ ମହିଳା ପ୍ରତିନିଧି ସ୍ୱାଗତ କରିଥିଲେ। ସେମାନେ ସୁକିନ୍ଦା ବ୍ଲକର ବିଭିନ୍ନ ସ୍ଥାନ ଅନୁଧ୍ୟାନ ସହ ନଗଡ଼ା ବୁଲିଯାଇଥିଲେ। ଶେଷରେ ଯାଜପୁର ଟାଉନଠାରେ ଜିଲ୍ଲାପାଳ, ଏସ୍‌ପି ବିଡିଓ, ଡିସିପିଓ ଜିଲ୍ଲା ଅଧିକାରୀଙ୍କ ସହ ଆଲୋଚନା କରି ଫେରିଯାଇଥିଲେ। ତେବେ ଏହି ଅବସରରେ ଅଧ୍ୟକ୍ଷାଙ୍କୁ ନିଖୋଜ ପିହୁଙ୍କ ମା' ମୋନାଲିସା ନାୟକ ଯାଜପୁର ଜିଲ୍ଲାପାଳ ଅଫିସରେ ଭେଟି ନିଜ ଝିଅକୁ ଖୋଜି ଆଣିବାକୁ ଦାବି କରିଥିଲେ।

ବହୁ ଚର୍ଚ୍ଚିତ ବିଞ୍ଝାରପୁର ଥାନା ଶିଶୁ କନ୍ୟା ପିହୁ ନିଖୋଜ ଘଟଣା ସଂପର୍କରେ ରାଜ୍ୟ ସରକାର ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବେ। ଖୁବଶିଘ୍ର ଏ ନେଇ ଘୋଷଣା କରାଯିବ ବୋଲି ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ପିହୁ ନିଖୋଜ ଘଟଣାକୁ ଇତିମଧ୍ୟରେ ୬ ବର୍ଷ ବିତିଯାଇଛି। ପିହୁକୁ ଖୋଜିବା ପାଇଁ ମା' ମୋନାଲିସା ବିଭିନ୍ନ ଉଦ୍ୟମ କରି ବିଫଳ ହୋଇଛନ୍ତି ଏପରିକି ଆତ୍ମହତ୍ୟା ପାଇଁ ଅନୁମତି ପାଇଁ ରାଷ୍ଟ୍ରପତିଙ୍କ ଦ୍ୱାରସ୍ଥ ମଧ୍ୟ ହୋଇଛନ୍ତି।

ଆୟୋଗ ଅଧ୍ୟକ୍ଷା ଏବଂ ଅନ୍ୟ ସଦସ୍ୟାମାନଙ୍କୁ ରସୁଲପୁର ବିଜେପି ତରଫରୁ ଗୋପାଳପୁର ଆଇବିରେ ସମ୍ବର୍ଦ୍ଧନା କରାଯାଇଛି। ଆଜି ସକାଳେ ସେ କୁଆଖିଆ ସ୍ଥିତ ଗୋପାଳପୁର ଆଇବିରେ ପହଞ୍ଚିବା ପରେ ଯାଜପୁର ବିଜେପି ସଭାପତି ଦେବଯାନୀ ପ୍ରଧାନ ଏବଂ କୋରେଇ, ଧର୍ମଶାଳା, ବରୀ ବିଜେପିର କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ଶ୍ରୀମତୀ ପାତ୍ରଙ୍କୁ ସ୍ୱାଗତ କରିଥିଲେ। ପରେ କୋରେଇ ବିଜେପି ତରଫରୁ ଅଧ୍ୟକ୍ଷା ବବିତା ପାତ୍ର, ଶିଶୁ ସୁରକ୍ଷା ସଦ୍ୟସା ସୁଜାତା ନାୟକ, ମନସ୍ମିତା ଖୁଣ୍ଟିଆ, କସ୍ତୁରୀ ମିଶ୍ର, ଚନ୍ଦନା ଦାସଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ପରେ ଯାଜପୁର ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମ ରେ ଯୋଗଦେବା ପାଇଁ ଯାଇଥିଲେ। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କୋରେଇ ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ପଣ୍ଡା, ବିଧାୟକଙ୍କ ମିଡିଆ ପ୍ରତିନିଧି ପଦ୍ମଲୋଚନ ନାୟକ, ମଣ୍ଡଳ ସଭାପତି ବିନୋଦ ମହାରଣା, ଜିଲ୍ଲାପରିଷଦ ସଭ୍ୟ ଶିଶିର ମହାନ୍ତି, ଯାଜପୁର ଦେବସେନ ମହାସଚିବ ଦୁଷ୍ମନ୍ତ ମଲିକ, ସମିତିସଭ୍ୟ ନରୋତ୍ତମ ସାହୁ ପ୍ରମୁଖ ବହୁ ବିଜେପି ନେତା କର୍ମୀ ଉପସ୍ଥିତ ଥିଲେ।



**ପିଆରଏମ ହସ୍ପିଟାଲରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ**

# ଛାତରୁ ଝରୁଛି ପାଣି; ଭାଙ୍ଗି ଗଲାଣି କବାଟ, ବିପଦରେ ରୋଗୀ





ବାରିପଦା, ୩୦।୮ (ସମିସ):

ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲାର ସ୍ୱାସ୍ଥ୍ୟ ସେବା ସୁଧାର ଆଣିବା ପାଇଁ ରାଜ୍ୟ ସରକାର ତିଳେ ହେଲେ ମନ ନିବେଶ କରୁନାହାଁନ୍ତି। ଯାହାର ପରିଣାମ ସ୍ୱରୂପ ସ୍ୱାସ୍ଥ୍ୟ ସେବା ଦିନକୁ ଦିନ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଜିଲ୍ଲାର ସଦର ମହକୁମା ବାରିପଦା ସ୍ଥିତ ପିଆରଏମ ମେଡ଼ିକାଲ କଲେଜ ଏବଂ ହସ୍ପିଟାଲର ରୋଗୀ ଚିକିତ୍ସା କଷ୍ଟ ଦାୟକ ହୋଇଛି। ହସ୍ପିଟାଲରେ କେଉଁଠି ଛାତରୁ ପାଣି ଗଳୁଥିବାରୁ ସିଲିଂ ଓ ପ୍ଲାଷ୍ଟର ଖସି ପଡ଼ିଲାଣି ତ ଆଉ କେଉଁଠି ମାସ ମାସ ଧରି କବାଟ ଭାଙ୍ଗିକି ପଡିଛି। ଯାହାକି ଏହି ଚିତ୍ର ବୟାନ କରୁଛି। ଉକ୍ତ ଚିତ୍ର ପିଆରଏମ ହସ୍ପିଟାଲର ନିଦାନ ବିଭାଗର। ଯେଉଁଠାରେ କି ପାଥଲୋଜି ଟେଷ୍ଟ ପାଇଁ ପ୍ରତିଦିନ ହଜାର ହଜାର ଲୋକଙ୍କ ଭିଡ଼ ଜମିଥାଏ। କିନ୍ତୁ ଏଠାରେ ପଞ୍ଜୀକରଣ ପାଇଁ ଥିବା ଡେସ୍କ ଉପରେ ଛାତରୁ ବର୍ଷା ପାଇଁ ଗଳୁଛି। କିନ୍ତୁ କୌଣସି ମରାମତି କାର୍ଯ୍ୟ କରାଯାଉନାହିଁ। ଫଳରେ ଲଘୁଚାପ ଜନିତ ଲଗାଣ ବର୍ଷାରେ ଛାତରୁ ପାଣି ଗଳି ସିଲିଂ ଖସି ପଡିଛି। ଖାଲି ସେତିକି ନୁହେଁ, ବର୍ଷା ପାଣି ଚଟାଣରେ ମଧ୍ୟ ଜମି ରହୁଛି। ରୋଗୀ ଏଠାକୁ ଟେଷ୍ଟ କରିବା ନିମନ୍ତେ ଆସିଥିବା ବେଳେ ତଳେ ପଡି ଆହତ ହୋଇଥିବା ନଜିର ରହିଛି। ଏଠାରେ ଥିବା ବିଭିନ୍ନ କୋଠରୀ ଗୁଡ଼ିକ ଅବସ୍ଥା ମଧ୍ୟ ବେହାଲ ହୋଇଛି। କୋଠରୀର କବାଟ ଓ ଝରକା ଗୁଡିକ ଭାଙ୍ଗି ନଷ୍ଟ ହୋଇଯାଇଛି। ଯାହାର କି ମରାମତି କାର୍ଯ୍ୟ ଆଜି ପର୍ଯ୍ୟନ୍ତ ହେଲା ନାହିଁ। ସେମିତି ଭଙ୍ଗା ଘରେ ବିପଦପୂର୍ଣ୍ଣ ଅବସ୍ଥାରେ ଉଭୟ ରୋଗୀ ଓ କର୍ମଚାରୀ ସ୍ୱାସ୍ଥ୍ୟ ସେବା ଜାରି ରହିଛି। ପାଣି ପଡି ଛାତର ସିଲିଂ ଖରାପ ହୋଇଯାଇଛି। ତାହା ଖସି ପଡିବାର ଆଶଙ୍କା ମଧ୍ୟ ରହିଛି। ତେବେ ଭାଗ୍ୟକୁ ଆଦରି ସ୍ୱାସ୍ଥ୍ୟ କର୍ମଚାରୀମାନେ ସେବା ଯୋଗାଇ ଚାଲିଛନ୍ତି। କିଛି ଦିନ ପୂର୍ବରୁ ରକ୍ଷଣାବେକ୍ଷଣ ଅଭାବରୁ ପୁରୁଷ ସର୍ଜିକାଲ ୱାର୍ଡର ଛାତରୁ ପ୍ଲାଷ୍ଟର ଖସି ପଡିଥିଲା। ବେଡ଼ରେ ଖଣ୍ଡ ପଡିଥିବା ବେଳେ ଚିକିତ୍ସିତ ରୋଗୀ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏହା ପୂର୍ବରୁ ମଧ୍ୟ ପିଆରଏମ ହସ୍ପିଟାଲରେ ଅନେକ ଘଟଣା ଘଟିଥିବାର ନେଇ ନଜିର ରହିଛି। ରାଜ୍ୟ ସରକାର ଆଦିବାସି ବହୁଳ ମୟୂରଭଞ୍ଜ ଜିଲ୍ଲାର ସ୍ୱାସ୍ଥ୍ୟ ସେବାର ସୁଧାର ପାଇଁ ମନ ନିବେଶ କରୁନଥିବାରୁ ସ୍ୱାସ୍ଥ୍ୟ ସେବା ଭୁଶୁଡିବାରେ ଲାଗିଛି। ହସ୍ପିଟାଲର ସଠିକ ଭାବେ ରକ୍ଷଣା ବେକ୍ଷଣା ନେଇ ବାରମ୍ବାର ଗଣମାଧ୍ୟମରେ ଖବର ପ୍ରସାରଣ ପରେ ମଧ୍ୟ କେହି ଚେତୁ ନାହାଁନ୍ତି। ଯାହା ଫଳରେ ନିଦାନ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ବିପଦପୂର୍ଣ୍ଣ ଭାବେ ସ୍ୱାସ୍ଥ୍ୟ ସେବା ଜାରି ରହିଛି। ଏଭଳି ଘଟଣା ନିଶ୍ଚିତ ଭାବେ ଚିନ୍ତାଜନକ। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ମିଳୁନି ସାର; ଚିନ୍ତାରେ ଚାଷୀ

ତେଲକୋଇ,୩୦।୮ (ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକ୍‌ରେ ସାରର ଅଭାବ ଦେଖାଦେଇଛି। ସମବାୟ ସମିତିରେ ସରକାରୀ ରିଆତି ସାର ମହଜୁଦ ନଥିବାରୁ ଚାଷୀ ଚିନ୍ତାରେ ପଡ଼ି ଯାଇଛନ୍ତି। ବାଧ ହୋଇ ଖୋଲା ବଜାରରୁ ଚଢ଼ା ଦରରେ ସାର କିଣି ଜମୀରେ ପକାଉଛନ୍ତି। ଫଳରେ ଚାଷୀ ଅଧିକ ଖର୍ଚ୍ଚାନ୍ତରେ ପଡ଼ିବା ସହିତ ମେରୁଦଣ୍ଡ ସଳଖେଇ ପାରୁନି। ଚଳିତ ଖରିଫ ଋତୁରେ ତେଲକୋଇ ବ୍ଲକକୁ ଥରେ ମାତ୍ର ସରକାରୀ ସାର ଆସିଥିବା ଜଣାପଡିଛି। ତେଲକୋଇ ସମବାୟ ସମିତି ପକ୍ଷରୁ ୭ ହଜାର କୁଇଣ୍ଟାଲ ୟୁରିଆ, ପଟାସ, ଡିଏପି ସାର ମଗା ଯାଇଥିବା ବେଳେ ବିଭାଗ ପକ୍ଷରୁ ମାତ୍ର ୧୫ ଶହ କୁଇଣ୍ଟାଲ ସାର ଦିଆ ଯାଇଥିଲା; ଯାହା ସମ୍ଭକୁ ଶଂଖେ ହୋଇଥିଲା। ଏହାପରଠାରୁ ଦ୍ୱିତୀୟ ଥର ଆଉ ସାର ଆସିନାହିଁ। ସେହିପରି ସମୁଦାୟ ବ୍ଲକରେ ୧୫ ହଜାର କୁଇଣ୍ଟାଲରୁ ଅଧିକ ସାର ଆବଶ୍ୟକ ଥିବା ବେଳେ ମାତ୍ର ୩ ହଜାର କୁଇଣ୍ଟାଲ ସାର ଆସିଥିବା ଜଣାପଡିଛି। ଚାଷୀ ଥରେ ମାତ୍ର ସରକାରୀ ରିଆତି ସାର ପାଇଛନ୍ତି। ଯାହା ଚାଷୀଙ୍କ ଆବଶ୍ୟକକୁ ମେଣ୍ଟାଇ ପାରି ନାହିଁ। ଫଳରେ ଚାଷୀ ଖୋଲା ବଜାରରୁ ବାଧ ହୋଇ ଚଢ଼ା ଦରରେ ସାର କିଣି ଜମିରେ ପକାଉଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଏହାର ଭରପୂର ଫାଇଦା ନେଉଛନ୍ତି ଅଞ୍ଚଳରେ ଥିବା ସ୍ୱୀକୃତିପ୍ରାପ୍ତ ସାର ବ୍ୟବସାୟୀମାନେ। ଏଥିପ୍ରତି ସରକାର ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଥିବା ବେଳେ ଚାଷୀଙ୍କ ଆବଶ୍ୟକତା ଅନୁସାରେ ସାର ମହଜୁଦ କରିବାକୁ ଚାଷୀ ମହଲରୁ ଦାବି ହୋଇଛି।

## କନିଷ୍ଠ ଯନ୍ତ୍ରୀଙ୍କୁ ୨ ବର୍ଷ କାରାଦଣ୍ଡାଦେଶ

ବାରିପଦା, ୩୦।୮ (ସମିସ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଜଣେ ଲାଞ୍ଚୁଆ କନିଷ୍ଠ ଯନ୍ତ୍ରୀଙ୍କୁ ୨ବର୍ଷର କାରାଦଣ୍ଡାଦେଶ ପ୍ରଦାନ କରାଯାଇଛି। ବାରିପଦା ସ୍ଥିତ ସ୍ୱତନ୍ତ୍ର ଦୁର୍ନୀତି ନିବାରଣ କୋର୍ଟ ପକ୍ଷରୁ ଜଜ ପୂର୍ଣ୍ଣିମା ଜେନା ଉକ୍ତ ମାମଲାର ବିଚାର କରି ଶନିବାର ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରି ୨ବର୍ଷ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏହା ସହିତ ୧ଲକ୍ଷ ଟଙ୍କା ଜରିମାନା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି ରାୟରେ ଉଲ୍ଲେଖ ରହିଛି। ସେ ହେଲେ ଗଜପତି ଜିଲ୍ଲା ପରଳାଖେମୁଣ୍ଡି ଅଞ୍ଚଳର ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଅରୁଣ କୁମାର ଜେନା। ସେ ବାରିପଦା ସ୍ଥିତ ଜିଲ୍ଲା ପ୍ରକଳ୍ପ କାର୍ଯ୍ୟାଳୟର ପୂର୍ବତନ ବୈଷୟିକ ସହାୟକ ଭାବେ କାର୍ଯ୍ୟ କରୁଥିଲେ। ସେହିସମୟରେ ଅନୈତିକ ଉପାୟରେ ଆୟ ବହିର୍ଭୁତ ଅର୍ଥ ଉପାର୍ଜନ କରିଥିଲେ। ଏ ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ଯାହାକୁ ନେଇ ଗତ ତାଙ୍କ ଘରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ଉ କରାଯାଇଥିଲା। ଆୟବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ ଛନ୍ଦି ହୋଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ। ଏ ନେଇ ଭିଜିଲାନ୍ସ ପକ୍ଷରୁ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ ହୋଇଥିଲା। ତାଙ୍କର ବାର୍ଷିକ ଆୟରୁ ଅଧିକ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରିଥିବା ନେଇ ଭିଜିଲାନ୍ସ ଦ୍ୱାରା ଠାବ ହୋଇଥିଲା। ସାକ୍ଷୀଙ୍କ ବୟାନ ଓ ଭିଜିଲାନ୍ସର ତଦନ୍ତ ରିପୋର୍ଟକୁ ଭିତ୍ତିକରି ଜଜ୍ ଉପରୋକ୍ତ ଶୁଣାଣି କରିଛନ୍ତି। ତେବେ ଦୋଷୀ ସାବ୍ୟସ୍ତ ହେବା ନେଇ ଓଡିଶା ଭିଜିଲାନ୍ସ ବିଭାଗ ପକ୍ଷରୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମାମଲାକୁ ସରକାରୀ ଆଇନଜୀବୀ ଶାନ୍ତନୁ କୁମାର ଦାଶ ପରିଚାଳନା କରୁଥିଲେ।

## ଦୁଇ କାର ଧକ୍କା; ୬ ଆହତ

କୁଆମରା,୩୦।୮ (ସମିସ): ବାରିପଦା-ଉଦଳା ୧୯ ନମ୍ବର ରାଜ୍ୟ ରାଜପଥ ଖୁଣ୍ଟା କଲେଜ ଛକ ନିକଟରେ ଗତକାଲି ରାତିରେ ଦୁଇଟି କାର ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଯୋଗୁଁ ଡୁକୁରା ଫାଣ୍ଡି ଅଧିକାରୀ ଆହତ ହୋଇଛନ୍ତି। ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପତି ଗତକାଲି ରାତିରେ ତାଙ୍କର ଜଣେ କର୍ମଚାରୀଙ୍କ ସହ କୌଣସି କାମରେ ଖୁଣ୍ଟା ଆସିଥିଲେ। ତେବେ କଲେଜ ଛକ ନିକଟରେ ନିଜର କାରକୁ ବୁଲାଇ ରାସ୍ତା ପାର୍ଶ୍ୱକୁ ନେଉଥିବା ବେଳେ ବିପରୀତ ଦିଗରୁ ଅନ୍ୟ କାର ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଶ୍ରୀ ପତି ଛାତିରେ ଗୁରୁତର ହୋଇଥିଲେ। ଧକ୍କା ଦେଇଥିବା କାରରେ ବସିଥିବା ସଞ୍ଜୁ ସିଂ (୨୬), ପଙ୍କଜ ସିଂ (୧୮), ରବି ବାରିକ (୨୨), ପ୍ରଧାନ ସିଂ (୨୧), ବୁଧେଶ୍ୱର ସିଂ (୨୧) ଆହତ ହୋଇଛନ୍ତି। ସମସ୍ତେ ବାଲେଶ୍ୱର ଅଞ୍ଚଳର ବୋଲି ଜଣାପଡିଛି। ସମସ୍ତଙ୍କୁ ଖୁଣ୍ଟା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସାପରେ ଛାଡି ଦିଆଯାଇଛି। ପୁଲିସ ୨ଟିଯାକ କାର୍‌କୁ ଅଟକ ରଖିଛି।

**■ ଛାତ୍ରୀବାସରୁ ଲୁଚି ପଳାଇଥିଲେ ୩ ଛାତ୍ରୀ**

## ଉଦ୍ଧାର କରି ଅଭିଭାବକଙ୍କୁ ହସ୍ତାନ୍ତର କଲା ପୁଲିସ

ମୋରଡା,୩୦।୮ (ସମିସ): ମୋରଡ଼ା ବ୍ଲକ ହରେକୃଷ୍ଣପୁର ଗ୍ରାମ ନିକଟରେ ଥିବା ଆଶ୍ରମ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା କାରଣରୁ ୩ ଜଣ ଛାତ୍ରୀ ଛାତ୍ରୀବାସ ଛାଡି କାହାକୁ ନ ଜଣାଇ ପଳାଇ ଆସିବା ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଉକ୍ତ ଆଶ୍ରମ ବିଦ୍ୟାଳୟର ପ୍ରଥମ ଶ୍ରେଣୀର ୩ଜଣ ଛାତ୍ରୀ ଶନିବାର ଭୋରୁ ବିଦ୍ୟାଳୟରୁ ବାହାରକୁ ଯାଇ ଜଙ୍ଗଲ ନିକଟ କେନାଲ ରାସ୍ତାରେ ଯାଉଥିବା ବେଳେ ପଳାଶମୁଣ୍ଡୁଳି ଗ୍ରାମର ରଞ୍ଜନ କୁମାର ସାହୁ ଉକ୍ତ ୩ ଜଣ ଛାତ୍ରୀଙ୍କୁ ଉଦ୍ଧାର କରି ମୋରଡା ପୁଲିସକୁ ଖବର ଦେଇଥିଲେ। ପରେ ପୁଲିସ ପହଞ୍ଚି ୩ ଜଣଙ୍କୁ ଥାନାକୁ ଆଣି ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ପିଲାମାନଙ୍କ ଅଭିଭାବକଙ୍କୁ ଜଣାଇଥିଲେ। ତେବେ ୱାର୍ଡେନ ସକାଳ ପାଞ୍ଚଟାରେ ରୁମ ଯିବା ବେଳକୁ ଛାତ୍ରୀମାନେ ନ ଥିବା ଦେଖିବାକୁ ପାଇଥିଲେ। ଘରକୁ ଯିବାକୁ ଇଚ୍ଛା ହେବାରୁ ଛାତ୍ରୀମାନେ ବିଦ୍ୟାଳୟରୁ ପଳାଇ ଆସିଥିଲେ। ଉକ୍ତ ୩ଜଣ ଛାତ୍ରୀ ମୋରଡ଼ା, ଶୁଳିଆପଦା ଏବଂ ବାଲେଶ୍ୱର ହୋଇଥିବା ବେଳେ ଅଭିଭାବକଙ୍କୁ ହସ୍ତାନ୍ତର କରିଥିବା ଥାନା ଅଧିକାରୀ ସୁମିତ କୁମାର ସୋରେନ କହିଛନ୍ତି।

## ଜାତୀୟ କ୍ରୀଡ଼ା ଦିବସ ପାଳିତ



କେନ୍ଦୁଝର, ୩୦।୮ (ସମିସ): ଜିଲ୍ଲା ପ୍ରଶାସନ କେନ୍ଦୁଝର ପକ୍ଷରୁ କେନ୍ଦୁଝର ହ୍ୟାଣ୍ଡବଲ୍ ଗ୍ରାଉଣ୍ଡରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ଜିଲ୍ଲାପାଳ ବିଶାଳ ସିଂହ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ।

ଉତ୍ସବର ଏକ ଅଂଶ ଭାବରେ ଏକ ପ୍ରଦର୍ଶନୀ ହ୍ୟାଣ୍ଡବଲ୍ ମ୍ୟାଚ୍ ଆୟୋଜନ କରାଯାଇଥିଲା, ଯେଉଁଥିରେ ଦର୍ଶକଙ୍କ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ପ୍ରାରମ୍ଭରେ ହକି ଯାଦୁକର ମେଜର ଧ୍ୟାନ ଚାନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଅଂଶଗ୍ରହଣକାରୀ, ଅଧିକାରୀ ଏବଂ ଖେଳାଳିମାନେ ମଧ୍ୟ ଶୃଙ୍ଖଳା, ଦଳଗତ କାର୍ଯ୍ୟ ଏବଂ କ୍ରୀଡା ମନୋଭାବ ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ଅକ୍ଷୁଣ୍ଣ ରଖିବା ପାଇଁ କ୍ରୀଡା ପ୍ରତିଜ୍ଞା ଗ୍ରହଣ କରିଥିଲେ। ଜିଲ୍ଲାପାଳ ଶ୍ରୀ ସିଂହ କେନ୍ଦୁଝରରେ କ୍ରୀଡା ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଉଦୀୟମାନ ପ୍ରତିଭାଙ୍କ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବା ଉପରେ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। ସେ ପ୍ରଦର୍ଶନୀ ମ୍ୟାଚ୍ ସମୟରେ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଉପଜିଲ୍ଲାପାଳ ଉମାଶଙ୍କର ଦଳାଇ, ଭାରପ୍ରାପ୍ତ ଜିଲ୍ଲା କ୍ରୀଡା ଅଧିକାରୀ ସରୋଜ କୁମାର ମଲ୍ଲିକ, କ୍ରୀଡା ପ୍ରଶିକ୍ଷକ ଜିତେନ୍ଦ୍ର ମହାକୁଡ଼ଙ୍କ ସମେତ ବିଦ୍ୟାଳୟର ଛାତ୍ରଛାତ୍ରୀ, କ୍ରୀଡାବିତ୍, ଶିକ୍ଷକ ଏବଂ ଅଧିକାରୀ ସାମିଲ ହୋଇଥିଲେ।

## ଅଧିବକ୍ତାଙ୍କ ପାଇଁ ତାଲିମ ଶିବିର

କେନ୍ଦୁଝର, ୩୦।୮ (ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ, କେନ୍ଦୁଝର ଆୟୋଜନରେ ଜିଲ୍ଲା କୋର୍ଟ ସଭାଗୃହଠାରେ ପ୍ରାଧିକରଣ ପାନେଲ ଅଧିବକ୍ତାଙ୍କ ପାଇଁ ତାଲିମ ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଗୋପାଳଚନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପରିବାର ଅଦାଲତର ବିଚାରପତି ଇତିଶ୍ରୀ ମହାପାତ୍ର, ମହିଳା କୋର୍ଟ ବିଚାରପତି ନେହା ଦାଶ, ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ, ଉପଖଣ୍ଡୀୟ ବିଚାରପତି ସୁମିତ୍ରା କୁମାରୀ ଦାସ, ପ୍ରଥମଶ୍ରେଣୀ କନିଷ୍ଠ ବିଚାରପତି ଅମ୍ବିକେଶ ପାଣିଗ୍ରାହୀ, ଈଶ୍ୱର ଜଙ୍ଗମ ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣର ୩୯ ଜଣ ପାନେଲ ଆଇନଜୀବୀ ତାଲିମ ଗ୍ରହଣ କରିଥିଲେ। ପ୍ରଚଳିତ ନୂତନ ଆଇନଗୁଡିକ ବିଷୟରେ ଜ୍ଞାନ ଆହରଣ କରି ଆଇନସେବା ପ୍ରାଧିକରଣ ସଫଳତା ହାସଲ କରିପାରିବ ବୋଲି ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ପ୍ରକାଶ କରିଛନ୍ତି।

## ଝୁଲନ୍ତା ମୃତଦେହ ଉଦ୍ଧାର

ଠାକୁରମୁଣ୍ଡା, ୩୦।୮ (ସମିସ): ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ତାଳପଦା ଗ୍ରାମପଞ୍ଚାୟତ ଲକ୍ଷ୍ମୀପୋଷି ସାନ୍ତାଳୀ ସାହି ରଙ୍ଗଲତା ବନ୍ଧ ନିକଟ ଗ୍ରାମ୍ୟ ଜଙ୍ଗଲରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତ ଯୁବକ ହେଲେ ଗ୍ରାମର ବାବା ହେମ୍ବ୍ରମଙ୍କ ସାନ ପୁଅ ଶୁକୁ ହେମ୍ବ୍ରମ (୨୫)। ଶୁକୁ ହେମ୍ବ୍ରମ ଆଜି ସକାଳେ ଗାଧୋଇବାକୁ ଯାଇ ଘରକୁ ଫେରି ନ ଥିଲେ। ଅପରାହ୍ନରେ ଗ୍ରାମ ନିକଟ ଜଙ୍ଗଲରେ ଥିବା ଏକ କାଳିଆଣୀ ଗଛ ଡାଳରେ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ପରେ ପୁଲିସ ପହଞ୍ଚି ଶବକୁ ଜବତ କରିବା ସହିତ ତଦନ୍ତ ଚଳାଇଛନ୍ତି।

## ଲୌହଖଣି କାର୍ଯ୍ୟାଳୟ ଆଗରେ ଗ୍ରାମବାସୀଙ୍କ ବିକ୍ଷୋଭ



ରାଇରଙ୍ଗପୁର,୩୦।୮ (ସମିସ):

ଏସିଆର ପ୍ରଥମ ଲୌହଖଣି କର୍ତ୍ତୃପକ୍ଷଙ୍କ ମନମାନି ଏବଂ ମଣିଭଦ୍ରା ନଦୀରେ ଲୁହାଗୁଣ୍ଡ ଛାଡିବା ପ୍ରତିବାଦରେ ଶନିବାର ଶୁଣ୍ଢଳ ଗ୍ରାମବାସୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମୟୂରଭଞ୍ଜ ଜିଲ୍ଲା ଗୋରୁ ଗୋରୁମହିଷାଣୀ ଲୌହ ଖଣି ଘନଶ୍ୟାମ ମିଶ୍ର ଏଣ୍ଡ ସନ୍ସ ପ୍ରାଇଭେଟ ଲିମିଟେଡ ଅଫିସ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନକାରୀମାନେ ନଦୀରୁ ପାଣି ନେଇ ଅଫିସ ସମ୍ମୁଖରେ ବିକ୍ଷୋଭ କରିଥିଲେ; କିନ୍ତୁ ଖଣି ମାଲିକଙ୍କ ପକ୍ଷରୁ କୌଣସି ସମାଧାନ ହୋଇନାହିଁ। ଖଣିରୁ ନିର୍ଗତ ଲୌହ ଗୁଣ୍ଡ ଓ ତେଲ ମିଶା ପାଣି ଚିରସ୍ରୋତା ନଦୀରେ ଛାଡି ଦେଇଥିବାରୁ ଗ୍ରାମବାସୀ ଉକ୍ତ ପାଣିକୁ ବ୍ୟବହାର କରି ବିଭିନ୍ନ ରୋଗରେ ସଂକ୍ରମିତ ହେଉଛନ୍ତି। ଚିରସ୍ରୋତା ନଦୀରେ ପ୍ରଭାବିତ ପାଣିକୁ ଖଣିରୁ ନିର୍ଗତ ପାଣି ସମ୍ପୂର୍ଣ୍ଣ ଗୋଳିଆ କରି ଦେଉଛି। ଗ୍ରାମବାସୀଙ୍କ କହିବା ଅନୁସାରେ ବର୍ଷା ହେଲେ ନାଳିପାଣି ଆସେ ଏବଂ ବର୍ଷା ନ ହେଲେ ନଦୀରେ ସଫା ପାଣି ପ୍ରବାହିତ ହୋଇଥାଏ; କିନ୍ତୁ ଖଣି କର୍ମଚାରୀ କୃତ୍ରିମ ଭାବରେ ମାଇନ୍ସ ଭିତରେ ଜମି ରହିଥିବା ପାଣି ଛାଡି ଏଭଳି ଗୋଳିଆ ପାଣି କରୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଯଦି ସରକାର ସମାଧାନ ନ କରିବେ ସମ୍ପୂର୍ଣ୍ଣ ଗ୍ରାମବାସୀ ପୁଣି ଥରେ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

DSPL-243




ସ୍ୱାୟତ୍ତ ଶାସନ ଦିବସ ଅବସରରେ
ନିମ୍ନ ଲିଖିତ ପ୍ରକଳ୍ପଗୁଡିକର
ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ
୩୧ ଅଗଷ୍ଟ ୨୦୨୫

ପ୍ରକଳ୍ପ ଉଦ୍‌ଘାଟନ

**୧୫୦ ଟନ୍ ସାମଗ୍ରୀ ପୁନରୁଦ୍ଧାର ସୁବିଧା (ଏମ୍.ଆର୍.ଏଫ୍),** ପଳାଶୁଣୀ
**୧୦ ଟନ୍ ପ୍ଲାଜ୍‌ମା ପାଇରୋଲିସିସ୍ ଫ୍ୟାସିଲିଟି,** ଗାଡ଼କଣ
**ହ୍ୱାଟ୍ସଆପ୍ ବଟ୍,** ବିଏମ୍‌ସି

- **ୱାର୍ଡ କାର୍ଯ୍ୟାଳୟ ଗୃହ** - ୱାର୍ଡ ନଂ ୧, ୱାର୍ଡ ନଂ ୬, ୱାର୍ଡ ନଂ ୧୨, ୱାର୍ଡ ନଂ ୧୮, ୱାର୍ଡ ନଂ ୨୫, ୱାର୍ଡ ନଂ ୨୭, ୱାର୍ଡ ନଂ ୩୦, ୱାର୍ଡ ନଂ ୪୧, ୱାର୍ଡ ନଂ ୪୯, ୱାର୍ଡ ନଂ ୫୦, ୱାର୍ଡ ନଂ ୫୧, ୱାର୍ଡ ନଂ ୫୪, ଏବଂ ୱାର୍ଡ ନଂ ୬୩
- **ଗ୍ୟାସ୍ ମଶାଣି** (ୱାର୍ଡ ନଂ - ୪୯ )
- **ପାର୍କ** , ଜଗମୋହନ ନଗର ଲେନ୍-୧ (ୱାର୍ଡ ନଂ - ୬୩ )
- **ମିଶନ ଶକ୍ତି ଗୃହ,** ତପୋବନ ବସ୍ତି (ଜାଗମରା, ୱାର୍ଡ ନଂ- ୬୩)
- **ମିନି ପାର୍କ,** ପ୍ଲଟ ନଂ-୫୨୮, କେ-୯ ବି, ପାତ୍ରପଡ଼ା (ୱାର୍ଡ ନଂ-୬୫)
- **ମିନି ପାର୍କ,** ଉଦୟଗିରି ବିହାର, ପାତ୍ରପଡ଼ା (ସିଦ୍ଧ ମହାବୀର ମନ୍ଦିର, ୱାର୍ଡ ନଂ- ୬୫)
- **କମ୍ୟୁନିଟି ସେଣ୍ଟର,** ଭିମଟାଙ୍ଗୀ, (ୱାର୍ଡ ନଂ- ୬୧)
- **୩ଟି ଦୁଇଟିକିଆ ପାଇଖାନା,** (ୱାର୍ଡ ନଂ- ୫୭)
- **ପରିଚୟ ଗୃହ ନିର୍ମାଣ,** ସାମନ୍ତରାପୁର (ୱାର୍ଡ ନଂ- ୫୯)
- **ପାର୍କ,** ଏନ୍.ଏ.ସି. କଲୋନୀ (ଆହାର କେନ୍ଦ୍ର ନିକଟ, ୱାର୍ଡ ନଂ- ୪୧)
- **ଆରସିସି ଡ୍ରେନ ସହ କଭର ସ୍ଲାବ,** ଜାତୀୟ ରାଜପଥ - ୧୬ ପ୍ରାଚୀ ବିହାରରୁ ପାଣ୍ଡରା ଅଠରନଳା ପର୍ଯ୍ୟନ୍ତ (ୱାର୍ଡ ନଂ- ୧୮ )

ଭିତ୍ତିପ୍ରସ୍ତର ସ୍ଥାପନ

**ଶ୍ମଶାନ ନିର୍ମାଣ,** ପଳାଶୁଣୀ, ୱାର୍ଡ ନଂ- ୫
**ୱାର୍ଡ ଅଫିସ,** ୱାର୍ଡ ନଂ- ୩

**ଶ୍ରୀ ଚଞ୍ଚଳ ରାଣା** ଭା.ପ୍ର.ସେ
**ଆୟୁକ୍ତ,** ବିଏମ୍‌ସି

**ଶ୍ରୀମତୀ ମଞ୍ଜୁଲତା କହଁର**
**ଡେପୁଟି ମେୟର,** ବିଏମ୍‌ସି

**ଶ୍ରୀମତୀ ସୁଲୋଚନା ଦାସ**
**ମେୟର,** ବିଏମ୍‌ସି

**ସମସ୍ତ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ/ଅଧ୍ୟକ୍ଷା ଏବଂ କର୍ପୋରେଟର ବୃନ୍ଦ**

ଭୁବନେଶ୍ୱର ମହାନଗର ନିଗମ

OIPR-13002/13/0244/2526

# ମହିଳା କାଠ କାରିଗର



ସାଧାରଣତଃ କାଠକାମ କହିଲେ ପୁରୁଷ ବଢ଼େଇଙ୍କ କଥା ସାମ୍ନାକୁ ଆସିଥାଏ । ଘରେ ଖଟ, ପଲଙ୍କ, ସୋଫା ଆଦି ତିଆରି କଥା ଉଠିଲେ, ବୁଢ଼ା ବଢ଼େଇଙ୍କୁ ଖୋଜା ପଡ଼ିଥାଏ । ଏହା ପୁରୁଷଙ୍କ କାର୍ଯ୍ୟ ବୋଲି କୁହାଯାଏ । କିନ୍ତୁ ଏ ଦିଗରେ ଏବେ ମହିଳାଙ୍କ ପ୍ରବେଶ ଦେଖିବାକୁ ମିଳୁଛି । ପୁରୁଷ ଭଳି ମହିଳା ଏବେ ହାତରେ କରତ ଧରି କାଠ ଆସବାବପତ୍ର ତିଆରି କରୁଛନ୍ତି । ସେମିତି ଜଣେ ମହିଳା ବଢ଼େଇ ହେଲେ, ନାଗପୁର ବାଥୁଣ୍ଡା ଅଞ୍ଚଳର ପ୍ରୀତି ହେଙ୍ଗେ । ସେ କାଠରୁ ଭଳିକି ଭଳି ଉପକରଣ ଯଥା - ସୋଫା, ଖଟ, ପଲଙ୍କ, ଚଉକି , ଟେବୁଲ ଆଦି ପ୍ରସ୍ତୁତ କରି କାଠକାର୍ଯ୍ୟରେ ନିଜର ଏକ ପରିଚୟ ସୃଷ୍ଟି କରିଛନ୍ତି । ଏହା କେବଳ ପୁରୁଷ କାର୍ଯ୍ୟ ନୁହେଁ, ବୋଲି ସେ ପ୍ରମାଣିତ କରିଛନ୍ତି । ଏଥିସହ ଅନ୍ୟ ମହିଳାଙ୍କୁ ଏ ଦିଗରେ ପ୍ରୋତ୍ସାହିତ କରିଛନ୍ତି ।

ମହିଳା ବଢ଼େଇ ଭାବେ ପରିଚିତ ପ୍ରୀତି ନାଗପୁର ବାଥୁଣ୍ଡାରେ ରୁହନ୍ତି । ସେ ଗାଁର ଏକମାତ୍ର ମହିଳା ବଢ଼େଇ ଭାବେ ଜଣାଜାନ୍ତି । ଗାଁରେ ତାଙ୍କର ଜୟ ଶ୍ରୀ ଗଣେଶ ଫର୍ଣ୍ଣିଚର ମାର୍ଟ ନାମରେ ଏକ ଦୋକାନ ରହିଛି । ପିଲାବେଳୁ ସେ ନିଜ ପିତାଙ୍କୁ ବଢେଇ କାର୍ଯ କରିବାର ଦେଖିଥିଲେ । ଧୀରେ ଧୀରେ ତାଙ୍କର ଏଥିପ୍ରତି ରୁଚି ବଢ଼ିଥିଲା । ସେ ପିତାଙ୍କୁ କହି ଏହି କାର୍ଯ୍ୟ ଶିଖିଥିଲେ । ସେ କୋଡ଼ିଏ ବର୍ଷ ବୟସରେ ପ୍ରଥମେ ଏକ କାଠ ଆଲମାରୀ ତିଆରି କରିଥିଲେ । ଫର୍ଣ୍ଣିଚର ଜିନିଷ ପ୍ରତି ତାଙ୍କ ରୁଚି ଦେଖି ଏହି କାର୍ଯ୍ୟ ଶିଖିବାରେ ତାଙ୍କ ପିତା ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ପ୍ରଥମେ ପ୍ରଥମେ ପ୍ରୀତିଙ୍କୁ ଏହି କାର୍ଯ୍ୟ କରୁଥିବା ଦେଖି ସାହିପଡ଼ୋଶୀ ଲୋକେ ଟାହିଟାପରା କରୁଥିଲେ । ଅନେକ ତାଙ୍କ ମଜାକ୍ ଉଡ଼ାଉଥିଲେ । ହେଲେ ସ କାହା କଥାକୁ ଭ୍ରୂକ୍ଷେପ ନ କରି ନିଜ କାମରେ ଧ୍ୟାନ ଦେଇଥିଲେ । ଧିରେ ଧିରେ ସେ କାଠରୁ ଖଟ, ଆଲମାରୀ, ଡ୍ରେସିଂ ଟେବୁଲ୍ ଆଦି ଶିଖିଥିଲେ । ବିବାହପରେ ଘରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ସେ ଫର୍ଣ୍ଣିଚର ଦୋକାନ କରି ବ୍ୟବସାୟ କରିବାକୁ ସ୍ଥିର କରିଥିଲେ । ପ୍ରଥମ ଛୁଆ ଜନ୍ମ ହେବାପରେ ସେ ଏହି ଫର୍ଣ୍ଣିଚର କାର୍ଯ୍ୟ ଆରମ୍ଭ କରିଥିଲେ । ଧୀରେ ଧୀରେ ତାଙ୍କ କାମ ଦେଖି ଲୋକେ ତାଙ୍କୁ ପ୍ରଶଂସା କଲେ । ସ୍ଥାନୀୟ ଅଞ୍ଚଳରେ ଲୋକେ ତାଙ୍କୁ କାର୍ପେଣ୍ଟର ଦିଦି ଭାବେ ଡାକନ୍ତି । କାଠକାମ ପାଇଁ ପ୍ରସିଦ୍ଧି ଲାଭ କରିଥିବା ପ୍ରୀତିଙ୍କ ପୂର୍ବରୁ ସେ ଅଞ୍ଚଳରେ କୌଣସି ମହିଳା କାଠ କାରିଗର ନ ଥିଲେ । ସେ ନଅ ବର୍ଷ ପୂର୍ବେ ଏକ ଦୋକାନ ଭଡ଼ାରେ ନେଇ ଏହି ବ୍ୟବସାୟ ଆରମ୍ଭ କରିଥିଲେ । ସମୟ କ୍ରମେ ସେ ଏଥିରେ ସଫଳ ହୋଇଥିଲେ । ଦେଖୁ ଦେଖୁ ତାଙ୍କ ତିଆରି ସାମଗ୍ରୀ ଲୋକପ୍ରିୟ ହୋଇଥିଲା । ଏହାପରେ ସେ ଭାରତ ସରକାରଙ୍କ ସ୍କିଲ୍ ଇଣ୍ଡିଆ ମିଶନରେ ୧୫ ଦିନିଆ କର୍ମଶାଳାରେ ମଧ୍ୟ ଭାଗ ନେଇଥିଲେ । ଜଣେ ଗୃହିଣୀ ଭାବେ ସେ ଘରକାର୍ଯ୍ୟ ସହ ଏହି କାଠକାମ କରିଥାନ୍ତି । ଏହାଦ୍ୱାରା ନିଜେ ରୋଜଗାରକ୍ଷମ ହେବା ସହ ନିତିଦିନିଆ ତେଲ ଲୁଣ ସଂସାର ଚଳାଇଥାନ୍ତି ।

# ସ୍ଲିଭ୍‌ଲେସ୍ ବ୍ଲାଉଜ୍

**ଶାଢ଼ିରେ ମହିଳାମାନେ ଡିଜାଇନର ବ୍ଲାଉଜ୍ ପିନ୍ଧିବାକୁ ପସନ୍ଦ କରନ୍ତି । ଏହା ଶାଢ଼ିର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ । ସେହିପରି ନିଜକୁ ଏକ ଆଧୁନିକ ତଥା ଷ୍ଟାଇଲିଶ୍ ଲୁକ୍ ଦେବାକୁ ଚାହୁଁଥିଲେ, ସ୍ଲିଭ୍‌ଲେସ୍ ବ୍ଲାଉଜ୍ ପିନ୍ଧିପାରିବେ । ଏହା ଉଭୟ କାଜୁଆଲ୍ ଓ ବିବାହ ପାର୍ଟି ଫଙ୍କସନ୍‌ରେ ଭଲ ମାନିଥାଏ । ଏଥିପାଇଁ ହେୟାର୍ ଷ୍ଟାଇଲ୍‌ରୁ ନେଇ ଆସେସରିଜ୍ ପ୍ରତି ବିଶେଷ ଧ୍ୟାନ ଦେବାକୁ ପଡ଼ିଥାଏ । ତେବେ ସ୍ଲିଭ୍‌ଲେସ୍ ବ୍ଲାଉଜରେ ସୁନ୍ଦର ଦିଶିବାକୁ ଚାହୁଁଥିଲେ, ଆପଣାନ୍ତୁ ଏହି ଉପାୟ ।**



### ବଟମ୍‌ୱେୟାର

ଏହାକୁ ଉଭୟ ଶାଢ଼ି ଓ ଲେହେଙ୍ଗା ସହ ପିନ୍ଧିପାରିବେ । ବ୍ଲାଉଜ୍ ସାଧା ଥିଲେ ଏହାକୁ ଭାରି କାମଯୁକ୍ତ ଶାଢ଼ିରେ ପିନ୍ଧିପାରିବେ । ସେହିପରି ବ୍ଲାଉଜ୍‌ରେ ଭାରି କାମ ଥିଲେ, ଏହାକୁ ହାଲୁକା ଶାଢ଼ି ତଥା ଲେହେଙ୍ଗାରେ ପିନ୍ଧିପାରିବେ । ଏହାଦ୍ୱାରା ଲୁକ୍‌ରେ ଏକ ସନ୍ତୁଳନ ରହିଥାଏ ।

### ଜୁଏଲାରୀ ଓ ହେୟାର୍ ଷ୍ଟାଇଲ୍

ସ୍ଲିଭ୍‌ଲେସ୍ ବ୍ଲାଉଜରେ ଅଳଙ୍କାର ଓ ହେୟାର୍ ଷ୍ଟାଇଲ୍ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ତେଣୁ ଷ୍ଟାଇଲିଶ୍ ଦେଖାଯିବା ପାଇଁ ଝୁମ୍‌କା ତଥା ପେଣ୍ଡି କାନଫୁଲ ପିନ୍ଧିପାରିବେ । କେଶକୁ ଖୋଲା ନ ରଖି କର୍ଲ କିମ୍ବା ବନ୍ କରିପାରିବେ । ଏଥିସହ ବ୍ଲାଉଜ୍ ଏମ୍ବ୍ରୋଡୋରୀ ଡିଜାଇନ୍ ଥିଲେ ହାଇ ପନିଟେଲ କରିପାରିବେ ।

### ସ୍ରଗ୍

ପ୍ରଥମ ଥର ସ୍ଲିଭ୍‌ଲେସ୍ ବ୍ଲାଉଜ୍ ପିନ୍ଧୁଥିଲେ ଏହାକୁ ସ୍ରଗ୍ କିମ୍ବା ଜ୍ୟାକେଟ୍ ସହ ଷ୍ଟାଇଲ୍ କରିପାରିବେ । ଏଥିରୁ ଏକ ଏଲିଗେଣ୍ଟ ଲୁକ୍ ମିଳିଥାଏ । ଏଥିରୁ ଏକ ଇଣ୍ଡୋ ୱେଷ୍ଟର୍ଣ୍ଣ ଲୁକ୍ ମିଳିଥାଏ ।

# କିସ୍ମିସ୍ ପାଣିରୁ ଦୂର ହେବ କେଶ ସମସ୍ୟା

**କିସ୍ମିସ୍‌ରେ ବହୁ ପୋଷକ ତତ୍ତ୍ୱ ରହିଥାଏ । ସେଥିପାଇଁ ବିଶେଷଜ୍ଞମାନେ କିସ୍ମିସ୍ ସହ ଏହାର ପାଣି ପିଇବାକୁ ପରାମର୍ଶ ଦେଇଥାନ୍ତି । ଏହା ଶରୀର ପାଇଁ ସ୍ୱାସ୍ଥ୍ୟକର ହେବା ସହ ପାଚନରେ ସାହାଯ୍ୟ କରିଥାଏ । ସେହିପରି ଏହା ସ୍ୱାସ୍ଥ୍ୟ ଭଳି କେଶ ପାଇଁ ମଧ୍ୟ ଖୁବ୍ ଲାଭଦାୟକ ହୋଇଥାଏ । ଜାଣିବା ସେ ବିଷୟରେ...**

### କେଶ ବୃଦ୍ଧି

କିସମିସ୍ ପାଣିରେ ଆଇରନ୍ ପ୍ରଚୁର ମାତ୍ରାରେ ରହିଥାଏ । ତେଣୁ ଏହା କେଶମୂଳକୁ ରକ୍ତସଞ୍ଚାଳନ କରିବାରେ ସହାୟକ ହୋଇଥାଏ । ସେହିପରି ଏହାଦ୍ୱାରା କେଶକୁ ପର୍ଯ୍ୟାପ୍ତ ପରିମାଣରେ ଅମ୍ଳଜାନ ଓ ପୋଷକ ତତ୍ତ୍ୱ ମିଳିଥାଏ । ନିୟମିତ କିସ୍‌ମିସ୍ ପାଣି ପିଇବା ଦ୍ୱାରା ସ୍କାଲ୍‌ପ ସମସ୍ୟା ଦୂର ହୋଇଥାଏ ।

### କେଶ ଝଡ଼ା ସମସ୍ୟା ଦୂର କରେ

୧୫ ରୁ ୨୦ ଟି କିସ୍‌ମିସ୍ ନେଇ ଗୋଟିଏ ପାତ୍ରରେ ବୁଡ଼ାଇ ରାତିସାରା ରଖି ଦିଅନ୍ତୁ । ଏହାକୁ ସକାଳୁ ଖାଲି ପେଟରେ ପିଅନ୍ତୁ । ଏଥିରେ ଥିବା ଭିଟାମିନ୍, ପୋଟାସିୟମ୍ ଓ ମ୍ୟାଗ୍ନେସିୟମ୍ କେଶମୂଳକୁ ମଜଭୂତ କରି କେଶଝଡ଼ାକୁ ରୋକିଥାଏ । ଏଥିସହ ପତଳାକେଶକୁ ଘନ କରିବାରେ ସହାୟକ ହୋଇଥାଏ ।

### ଆଣେ କେଶରେ ଚମକ

କିସ୍‌ମିସ୍‌ରେ ବାୟୋଟିନ୍ ମାତ୍ରା ଅଧିକ ଥାଏ । ଏହା ସୁସ୍ଥ ଓ ଉଜ୍ଜ୍ୱଳ କେଶ ପାଇଁ ଆବଶ୍ୟକ ହୋଇଥାଏ । ତେଣୁ କିସ୍‌ମିସ୍ ପାଣି ନିୟମିତ ପିଇବା ଦ୍ୱାରା କେଶ ମଜଭୂତ ହେବା ସହ କୋମଳ ଓ ଚମକ ଆସିଥାଏ ।


**ରୁହେ ନାହିଁ ରୁପି ସମସ୍ୟା** ଏଥିରେ ଥିବା ପ୍ରାକୃତିକ ଭିଟାମିନ୍ କେଶରେ ରୁପି ସମସ୍ୟା ଦୂର କରିଥାଏ । ଏଥିସହ ସ୍କାଲ୍‌ପକୁ ସଂକ୍ରମଣରୁ ସୁରକ୍ଷା ଦେଇଥାଏ । ଏହାକୁ ନିୟମିତ ସେବନ କରିବା ଦ୍ୱାରା ସମସ୍ତ କେଶ ସମସ୍ୟାରୁ ମୁକ୍ତି ମିଳିଥାଏ ।



# ଆରବିକ୍ ଆଇଲାଇନର୍

**ଆଖିକୁ ଆକର୍ଷଣୀୟ କରିବା ପାଇଁ ସମସ୍ତେ ଚାହାଁନ୍ତି । ଏଥିପାଇଁ କଳା, ମସ୍କାରା ଭଳି ଲାଇନର୍ ଲଗାଇଥାନ୍ତି । ଆଇଲାଇନର ଆଖିର ସୁନ୍ଦରତାକୁ ବୃଦ୍ଧି କରି ଆଖିକୁ ଏକ ଆକାର ଦେଇଥାଏ । ସେହିପରି ଏବେ ଆରବିକ୍ ଆଇଲାଇନର୍ ଟ୍ରେଣ୍ଡରେ ରହିଛି ଜାଣିବା ସେ ବିଷୟରେ...**

- ଆଖିରେ ପତଳା ଲାଇନର ଲଗାଇବାକୁ ପସନ୍ଦ ନ ଥିଲେ, ଆରବିକ୍ ଆଇଲାଇନର ଲଗାଇପାରିବେ । ଏ ପ୍ରକାର ଲାଇନର୍‌କୁ ଆଖିରେ ମୋଟା କରି ଲଗାଯାଇଥାଏ । ସେହିପରି ଏହା ଆଖିର ତଳଉପର ଦୁଇପାର୍ଶ୍ୱରେ ଲଗାଯାଇଥାଏ । ଆରବରେ ପ୍ରଚଳିତ ଏହି ଷ୍ଟାଇଲ୍‌କୁ ଆରବିକ୍ ଆଇଲାଇନର କୁହାଯାଏ ।
- ଏହି ଆଇଲାଇନର କ୍ୟାଟ୍ ଆଇଲାଇନର ସହ ପାଖାପାଖି ସମାନ । ଏଥିରେ ଆଖିରେ ୱିଙ୍ଗ୍ ଟଣାଯାଇଥାଏ ।
- ଲାଇନର ଲଗାଇବେଳେ ହାତ ଥରୁଥିଲେ, ସ୍କ୍ରାଚ୍ ଟେପ୍ ବ୍ୟବହାର କରିପାରିବେ । ଏଥିପାଇଁ ଆଖି କୋଣରେ ଲାଇନର ଲଗାଇବା ପୂର୍ବରୁ ଟେପ୍ ଲଗାନ୍ତୁ । ଏହାପରେ ଲାଇନର ଲଗାଇ ଟେପ୍‌କୁ କାଢ଼ିଦିଅନ୍ତୁ । ଏହାଦ୍ୱାରା ଲାଇନର ସେପ୍‌ରେ ଲାଗିଥାଏ ।
- ସେହିପରି ସିଧା ଗାର ଯୁକ୍ତ ଆଇଲାଇନର ଲଗାଇବାକୁ ପସନ୍ଦ ନ ଥିଲେ, ଏହାକୁ ଛୋଟ ଛୋଟ ଡଟ୍ ଡିଜାଇନ୍ କରି ଲଗାଇପାରିବେ । ଏହାପରେ ଲାଇନରକୁ ଏକାସହ ଯୋଡ଼ିପାରିବେ । ଏହାଦ୍ୱାରା ଲାଇନର ସୁନ୍ଦର ଦେଖାଯାଏ ।



# ଫର୍‌ମେଣ୍ଟେଡ୍ ସ୍କିନ୍ କେୟାର୍

**ସମୟାନୁସାରେ ସ୍କିନ୍ କେୟାର ଟ୍ରେଣ୍ଡରେ ପରିବର୍ତ୍ତନ ଦେଖିବାକୁ ମିଳିଥାଏ । ଏହି କ୍ରମରେ ଏବେ ଫର୍‌ମେଣ୍ଟେଡ୍ ସ୍କିନ୍ କେୟାର୍ ଟ୍ରେଣ୍ଡରେ ରହିଛି । କୋରିଆ ଓ ଜାପାନରୁ ଆରମ୍ଭ ହୋଇଥିବା ଏହି ଟ୍ରେଣ୍ଡ ଏବେ ଭାରତରେ ପ୍ରଚଳିତ । ଏହା ପ୍ରାକୃତିକ ଓ ଦୀର୍ଘସ୍ଥାୟୀ ଗୁଣ ଯୋଗୁ ମହିଳାଙ୍କ ମଧ୍ୟରେ ଖୁବ୍ ଲୋକପ୍ରିୟ ହୋଇଛି । ଏଥିରେ ଥିବା ନ୍ୟୁଟ୍ରିଏଣ୍ଟସ୍ ତ୍ୱଚାକୁ ଗଭୀରରୁ ସଫା କରି ତ୍ୱଚାରେ ଚମକ ଆଣିଥାଏ ।**



### ଫର୍‌ମେଣ୍ଟେଡ୍ ସ୍କିନ୍ କେୟାର୍ କ'ଣ

ଏହି ସ୍କିନ୍‌କେୟାର୍ ପ୍ରସାଧନ ପ୍ରାକୃତିକ ଉପାଦାନକୁ ମିଶାଇ ପ୍ରସ୍ତୁତ କରାଯାଇଥାଏ । ଏହା ତ୍ୱଚାକୁ ପ୍ରାକୃତିକ ଉପାୟରେ ସୁସ୍ଥ ରଖିବାରେ ସହାୟକ ହୋଇଥାଏ ।

### ତ୍ୱଚାର ଫାଇଦା

ଏହା ଭିଟାମିନ୍, ଆମିନୋ ଏସିଡ୍ ଏବଂ ଆଣ୍ଟିଅକ୍ସିଡାଣ୍ଟର୍ ମାତ୍ରା ବଢ଼ାଇଥାଏ । ଏହା ତ୍ୱଚାକୁ ହାଇଡ୍ରେଟ୍ ରଖିବା ସହ ତ୍ୱଚାର ଉଜ୍ଜ୍ୱଳତା ବୃଦ୍ଧି କରିଥାଏ ।

### ଭାରତରେ ଲୋକପ୍ରିୟ

ପ୍ରାକୃତିକ ଓ ରସାୟନ ମୁକ୍ତ ପ୍ରସାଧନର ଚାହିଦାକୁ ଦୃଷ୍ଟିରେ ରଖି ଏହାର ଲୋକପ୍ରିୟତା ବୃଦ୍ଧି ପାଇଛି । ଏହା ରସାୟନ ମୁକ୍ତ ହୋଇଥିବାରୁ ଏହାକୁ ତ୍ୱଚାରେ ଲଗାଇବାରେ କୌଣସି ସମସ୍ୟା ହୁଏ ନାହିଁ ।

### ଉପାଦାନ

ଗ୍ରୀନ ଟି, ଚାଉଳ ପାଣି, ଦହି, ଭଳି ଉପାଦାନ ଏଥିରେ ବ୍ୟବହାର କରାଯାଏ । ଏହା ସମ୍ବେଦନଶୀଳ ତ୍ୱଚା ପାଇଁ ଖୁବ୍ ଭଲ ହୋଇଥାଏ । ଏହା ତ୍ୱଚାର ଭଲଭାବେ ମିଶିଯାଏ । ତେଣୁ ଭାରତରେ ଅଧିକାଂଶ ଲୋକେ ଦହି, ଗ୍ରୀନ ଟି ବ୍ୟବହାର କରି ସ୍କିନ୍‌କେୟାର କରନ୍ତି ।

# କମ୍ ସ୍ଥାନରେ ସଜାଇ ରଖନ୍ତୁ ଜୋତା

**ଅନେକ ସମୟରେ ଘରେ ସ୍ଥାନ କମ ଥିବାରୁ ଜୋତା, ଚପଲ ଆଦି ରଖିବାରେ ସମସ୍ୟା ହୋଇଥାଏ । ଚପଲ ଷ୍ଟାଣ୍ଡରେ ରଖିବା ପରେ ମଧ୍ୟ ଏହା ଯଥେଷ୍ଟ ହୋଇ ନଥାଏ । ତେଣୁ ଘରେ ଜୋତା ଏଠିସେଠି ପଡ଼ି ରହିଥାଏ । ଏହା ଆଖିକୁ ଅସୁନ୍ଦର ଦେଖାଯାଏ । ତେଣୁ ଜାଣିବା କିପରି ସଜାଇ ରଖିବେ ଜୋତା ।**

- ଘରକୁ ଆସୁଥିବା ନୂଆ ଜୋତା ବକ୍ସକୁ ନ ଫୋପାଡ଼ି ତାହାକୁ ସଂଗ୍ରହ କରନ୍ତୁ । ଚାରି ପାଞ୍ଚୋଟି ବକ୍ସ ହୋଇଗଲେ ଏହାକୁ ଗୋଟିଏ ଉପରେ ଗୋଟିଏ ରଖି ଅଠା କିମ୍ବା ସେଲୋ ଟେପ୍‌ରେ ଲଗାଇ ଦିଅନ୍ତୁ । ଏହାପରେ ବକ୍ସର ଉପରପାର୍ଶ୍ୱକୁ କାଟିଦିଅନ୍ତୁ । ପରେ ବକ୍ସରେ ଚପଲଗୁଡ଼ିକୁ ସଜାଇ ରଖନ୍ତୁ ।
- ସେହିପରି ବଜାରରେ ମିଳୁଥିବା ଜରି ଜୋତା କଭର୍ ମଧ୍ୟ କିଣିପାରିବେ । ଏଥିରେ ଜୋତାକୁ ରଖି ଏହାକୁ କାର୍ଟୁନ ବକ୍ସରେ ଏକତ୍ର ରଖିପାରିବେ । ଏହାଦ୍ୱାରା ଜୋତା ରଖିବା ସମସ୍ୟା ଦୂର ହୋଇଥାଏ ।



ମୋ ହାଣ୍ଡିଶାଳରୁ...

# ଆଳୁ ପଲଉ

### ଆବଶ୍ୟକ ସାମଗ୍ରୀ

ବିରିୟାନୀ ଚାଉଳ -୨୦୦ ଗ୍ରାମ୍, ଆଳୁ – ଦୁଇଟି, କଟା ପିଆଜ – ଏକ କପ୍, ଜିରା – ଏକ ଚାମଚ, ଅଦା – ଏକ ଇଞ୍ଚ, ରସୁଣ – ଚାରି ପାଞ୍ଚଟି, ଟମାଟୋ – ଗୋଟିଏ, କଞ୍ଚା ଲଙ୍କା – ଦୁଇ ଗୋଟି, ହଳଦୀଗୁଣ୍ଡ – ଏକ ଚାମଚ, ଲଙ୍କା ଗୁଣ୍ଡ – ଏକ ଚାମଚ, ଧନିଆଗୁଣ୍ଡ – ଏକ ଚାମଚ, ଗରମ ମସଲା – ଏକ ଚାମଚ, ଧନିଆପତ୍ର – ଅଧା କପ୍, ଲୁଣ – ସ୍ୱାଦ ଅନୁସାରେ, ତେଲ – ଆବଶ୍ୟକତା ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳି


ପ୍ରଥମେ ବିରିୟାନୀ ଚାଉଳକୁ ଗୋଟିଏ ବାଉଲ୍‌ରେ କାଢ଼ି ଧୋଇ ଦିଅନ୍ତୁ । ସେଥିରେ ଅଳ୍ପ ପାଣି ଦେଇ ଏହାକୁ ବତୁରାଇ ରଖନ୍ତୁ । ଏହାପରେ ଆଳୁରୁ ଚୋପା ଛଡ଼େଇ ବଡ଼ଖଣ୍ଡରେ କାଟି ଧୋଇ ଦିଅନ୍ତୁ । ଚୁଲାରେ କଡ଼େଇ ବସାଇ ତେଲ ଦିଅନ୍ତୁ । ତେଲ ଗରମ ହୋଇଯିବା ପରେ ସେଥିରେ କଟା ଆଳୁକୁ ଦେଇ ଭଲରେ ଭାଜି ଜିଅନ୍ତୁ । ଏହାକୁ ଗୋଟିଏ ପାତ୍ରରେ କାଢ଼ନ୍ତୁ । ପରେ ସେହି ତେଲରେ ଅଳ୍ପ ଜିରା ପକାଇ ପିଆଜ ଦେଇ ଭାଜନ୍ତୁ । ପିଆଜ ଭାଜି ହୋଇଗଲେ କାଟି ରଖିଥିବା ଲଙ୍କା, ଅଦା ଓ ରସୁଣକୁ ଦିଅନ୍ତୁ । ଏହାପରେ ଟମାଟୋ ଦେଇ ସେଥିରେ ଏକ ଚାମଚ ଲୁଣ ପକାଇ ଭାଜନ୍ତୁ । ଏହାପରେ ହଳଦୀଗୁଣ୍ଡ, ଲଙ୍କାଗୁଣ୍ଡ, ଜିରାଗୁଣ୍ଡ ଓ ଗରମ ମସଲା ଦିଅନ୍ତୁ । ମସଲାକୁ ଭଲରେ ଏପାଖସେପାଖ କରି ସେଥିରେ ଅଳ୍ପ ପାଣି ଦେଇ ଢାଙ୍କୁଣି ଘୋଡ଼ାଇ ଦିଅନ୍ତୁ । ପାଣି ଫୁଟିଗଲା ପରେ ଧୋଇ ରଖିଥିବା ବିରିୟାନୀ ଚାଉଳକୁ ଦେଇ ୩୦ ମିନିଟ୍ ଘୋଡ଼ାଇ ଦିଅନ୍ତୁ । ଏହାପରେ ଢାଙ୍କୁଣି ଖୋଲି ଧନିଆପତ୍ର ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା 'ଆଳୁ ପଲାଉ' ।



## ୩୦ ମିନିଟ୍ ବିଳମ୍ବରେ ଆରମ୍ଭ ହେବ ଏସିଆ କପ୍ କ୍ରିକେଟ

ମୁମ୍ବାଇ,୩୦।୮ (ଏଜେନ୍ସି): ୟୁଏଇର ଦୁବାଇ ଓ ଆବୁଧାବିରେ ସେପ୍ଟେମ୍ବର ୯ ତାରିଖରୁ ଖେଳାଯିବାକୁ ଥିବା ଏସିଆ କପ୍ କ୍ରିକେଟ ପ୍ରତିଯୋଗିତା ନିର୍ଦ୍ଧାରିତ ସମୟଠାରୁ ୩୦ ମିନିଟ୍ ବିଳମ୍ବରେ ଆରମ୍ଭ ହେବ। ପୂର୍ବରୁ ସମସ୍ତ ଖେଳ ଭାରତୀୟ ସମୟ ରାତି ୭ଟା ୩୦ରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଥିଲା। କିନ୍ତୁ ୟୁଏଇରେ ଏବେ ହେଉଥିବା ପ୍ରବଳ ଗରମ ଲାଗି ଖେଳ ଆରମ୍ଭକୁ ଘୁଞ୍ଚାଇ ଦିଆଯାଇଛି। ପରିବର୍ତ୍ତିତ ନିଷ୍ପତ୍ତି ଅନୁଯାୟୀ ଗୋଟିଏ ମ୍ୟାଚ୍‌କୁ ବାଦ୍ ଦେଇ ଅନ୍ୟ ୧୮ଟି ମ୍ୟାଚ୍ ଭାରତୀୟ ସମୟ ରାତି ୮ଟାରୁ ଆରମ୍ଭ ହେବ। କେବଳ ୟୁଏଇ ଓ ଓମାନ ମଧ୍ୟରେ ସେପ୍ଟେମ୍ବର ୧୫ରେ ଖେଳାଯିବାକୁ ଥିବା ମ୍ୟାଚ୍ ୨ ଘଣ୍ଟା ଆଗୁଆ ବା ଭାରତୀୟ ସମୟ ଅନୁସାରେ ସନ୍ଧ୍ୟା ୫ଟା ୩୦ ମିନିଟ୍‌ରୁ ଆରମ୍ଭ ହେବ। ଡିଫେଣ୍ଡିଂ ଏବଂ ୭ଥରର ଚାମ୍ପିଅନ ଭାରତ ଏହି ଟୁର୍ଣ୍ଣାମେଣ୍ଟରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ, ଓମାନ ଓ ୟୁଏଇ ସହ ଗ୍ରୁପ୍-ଏ'ରେ ସ୍ଥାନ ପାଇଛି। ସେପ୍ଟେମ୍ବର ୧୦ରେ ଭାରତ ତାହାର ପ୍ରଥମ ମ୍ୟାଚ ୟୁଏଇ, ୧୪ରେ ପାକିସ୍ତାନ ଓ ୧୯ରେ ୟୁଏଇ ସହ ଖେଳିବ। ସେପ୍ଟେମ୍ବର ୨୦ରୁ ୨୬ ତାରିଖଯାଏ ସୁପର-୪ ଓ ଏଥିରେ ପ୍ରଥମ ଦୁଇଟି ସ୍ଥାନ ଅଧିକାର କରିଥିବା ଦଳ ମଧ୍ୟରେ ଫାଇନାଲ ମୁକାବିଲା ସେପ୍ଟେମ୍ବର ୨୮ରେ ଖେଳାଯିବ।

## ଫିଟ୍‌ନେସ ଟେଷ୍ଟ ଲାଗି ବେଙ୍ଗାଲୁରୁରେ ପହଞ୍ଚିଲେ ଭାରତୀୟ କ୍ରିକେଟର



ବେଙ୍ଗାଲୁରୁ,୩୦।୮ (ଏଜେନ୍ସି): ସେପ୍ଟେମ୍ବର ୯ରୁ ଖେଳାଯିବାକୁ ଥିବା ଏସିଆ କପ୍ ଓ ବିଦେଶ ମାଟିରେ ହେବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷ ସୀମିତ ଓଭର ସିରିଜ୍ ଲାଗି ଭାରତୀୟ ଖେଳାଳିଙ୍କ ଫିଟ୍‌ନେସ୍ ପରୀକ୍ଷା ନୂଆକରି ନିର୍ମାଣ ହୋଇଥିବା ସେଣ୍ଟର ଅଫ୍ ଏକ୍ସଲେନ୍ସିରେ ହେବ। ଏଥିଲାଗି ରୋହିତ ଶର୍ମା, ଯଶପ୍ରୀତ୍ ବୁମ୍ରା ଓ ଟେଷ୍ଟ ଅଧିନାୟକ ଶୁବମନ ଗିଲ୍ ଏଠାରେ ପହଞ୍ଚିଛନ୍ତି। ଏମାନଙ୍କ ସହ ଶାର୍ଦ୍ଦୁଳ ଠାକୁର, ମହମ୍ମଦ୍ ସିରାଜ, ଯଶସ୍ୱୀ ଜୟସ୍ୱାଲ, ଜିତେଶ ଶର୍ମା ମଧ୍ୟ ପହଞ୍ଚିଛନ୍ତି। ଏମାନଙ୍କୁ ଷ୍ଟ୍ରେଙ୍ଗ୍ଥ ଆଣ୍ଡ କଣ୍ଡିସନିଂ କୋଚ୍ ଆଡ୍ରିଆନ ଲୀ ରକ୍ସ ଫିଟନେସ ପରୀକ୍ଷା କରିବା ସହ ପ୍ରଶିକ୍ଷଣ ଦେବେ। ଜୁନ୍ ୧ରେ ଶେଷଥର ପ୍ରତିଯୋଗିତାମୂଳକ କ୍ରିକେଟ ଖେଳିଥିବା ୩୮ ବର୍ଷୀୟ ରୋହିତ ଶର୍ମା ଭାରତ ଗସ୍ତରେ ଆସୁଥିବା ଅଷ୍ଟ୍ରେଲିଆ-ଏ' ସହ ୩ଟି ଯାକ ଦିନିକିଆରେ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହା ପରେ ସେ ଓ ଅନ୍ୟ ମନୋନୀତ ଖେଳାଳିମାନେ ଅଷ୍ଟ୍ରେଲିଆ ଯିବେ।

■ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା

## ବିଡ୍ ଦାଖଲକଲା ଭାରତ

ନୂଆଦିଲ୍ଲୀ,୩୦।୮ (ଏଜେନ୍ସି): ଭାରତରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ କରିବା ସକାଶେ ଭାରତୀୟ ଅଲିମ୍ପିକ୍ ସଂଘ ଆଜି ବିଡ୍ ଦାଖଲ କରିଛି। ଭାରତ ଯଦି ଆୟୋଜନ ଅଧିକାର ପାଏ ତେବେ ଅହମ୍ମଦାବାଦ୍‌ରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହେବ। ଅଲିମ୍ପିକ୍ ସଂଘ ଗତକାଲି ରାଜ୍ୟଗୋଷ୍ଠୀ କ୍ରୀଡ଼ାର ମୁଖ୍ୟାଳୟ ଲଣ୍ଡନରେ ଏହି ବିଡ୍ ଦାଖଲ କରିଛି। ୨୦୧୦ରେ ଶେଷଥର ଭାରତରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜିତ ହୋଇଥିଲା।

■ ଏସିଆ କପ୍ ହକି

## କୋରିଆକୁ ହରାଇଲା ମାଲେସିଆ


ରାଜଗିର,୩୦।୮ (ଏଜେନ୍ସି): ଏଠାରେ ଚାଲିଥିବା ଏସିଆ କପ୍ ପୁରୁଷ ହକିରେ ପୂର୍ବ ଚାମ୍ପିଅନ ଦକ୍ଷିଣ କୋରିଆକୁ ୪-୧ ଗୋଲରେ ପରାସ୍ତ କରି ମାଲେସିଆ ବିପର୍ଯ୍ୟୟ ସୃଷ୍ଟି କରିବା ସହ ପ୍ରଥମ ବିଜୟ ହାସଲ କରିଛନ୍ତି। ବିଜୟୀ ଦଳ ପକ୍ଷରୁ ଅଖିମୁଲ୍ଲା ଅନୱାର ହ୍ୟାଟ୍ରିକ ସହ ୩ଟି ଗୋଲ ସ୍କୋର କରିଛନ୍ତି। ସେହିପରି ଅନ୍ୟ ଏକ ମ୍ୟାଚ୍‌ରେ ଚାଇନିଜ୍ ତାଇପେଇକୁ ୮-୩ ଗୋଲରେ ପରାସ୍ତ କରି ବାଂଲାଦେଶ ବିରାଟ ବିଜୟ ହାସଲ କରିଛି। ବିଜୟୀ ଦଳ ପକ୍ଷରୁ ଅବ୍‌ଦୁଲ୍ଲା, ହାସନ ଓ ଇସ୍‌ଲାମ ୨ଟି ଲେଖାଏଁ ଗୋଲ ସ୍କୋର କରିଛନ୍ତି। ୪ଟି ଦଳକୁ ନେଇ ଗଠିତ ଗ୍ରୁପ୍-ବି'ରେ ମାଲେସିଆ ୨ଟି ମ୍ୟାଚ୍‌ରୁ ୨ଟି ବିଜୟ ସହ ଶୀର୍ଷସ୍ଥାନରେ ରହିଛି। ଆସନ୍ତାକାଲି ପୁଲ-ଏ'ର ଦୁଇଟି ମ୍ୟାଚ୍ ଖେଳାଯିବ। ଏହା ମଧ୍ୟରୁ ପ୍ରଥମ ମ୍ୟାଚ୍‌ରେ ଚୀନ୍ ସହ କାଜାଖସ୍ତାନ ଓ ଜାପାନ ସହ ଭାରତର ମୁକାବିଲା ହେବ। ଚୀନ୍ ଓ ଜାପାନ ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇଛନ୍ତି।

ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍

# ପ୍ରି-କ୍ୱାର୍ଟରରେ ସାବାଲେଙ୍କା ଓ ପେଗୁଲା

ନ୍ୟୁୟର୍କ,୩୦।୮ (ଏଜେନ୍ସି):

ମହିଳା ବିଭାଗର ଶୀର୍ଷ ଏବଂ ପ୍ରମୁଖ ଖେଳାଳି ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ଟେନିସ ଚତୁର୍ଥ ରାଉଣ୍ଡ ବା ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେମାନଙ୍କ ମଧ୍ୟରେ ଟପ୍ ସିଡ ଆରିନା ସାବାଲେଙ୍କା, ଚତୁର୍ଥ ସିଡ୍ ଜେସିକା ପେଗୁଲା, ୯ମ ସିଡ୍ ଏଲେନା ରିବାକିନା ପ୍ରମୁଖ ତୃତୀୟ ରାଉଣ୍ଡରେ ବିଜୟ ହାସଲ କରିଛନ୍ତି। ଦ୍ୱିତୀୟ ସିଡ୍ ଇଗା ସ୍ୱିଆଟେକ୍ ଓ ତୃତୀୟ ସିଡ୍ କୋକୋ ଗଫ୍ ଆଜି ସେମାନଙ୍କ ଭାଗ୍ୟ ପରୀକ୍ଷା କରିବେ। କିନ୍ତୁ ୭ମ ସିଡ୍ ଜସ୍ମିନ ପାଓଲିନ୍, ୫ମ ସିଡ୍ ମୀରା ଆନ୍ଦ୍ରିଭା, ୧୦ମ ସିଡ୍ ଏମ୍ମା ନାଭାରୋଙ୍କ ଅଭିଯାନ ତୃତୀୟ ରାଉଣ୍ଡରୁ ଶେଷ ହୋଇଛି। ଶୁକ୍ରବାର ରାତିରେ ଖେଳାଯାଇଥିବା ତୃତୀୟ ରାଉଣ୍ଡ ମୁକାବିଲାରେ ଚେକ୍ ରିପବ୍ଲିକ୍‌ର ମାର୍କେଟା ଭୋଣ୍ଡ୍ରୋଉସୋଭା ୭-୬, ୬-୧ ସେଟ୍‌ରେ ୭ମ ସିଡ୍ ଇଟାଲୀର ଜସ୍ମିନ୍ ପାଓଲିନ୍‌ଙ୍କୁ ପରାସ୍ତ କରିଥିଲେ। ଅନ୍ୟ ଏକ ମ୍ୟାଚ୍‌ରେ ସ୍ପେନ୍‌ର କ୍ରିଷ୍ଟିନା ବୁସା ୩-୬, ୭-୫, ୬-୩ ସେଟ୍‌ରେ ୧୯ନମ୍ବର ସିଡ୍ ବେଲଜିୟମ୍‌ର ଏଲିସେ ମେର୍ଟେନ୍ସଙ୍କୁ ପରାସ୍ତ କରି ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। ୫ମ ସିଡ୍ ରୁଷର ମୀରା ଆନ୍ଦ୍ରିଭାଙ୍କୁ ଆମେରିକାର ଯୁବଖେଳାଳି ଟେଲର ଟାଉନ୍‌ସେଣ୍ଡ ୨-୦ ସିଧାସଳଖ ସେଟ୍‌ରେ ପରାସ୍ତ କରି ତାଙ୍କ ଟେନିସ କ୍ୟାରିୟରରେ ଏକ ବଡ ସଫଳତା ପାଇଛନ୍ତି। ଅଣସିଡେଡ ଖେଳାଳି ଆମେରିକାର ଆନ୍ ଲି ମଧ୍ୟ ପ୍ରି-କ୍ୱାର୍ଟରରେ ପ୍ରବେଶ କରି ତାଙ୍କ ଜୟଯାତ୍ରା ଅବ୍ୟାହତ ରଖିଛନ୍ତି।





ଟପ୍ ସିଡ୍ ସାବାଲେଙ୍କା ୬-୩, ୭-୬ରେ ୩୧ ନମ୍ବର ସିଡ୍ କାନାଡାର ଲୀଲା ଫର୍ଣ୍ଣାଣ୍ଡିଜ୍‌ଙ୍କୁ ପରାସ୍ତ କରି ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ପ୍ରି-କ୍ୱାର୍ଟରରେ ସାବାଲେଙ୍କାଙ୍କ ସହ କ୍ରିଷ୍ଟିନା ବୁସାଙ୍କ ମୁକାବିଲା କରିବେ। ସେହିପରି ପେଗୁଲାଙ୍କ ସହ ଆନ୍ ଲି, ରିବାକିନାଙ୍କ ସହ ଭୋଣ୍ଡ୍ରୋଉସୋଭା ଓ କ୍ରେଜିକୋଭାଙ୍କ ସହ ଟାଉନ୍‌ସେଣ୍ଡଙ୍କର କ୍ୱାର୍ଟରଫାଇନାଲ ସ୍ଥାନ ଲାଗି ମୁକାବିଲା ହେବ।

## ଫ୍ରିଜ୍, ଜୋକୋଭିଚ୍ ଚତୁର୍ଥ ରାଉଣ୍ଡରେ

ପୁରୁଷ ବିଭାଗରେ ମଧ୍ୟ ଶୀର୍ଷ ସିଡ୍ ଖେଳାଳିମାନେ ଚତୁର୍ଥ ରାଉଣ୍ଡ ବା ପ୍ରି-କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେମାନଙ୍କ ମଧ୍ୟରେ ଦ୍ୱିତୀୟ ସିଡ କାର୍ଲୋସ ଆଲକାରାଜ, ଚତୁର୍ଥ ସିଡ୍ ଟେଲର ଫ୍ରିଜ୍, ୭ମ ସିଡ୍ ନୋଭାକ ଜୋକୋଭିଚ୍ ପ୍ରମୁଖ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଖେଳାଯାଇଥିବା ତୃତୀୟ ରାଉଣ୍ଡ ମୁକାବିଲରେ ଜର୍ମାନୀର ଜାନ୍‌ଲେନାର୍ଡ ଷ୍ଟ୍ରଫ୍ ୨-୧ ସେଟ୍‌ରେ ବରିଷ୍ଠ ଖେଳାଳି ଫ୍ରାନ୍‌ସେସ୍ ଟିଆଫୋଏଙ୍କୁ ପରାସ୍ତ କରିଥିଲେ। ଚତୁର୍ଥ ରାଉଣ୍ଡରେ ଷ୍ଟ୍ରଫ୍‌ଙ୍କ ସହ ୭ମ ସିଡ୍ ନୋଭାକ ଜୋକୋଭିଚ୍‌ଙ୍କର ମୁକାବିଲା ହେବ। ତୃତୀୟ ରାଉଣ୍ଡରେ କାମେରନ ନୋରୀଙ୍କୁ ୪-୧ ସେଟ୍‌ରେ ହରାଇ ଜୋକୋଭିଚ୍ ଏହି ସଫଳତା ପାଇଥିଲେ। ଚତୁର୍ଥ ରାଉଣ୍ଡରେ ଆଲକାରାଜ୍‌ଙ୍କ ସହ ଆର୍ଥର ରିଣ୍ଡେର୍କନେକ୍, ଟେଲର ଫ୍ରିଜ୍‌ଙ୍କ ସହ ୨୧ ନଂ ସିଡ୍ ଟମାସ ମାଚାକ୍, ୨୦ ନମ୍ବର ସିଡ୍ ଜିରି ଲେହେକାଙ୍କ ସହ ଆଡ୍ରିଆନ ମାନାରିନୋଙ୍କର ମୁକାବିଲା ହେବ।

ଦୁଲୀପ ଟ୍ରଫି କ୍ରିକେଟରେ ଅଙ୍କିତ, ଧୁଲ୍‌ଙ୍କ ଶତକ

## ଉତ୍ତରାଞ୍ଚଳ କବ୍‌ଜାରେ କ୍ୱାର୍ଟରଫାଇନାଲ

ବେଙ୍ଗାଲୁରୁ,୩୦।୮ (ଏଜେନ୍ସି): ଅଧିନାୟକ ଅଙ୍କିତ କୁମାରଙ୍କ ଅପରାଜିତ ୧୬୮ ଓ ଯୁବ ଖେଳାଳି ଯଶ ଧୂଲ୍‌ଙ୍କ ୧୩୩ ରନ୍ ସହାୟତାରେ ଏଠାରେ ଚାଲିଥିବା ପୂର୍ବାଞ୍ଚଳ ବିପକ୍ଷ ଦୁଲୀପ ଟ୍ରଫିର ପ୍ରଥମ କ୍ୱାର୍ଟର ଫାଇନାଲ ଉତ୍ତରାଞ୍ଚଳ କବ୍‌ଜାରେ ରହିଛି। ପ୍ରଥମ ଇନିଂସରେ ୧୭୫ ରନ୍‌ରେ ଆଗୁଆ ଥିବା ଉତ୍ତରାଞ୍ଚଳ ତୃତୀୟ ଦିନ ଖେଳ ଶେଷସୁଦ୍ଧା ଦ୍ୱିତୀୟ ଇନିଂସରେ ୨ ୱିକେଟ ହରାଇ ୩୮୮ ରନ୍ ସଂଗ୍ରହ କରିଛି। ଏବେ ସୁଦ୍ଧା ଉତ୍ତରାଞ୍ଚଳ ୫୬୩ ରନ୍‌ରେ ଅଗ୍ରଣୀ ଥିଲାବେଳେ ଆସନ୍ତାକାଲି ଶେଷ ଦିନରେ ଦଳ ବିପକ୍ଷରେ ଫଳାଫଳ ଯିବାର ସମ୍ଭାବନା ନାହିଁ। ଶେଷ ଦିନରେ ଭଲ ବ୍ୟାଟିଂ କରିପାରିଲେ ପୂର୍ବାଞ୍ଚଳ ଏହି ମ୍ୟାଚ୍‌ରେ ସମ୍ମାନ ପାଇବ। ଉତ୍ତରାଞ୍ଚଳ ଦ୍ୱିତୀୟ ଇନିଂସରେ ସୁରଜ ସିନ୍ଧୁ ଜୟସ୍ୱାଲ ଓ ରିୟାନ ପରାଗ ଗୋଟିଏ ଲେଖାଏଁ ୱିକେଟ ପାଇଥିଲେ। ଏହି ମ୍ୟାଚ୍‌ରେ ଓଡ଼ିଶାରୁ କୌଣସି ଖେଳାଳି ଖେଳିବାକୁ ସମର୍ଥ ହୋଇ ନାହାନ୍ତି।

### କେନ୍ଦ୍ରାଞ୍ଚଳର ଶୁଭମ ଶର୍ମାଙ୍କ ଶତକ

ସେହିପରି ଏଠାରେ ଚାଲିଥିବା ଉତ୍ତର-ପୂର୍ବାଞ୍ଚଳ ବିପକ୍ଷ ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ କେନ୍ଦ୍ରାଞ୍ଚଳ ଦ୍ୱିତୀୟ ଇନିଂସରେ ୭ ୱିକେଟରେ ୩୩୧ ରନ୍ କରିଛି। ଦଳ ପକ୍ଷରୁ ଶୁଭମ ଶର୍ମା ୧୨୨ ରନ୍‌ର ଶତକୀୟ ଇନିଂସ ଖେଳିଛନ୍ତି। ଯଶ ରାଠୋଡ ଓ ଅଧିନାୟକ ରଜତ ପାଟିଦାରଙ୍କ ବ୍ୟାଟ୍‌ରୁ ଯଥାକ୍ରମେ ୭୮ ଓ ୬୬ ରନ୍ ମିଳିଛି। ଦଳ ଏବେ ୬୭୮ ରନ୍‌ରେ ଆଗୁଆ ରହି ସେମିଫାଇନାଲରେ ପ୍ରବେଶ କରିବାର ରାସ୍ତା ପରିଷ୍କାର କରିନେଇଛି।

## ରାଜସ୍ଥାନ ରୟାଲ୍ସର ପ୍ରଶିକ୍ଷକ ପଦରୁ ଦ୍ରାବିଡ୍‌ଙ୍କ ଇସ୍ତଫା

ଜୟପୁର, ୩୦।୮ (ଏଜେନ୍ସି): ଆଇପିଏଲ୍‌ର ଆଗାମୀ ୨୦୨୬ ସିଜନ ପୂର୍ବରୁ ରାଜସ୍ଥାନ ରୟାଲ୍ସ ଦଳକୁ ବଡ଼ ଝଟ୍‌କା ଲାଗିଛି। ଦଳର ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡ୍ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଦ୍ରାବିଡ୍ ଇସ୍ତଫା ଦେଇଥିବା ନେଇ ଫ୍ରାଞ୍ଚାଇଜ ପକ୍ଷରୁ ସାମାଜିକ ଗଣମାଧ୍ୟମରେ ଏକ ବିବୃତି ଜାରି କରି ସୂଚନା ଦିଆଯାଇଛି। '୨୦୨୬ ଆଇପିଏଲ୍ ପୂର୍ବରୁ ଦ୍ରାବିଡ୍ ଦଳ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ଦ୍ରାବିଡ୍‌ଙ୍କ ତତ୍ତ୍ୱାବଧାନରେ ଖେଳାଳିମାନେ ଭଲ ପ୍ରଦର୍ଶନ କରିଥିଲେ। ଟିମ୍‌ର ବାତାବରଣକୁ ଉନ୍ନତ କରିବାରେ ତାଙ୍କର ଯୋଗଦାନ ଅତୁଳନୀୟ ଥିଲା। ଫ୍ରାଞ୍ଚାଇଜ ପକ୍ଷରୁ ତାଙ୍କୁ ବଡ଼ ପଦବୀ ଲାଗି ଅଫର୍ ଦିଆଯାଇଥିଲା। କିନ୍ତୁ ସେ ଏହାକୁ ପ୍ରତ୍ୟାଖାନ କରିଥିଲେ' ବୋଲି ରାଜସ୍ଥାନ ଫ୍ରାଞ୍ଚାଇଜ ପକ୍ଷରୁ କୁହାଯାଇଛି।



ଉଲ୍ଲେଖଯୋଗ୍ୟ, ଗତ ବର୍ଷ ଭାରତକୁ ଟି-୨୦ ବିଶ୍ୱକପ୍‌ରେ ଚାମ୍ପିଅନ କରାଇବା ପରେ ଜାତୀୟ ଦଳ ସହ ଦ୍ରାବିଡ୍‌ଙ୍କ ୩ ବର୍ଷୀୟା ଚୁକ୍ତି ଶେଷ ହୋଇଥିଲା। ଏହାପରେ ସେ ସେପ୍ଟେମ୍ବରରେ ରାଜସ୍ଥାନ ରୟାଲ୍ସର ମୁଖ୍ୟ ପ୍ରଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ତେବେ ତାଙ୍କ ତତ୍ତ୍ୱାବଧାନରେ ରାଜସ୍ଥାନ ଆଇପିଏଲ୍‌ର ଗତ ୧୮ତମ ସଂସ୍କରଣରେ ୧୪ ମ୍ୟାଚ୍ ଖେଳି ମାତ୍ର ୪ଟି ବିଜୟ ହାସଲ କରିପାରିଥିଲା। ୧୦ ଦଳୀୟ ଟେବଲ୍ ତାଲିକାରେ ରାଜସ୍ଥାନ ୯ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ପୂର୍ବରୁ ଦ୍ରାବିଡ୍ ୨୦୧୨ ଓ ୨୦୧୩ ସିଜନରେ ଅଧିନାୟକ ଭାବେ ରାଜସ୍ଥାନ ଦଳରେ ଖେଳିଥିଲେ। ଏହାପରେ ୨୦୧୪ରୁ ଦୁଇ ବର୍ଷ ଧରି ଦଳର ମେଣ୍ଟର ଦାୟିତ୍ୱ ତୁଲାଇଥିଲେ। ଦ୍ରାବିଡ୍‌ଙ୍କ ପୂର୍ବରୁ ଚଳିତ ବର୍ଷ ଚନ୍ଦ୍ରକାନ୍ତ ପଣ୍ଡିତ କୋଲକାତା ନାଇଟ୍ ରାଇଡର୍ସର ମୁଖ୍ୟ ପ୍ରଶିକ୍ଷକ, ଜାହିର ଖାନ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ମେଣ୍ଟର ପଦରୁ ଇସ୍ତଫା ଦେଇଥିଲେ।

## ପଦକ ନିଶ୍ଚିତ କଲେ ସାତ୍ତ୍ୱିକ-ଚିରାଗ

ପ୍ୟାରିସ, ୩୦।୮ (ଏଜେନ୍ସି): ତାରକା ଭାରତୀୟ ଯୋଡ଼ି ସାତ୍ତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଚାମ୍ପିଅନସିପ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ଡବଲ୍ସ କ୍ୱାର୍ଟର ଫାଇନାଲରେ ସାତ୍ତ୍ୱିକ-ଚିରାଗ ଯୋଡ଼ି ୨୧-୧୨, ୨୧-୧୯ ସିଧାସଳଖ ଗେମରେ ମାଲେସିଆର ଆରୋନ ଚିଆ ଓ ୱଇ ୟିକ୍ ସୋ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ସେମିଫାଇନାଲରେ ପ୍ରବେଶ ସହ ସାତ୍ତ୍ୱିକ-ଚିରାଗ ଯୋଡ଼ି ଅତିକମ୍‌ରେ କାଂସ୍ୟ ପଦକ ନିଶ୍ଚିତ କରିଛନ୍ତି। ୨୦୨୨ ସଂସ୍କରଣରେ ଉଭୟ ଏଠାରେ କାଂସ୍ୟ ପଦକ ହାସଲ କରିଥିଲେ।



ସେମିଫାଇନାଲରେ ଏହି ଭାରତୀୟ ଯୋଡ଼ିଙ୍କ ମୁକାବିଲା ଚାଇନାର ଲି ୟି ଓ ବୟାଙ୍ଗ ଚେନ୍‌ଙ୍କ ସହ ହେବ। ଅପରପକ୍ଷରେ ଏହି ବିଜୟ ସହ ସାତ୍ତ୍ୱିକ-ଚିରାଗ ୨୦୨୪ ଅଲିମ୍ପିକ ପରାଜୟର ମଧୁର ପ୍ରତିଶୋଧ ନେଇଛନ୍ତି। ଏହି ସମାନ ଭେନ୍ୟୁରେ ଗତବର୍ଷ ଅଲିମ୍ପିକ୍ସ କ୍ୱାର୍ଟର ଫାଇନାଲରେ ସାତ୍ତ୍ୱିକ-ଚିରାଗଙ୍କୁ ହରାଇ ମାଲେସିଆ ଯୋଡ଼ି ସେମିଫାଇନାଲରେ ପହଞ୍ଚିଥିଲେ।

## ମୃତକଙ୍କ ପରିବାରକୁ ୨୫ ଲକ୍ଷ ଦେବ ଆର୍‌ସିବି

ଚିନ୍ନାସ୍ୱାମୀ ଦଳାଚକଟା ମାମଲା

ବେଙ୍ଗାଲୁରୁ, ୩୦।୮ (ଏଜେନ୍ସି): ଆଇପିଏଲ୍‌ରେ ପ୍ରଥମଥର ଚାମ୍ପିଅନ ହେବାପରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପକ୍ଷରୁ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ବିଜୟ ଉତ୍ସବ ପରେଡ ଆୟୋଜିତ କରାଯାଇଥିଲା। ଯେଉଁଥିରେ ଦଳଚକଟାରେ ଷ୍ଟାଡିୟମ ବାହାରେ ୧୧ଜଣ ପ୍ରଶଂସକଙ୍କ ମୃତ୍ୟୁ ଘଟିଥିଲା। ଜୁନ ୪ରେ ଘଟିଥିବା ଏହି ଅଘଟଣର ପାଖାପାଖି ୩ ମାସ ପରେ ଆର୍‌ସିବି ଫ୍ରାଞ୍ଚାଇଜ ପକ୍ଷରୁ ମୃତକଙ୍କ ପରିବାରବର୍ଗଙ୍କ ଲାଗି ଆର୍ଥିକ ସହାୟତା ଘୋଷଣା କରାଯାଇଛି। ମୃତ୍ୟୁବରଣ କରିଥିବା ୧୧ଜଣ ଲୋକଙ୍କ ପରିବାର ସଦସ୍ୟଙ୍କୁ ୨୫ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯିବ। 'ଜୁନ ୪ରେ ଆମର ହୃଦୟ ଭାଙ୍ଗିଯାଇଥିଲା। ଆର୍‌ସିବି ପରିବାରର ୧୧ଜଣ ସଦସ୍ୟଙ୍କୁ ଆମେ ହରାଇଥିଲୁ। ସେମାନେ ଆମର ଏକ ଅଂଶ ଥିଲେ। କୌଣସି ପରିମାଣର ଟଙ୍କା ସେହି ଲୋକଙ୍କ ଶୂନ୍ୟସ୍ଥାନକୁ ପୂରଣ କରିପାରିବ ନାହିଁ। କିନ୍ତୁ ପ୍ରଥମ ପଦକ୍ଷେପ ସ୍ୱରୂପ ସମ୍ମାନର ସହିତ ସେହି ୧୧ଜଣ ପରିବାର ସଦସ୍ୟଙ୍କୁ ୨୫ ଲକ୍ଷ ଟଙ୍କା ଲେଖାଏ ଦେବାକୁ ନିଷ୍ପତ୍ତି ନେଇଛୁ' ବୋଲି ଆର୍‌ସିବି ପକ୍ଷରୁ କୁହାଯାଇଛି। ଏହି ଅଘଟଣ ପରେ ଚିନ୍ନାସ୍ୱାମୀ ଷ୍ଟାଡିୟମ ବଡ଼ ଇଭେଣ୍ଟ ଆୟୋଜନ ଲାଗି ଅସୁରକ୍ଷିତ ବୋଲି ତଦନ୍ତ କମିଟି ପକ୍ଷରୁ କୁହାଯାଇଥିଲା। ଫଳରେ ଆଗାମୀ ମହିଳା ଦିନିକିଆ ବିଶ୍ୱକପ୍‌ର ଯେଉଁ ମ୍ୟାଚ୍ ସବୁ ଏଠାରେ ଖେଳାଯାଇଥାନ୍ତା ତାହା ମୁମ୍ବାଇର ଡିୱାଇ ପାଟିଲ ଷ୍ଟାଡିୟମକୁ ସ୍ଥାନାନ୍ତରିତ କରିନିଆଯାଇଛି।

## କିଟ୍‌ରେ ଜାତୀୟ କ୍ରୀଡ଼ା ଦିବସ ପାଳିତ



ଭୁବନେଶ୍ୱର, ୩୦।୮ (ସମିସ): ହକି କିମ୍ବଦନ୍ତୀ ମେଜର ଧ୍ୟାନଚାନ୍ଦଙ୍କ ୧୨୦ତମ ଜନ୍ମବାର୍ଷିକୀ ଉପଲକ୍ଷେ କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଧ୍ୟାନଚାନ୍ଦଙ୍କ ସ୍ମୃତି ଚାରଣ କରିଥିଲେ। ଏଥିସହ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ବିଶ୍ୱବିଦ୍ୟାଳୟ ପାଇଁ ଗୌରବ ଆଣିଥିବା ୩ଜଣ କ୍ରୀଡ଼ା ବ୍ୟକ୍ତିବିଶେଷଙ୍କୁ ସେ ସମ୍ବର୍ଦ୍ଧିତ କରିଥିଲେ। ସେମାନେ ହେଲେ କିମ୍ସର ସ୍ପୋର୍ଟ୍ସ ଆଣ୍ଡ ମେଡିସିନ ବିଭାଗର ମୁଖ୍ୟ ତଥା କ୍ରୀଡ଼ା ବୈଷୟିକ ଅଧିକାରୀ ଡ. ସୁଦୀପ ଶତପଥୀ, ଅନ୍ତର୍ଜାତୀୟସ୍ତରରେ ପଦକ ଜିତିଥିବା ବ୍ୟାଡ୍‌ମିଣ୍ଟନ ଖେଳାଳି ଅବିନାଶ ମହାନ୍ତି ଓ କିକ୍‌ବକ୍ସିଂ ଖେଳାଳି ଯଶ କୁମାର ସିହ୍ନା। ଅବିନାଶ ବର୍ତ୍ତମାନ କିଟ୍‌ରେ ଏମ୍‌ବିଏ ଓ ଯଶ କମ୍ପ୍ୟୁଟର୍ ଇଞ୍ଜିନିୟରିଂରେ ଅଧ୍ୟୟନ କରୁଛନ୍ତି। ନିକଟରେ ଘାନା ଇଣ୍ଟରନ୍ୟାସନାଲରେ ଅବିନାଶ ଓଡ଼ିଶାର ଅନ୍ୟତମ ଖେଳାଳି ଆୟୁଷ ପଟ୍ଟନାୟକଙ୍କୁ ସାଥୀ କରି ରୌପ୍ୟ ପଦକ ଜିତିଥିଲେ।

## ଭାରତରେ କନିଷ୍ଠ ବିଶ୍ୱକପ୍ ଖେଳିବ ପାକିସ୍ତାନ

ନୂଆଦିଲ୍ଲୀ,୩୦।୮ (ସମିସ): ଭାରତରେ ଖେଳାଯିବାକୁ ଥିବା କନିଷ୍ଠ ହକି ବିଶ୍ୱକପ୍‌ରେ ପାକିସ୍ତାନ ଅଂଶଗ୍ରହଣ କରିବ ବୋଲି ହକି ଇଣ୍ଡିଆ ସମ୍ପାଦକ ଭୋଲାନାଥ ସିଂ ଆଜି ଘୋଷଣା କରିଛନ୍ତି। ଚେନ୍ନଇରେ ଏହି ପ୍ରତିଯୋଗିତା ଚଳିତବର୍ଷ ନଭେମ୍ବର ୨୮ରୁ ଡିସେମ୍ବର ୧୦ ଯାଏ ଖେଳାଯିବ। ଆମେ ପାକିସ୍ତାନ ହକି ସଂଘଠାରୁ ସମ୍ମତି ପାଇବା ପରେ ଏ ସମ୍ପର୍କରେ ଘୋଷଣା କରୁଛୁ। ଅଲିମ୍ପିକ୍ ଚାର୍ଟର ଅନୁଯାୟୀ ପାକିସ୍ତାନ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବାକୁ ଯାଉଛି। କିନ୍ତୁ ରାଜଗିରଠାରେ ଚାଲିଥିବା ଏସିଆ କପ୍ ହକିରୁ ପାକିସ୍ତାନ ଓହରିଯାଇଥିଲେ ମଧ୍ୟ ସେହି ଦେଶ ଉପରେ କୌଣସି ପ୍ରତିବନ୍ଧକ କିମ୍ବା ଦଣ୍ଡବିଧାନ କରାଯିବ ନାହିଁ ବୋଲି ମଧ୍ୟ ଶ୍ରୀ ସିଂହ କହିଛନ୍ତି। ପ୍ରୋ-ଲିଗ୍‌ରେ ପ୍ରଥମଥର ଖେଳୁଥିବା ପାକିସ୍ତାନ ବରିଷ୍ଠ ଦଳ ମଧ୍ୟ ଭାରତରେ ଖେଳିବ।

## ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠା ଦିବସରେ ୨୨ଜଣ ସମ୍ବର୍ଦ୍ଧିତ



ଭୁବନେଶ୍ୱର, ୩୦।୮ (ସମିସ):

ସ୍ଥାନୀୟ ଉତ୍କଳ କରାଟେ ସ୍କୁଲର ୪୫ତମ ପ୍ରତିଷ୍ଠା ଦିବସ ଏଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୫ଜଣ କ୍ରୀଡ଼ା ସାମ୍ବାଦିକ ସନ୍ଦୀପ ମିଶ୍ର, ସର୍ବେଶ୍ୱର ମହାନ୍ତି, ମନୋରଞ୍ଜନ ଦାସ, ଶୁଭଲକ୍ଷ୍ମୀ ବଳ ଓ ରାଜୀବ ଗୌରବଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ବିଭିନ୍ନ କ୍ରୀଡ଼ାରେ ଅନ୍ତର୍ଜାତୀୟସ୍ତରରେ ପଦକ ଜିତିଥିବା ୧୭ଜଣ କ୍ରୀଡ଼ାବିତ୍‌ଙ୍କୁ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଅନୁପମା ସ୍ୱାଇଁ, ଲୋମା ସ୍ୱାଇଁ, ଡ. ଭଗବାନ ରେଡ୍ଡୀ, ସୁମନ ଶେଖର, ରୀତେଶ ରାୟ, ଦିବ୍ୟ ବେହେରା, ଶୁଭକାନ୍ତ ବିଶ୍ୱାଳ, ଅଂଶୁମାନ ଆଚାର୍ଯ୍ୟ, ତ୍ରିଲୋଚନ ରଣା, ସମରଜିତ୍ ଚକ୍ର, ଅଭିଷେକ ପଟ୍ଟନାୟକ, ପ୍ରିୟଦର୍ଶିନୀ ସାହୁ, ଅର୍ଯ୍ୟବ୍ରତ, ପୁଲକ ପାଢ଼ୀ, ସୂର୍ଯ୍ୟପ୍ରକାଶ ଘଡ଼େଇ, ପୁନିତ ମହାନ୍ତି ଓ ଅମୈଶା ଝା ରହିଛନ୍ତି।

ରାଜ୍ୟ ଅଲିମ୍ପିକ ସଂଘର ସଭାପତି ସମୀର ମହାନ୍ତି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଦୁଇଥରର ବିଶ୍ୱ କରାଟେ ଚାମ୍ପିଅନ ଅମୀର ମେହେଦୀଜାଦେ ଅତିଥିଭାବେ ଯୋଗଦେଇଥିଲେ। ସେହିଭଳି ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ଡା. ହରିପ୍ରସାଦ ପଟ୍ଟନାୟକ ଓ ସ୍କୁଲର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS